ଧରିତ୍ରୀ
DHARITRI

ରାୟଗଡ଼ା, ଶନିବାର, ସେପ୍ଟେମ୍ବର ୧୮/୨୦୨୧ (୧୬ ପୃଷ୍ଠା) | Rayagada, Saturday, September 18/2021 | ★

୧୧ଶ ଭାଗ ୨୨୧ ସଂଖ୍ୟା | www.orissakhabar.com/www.dharitri.com | Printed at Bhubaneswar, Sambalpur, Angul and Rayagada | ମୂଲ୍ୟ ₹୭/-

ଟ୍ରୋଲ୍ ହେଲେ ନୋରା

ଅଭିନେତ୍ରୀ ନୋରା ଫତେହି ସୋସିଆଲ ମିଡିଆରେ ଶେୟାର କରିଥିବା ତାଙ୍କର କେତେକ ଫଟୋକୁ ନେଇ ଟ୍ରୋଲ୍ ହୋଇଛନ୍ତି।

୧୪ ୦୯

ଦେବାଶିଷଙ୍କୁ ଡବଲ ଟାଇଟଲ

ହରିୟାଣାର ଝାଜରଠାରେ ଅନୁଷ୍ଠିତ ଏଆଇଟିଏ ସୁପର ସିରିଜ ଟେନିସ ଟୁର୍ନାମେଣ୍ଟରେ ଓଡ଼ିଶାର ଦେବାଶିଷ ସାହୁ ଡବଲ ଟାଇଟଲ ହାସଲ କରିଛନ୍ତି।

କେନ୍ଦ୍ରର ୩ କୃଷି ଆଇନକୁ ଶୁକ୍ରବାର ବର୍ଷେ ପୂରିଛି। ଏହାର ଉଚ୍ଛେଦ ଦାବିରେ ନୂଆଦିଲ୍ଲୀରେ ଶିରୋମଣି ଅକାଳୀ ଦଳ ପକ୍ଷରୁ ବିକ୍ଷୋଭ ସମାବେଶ। (ଫଟୋ: ଚମନ ଗୌତମ) (ରିପୋର୍ଟ: ପୃଷ୍ଠା–୧୨)

ପାକିସ୍ତାନକୁ ନ୍ୟୁଜିଲାଣ୍ଡ ଝଟକା

ଆରମ୍ଭର ୩୦ ମିନିଟ ପୂର୍ବରୁ କ୍ରିକେଟ ମ୍ୟାଚ ବାତିଲ

ପାକିସ୍ତାନ–ନ୍ୟୁଜିଲାଣ୍ଡ ଦିନିକିଆ କ୍ରିକେଟ ମ୍ୟାଚ ପାଇଁ ପ୍ରସ୍ତୁତି ସରିଥିଲା। ରାଓ୍ୱଲପିଣ୍ଡି ଷ୍ଟାଡିୟମ ମଧ୍ୟକୁ ଦର୍ଶକ ପ୍ରବେଶ କରିବା ସହ ଷ୍ଟମ୍ପ ମଧ୍ୟ ପୋତା ସରିଥିଲା। ଟସ୍‌କୁ ଅପେକ୍ଷା ଥିଲା। ମାତ୍ର ମ୍ୟାଚ ଆରମ୍ଭର ୩୦ ମିନିଟ ପୂର୍ବରୁ ସବୁକିଛି ବଦଳିଗଲା। ଗୋଇନ୍ଦା ବିଭାଗର ରିପୋର୍ଟ ଅନୁସାରେ ସୁରକ୍ଷା କାରଣ ଦର୍ଶାଇ ଗସ୍ତରୁ ଓହରିଗଲା ନ୍ୟୁଜିଲାଣ୍ଡ। ଏଥିରୁ ସ୍ପଷ୍ଟ ହେଉଛି ଯେ, ପାକିସ୍ତାନରେ ଏବେ ବି ବିଦେଶୀ ନାଗରିକଙ୍କ ସୁରକ୍ଷା ଏବଂ ଅନ୍ତର୍ଜାତୀୟ ଖେଳ ପାଇଁ ଅନୁକୂଳ ବାତାବରଣ ନାହିଁ।

ରାଓ୍ୱଲପିଣ୍ଡି,୧୭।୯

ଚଳିତ ପାକିସ୍ତାନ ଗସ୍ତକୁ ଭ୍ରମଣକାରୀ ନ୍ୟୁଜିଲାଣ୍ଡ ବାତିଲ କରିଛି। ସ୍ଥାନୀୟ ରାଓ୍ୱଲପିଣ୍ଡି କ୍ରିକେଟ ଷ୍ଟାଡିୟମରେ ଶୁକ୍ରବାର ପ୍ରଥମ ଦିନିକିଆ କ୍ରିକେଟ ମ୍ୟାଚ ଆୟୋଜନ ହେବାର ୩୦ ମିନିଟ ପୂର୍ବରୁ ଏପରି ନାଟକୀୟ ଘଟଣା ଘଟିଛି। ଖେଳାଳିଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ନ୍ୟୁଜିଲାଣ୍ଡ କ୍ରିକେଟ (ଏନ୍‌ଜେଡ୍) ଏହି ନିଷ୍ପତ୍ତି ନେଇଛି। ମ୍ୟାଚ୍ ଆରମ୍ଭ ହେବା ପାଇଁ ସବୁପ୍ରକାର ପ୍ରସ୍ତୁତି ଶେଷ ହୋଇଥିବା ବେଳେ ନ୍ୟୁଜିଲାଣ୍ଡର ଏପରି ନିଷ୍ପତ୍ତି ସମସ୍ତଙ୍କୁ ଚକିତ କରିଛି। ଏହି ଗସ୍ତରେ ୩ଟି ଦିନିକିଆ ଓ ୫ଟି ଟି୨୦ ମ୍ୟାଚ୍ ଖେଳାଯିବାର କାର୍ଯ୍ୟକ୍ରମ ରହିଥିଲା। ଏବେ ସ୍ୱଦେଶ ଫେରିବାକୁ ନ୍ୟୁଜିଲାଣ୍ଡ ପକ୍ଷରୁ ପ୍ରସ୍ତୁତି ଆରମ୍ଭ ହୋଇଛି। ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ଏହାକୁ ନାପସନ୍ଦ କରିଛି ଓ ନ୍ୟୁଜିଲାଣ୍ଡର ଏହି ନିଷ୍ପତ୍ତି ଏକତରଫା ବୋଲି କହିଛି।

ପ୍ରଥମ ଦିନିକିଆ ମ୍ୟାଚ୍ ଭାରତୀୟ ସମୟ ଅନୁସାରେ ଅପରାହ୍ନ ୩ଟାରେ ଆରମ୍ଭ ହେବାର କାର୍ଯ୍ୟକ୍ରମ ଥିଲା। ଅର୍ଥାତ୍ ଟସ୍ ୨.୩୦ରେ ପଡ଼ିଥାନ୍ତା। ଉଭୟ ଦଳ ସେମାନଙ୍କ ହୋଟେଲ ରୁମ୍‌ରେ ଅବସ୍ଥାନ କରିଥିଲେ। ଏହି ସମୟରେ ନ୍ୟୁଜିଲାଣ୍ଡ ଖେଳାଳି ଓ ସପୋର୍ଟ ଷ୍ଟାଫ୍‌ଙ୍କୁ ହୋଟେଲରୁ ବାହାରକୁ ବାହାରିବାକୁ ବାରଣ କରାଯାଇଥିଲା। ଗସ୍ତ ଚାଲୁ ରହିବା ସମ୍ଭବ ନୁହେଁ ବୋଲି ନ୍ୟୁଜିଲାଣ୍ଡ କ୍ରିକେଟ ମୁଖ୍ୟ କାର୍ଯ୍ୟନିର୍ବାହୀ ଡେଭିଡ୍ ହ୍ୱାଇଟ୍ କହିଥିଲେ। ଫଳରେ ନ୍ୟୁଜିଲାଣ୍ଡ ଗସ୍ତ ବାତିଲ ହୋଇଥିଲା। ନ୍ୟୁଜିଲାଣ୍ଡ ସରକାରଙ୍କ ପରାମର୍ଶ କ୍ରମେ ଆମେ ଏହି ଗସ୍ତ ବାତିଲ କରିଛୁ ବୋଲି ହ୍ୱାଇଟ ପ୍ରକାଶ କରିଥିଲେ। ଏହାଦ୍ୱାରା ପିସିବି ନିଶ୍ଚିତ ଭାବେ ନିରାଶ ହୋଇଥିବ। ଆୟୋଜକ ଭାବେ ପିସିବି ବେଶ୍ ପ୍ରଶଂସନୀୟ କାର୍ଯ୍ୟ କରିଛି। ତେବେ ଖେଳାଳିମାନଙ୍କ ସୁରକ୍ଷାକୁ ଆମେ ଅଗ୍ରାଧିକାର ଦେଉଛୁ। ତେଣୁ ଆମକୁ ଏପରି ନିଷ୍ପତ୍ତି ନେବାକୁ ହେଲା ବୋଲି ହ୍ୱାଇଟ୍ ସ୍ପଷ୍ଟ କରିଛନ୍ତି। ଅନ୍ୟପକ୍ଷରେ ପିସିବି ଓ ପାକିସ୍ତାନ ☞ପୃଷ୍ଠା–୪

ଜିଏସ୍‌ଟିକୁ ଆସିଲାନି ପେଟ୍ରୋଲ, ଡିଜେଲ

ଦେଶରେ ତେଲ ଦର ଆକାଶଛୁଆଁ ହୋଇଥିବାରୁ ଅନ୍ୟ ଜରୁରୀ ସାମଗ୍ରୀଗୁଡ଼ିକର ମୂଲ୍ୟ ମଧ୍ୟ ହୁ ହୁ ହୋଇ ବଢ଼ିବାରେ ଲାଗିଛି। ଏହାକୁ ଦୃଷ୍ଟିରେ ରଖି ପରିବହନ ଖର୍ଚ୍ଚ ହ୍ରାସ ନିମନ୍ତେ ପେଟ୍ରୋଲ ଓ ଡିଜେଲକୁ ଜିଏସ୍‌ଟି ପରିସରକୁ ଆଣିବା ପାଇଁ ବିଭିନ୍ନ ମହଲରେ ଦାବି ଜୋର୍ ଧରିଛି। ଗତ ଜୁନ୍‌ରେ ଏନେଇ କେରଳ ହାଇକୋର୍ଟ ଏକ ଆବେଦନର ଶୁଣାଣି କରି ତେଲ ଦରକୁ ଜିଏସ୍‌ଟି ପରିସରଭୁକ୍ତ କରିବା ଲାଗି ପରିଷଦକୁ ନିର୍ଦ୍ଦେଶ ଦେଇଥିଲେ। ଲକ୍ଷ୍ନୌରେ ଶୁକ୍ରବାର ଅନୁଷ୍ଠିତ ୪୫ତମ ଜିଏସ୍‌ଟି କାଉନ୍‌ସିଲ ବୈଠକରେ ଏନେଇ ନିଷ୍ପତ୍ତି ନିଆଯିବ ବୋଲି ଆଶା କରାଯାଉଥିଲା। ହେଲେ ସହମତି ପ୍ରକାଶ ନ ପାଇବାରୁ ଖାଉଟିଙ୍କ ଆଶା ଆଶାରେ ରହିଗଲା।

କୋଭିଡ୍ ମେଡିସିନର ରିହାତି ଅବଧି ବୃଦ୍ଧି

ନୂଆଦିଲ୍ଲୀ,୧୭।୯

ବର୍ତ୍ତମାନ ସାରା ଦେଶରେ ତେଲ ଦର ଆକାଶଛୁଆଁ ରହିଛି। ଏହାକୁ ଦୃଷ୍ଟିରେ ରଖି କେନ୍ଦ୍ର ସରକାର ଲୋକଙ୍କୁ କିଛିଟା ଆଶ୍ୱସ୍ତି ପ୍ରଦାନ କରିବେ ବୋଲି ଆଶା କରାଯାଉଥିଲା। ଅର୍ଥମନ୍ତ୍ରୀ ନିର୍ମଳା ସୀତାରାମନଙ୍କ ଅଧ୍ୟକ୍ଷତାରେ ଶୁକ୍ରବାର ଲକ୍ଷ୍ନୌଠାରେ ସାମଗ୍ରୀ ଓ ସେବା ଟିକସ (ଜିଏସ୍‌ଟି) ପରିଷଦର ୪୫ତମ ବୈଠକରେ ଏହି ପ୍ରସଙ୍ଗ ସ୍ଥାନୀତ ହୋଇଥିଲା। ପେଟ୍ରୋଲ, ଡିଜେଲକୁ ଜିଏସ୍‌ଟି ପରିସରଭୁକ୍ତ କରାଇବାକୁ କେରଳ ହାଇକୋର୍ଟ ପରିଷଦକୁ ନିର୍ଦ୍ଦେଶ ଦେବା ପରେ ଏନେଇ ବୈଠକରେ ଆଲୋଚନା ହୋଇଥିଲା। ମାତ୍ର ଏହା ଉପରେ କୌଣସି ନିଷ୍କର୍ଷ ବାହାରିପାରିନାହିଁ। କେନ୍ଦ୍ର ଏବଂ ରାଜ୍ୟ ମଧ୍ୟରେ ଏହି ପ୍ରସଙ୍ଗକୁ ନେଇ ସହମତି ପ୍ରକାଶ ପାଇପାରିନାହିଁ। ସୀତାରାମନ କହିଛନ୍ତି, କେରଳ ହାଇକୋର୍ଟଙ୍କ ନିର୍ଦ୍ଦେଶ ପରେ ପରିଷଦରେ ଏହି ପ୍ରସଙ୍ଗ ଆଲୋଚନା କରାଯାଇଥିଲା। ମାତ୍ର ସଦସ୍ୟମାନେ ପେଟ୍ରୋଲ ଡିଜେଲକୁ ଜିଏସ୍‌ଟି ପରିସରଭୁକ୍ତ କରାଇବାକୁ ଇଚ୍ଛା ପ୍ରକଟ କରି ନାହାନ୍ତି। ଏ ନେଇ ସେମାନେ ସ୍ପଷ୍ଟ ଭାବେ ମନା କରିଦେଇଛନ୍ତି। ପେଟ୍ରୋଲ ଓ ଡିଜେଲ ଜିଏସ୍‌ଟି ପରିସରକୁ ଆସି ନ ଥିବାରୁ ବର୍ତ୍ତମାନ ତେଲ ଦରରୁ ଲୋକଙ୍କୁ ଆଶ୍ୱସ୍ତି ମିଳିବନାହିଁ ବୋଲି ଜଣାପଡିଛି।

ପେଟ୍ରୋଲିୟମ ସାମଗ୍ରୀକୁ ଜିଏସ୍‌ଟି ପରିସରଭୁକ୍ତ କରାଇବା ଲାଗି ବର୍ତ୍ତମାନ ଠିକ୍ ସମୟ ନୁହେଁ ବୋଲି ପରିଷଦ ଉପଲବ୍ଧି କରିଥିବା କୋର୍ଟଙ୍କୁ ଜଣାଇ ଦିଆଯିବ ବୋଲି ସୀତାରାମନ କହିଛନ୍ତି। ଉଲ୍ଲେଖଯୋଗ୍ୟ, ଚଳିତ ବର୍ଷ ଜୁନରେ କେରଳ ହାଇକୋର୍ଟ ଏକ ରିଟ୍ ପିଟିଶନର ଶୁଣାଣି କରି ପେଟ୍ରୋଲ ଡିଜେଲକୁ ଜିଏସ୍‌ଟି ପରିସରଭୁକ୍ତ କରାଇବା ଲାଗି ପରିଷଦକୁ ନିର୍ଦ୍ଦେଶ ଦେଇଥିଲେ।

ଏଠାରେ ନିର୍ଦ୍ଦିଷ୍ଟ ବର୍ଗରେ କୋଭିଡ–୧୯ ମେଡିସିନ ଉପରେ ରହିଥିବା ରିହାତି ଅବଧିକୁ ଚଳିତ ବର୍ଷ ଡିସେମ୍ବର ୩୧ ଯାଏ ବୃଦ୍ଧି କରାଯାଇଛି। ୨ କୋଭିଡ ଔଷଧ ଯଥା–ଜୋଲଜେନସ୍କା ଏବଂ ଭିଲଟେପ୍ରୋକୁ ଉପରେ ସରକାର ଟିକସ ଛାଡ଼ କରିଛନ୍ତି। ବୈଠକରେ ଲୋକଙ୍କୁ ଲାଭଦେବା ଭଳି ବିଭିନ୍ନ ନିଷ୍ପତ୍ତି ଗ୍ରହଣ କରାଯାଇଛି। ଦୀର୍ଘ ଦିନ ଧରି ଏ ନେଇ ଦାବି ହୋଇ ଆସୁଥିଲା ବୋଲି ଅର୍ଥ ମନ୍ତ୍ରୀ ନିର୍ମଳା ସୀତାରାମନ କହିଛନ୍ତି।

ଆମ୍ଫୋଟେରିସିନ ବି, ଟୋସିଲିଜୋମାବ ଭଳି ମେଡିସିନର ଟିକସ ହାର ବର୍ତ୍ତମାନ ଶୂନକୁ ଖସିଛି। ରେମ୍‌ଡେସିଭିର ଏବଂ ହେମାରିନର ଟିକସ ହାର ଚଳିତ ବର୍ଷ ଜୁନରେ ୫%କୁ ହ୍ରାସ କରାଯାଇଥିଲା। ଏହାର କୋହଳ ସୀମା ସେପ୍ଟେମ୍ବର ୩୦ ଥିବା ବେଳେ ପରିଷଦ ବର୍ତ୍ତମାନ ଏହାକୁ ଡିସେମ୍ବର ୩୧ ଯାଏ ବଢାଇଥିବା ଜଣାପଡିଛି। ୭ ଅନ୍ୟ ମେଡିସିନ ଉପରେ ଟିକସ ହାର ୧୨ରୁ ୫%କୁ ହ୍ରାସ କରିବା ନେଇ ଫାର୍ମାସିଟିକାଲ ବିଭାଗ ପ୍ରସ୍ତାବ ଦେଇଥିଲା। ଏଗୁଡିକର ଅବଧି ମଧ୍ୟ ଡିସେମ୍ବର ୩୧ ଯାଏ ବଢ଼ାଯାଇଛି। ☞ପୃଷ୍ଠା–୪

ସରକାରଙ୍କ ନିଷ୍ପତ୍ତିରେ ହସ୍ତକ୍ଷେପ କଲେନି ହାଇକୋର୍ଟ

କଟକ ଅଫିସ,୧୭।୯

ହାଇକୋର୍ଟରେ ମୂର୍ତ୍ତି ଉଚ୍ଚତା ବିବାଦ ସମ୍ପର୍କିତ ଆଗତ ମାମଲାର ରାୟ ଶୁକ୍ରବାର ପ୍ରକାଶ ପାଇଛି। କଟକ ବାଲୁବଜାର ପୂଜା କମିଟିର ଆବେଦନକୁ ହାଇକୋର୍ଟ ଖାରଜ କରିଦେଇଛନ୍ତି। କରୋନା ସଂକ୍ରମଣକୁ ଦୃଷ୍ଟିରେ ରଖି ୪ ଫୁଟ ମୂର୍ତ୍ତି ନିର୍ମାଣ ପାଇଁ ରାଜ୍ୟ ସରକାର ଗାଇଡ୍‌ଲାଇନ୍ ଜାରି କରିଛନ୍ତି। ତେଣୁ ସରକାରଙ୍କ ନିଷ୍ପତ୍ତି ଉପରେ ହସ୍ତକ୍ଷେପ କରାଯାଇପାରିବ ନାହିଁ ବୋଲି ହାଇକୋର୍ଟ ରାୟରେ ସ୍ପଷ୍ଟ କରିଛନ୍ତି। ଗତବର୍ଷ ଏକ ମାସ ଆଗରୁ ମୂର୍ତ୍ତି ନିର୍ମାଣ ହୋଇସାରିଥିଲା। ତେଣୁ ୯ ପୂଜା ମଣ୍ଡପରେ ମୂର୍ତ୍ତି ବଡ଼ କରିବା ଲାଗି ଅନୁମତି ଦିଆଯାଇଥିଲା। ଚଳିତବର୍ଷ ସେଭଳି ଅବସ୍ଥା ନାହିଁ ବୋଲି ହାଇକୋର୍ଟ କହିଛନ୍ତି। ମୁଖ୍ୟ ବିଚାରପତି ଏସ୍. ମୁରଲୀଧର ଓ ଜଷ୍ଟିସ ବି.ପି. ☞ପୃଷ୍ଠା–୪

ମୂର୍ତ୍ତି ଉଚ୍ଚତା ମାମଲା

■ ବାଲୁବଜାର ପୂଜା କମିଟିର ଆବେଦନ ଖାରଜ

ଆଜିର ସମ୍ପାଦକୀୟ

ଦୁର୍ବଳ ପ୍ରଦର୍ଶନ

ଆଜିର ମନ୍ତବ୍ୟ

କେନ୍ଦ୍ର ସରକାର ତୁରନ୍ତ ନୂଆ କୃଷି ଆଇନକୁ ଉଚ୍ଛେଦ କରି ସମାଧାନ ପାଇଁ ଚାଷୀଙ୍କ ସହ ଆଲୋଚନା କରନ୍ତୁ।

–ଅମରିନ୍ଦର ସିଂ, ପଞ୍ଜାବ ମୁଖ୍ୟମନ୍ତ୍ରୀ

USHA TRAVELS
www.flyusha.in
For Cheapest Flight Tickets
CALL US! 1800 890 3566
OFFICE:
102, BHARATI TOWER
FOREST PARK,
BHUBANESWAR - 751-009
Tel.: 0674-2595523, Mob.: 9937438896
NEAR BHUBANESWAR AIRPORT

ଷ୍ଟେଟ୍ ସ୍କେଲ୍ ଅଧ୍ୟାପକ ଆଇଏଏସ୍ ଅଫିସର ହେବେ

ଭୁବନେଶ୍ୱର,୧୭।୯(ବ୍ୟୁରୋ)

ରାଜ୍ୟ ହାର ଦରମାପ୍ରାପ୍ତ(ଷ୍ଟେଟସ୍ ସ୍କେଲ୍ ଅଫ୍ ପେ) ଅଧ୍ୟାପକମାନେ ଆଇଏଏସ୍ ଅଫିସର ର୍ୟାଙ୍କ୍‌କୁ ପଦୋନ୍ନତି ପାଇବେ। ଓଡ଼ିଶା ଶିକ୍ଷା ସେବା(ଓଇଏସ୍)କୁ ନନ୍ ଷ୍ଟେଟ ସିଭିଲ ସର୍ଭିସ ତାଲିକାରେ ସାମିଲ କରିବାକୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ସାଧାରଣ ପ୍ରଶାସନ ବିଭାଗକୁ ଚିଠି ଲେଖାଯାଇଛି। ଏଥିରେ କୁହାଯାଇଛି ଯେ ଓଇଏସ (ଷ୍ଟେଟସ୍ ସ୍କେଲ୍ ଅଫ୍ ପେ) କ୍ୟାଡରକୁ ନନ୍ ଷ୍ଟେଟ ସିଭିଲ ସର୍ଭିସ ତାଲିକାରେ ସାମିଲ କରାଯାଇ ନାହିଁ। ଏହି କ୍ୟାଡର ଗ୍ରୁପ–ଏ ଅଧ୍ୟାପକ ଓଡ଼ିଶା କ୍ୟାଡର ଆଇଏଏସ୍ ଚୟନରୁ ବଞ୍ଚିତ ହେଉଛନ୍ତି।

ଓଇଏସ୍ (ଷ୍ଟେଟସ୍ ସ୍କେଲ୍ ଅଫ୍ ପେ) କ୍ୟାଡର ଅଧ୍ୟାପକମାନେ ଗ୍ରୁପ–ବି'ରୁ ଚାକିରି ଆରମ୍ଭ କରନ୍ତି। ଏହାର ୮ ବର୍ଷ ପରେ ଗ୍ରୁପ–ଏ ବର୍ଗକୁ ପ୍ରବେଶ କରନ୍ତି। ଗ୍ରୁପ–ଏ'କୁ ପଦୋନ୍ନତି ପାଇବା ପରେ ସେହି ଅଧ୍ୟାପକମାନେ ସଂଶୋଧିତ ହାରରେ ୯,୩୦୦ରୁ ୩୪,୮୦୦ ଟଙ୍କା ସହିତ ୫୪୦୦ ଗ୍ରେଡ୍ ପେ ପାଇଥାଆନ୍ତି, ଯାହାକି ଓଏଏସ୍ କ୍ୟାଡର ଡେପୁଟି କଲେକ୍ଟର ପଦବୀ ସହ ସମାନ। ଏହି ପରିପ୍ରେକ୍ଷୀରେ ଓଇଏସ୍ (ଷ୍ଟେଟସ୍ ସ୍କେଲ୍ ଅଫ୍ ପେ) କ୍ୟାଡରକୁ ନନ୍ ଷ୍ଟେଟ ସିଭିଲ ସର୍ଭିସ ତାଲିକାରେ ସାମିଲ କରାଗଲେ ବରିଷ୍ଠ ଅଧ୍ୟାପକମାନେ ଓଡ଼ିଶା କ୍ୟାଡର ଆଇଏଏସ୍ ଚୟନ ତାଲିକାରେ ସାମିଲ ହୋଇପାରିବେ।

ନନ୍‌ଷ୍ଟେଟ ସିଭିଲ ସର୍ଭିସ ତାଲିକାରେ ସାମିଲ କରିବାକୁ ସାଧାରଣ ପ୍ରଶାସନ ବିଭାଗକୁ ଚିଠି ଲେଖିଲା ଉଚ୍ଚ ଶିକ୍ଷା ବିଭାଗ

ଓଇଏସ୍ କ୍ୟାଡରକୁ ନନ୍ ଷ୍ଟେଟ ସିଭିଲ ସର୍ଭିସ ତାଲିକାରେ ସାମିଲ କରିବା ପାଇଁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏଭଳି ପ୍ରସ୍ତାବ ଦିଆଯାଇଛି। ସରକାରଙ୍କ ଅନୁମୋଦନ ପରେ ବରିଷ୍ଠ ଅଧ୍ୟାପକମାନେ ଆଇଏଏସ୍ ଭଳି ପଦକୁ ପଦୋନ୍ନତି ପାଇ ପାରିବେ।

ଓଇଏସ୍ ଷ୍ଟେଟ୍ ସ୍କେଲ୍ କ୍ୟାଡରକୁ ଆଇଏଏସ୍ ପଦୋନ୍ନତି ତାଲିକାରେ ସାମିଲ କରାଯାଉ ନ ଥିବାରୁ ସରକାରୀ କଲେଜର ବରିଷ୍ଠ ଅଧ୍ୟାପକଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଉଥିଲା। ଆଇଏଏସ୍ ଅଫିସର ତାଲିକାରେ ଦୀର୍ଘ ବର୍ଷ ଧରି ଅଧ୍ୟାପକମାନଙ୍କୁ ସାମିଲ କରାଯାଉ ନ ଥିବାରୁ ସରକାରୀ କଲେଜ ଶିକ୍ଷକ ସଂଘ ମଧ୍ୟ ଏ ନେଇ ବହୁବାର ଆପତ୍ତି ଉଠାଇଛି। ଓଏଏସ୍, ଓଆରଏସ୍ ଏବଂ ଓଏଫ୍‌ଏସ୍ ଭଳି କ୍ୟାଡର ଅଧିକାରୀମାନଙ୍କୁ ଆଇଏଏସ୍ ଅଫିସର ତାଲିକା ଭୁକ୍ତ କରାଯାଉଥିବା ବେଳେ ଶିକ୍ଷା କ୍ଷେତ୍ରକୁ ସର୍ବଦା ଅବହେଳା ☞ପୃଷ୍ଠା–୪

ମୋଦିଙ୍କୁ ୭୧ ଦିନକରେ ୨.୨ କୋଟିଙ୍କୁ ଟିକା

ନରେନ୍ଦ୍ର ମୋଦି

ନୂଆଦିଲ୍ଲୀ, ୧୭।୯

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଶୁକ୍ରବାର ୭୧ତମ ଜନ୍ମଦିନ ପାଳନ କରିଛନ୍ତି। ଏହି ଅବସରରେ ସରକାରଙ୍କ ପକ୍ଷରୁ କୋଭିଡ୍ ଟିକାକରଣର ସ୍ୱତନ୍ତ୍ର ଅଭିଯାନ ଆରମ୍ଭ ହୋଇଥିଲା। ଶୁକ୍ରବାର ସନ୍ଧ୍ୟା ୭ଟା ସୁଦ୍ଧା ଦେଶରେ ୨.୨ କୋଟିରୁ ଊର୍ଦ୍ଧ୍ୱ ଡୋଜ୍ ଟିକା ଦିଆଯାଇଛି। ଗୋଟିଏ ଦିନରେ ଟିକାଦାନ ଦୁଇକୋଟି ଟପିବା ଏକ ରେକର୍ଡ। ମୋଦିଙ୍କ ଜନ୍ମଦିନକୁ ସ୍ମରଣୀୟ କରିବା ଲାଗି ରେକର୍ଡ କୋଭିଡ୍ ଟିକାଦାନ ଲାଗି ଭାଜପା ପକ୍ଷରୁ ଅନୁରୋଧ କରାଯାଇଥିଲା। ଏହା ଦ୍ରୁତତମ ଟିକାକରଣ ଏବଂ ସ୍ୱାସ୍ଥ୍ୟ ☞ପୃଷ୍ଠା–୪

ରାଜ୍ୟ ପରିବହନ ପ୍ରାଧିକାରୀଙ୍କ କାର୍ଯ୍ୟାଳୟ, ଓଡ଼ିଶା, କଟକ

ବସ୍ ମାଲିକଙ୍କ ପାଇଁ ବିଶେଷ ସୂଚନା

ଭୁବନେଶ୍ୱର/କଟକ–ଆଖୁଆପଦା–ଭଦ୍ରକ–ସୋର–ବାଲେଶ୍ୱର–ବେତନଟୀ–ବାରିପଦା ମାର୍ଗରେ ଚୂଡ଼ାନ୍ତ ସଂଶୋଧିତ ସୁବ୍ୟବସ୍ଥାକରଣ ସମୟସାରଣୀ (Final Rationalized Timing)

ଏତଦ୍ୱାରା ଭୁବନେଶ୍ୱର/ କଟକ–ଆଖୁଆପଦା–ଭଦ୍ରକ–ସୋର–ବାଲେଶ୍ୱର–ବେତନଟୀ–ବାରିପଦା ମାର୍ଗରେ ଚଳାଚଳ କରୁଥିବା ସମସ୍ତ ଯାତ୍ରୀବାହୀ ଯାନର ମାଲିକମାନଙ୍କୁ ଜଣାଇ ଦିଆଯାଉଅଛି ଯେ, ଉକ୍ତ ମାର୍ଗରେ ଚଳାଚଳ କରୁଥିବା ସମସ୍ତ ଯାତ୍ରୀବାହୀ ଯାନମାନଙ୍କର ନୂତନ ଚୂଡ଼ାନ୍ତ ପରିବର୍ତ୍ତିତ ସୁବ୍ୟବସ୍ଥାକରଣ ସମୟସାରଣୀ (Final Rationalized Timing) ପ୍ରସ୍ତୁତ କରାଯାଇ ତା୩୦।୦୧।୨୦୨୦ରିଖରୁ ଲାଗୁ କରାଯାଇଥିଲା । ମାତ୍ର ୧୪୧ ବସ୍ ମାଲିକମାନଙ୍କ ଦ୍ୱାରା ପ୍ରଦତ୍ତ ଦରଖାସ୍ତଗୁଡିକୁ ବିଚାରକୁ ନିଆଯାଇ ପୂର୍ବ ପ୍ରକାଶିତ (Final Rationalized Timing)ରେ କେତେକ ପରିବର୍ତ୍ତନ କରାଯାଇଅଛି ଯାହାକି STA Website www.odishatransport.gov.inରେ ଉପଲବ୍ଧ। ଉକ୍ତ ନୂତନ ପରିବର୍ତ୍ତିତ (Rectified Final Rationalized Timing) ସମୟ ସାରଣୀ ତା୨୦।୦୯।୨୦୨୧ରିଖରୁ ଲାଗୁ କରାଯିବା ପାଇଁ ସ୍ଥିର କରାଗଲା।

ବି.ଦ୍ର.- ନୂତନ ସୁବ୍ୟବସ୍ଥାକରଣ ସମୟ ସାରଣୀ (Rectified Final Rationalized Timing) ସମ୍ବନ୍ଧରେ ଯଦି କୌଣସି ତ୍ରୁଟି ଥାଏ ସମ୍ପୃକ୍ତ ବସ୍ ମାଲିକ ତା୧୮।୧୦।୨୦୨୧ ରିଖ ମଧ୍ୟରେ ଦରଖାସ୍ତ ଦାଖଲ କରିପାରିବେ। ଉକ୍ତ ଦରଖାସ୍ତଗୁଡିକୁ Case to Case ଶୁଣାଣି ମାଧ୍ୟମରେ ବିଚାର କରାଯିବ। ଧାର୍ଯ୍ୟ ସମୟ ପରେ କୌଣସି ଆବେଦନପତ୍ର ଗ୍ରହଣ କରାଯିବ ନାହିଁ ।

ପ୍ରକାଶ ଥାଉକି ତ୍ରୁଟି ସଂଶୋଧନ ପରେ ଖାଲିଥିବା ସ୍ଲଟ୍ (Slot)ଗୁଡିକୁ Websiteରେ ପ୍ରକାଶିତ କରାଯିବ। ଏହା ପରେ ଇଚ୍ଛୁକ ବସ୍ ମାଲିକମାନେ ଉକ୍ତ ଖାଲିଥିବା ସ୍ଲଟ୍‌ରେ ନୂତନ ପରିମିଟ୍ ପାଇଁ OPMS onlineରେ ଦରଖାସ୍ତ କରିପାରିବେ।

ସ୍ୱା./- ପରିବହନ ଆୟୁକ୍ତ ତଥା ଅଧ୍ୟକ୍ଷ
ଓଡ଼ିଶା, କଟକ

ସଂକ୍ଷେପରେ

ନାବାଳିକାଙ୍କୁ ଗଣବଳାତ୍କାର ଧରାପଡ଼ିଲେ ୪ ଅଭିଯୁକ୍ତ

ବାରିପଦା ଅଫିସ,୧୭।୯: ମୟୂରଭଞ୍ଜ ଜିଲା ବହଳଦା ଥାନା ଅଞ୍ଚଳରେ ଜନୈକା ନାବାଳିକାଙ୍କୁ ଗଣ ବଳାତ୍କାର କରାଯାଇଥିବା ଅଭିଯୋଗ ହୋଇଛି। ଏହି ଘଟଣାରେ ପୋଲିସ ୨ଅଭିଯୁକ୍ତଙ୍କୁ ଗିରଫ ପରେ ଶୁକ୍ରବାର କୋର୍ଟ ଚାଲାଣ କରିଛି। ଅନ୍ୟ ଦୁଇ ନାବାଳକଙ୍କୁ ବାରିପଦା ଜୁଭେନାଇଲ କୋର୍ଟରେ ହାଜର କରାଯାଇଛି। ଗିରଫ ଅଭିଯୁକ୍ତ ହ୍ରୟ ହେଲେ ଭାଇରା ସୋରେନ(୨୬) ଓ ଶ୍ରୀରାମ ହେମ୍ବ୍ରମ(୨୫)। ଏ ସଂକ୍ରାନ୍ତରେ ପୋକ୍‌ସୋ ଆକ୍ଟରେ ପୋଲିସ ଏକ ମାମଲା (ନଂ.୮୮/୨୧) ରୁଜୁ କରିଛି। ପୀଡ଼ିତା ଓ ଅଭିଯୁକ୍ତଙ୍କ ଡାକ୍ତରୀମାଇନା କରାଯାଇଛି। ପୋଲିସ ସୂଚନା ଅନୁଯାୟୀ, ବୁଧବାର ଅପରାହ୍ନ ୫ଟା ସମୟରେ ନାବାଳିକା ଜଣକ ଏକ ଇଟାଭାଟିରେ କାମ କରୁଥିବା ସମୟରେ ଅଭିଯୁକ୍ତମାନେ ତାଙ୍କୁ ଗଣ ବଳାତ୍କାର କରିଥିଲେ। ଏପରିକି ବଳାତ୍କାର ସମୟର ଦୃଶ୍ୟ ସେମାନେ ମୋବାଇଲରେ ରେକର୍ଡିଂ କରିଥିବା ନାବାଳିକାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି।

ବୈଦ୍ୟୁତିକ ଯାନରେ ପ୍ରୋତ୍ସାହନ ଲାଗି ପାଣ୍ଠି ସ୍ଥାପନ ହେବ

ଭୁବନେଶ୍ୱର,୧୬।୯(ବ୍ୟୁରୋ): ରାଜ୍ୟ ସରକାରଙ୍କ ଦ୍ୱାରା ଓଡ଼ିଶା ବୈଦ୍ୟୁତିକ ଯାନ ନୀତି ୨୦୨୧ ଘୋଷିତ ହୋଇଛି। ଏହି ନୀତି ଅନୁଯାୟୀ ବିଭିନ୍ନ ବର୍ଗର ବୈଦ୍ୟୁତିକ ଯାନ କ୍ରୟ ନିମନ୍ତେ ସରକାର ବିଭିନ୍ନ ପ୍ରୋତ୍ସାହନ ୪ ବର୍ଷ ପର୍ଯ୍ୟନ୍ତ ଯୋଗାଇ ଦେବାକୁ ବ୍ୟବସ୍ଥା କରୁଛନ୍ତି ବୋଲି ବାଣିଜ୍ୟ ଓ ପରିବହନ ବିଭାଗ ପକ୍ଷରୁ କୁହାଯାଇଛି। ଏହିସବୁ ପ୍ରୋତ୍ସାହନ ଯୋଗାଇଦେବା ପାଇଁ ସରକାର ଖୁବ୍‌ଶୀଘ୍ର ଏକ ବୈଦ୍ୟୁତିକ ଯାନ ପାଣ୍ଠି ସ୍ଥାପନ କରିବାକୁ ଯାଉଥିବା ନେଇ ସୂଚନା ମଧ୍ୟ ଦିଆଯାଇଛି। ୨ ଚକିଆ ବୈଦ୍ୟୁତିକ ଯାନ କ୍ରୟ ପାଇଁ ଗାଡ଼ି ମୂଲ୍ୟର ୧୫ ପ୍ରତିଶତ ଏବଂ ସର୍ବୋଚ୍ଚ ୫ ହଜାର ଟଙ୍କା, ୩ ଚକିଆ ପାଇଁ ଗାଡ଼ି ମୂଲ୍ୟର ୧୫ ପ୍ରତିଶତ ଏବଂ ସର୍ବୋଚ୍ଚ ୧୦ ହଜାର ଟଙ୍କା ତଥା ୪ ଚକିଆ ଯାନ ପାଇଁ ଗାଡ଼ି ମୂଲ୍ୟର ୧୫ ପ୍ରତିଶତ ଓ ସର୍ବୋଚ୍ଚ ୫୦ ହଜାର ଟଙ୍କାର ପ୍ରୋତ୍ସାହନ ପ୍ରଦାନ କରାଯିବ। ବସ୍ କ୍ରୟ ନିମନ୍ତେ ଗାଡ଼ି ମୂଲ୍ୟର ୧୦ ପ୍ରତିଶତ ଏବଂ ସର୍ବୋଚ୍ଚ ୪ ଲକ୍ଷ ଟଙ୍କା ପ୍ରୋତ୍ସାହନ ଯୋଗାଇଦେବାକୁ ଥିବାବେଳେ ମାଲବାହୀ ଯାନ ପାଇଁ ୩୦ ହଜାର ଟଙ୍କାର ପ୍ରୋତ୍ସାହନ ଦିଆଯିବ। ଯଦି କେହି ନିଜସ୍ୱ ବ୍ୟବହାର ପାଇଁ ବୈଦ୍ୟୁତିକ ଗାଡ଼ି କିଣିବାକୁ ଋଣ କରିବେ ତେବେ ଋଣ ଉପରେ ୫ ପ୍ରତିଶତ ସୁଧ ଛାଡ଼ କରାଯିବ। ନିର୍ଦ୍ଧାରିତ ସମୟ ମଧ୍ୟରେ ସବୁବର୍ଗର ବୈଦ୍ୟୁତିକ ଯାନର ପଞ୍ଜୀକରଣ ଓ ମୋଟର ଯାନ ଟିକସ ଦେୟ ମଧ୍ୟ ଛାଡ଼ କରାଯିବାର ବ୍ୟବସ୍ଥା କରାଯାଉଛି। ବୈଦ୍ୟୁତିକ ଯାନ ନିର୍ମାଣ କରୁଥିବା ସଂସ୍ଥାଗୁଡ଼ିକୁ ଶତ ପ୍ରତିଶତ ନିଟ୍ ଏସ୍‌ଜିଏସ୍‌ଟି ଛାଡ଼ କରାଯିବ ଏବଂ ଅଣୁ, ମଧ୍ୟମ ଓ କ୍ଷୁଦ୍ର ନୀତି-୨୦୧୬ ଅନୁସାରେ ସମସ୍ତ କ୍ଷୁଦ୍ର ଓ ଅଣୁ ବ୍ୟାଟେରି ଉଦ୍ୟୋଗଗୁଡ଼ିକୁ ପ୍ରୋତ୍ସାହନ ମିଳିବ। ଏହି ଉଦ୍ୟୋଗୀଙ୍କ ନିମନ୍ତେ ବ୍ୟାଟେରି ଉତ୍ପାଦନ ପାଇଁ ଷ୍ଟାର୍ଟଅପ୍ ପଲିସି ଅନୁଯାୟୀ ସମସ୍ତ ସୁବିଧା ଉପଲବ୍ଧ ହେବ। ସେହିପରି ବିଭିନ୍ନ ସହରରେ ବୈଦ୍ୟୁତିକ ଯାନଗୁଡ଼ିକ ପାଇଁ ରହିଥିବା ପାର୍କିଂ ଫିସ୍‌ରେ ରିହାତି ମିଳିବ। ବ୍ୟାଟେରୀ ଚାର୍ଜିଂ ଷ୍ଟେସନ୍‌ଗୁଡ଼ିକୁ ବିଦ୍ୟୁତ ଶୁଳ୍କ ନିମନ୍ତେ ମଧ୍ୟ ରିହାତି ଦିଆଯିବାର ବନ୍ଦୋବସ୍ତ କରାଯାଉଥିବା ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି।

୩ ମାସ ଗୁରୁତ୍ୱପୂର୍ଣ୍ଣ: ଡିଏମ୍‌ଇଟି

ଭୁବନେଶ୍ୱର,୧୭।୯(ବ୍ୟୁରୋ)

ପୁଣି ଉପରମୁହାଁ କରୋନା

- ଆଉ ୬୨୮ ଆକ୍ରାନ୍ତ ଚିହ୍ନଟ, ୪ ମୃତ୍ୟୁ
- ଆଉ ୯୬ ପିଲା ସଂକ୍ରମିତ

ଆରମ୍ଭ ହୋଇଛି ପାର୍ବଣ ଋତୁ। ୩ ମାସ ଦୋକାନ ବଜାରରେ ଲୋକଙ୍କ ଭିଡ଼ ଅଧିକ ହେବ। ତେଣୁ ଏହି ସମୟରେ ପୁଣିଥରେ ସଂକ୍ରମଣ ବଢ଼ିବ ବୋଲି ଆଶଙ୍କା କରାଯାଉଛି। ତେଣୁ ଏହି ୩ ମାସ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ ବୋଲି ଡିଏମ୍‌ଇଟି ସିବିକେ ମହାନ୍ତି କହିଛନ୍ତି। ରାଜ୍ୟରେ କରୋନା ସଂକ୍ରମଣ ସ୍ଥିତି ଓ ସମ୍ଭାବନାକୁ ନେଇ ଡିଏମ୍‌ଇଟି କହିଛନ୍ତି, ପାର୍ବଣ ସମୟ ପାଇଁ ଏବେ ଆମକୁ କୋଭିଡ଼ ଗାଇଡ଼ଲାଇନ୍ ମାନିବାକୁ ପଡିବ। ଟିକାକରଣକୁ ଜୋର୍‌ଦାର କରାଯାଇଛି। ଏହାସତ୍ତ୍ୱେ ସଂକ୍ରମଣ ନିୟନ୍ତ୍ରଣକୁ ଆସିପାରୁନି। ବିଶେଷକରି ଭୁବନେଶ୍ୱର ଓ କଟକରୁ ଅଧିକ ସଂକ୍ରମିତ ବାହାରୁଛନ୍ତି। କାରଣ ଏହି ଦୁଇ ସହର ହେଉଛି ରାଜ୍ୟର ହେଉଛି ହେଲ୍‌ଥ ହବ୍। ଏଠାକୁ ରାଜ୍ୟର ବିଭିନ୍ନ ଅଞ୍ଚଳ ତଥା ରାଜ୍ୟ ବାହାରୁ ଲୋକ ଆସୁଛନ୍ତି। ଭିଡ଼ ବଢୁଛି, ତେଣୁ ଅଧିକ ସଂକ୍ରମିତ ଚିହ୍ନଟ ହେଉଛନ୍ତି। ସଂକ୍ରମଣକୁ ନିୟନ୍ତ୍ରଣ କରିବାକୁ ହେଲେ ଲୋକଙ୍କ ସହଯୋଗ ଆବଶ୍ୟକ। ଏଥିପାଇଁ ଲୋକଙ୍କୁ ସଚେତନ ହେବାକୁ ପଡ଼ିବ ବୋଲି ଡିଏମ୍‌ଇଟି କହିଛନ୍ତି।

ସେପଟେ ରାଜ୍ୟରେ ଗତ କିଛିଦିନ ହେବ କରୋନା ସଂକ୍ରମଣ ୫ଶହ ତଳେ ରହୁଥିବାବେଳେ ଏବେ ପୁଣି ବଢୁଥିବା ଦେଖିବାକୁ ମିଳିଛି। ସୂଚନା ଓ ଲୋକ ସମ୍ପର୍କ ବିଭାଗର ତଥ୍ୟ ଅନୁସାରେ, ଗତ ୧୫ ତାରିଖରେ ରାଜ୍ୟରେ ୪୫୭ଜଣ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ ୧୬ ତାରିଖରେ ୫୮୦ଜଣ ଚିହ୍ନଟ ହୋଇଥିଲେ। ତେବେ ୧୭ ତାରିଖରେ ତାହା ପୁଣି ବଢ଼ିଯାଇଛି ଅର୍ଥାତ୍ ଗତ ୨୪ଘଣ୍ଟାରେ ରାଜ୍ୟରେ ଆଉ ୬୨୮ କରୋନା ପଜିଟିଭ୍ ଚିହ୍ନଟ ହୋଇଛନ୍ତି। ଏମାନଙ୍କ ମଧ୍ୟରୁ ୧୮ ବର୍ଷରୁ କମ୍ ବର୍ଗର ୯୬ଜଣ ଅଛନ୍ତି। ନୂଆ ଆକ୍ରାନ୍ତଙ୍କ ମଧ୍ୟରେ ଖୋର୍ଦ୍ଧାରୁ ସର୍ବାଧିକ ୨୯୧ ଆକ୍ରାନ୍ତ ଚିହ୍ନଟ ହୋଇଥିବାବେଳେ କଟକରୁ ୭୨ଜଣ ଚିହ୍ନଟ ହୋଇଛନ୍ତି। ଫଳରେ ରାଜ୍ୟରେ ମୋଟ ଆକ୍ରାନ୍ତଙ୍କ ସଂଖ୍ୟା ୧୦,୧୮,୯୨୬ରେ ପହଞ୍ଚିଛି। ଶୁକ୍ରବାର ଆଉ ୭୧୯ ଆକ୍ରାନ୍ତ ସୁସ୍ଥ ହେବା ପରେ ମୋଟ ଆରୋଗ୍ୟ ସଂଖ୍ୟା ୧୦,୦୫,୫୬୪କୁ ବୃଦ୍ଧି ପାଇଛି। ବର୍ତ୍ତମାନ ୫,୧୮୭ ଜଣ ସକ୍ରିୟ ରୋଗୀ ଥିବାବେଳେ ଖୋର୍ଦ୍ଧା ଜିଲାରେ ସର୍ବାଧିକ ୨,୨୧୨ଜଣ ରହିଛନ୍ତି। ଫଳରେ ଅନ୍ୟ ସମସ୍ତ ଜିଲା ଗ୍ରୀନ ଜୋନ୍‌ରେ ଥିବାବେଳେ କେବଳ ଖୋର୍ଦ୍ଧା ୟେଲୋ ଜୋନ୍‌ରେ ରହିଛି।

ସେହିପରି ରାଜ୍ୟରେ ଆଉ ୪ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ ଘଟିଛି। କଟକ, ଖୋର୍ଦ୍ଧା, ଜଗତସିଂହପୁର ଓ ଭଦ୍ରକରୁ ଜଣେ ଲେଖାଏ ମୃତକ ରହିଛନ୍ତି। ଏହାକୁ ମିଶାଇ କରୋନାଜନିତ ମୃତ୍ୟୁ ୮,୧୨୨କୁ ବୃଦ୍ଧି ପାଇଛି।

ମୟୂରଭଞ୍ଜ ଜିଲା କୁଳିଅଣା ବ୍ଲକ ଅଧୀନ ଗାଡୁଭଙ୍ଗାଠାରେ ସୁବର୍ଣ୍ଣରେଖା ମୁଖ୍ୟ କେନାଲର କଂକ୍ରିଟ ୱାଲ୍ ଭୁଶୁଡ଼ି ପଡ଼ିଛି।

ଗଣିତରେ ତପସ୍ୱିନୀ, ଶିକ୍ଷାରେ ସୀମାଞ୍ଚଳ, ବାଣିଜ୍ୟରେ ପ୍ରିୟଙ୍କା ଟପ୍ପର

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସ୍ନାତକ ଶେଷ ପରୀକ୍ଷାଫଳ

କୋରାପୁଟ,୧୭।୯(ସ୍ୱ.ପ୍ର.)

ଗଣିତରେ ଟପ୍ପର ହୋଇଥିବା ତପସ୍ୱିନୀ।

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ସ୍ନାତକ ପରୀକ୍ଷାଫଳ ପ୍ରକାଶ ପାଇଛି। କୋରାପୁଟ ସରକାରୀ ମହାବିଦ୍ୟାଳୟର ଛାତ୍ରୀଛାତ୍ର ୩ଟି ବିଭାଗରେ ଟପ୍ପର ହୋଇ ଗୋଲ୍ଡ ମେଡାଲ ପାଇଛନ୍ତି। ଏଥିସହ ର୍ୟାଙ୍କିଙ୍ଗ୍‌ରେ ୪ ଜଣ ଛାତ୍ରୀଛାତ୍ର ରହିଥିବା ମହାବିଦ୍ୟାଳୟ ଅଧ୍ୟକ୍ଷ ଡ. ଶୁଭେନ୍ଦୁ ପାଢ଼ୀ କହିଛନ୍ତି। ସମସ୍ତଙ୍କୁ ଶୁକ୍ରବାର ମହାବିଦ୍ୟାଳୟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି। ଗତ ୫୦ ବର୍ଷ ମଧ୍ୟରେ ପ୍ରଥମ ଥର ପାଇଁ କୋରାପୁଟ ସରକାରୀ ମହାବିଦ୍ୟାଳୟର ଏତେ ସଂଖ୍ୟକ ଛାତ୍ରୀଛାତ୍ର ଟପ୍ପର ଓ ର୍ୟାଙ୍କ୍‌ରେ ସ୍ଥାନ ପାଇଛନ୍ତି। ମହାବିଦ୍ୟାଳୟର ଗଣିତରେ ତପସ୍ୱିନୀ ସାହୁ ଟପ୍ପର ହୋଇଥିବାବେଳେ ଶିକ୍ଷାରେ ସୀମାଞ୍ଚଳ ଦାସ ଏବଂ ବାଣିଜ୍ୟରେ ପ୍ରିୟଙ୍କା ଖରା ଟପ୍ପର ହୋଇ ଗୋଲ୍ଡ ମେଡାଲ ପାଇଛନ୍ତି। ସେହିପରି ତପସ୍ୱିନୀ ପ୍ରିୟଦର୍ଶିନୀ ବାଣିଜ୍ୟରେ ୪ ନମ୍ବର ର୍ୟାଙ୍କ ପାଇଥିବାବେଳେ ପି. ନାଗଦୁର୍ଗା ପ୍ରସାଦ ରାଓ ବାଣିଜ୍ୟରେ ୭ମ ର୍ୟାଙ୍କ, ଛାତ୍ରୀ ଚାନ୍ଦମିନି କିଶୋରୀ ନାୟକ ଶିକ୍ଷାରେ ୭ମ ର୍ୟାଙ୍କ, ଛାତ୍ରୀ ଆକାଂକ୍ଷା ନାୟକ କମ୍ପ୍ୟୁଟର ସାଇନ୍ସରେ ୧୦ମ ର୍ୟାଙ୍କ ହାସଲ କରିଛନ୍ତି। ଛାତ୍ରୀଛାତ୍ରଙ୍କ ଏପରି ସଫଳତାରେ ଅଧ୍ୟକ୍ଷ, ଅଧ୍ୟାପିକା ଅଧ୍ୟାପକ ମହଲରେ ଆନନ୍ଦ ଖେଳିଯାଇଛି।

ଓଡ଼ିଶା ବନସେବା ପରୀକ୍ଷାଫଳ ପ୍ରକାଶ

ଭୁବନେଶ୍ୱର,୧୭।୯(ବ୍ୟୁରୋ)

ପ୍ରଥମ ସ୍ଥାନରେ ଆୟୁଷୀ ପତି

ଓଡ଼ିଶା ବନସେବା ପରୀକ୍ଷା-୨୦୧୯ର ଫଳ ପ୍ରକାଶ ପାଇଛି। ଆୟୁଷୀ ପତି ପ୍ରଥମ ସ୍ଥାନରେ ରହିଛନ୍ତି। ଶୁକ୍ରବାର ଓଡ଼ିଶା ଲୋକସେବା ଆୟୋଗ ଏହି ପରୀକ୍ଷା ଫଳ ଘୋଷଣା କରିଛି। କୋଭିଡ୍ ପ୍ରଥମ ଏବଂ ଦ୍ୱିତୀୟ ଲହର ଯୋଗୁ ପରୀକ୍ଷା ଫଳ ପ୍ରକାଶନରେ ବହୁ ବିଳମ୍ବ ହୋଇଥିଲା। ତେବେ ଏହି ପରୀକ୍ଷାରେ ମହିଳାମାନେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବାବେଳେ ପ୍ରଥମ ୧୦ ମେଧା ତାଲିକାରେ ୬ଜଣ ମହିଳା ଅଛନ୍ତି। ମହିଳାଙ୍କ ପାଇଁ ୨୦ ପଦବୀ ସଂରକ୍ଷିତ ଥିବାବେଳେ ୨୬ଜଣ ମହିଳା କୃତକାର୍ଯ୍ୟ ହୋଇଛନ୍ତି।

ସୂଚନାଯୋଗ୍ୟ, ରାଜ୍ୟରେ ୬୭ ଖାଲି ପଦବୀ ପାଇଁ ଏହି ପରୀକ୍ଷା ହୋଇଥିଲା। ୧୨,୯୦୪ ଜଣ ଛାତ୍ରୀଛାତ୍ର ପରୀକ୍ଷା ଦେଇଥିବାବେଳେ ୨,୭୧୭ଜଣ ଲିଖିତ ପରୀକ୍ଷାରେ କୃତକାର୍ଯ୍ୟ ହୋଇଥିଲେ। ଏମାନଙ୍କ ମଧ୍ୟରୁ ୬୭ ଜଣ ସଫଳତାର ସହ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏମାନଙ୍କୁ ତୁରନ୍ତ ଖାଲି ପଡ଼ିଥିବା ସମସ୍ତ ୬୭ଟି ପଦବୀରେ ନିଯୁକ୍ତି ଦିଆଯାଇଛି। ଅଣସଂରକ୍ଷିତ ୩୬ଟି ପଦବୀରୁ ୧୨ଜଣ ମହିଳା, ସାମାଜିକ ଏବଂ ଆର୍ଥିକ ଅନଗ୍ରସର ବର୍ଗର ୧୬ଟି ପଦବୀରୁ ୪ ଜଣ ମହିଳା, ଅନୁସୂଚିତ ଜାତି ବର୍ଗର ୬ଟି ପଦବୀରୁ ଜଣେ ମହିଳା, ଅନୁସୂଚିତ ଜନଜାତି ବର୍ଗର ୯ଟି ପଦବୀକୁ ପୂରଣ କରାଯାଇଛି ବୋଲି ଆୟୋଗ ପକ୍ଷରୁ ସୂଚନା ଦିଆଯାଇଛି।

ସୁବର୍ଣ୍ଣରେଖା ମୁଖ୍ୟ କେନାଲରେ ଘଳିଆ

କୁଳିଅଣା,୧୭।୯(ଡି.ଏନ୍.ଏ.)

ଲଘୁଚାପ ଜନିତ ଲଗାଣ ବର୍ଷା ସହିତ ଗାଲଡ଼ିହି ବ୍ୟାରେଜ୍‌ରୁ ଜଳ ନିଷ୍କାସନ ହେବାରୁ ସୁବର୍ଣ୍ଣରେଖା ମୁଖ୍ୟ କେନାଲର କଂକ୍ରିଟ ୱାଲ୍ ଫାଟି ଘଳିଆ ସୃଷ୍ଟି ହୋଇଛି। କେନାଲର ଆର୍‌ଡି.୩.୫୦୦କି.ମିର କୁଳିଅଣା ବ୍ଲକ ଅଧୀନ ଗାଡୁଭଙ୍ଗାଠାରେ ଏଭଳି ସ୍ଥିତି ସୃଷ୍ଟି ହୋଇଛି। ଯଥା ଶୀଘ୍ର କେନାଲ ମରାମତି ସହିତ ନିମ୍ନମାନର କାମ ଯୋଗୁ ବିଭାଗୀୟ ଯନ୍ତ୍ରୀଙ୍କ ନିଲମ୍ବନ ଓ ଠିକାଦାରଙ୍କ ଲାଇସେନ୍ସ ରଦ୍ଦ କରିବାକୁ ଜେଏମ୍‌ଏମ୍‌ର ଜିଲା ଯୁବ ସଭାପତି ଅର୍ଜୁନ ମୁର୍ମୁ ଦାବି କରଛନ୍ତି। ଏନେଇ ଶୁକ୍ରବାର ସେ ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପର ପି.ଡି.ଏବଂ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ୧୯୭୮ରେ ଆରମ୍ଭ ହୋଇଥିବା ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପ କାମ ୪୩ ବର୍ଷ ପରେ ମଧ୍ୟ ସମ୍ପୂର୍ଣ୍ଣ ହୋଇ ପାରିନାହିଁ। ଫଳରେ ଏହି ପ୍ରକଳ୍ପ ଦ୍ୱରା ଠିକାଦାର,ବିଭାଗୀୟ ଅଧିକାରୀ ଓ ରାଜନେତା ମାଲେମାଲ ହେଉଛନ୍ତି। ଏହି ଜଳସେଚନ ପ୍ରକଳ୍ପ ବହୁମୁଖୀ ଚାଷ କାର୍ଯ୍ୟରେ ସହାୟକ ହେବା ସହ ସମଗ୍ର ଜିଲା ଦିନେ ଶସ୍ୟ ଶାମଳା ହେବ ଭାବି ଜିଲାବାସୀ ବେଶ ଆଶାବାଦୀ ଥିଲେ। ମାତ୍ର ସେମାନଙ୍କ ଆଶା କେବଳ ଆଶାରେ ହିଁ ରହିଯାଇଛି। ଡ୍ୟାମ୍ ପାଇଁ ଭିଟାମାଟି ଛାଡ଼ି ଥିବା ଅଞ୍ଚଳବାସୀ ଓ ଚାଷୀ ଏବେ ହତାଶ ହୋଇପଡ଼ିଛନ୍ତି। ଏହି କେନାଲରେ କେବଳ ବନ୍ୟାଜଳ ଛଡ଼ାଯାଉଛି। ଯାହା ଫଳରେ ଚାଷ ଜମିରେ ଅତ୍ୟଧିକ ପାଣି ଜମି ରହି ଫସଲ ନଷ୍ଟ ହେବା ହେଉଛି। ଦରକାର ସମୟରେ କେନାଲ ଶୁଖିଲା ପଡୁଛି ବୋଲି ଜେଏମ୍‌ଏମ୍ ଜିଲା ଯୁବ ସଭାପତି ମୁର୍ମୁ ଅଭିଯୋଗ କରିଛନ୍ତି।

ଏଣିକି ପୋଲିସ, ଅଗ୍ନିଶମ ସେବା ପାଇଁ ନଂ. ୧୧୨

କଟକ ଅଫିସ,୧୭।୯

ଏଣିକି ଗୋଟିଏ ନମ୍ବରରେ ମିଳିବ ପୋଲିସ ଓ ଅଗ୍ନିଶମ ସେବା। ୧୦୧ ପରିବର୍ତ୍ତେ ୧୧୨କୁ କଲ୍ କରି ଜରୁରିକାଳୀନ ପରିସ୍ଥିତିରେ ଲୋକେ ଅଗ୍ନିଶମ ସେବା ପାଇ ପାରିବେ। ସେହିଭଳି ପୂର୍ବରୁ ପୋଲିସ ପାଇଁ ୧୦୦କୁ ଡାଏଲ୍ କରାଯାଉଥିବାବେଳେ ଏବେ ୧୧୨ରେ କଲ୍ କରି ହେବ। ଏହି ନମ୍ବର ସମ୍ପୂର୍ଣ୍ଣ ଦେୟମୁକ୍ତ। ଏହାଦ୍ୱାରା ଜରୁରୀ ସମୟରେ ଶୀଘ୍ର ସେବା ମିଳିପାରିବ। ସେଥିପାଇଁ ଲୋକଙ୍କୁ ୧୧୨ ଇଣ୍ଡିଆ ମୋବାଇଲ ଆପ୍ ଡାଉନ୍‌ଲୋଡ କରିବାକୁ ପଡିବ। ସେଥିରେ ନିଜକୁ ୧୧୨ ସ୍ୱେଚ୍ଛାସେବୀଭାବେ ପଞ୍ଜିକରଣ କରି ବିପଦରେ ଥିବା ଅନ୍ୟମାନଙ୍କୁ ସାହାଯ୍ୟ କରିପାରିବେ ବୋଲି ପୋଲିସ ମୁଖ୍ୟାଳୟ ପକ୍ଷରୁ ପ୍ରେସ୍ ବିଜ୍ଞପ୍ତିରେ ସୂଚନା ଦିଆଯାଇଛି।

ବିଜୟଙ୍କ ନାଁରେ ଓଡ଼ିଶାରେ ଜମି, ହୋଟେଲ, ଫାର୍ମହାଉସ୍

ଭୁବନେଶ୍ୱର,୧୭।୯(ବ୍ୟୁରୋ)

ୱେଲ୍‌ଫେୟାର ଟିଟ୍‌ପଣ୍ଡ୍ ଠକେଇ ମାମଲା



ମାଲ୍ଲା ବିଜୟ ପ୍ରସାଦ

- ସମ୍ପତ୍ତି ବାଜ୍ୟାପ୍ତି ପାଇଁ ଆବେଦନ କରିବ ଇଓଡବ୍ଲ୍ୟୁ
- ଶନିବାର ସରିବ ରିମାଣ୍ଡ୍ ଅବଧି

ବହୁ କୋଟି ଟଙ୍କାର ୱେଲ୍‌ଫେୟାର ଟିଟ୍‌ପଣ୍ଡ୍ ଠକେଇ ମାମଲାରେ ଗିରଫ ହୋଇ ୩ ଦିନିଆ ରିମାଣ୍ଡରେ ଥିବା ଆନ୍ଧ୍ର ପ୍ରଦେଶର ପୂର୍ବତନ ବିଧାୟକ ମାଲ୍ଲା ବିଜୟ ପ୍ରସାଦଙ୍କ ଓଡ଼ିଶା ଲିଙ୍କ୍‌ର ଗୁମର ଫିଟିବାରେ ଲାଗିଛି। କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁ ତାଙ୍କୁ ପଚରାଉଚରା ଜାରି ରଖିଛି। ତେବେ ଜେରା ସମୟରେ ତାଙ୍କଠୁ ଅନେକ ଗୁରୁତ୍ୱପୂର୍ଣ୍ଣ ତଥ୍ୟ ମିଳିଥିବା ଇଓଡବ୍ଲ୍ୟୁ ଏସ୍‌ପି ବିଜି ମହାନ୍ତି ଶୁକ୍ରବାର ଗଣମାଧ୍ୟମକୁ କହିଛନ୍ତି। ଓଡିଶାରେ ତାଙ୍କର ମୂଲ୍ୟବାନ ଜମି, ହୋଟେଲ୍, ଫାର୍ମହାଉସ୍ ଆଦି କୋଟି କୋଟି ଟଙ୍କାର ସମ୍ପତ୍ତି ଥିବା ଜଣାପଡିଛି। ତେବେ ଏସବୁ ସମ୍ପତ୍ତି ବାଜ୍ୟାପ୍ତି ପାଇଁ ଓଡ଼ିଶା ଜମାକାରୀ ସ୍ୱାର୍ଥ ସୁରକ୍ଷା (ଓପିଆଇଡି) କୋର୍ଟକୁ ଜଣାଇବାକୁ ଇଓଡବ୍ଲ୍ୟୁ ପ୍ରସ୍ତୁତ ହେଉଛି। ସମ୍ପତ୍ତି ଜବତ ପରେ ଜମାକାରୀଙ୍କୁ ଟଙ୍କା ଫେରାଇବା ପ୍ରକ୍ରିୟା ଆରମ୍ଭ ହେବ ବୋଲି ଏସ୍‌ପି କହିଛନ୍ତି। ଅନ୍ୟପକ୍ଷରେ ଶନିବାର ଅଭିଯୁକ୍ତଙ୍କ ରିମାଣ୍ଡର ଅବଧି ସରିବାକୁ ଥିବାବେଳେ ଇଓଡବ୍ଲ୍ୟୁ ତାଙ୍କୁ କଟକର ଓପିଆଇଡି କୋର୍ଟରେ ହାଜର କରିବ ବୋଲି ସୂଚନା ମିଳିଛି।

ସୂଚନାଯୋଗ୍ୟ, ଅଭିଯୁକ୍ତ ମାଲ୍ଲା ବିଜୟ ପ୍ରସାଦ ୱେଲ୍‌ଫେୟାର ବିଲ୍ଡିଂ ଆଣ୍ଡ୍ ଇଷ୍ଟେଟ୍ ପ୍ରାଇଭେଟ ଲିମିଟେଡ ନାମକ ଏକ କମ୍ପାନୀ ଖୋଲିଥିଲେ। ଜମାରାଶି ଉପରେ ଅଧିକ ରିଟର୍ନ ସହ ଭାଇଜାଗ୍‌ରେ ଶସ୍ତାରେ ଜମି ଯୋଗାଇଦେବାର ଲୋଭ ଦେଖାଇ ମାଲ୍ଲାଙ୍କ ସଂସ୍ଥା ବିଭିନ୍ନ ରାଜ୍ୟ ସମେତ ଓଡ଼ିଶାର ଲୋକଙ୍କଠାରୁ ଟଙ୍କା ଆଦାୟ କରିଥିଲା। ନିର୍ଦ୍ଧାରିତ ସମୟରେ ଜମି ନ ମିଳିବାରୁ ଏନେଇ ଓଡ଼ିଶା କ୍ରାଇମବ୍ରାଞ୍ଚ ଇଓଡବ୍ଲ୍ୟୁ ନିକଟରେ ପ୍ରାୟ ୧୫୦ଟି ଅଭିଯୋଗ ହୋଇଥିଲା। ଇଓଡବ୍ଲ୍ୟୁ ବିଶାଖାପାଟଣାରୁ ମାଲ୍ଲା ବିଜୟଙ୍କୁ ଗିରଫ କରି ଗତ ୭ ତାରିଖରେ କଟକ ଓପିଆଇଡି କୋର୍ଟରେ ହାଜର କରାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଥିଲା। ତେବେ ବିଜୟ ପ୍ରସାଦଙ୍କ ଠକେଇ ସଂକ୍ରାନ୍ତ ଅଧିକ ତଥ୍ୟ ହାସଲ କରିବାକୁ ଇଓଡବ୍ଲ୍ୟୁ ପକ୍ଷରୁ କୋର୍ଟରେ ୩ ଦିନିଆ ରିମାଣ୍ଡ ପାଇଁ ଆବେଦନ କରାଯାଇଥିଲା। କୋର୍ଟ ଅଭିଯୁକ୍ତଙ୍କୁ ୧୫ ତାରିଖ ଅପରାହ୍ନ ୪ଟାରୁ ୧୮ ତାରିଖ ପୂର୍ବାହ୍ନ ୧୦ଟା ପର୍ଯ୍ୟନ୍ତ ରିମାଣ୍ଡ ଅନୁମତି ପ୍ରଦାନ କରିଥିଲେ।

TOREX
ଏବେ ଗଣ୍ଠିର ବ୍ୟଥାକୁ ବିଦାୟ କୁହନ୍ତୁ
ରିଲିଫ୍-ଅନ୍ ଆୟୁର୍ବେଦିକ ତେଲ ଶରୀର ବ୍ୟଥା, ଅଣ୍ଟା ବ୍ୟଥା, ଗଣ୍ଠି ବ୍ୟଥା, ଆଣ୍ଠୁ ବ୍ୟଥା, ମାଂସପେଶୀ ବ୍ୟଥା, ବାତ ରୋଗ, ମକଚା, ମାଂସପେଶୀର ଆକୁ

କରୋନା ସଂକ୍ରମଣ ସ୍ଥିତି

	ଆକ୍ରାନ୍ତ	ମୃତ୍ୟୁ	ଆରୋଗ୍ୟ
ବିଶ୍ୱ	୨୨,୮୦,୭୪,୮୮୮	୪୬,୮୭,୮୮୪	୨୦,୪୭,୨୪,୬୭୯
ଭାରତ	୩,୩୩,୯୨,୪୮୬	୪,୪୪,୪୩୧	୩,୨୬,୦୩,୬୯୮
ଓଡ଼ିଶା	୧୦,୧୮,୯୨୬	୮୧୨୨(+୫୩)	୧୦,୦୫,୫୬୪

ଶୁକ୍ରବାର ରାତି ୧୦ଟା ସୁଦ୍ଧା
(+ ଅନ୍ୟ ରୋଗରେ କରୋନା ଆକ୍ରାନ୍ତଙ୍କ ମୃତ୍ୟୁ)
ତଥ୍ୟ: https://www.worldometers.info/coronavirus/ ଏବଂ ଓଡ଼ିଶା ସରକାର

ଖଣି ପାଇଁ ଉଜୁଡ଼ିବ ୬୦୦ ହେକ୍ଟର ଜଙ୍ଗଲ

ବିଭିନ୍ନ ପ୍ରକଳ୍ପ ଲାଗି ନଷ୍ଟ ହେଲାଣି ୫୭ ହଜାର ହେକ୍ଟର

ଭୁବନେଶ୍ୱର,୧୭।୯(ବ୍ୟୁରୋ)

ବିକାଶ ନାଁରେ ରାଜ୍ୟରେ ଛାରଖାର ହୋଇଯାଉଛି ଜଙ୍ଗଲ ସମ୍ପଦ। ପ୍ରତ୍ୟେକ ବର୍ଷ ବିଭିନ୍ନ ପ୍ରକଳ୍ପ ସକାଶେ ଜଙ୍ଗଲ ଜମିକୁ ଅଣଜଙ୍ଗଲ କିସମରେ ପରିଣତ କରିବା କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ବିଭିନ୍ନ ପ୍ରକଳ୍ପ ପାଇଁ ଗତ କିଛି ବର୍ଷ ମଧ୍ୟରେ ରାଜ୍ୟରେ ୫୭ ହଜାର ୪୧୦ ହେକ୍ଟର ଜଙ୍ଗଲ ଜମିକୁ ଅଣଜଙ୍ଗଲ କିସମରେ ପରିଣତ କରାଯାଇଥିବା ବେଳେ ଚଳିତ ବର୍ଷ ଆଉ ୫୯୦.୨୧ ହେକ୍ଟର ଜଙ୍ଗଲ ଜମି ନଷ୍ଟ ହେବ। କେନ୍ଦ୍ର ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ ରାଜ୍ୟରେ ଖଣି ଖନନ ପାଇ ଏସବୁ ଜମିକୁ ଅଣଜଙ୍ଗଲ କିସମରେ ପରିଣତ କରିବା ପାଇଁ ଅନୁମତି ଦେଇଛନ୍ତି। ରାଜ୍ୟ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଏପରି ଧାରା ବଜାୟ ରହିଲେ ରାଜ୍ୟରେ ଜଙ୍ଗଲ ଲୋପ ପାଇବା ସହ ଆଗାମୀ ଦିନରେ ପ୍ରାକୃତିକ ବିପଦ ଆହୁରି ଘନେଇବ ବୋଲି ପରିବେଶବିତ୍ ଚେତାବନୀ ଦେଇଛନ୍ତି।

୨୦୨୧ ମାର୍ଚ୍ଚ ୩୧ ସୁଦ୍ଧା ରାଜ୍ୟରେ ୫୭ ହଜାର ୪୧୦ ହେକ୍ଟର ଜଙ୍ଗଲକୁ ଅଣଜଙ୍ଗଲ କିସମରେ ପରିଣତ କରାଯାଇଛି। ସେଥିରୁ ୧୮୬ଟି ଖଣି ପ୍ରକଳ୍ପ ପାଇଁ ୨୮,୪୦୯ ହେକ୍ଟର ଜଙ୍ଗଲ ଜମିକୁ ଅଣଜଙ୍ଗଲ ଜମିରେ ପରିଣତ କରାଯାଇଥିବା ବେଳେ ୮୪ ଜଳସେଚନ ପ୍ରକଳ୍ପ ପାଇଁ ୧୦,୬୫୨ ହେକ୍ଟର, ୨୯ଟି ଶିଳ୍ପ ପ୍ରକଳ୍ପ ପାଇଁ ୪୪୦୫ ହେକ୍ଟର, ୭୦ ଟ୍ରାନ୍ସମିଶନ ପ୍ରୋଜେକ୍ଟ ପାଇଁ ୪,୩୩୯ ହେକ୍ଟର, ୪ଟି ପ୍ରତିରକ୍ଷା ପ୍ରକଳ୍ପ ପାଇଁ ୩,୮୬୫ ହେକ୍ଟର, ୨୦ଟି ରେଲୱେ ପ୍ରକଳ୍ପ ପାଇଁ ୨,୪୩୩ ହେକ୍ଟର ଜଙ୍ଗଲ ଜମିକୁ ନଷ୍ଟ କରାଯାଇଛି। ସେହିପରି ଖଣିଜ ସନ୍ଧାନରେ ୧୦୧ ହେକ୍ଟର ଜମିରେ ଡ୍ରିଲିଂ ଯୋଗୁ ଏବଂ ୮୪୬ ହେକ୍ଟର ଜଙ୍ଗଲ ଜମିକୁ ଛୋଟ ଛୋଟ ପ୍ରକଳ୍ପ ପାଇଁ ଅଣଜଙ୍ଗଲ କିସମରେ ପରିବର୍ତ୍ତନ କରାଯାଇଛି।

ଏଥିସହିତ ରାଜ୍ୟ ସରକାର ମଧ୍ୟ ଜଙ୍ଗଲ ଅଧିକାର ଆଇନ-୨୦୦୬ ଅନୁଯାୟୀ ବିଭିନ୍ନ ପ୍ରକଳ୍ପ ପାଇଁ ନିଜେ ୭୮.୩୪୮ ହେକ୍ଟର ଜଙ୍ଗଲ ଜମିର କିସମକୁ ବଦଳାଇଛନ୍ତି। କେବଳ ସେତିକି ନୁହେଁ ୨୦୧୯ ଜାନୁୟାରୀ ପହିଲାରୁ ନଭେମ୍ବର ୬ ତାରିଖ ମଧ୍ୟରେ ମାତ୍ର ୧୪ଟି ପ୍ରକଳ୍ପ ପାଇଁ ଓଡ଼ିଶାରେ ସର୍ବାଧିକ ୪ ହଜାର ୫୧୪ ହେକ୍ଟର ଜଙ୍ଗଲ ଜମିକୁ ଅଣଜଙ୍ଗଲ ଜମିରେ ପରିବର୍ତ୍ତନ କରିବାକୁ ମନ୍ତ୍ରଣାଳୟ ଅନୁମତି ଦେଇସାରିଛି।

୨୦୦୬ରୁ ୨୦୧୨ ମଧ୍ୟରେ ଶିଳ୍ପ, ଖଣି, ଜଳସେଚନ, ରାସ୍ତା ନିର୍ମାଣ, ବିଦ୍ୟୁତ୍ ଆଦି ପାଇଁ ୮୮୨୦.୭୭ ହେକ୍ଟର ଜଙ୍ଗଲ ଜମିକୁ ନଷ୍ଟ କରାଯାଇଥିଲା। ସେହିପରି ୨୦୧୧-୧୨ରେ କେତେକ ପ୍ରକଳ୍ପ ପାଇଁ ୧୨.୨୭ ଲକ୍ଷ ବୃକ୍ଷ କାଟି ପଦା କରାଯାଇଛି। ତେବେ ଗତ ୧୦ ବର୍ଷ (୨୦୧୦-୧୧ରୁ ୨୦୨୦-୨୧) ମଧ୍ୟରେ ବିଭିନ୍ନ ରାସ୍ତା ନିର୍ମାଣ ଓ ସମ୍ପ୍ରସାରଣ ପାଇଁ ୧,୮୫,୦୦,୭୪୮ ଗଛ କାଟି ପଦା କରାଯାଇଛି। ଏହି ସମୟରେ ୨୯,୮୩,୫୭୩ବୃକ୍ଷ ରୋପଣ କରାଯାଇଛି ବୋଲି ବିଭାଗ ପକ୍ଷରୁ କୁହାଯାଇଛି।

କେନ୍ଦ୍ର ସରକାର ନିକଟରେ ଦେଇଥିବା ଜଙ୍ଗଲ ଜମିର ଅଣଜଙ୍ଗଲ କିସମ ବଦଳରେ କ୍ଷତିର ଭରଣା ପାଇଁ ରାଜ୍ୟ ସରକାର ଆସନ୍ତା ୩ ବର୍ଷ ମଧ୍ୟରେ ୮୪୫.୧୭ ହେକ୍ଟର ଜମିରେ କ୍ଷତିପୂରଣ ବନୀକରଣ କରିବେ ବୋଲି ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ କହିଛନ୍ତି।

ସରକାର ଯେତେ ଗଛ କାଟୁଛନ୍ତି ସେହି ପରିମାଣର ବୃକ୍ଷ ରୋପଣ ହେଉ ନାହିଁ। ଅଣଜଙ୍ଗଲ ଅଞ୍ଚଳରେ ଗୋଟିଏ ଗଛ କାଟିଲେ ଏହା ବଦଳରେ ୨ରୁ ୧୦ ଗୁଣ ଗଛ ଲଗାଇବା ନେଇ ସରକାରୀ ଗାଇଡ୍‌ଲାଇନ ରହିଛି। ସାମାଜିକ କର୍ମୀ ବିଶ୍ୱପ୍ରିୟ କାନୁନ୍‌ଗୋ କହିଛନ୍ତି ଯେ ଖଣି ପାଇଁ ଜଙ୍ଗଲ ସମ୍ପଦ ନଷ୍ଟ କରିବା ଅର୍ଥ ବିନାଶ ରାସ୍ତାରେ ବିକାଶର ଧାରା। ଜଙ୍ଗଲ ନଷ୍ଟ କର ଯେଉଁ ଖଣି ଖୋଳା ଯାଉଛି ସେଥିରେ ରାଜ୍ୟବାସୀଙ୍କର କିଛି ଲାଭ ହେଉ ନାହିଁ। ପର୍ଯ୍ୟାପ୍ତ ନିଯୁକ୍ତି ମିଳୁ ନ ଥିବା ବେଳେ କୌଣସି ଉତ୍ପାଦନ ହେଉ ନାହିଁ। କେବଳ ମୂଲ୍ୟବାନ ଗଛ ଓ ପରିବେଶ ନଷ୍ଟ ହୋଇ ଚାଲିଛି। ପୁଞ୍ଜିପତିମାନଙ୍କ ସ୍ୱାର୍ଥ ପାଇଁ ଜୀବନ ରକ୍ଷାକାରୀ ପ୍ରାକୃତିକ ସମ୍ପଦକୁ ନଷ୍ଟ କରାଯାଉଛି।

ପୁଅକୁ ମାରି ପୋତିଦେଲେ ବାପା

୪ ଦିନ ପରେ ମୃତଦେହ ଜବତ କଲା ପୋଲିସ

ଫୁଲବାଣୀ ଅଫିସ,/ବାଲିଗୁଡ଼ା(ଡି.ଏନ୍.ଏ.)୧୭।୯

କନ୍ଧମାଳ ଜିଲା ବାଲିଗୁଡ଼ା ଥାନା ଅଞ୍ଚଳରେ ୨ଟି ହତ୍ୟାକାଣ୍ଡ ଘଟିଛି। ଗୁରୁବାର ରେବିଙ୍ଗିଆ ଗ୍ରାମର ବ୍ୟବସାୟୀ ନବଘନ ସାହୁଙ୍କୁ ଗୁଳି କରି ହତ୍ୟା କରାଯାଇଥିଲା। ଏହି ଘଟଣାରେ ଅଭିଯୁକ୍ତ ତାଙ୍କ ପଡ଼ୋଶୀ ଭୀମ ବେହେରାଙ୍କୁ ଶୁକ୍ରବାର ଗିରଫ କରାଯାଇଛି। ସେହିପରି ଅନ୍ୟ ଏକ ହତ୍ୟାକାଣ୍ଡ ପରମପାଙ୍ଗା ପାଖ ପାଙ୍ଗୁରମିଲା ଗ୍ରାମରେ ଘଟିଛି। ବାପା ନିଜ ପୁଅକୁ ମାରି ମାଟି ତଳେ ପୋତି ଦେଇଛନ୍ତି। ହତ୍ୟାକାଣ୍ଡରେ ଅନ୍ୟ ଦୁଇ ପୁଅ ମଧ୍ୟ ସାମିଲ ଅଛନ୍ତି। ଘଟଣା ଘଟିବାର ୪ ଦିନ ପରେ ଏହା ପଦାକୁ ଆସିଛି। ପରମପାଙ୍ଗା ସରପଞ୍ଚ ରମେଶ ମଲ୍ଲିକଙ୍କ ଅଭିଯୋଗ କ୍ରମେ ପୋଲିସ ଅଭିଯୁକ୍ତ ବାପା ଏବଂ

ବାପା, ୨ ପୁଅ ଅଟକ

ଅନ୍ୟ ଦୁଇ ପୁଅଙ୍କୁ ଅଟକ ରଖିଛି। ପାଙ୍ଗୁରମିଲା ଗ୍ରାମର ଭାସ୍କର ପୂଜାରୀ ଓ ପୁଅ ଚୈତନ୍ୟ (୨୧)ଙ୍କ ମଧ୍ୟରେ କୌଣସି କାରଣରୁ ଅଧିକାଂଶ ସମୟରେ ଝଗଡ଼ା ଲାଗି ରହୁଥିଲା। ଏଥିରେ ପ୍ରତିଶୋଧ ପରାୟଣ ହୋଇ ଗତ ମଙ୍ଗଳବାର ଭାସ୍କର, ଅନ୍ୟ ଦୁଇ ପୁଅ ପ୍ରଫୁଲ୍ଲ ଏବଂ ଜାମ୍ବେବନଙ୍କ ସହ ମିଶି ଚୈତନ୍ୟଙ୍କୁ ହତ୍ୟା କରିଥିଲେ। କେହି ଜାଣିବା ପୂର୍ବରୁ ସେମାନେ ମୃତଦେହକୁ ନେଇ ଗ୍ରାମ ନିକଟ ଜଙ୍ଗଲରେ ପୋତି ଦେଇଥିଲେ। ଚୈତନ୍ୟଙ୍କୁ ଗ୍ରାମବାସୀ ଦେଖୁନଥିବାରୁ ତାଙ୍କ ପରିବାର ଲୋକଙ୍କୁ ପଚାରିଥିଲେ। ହେଲେ ସେମାନେ କୌଣସି ଉତ୍ତର ଦେଉ ନ ଥିଲେ। ସନ୍ଦେହ ହେବାରୁ ଗ୍ରାମବାସୀ ଏ ସମ୍ପର୍କରେ ସରପଞ୍ଚଙ୍କୁ ଜଣାଇଥିଲେ। ସରପଞ୍ଚ ବାଲିଗୁଡ଼ା ଥାନାରେ ଏତଲା ଦେଇଥିଲେ। ସରପଞ୍ଚଙ୍କ ଏତଲାକୁ ଭତ୍ତି କରି ପୋଲିସ ଗୁରୁବାର ଭାସ୍କର, ପ୍ରଫୁଲ୍ଲ, ଜାମ୍ବେବନଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ଶୁକ୍ରବାର ପୋଲିସ ସାଇଟିଫିକ୍ ଟିମ୍ ସହ ଘଟଣାସ୍ଥଳକୁ ଯାଇ ମାଜିଷ୍ଟ୍ରେଟ ଶଶାଙ୍କ ଶେଖର ପାତ୍ରଙ୍କ ଉପସ୍ଥିତିରେ ମାଟି ଖୋଳି ମୃତଦେହକୁ ବାହାର କରି ବ୍ୟବଚ୍ଛେଦ ପାଇଁ ପଠାଇଥିଲା। ଏ ନେଇ ଭାସ୍କର କହିଛନ୍ତି ପୁଅ ସବୁବେଳେ ନିଶା ଖାଇ ହଇରାଣ କରୁଥିଲେ। ସେ ନିଜେ ରଶି ଲାଗାଇ ଆତ୍ମହତ୍ୟା କରିଛି, ମୁଁ ତାକୁ ମାରି ନାହିଁ। କିନ୍ତୁ କାହିଁକି ମାଟି ତଳେ ପୋତିଲ ବୋଲି ପଚାରିବାରୁ ସେ କିଛି କହି ନାହାନ୍ତି। ତେବେ ବ୍ୟବଚ୍ଛେଦ ରିପୋର୍ଟ ଆସିଲେ ମୃତ୍ୟୁର ପ୍ରକୃତ କାରଣ ଜଣାପଡ଼ିବ ବୋଲି ଥାନାଧିକାରୀ ବାବାଶଙ୍କର ସରାଫ କହିଛନ୍ତି।

ହାଇକୋର୍ଟରେ ଆଉ ଏକ ମାମଲା

ଦୁଷ୍ମନ୍ତ ଦାସ ଆତ୍ମହତ୍ୟା ଘଟଣା

କଟକ ଅଫିସ,୧୭।୯

ଜଗତ୍‌ସିଂହପୁର ଜିଲା କୁଜଙ୍ଗ ଥାନା ଅଧୀନ ପଙ୍କପାଳ ଗ୍ରାମର ଦୁଷ୍ମନ୍ତ ଦାସ ଆତ୍ମହତ୍ୟା ଘଟଣାକୁ ନେଇ ଭାରତୀୟ ବିକାଶ ପରିଷଦ ପକ୍ଷରୁ ଶୁକ୍ରବାର ହାଇକୋର୍ଟରେ ମାମଲା ଦାଏର ହୋଇଛି। ଏହି ଘଟଣାର ଠିକ୍ ତଦନ୍ତ ପାଇଁ ସିବିଆଇକୁ ନିର୍ଦ୍ଦେଶ ଦିଆଯାଉ ଅଥବା ଦୁଷ୍ମନ୍ତଙ୍କ ମୃତ୍ୟୁର କାରଣ ଜାଣିବାକୁ ହାଇକୋର୍ଟର ଜଣେ ବିଚାରପତିଙ୍କ ଅଧକ୍ଷତାରେ ଏକ ସ୍ୱତନ୍ତ୍ର କମିଟି ଦ୍ୱାରା ତଦନ୍ତ କରାଯିବାକୁ ଆବେଦନକାରୀ ପରିଷଦର ସଭାପତି ସୁରେନ୍ଦ୍ର ପାଣିଗ୍ରାହୀ ହାଇକୋର୍ଟଙ୍କ ନିକଟରେ ନିବେଦନ କରିଛନ୍ତି। ଏହି ମାମଲାରେ କେନ୍ଦ୍ର ଗୃହ ବିଭାଗ ସଚିବ, ମୁଖ୍ୟ ଶାସନ ସଚିବ, ରାଜ୍ୟ ଗୃହ ସଚିବ, ଡିଜିପି, ପୋଲିସ କମିଶନର, ଭୁବନେଶ୍ୱର ଡିସିପି, ଏସ୍‌ସିବି ମେଡିକାଲ କଲେଜ ଆଣ୍ଡ୍ ହସ୍ପିଟାଲର ଅଧୀକ୍ଷକ, ଜଗତ୍‌ସିଂହପୁର ଏସ୍‌ପି, କ୍ୟାପିଟାଲ ଥାନା ଆଇଆଇସିଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆଇନଜୀବୀ ଗୋପାଳ ଚନ୍ଦ୍ର ଜେନା ଏହି ମାମଲା ପରିଚାଳନା କରୁଛନ୍ତି। ସେହିପରି ଗୁରୁବାର ଆଇନଜୀବୀ ପଦ୍ମାଳୟା ମହାପାତ୍ର ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ପାଇଁ ଏକ ମାମଲା ଦାଏର କରିଥିଲେ।

ଆବେଦନକାରୀ ପିଟିଶନରେ ଦର୍ଶାଇଛନ୍ତି, ଦୁଷ୍ମନ୍ତ ୨୦୨୦ ମାର୍ଚ୍ଚ ୨୨ ତାରିଖରେ ସଡ଼କ ଦୁର୍ଘଟଣାର ଶିକାର ହୋଇଥିଲେ। ଗୋଡରେ ଗଭୀର ଆଘାତ ଲାଗିଥିବାରୁ ୨୩ ତାରିଖରେ ତାଙ୍କୁ ଏସ୍‌ସିବି ମେଡିକାଲ ପ୍ଲାଷ୍ଟିକ ସର୍ଜରି ବିଭାଗରେ ଭର୍ତ୍ତି କରାଯାଇଥିଲା। ସେ ଜୁଲାଇ ୧୫ରେ ମେଡିକାଲରୁ ଡିସ୍‌ଚାର୍ଜ ହୋଇଥିବାବେଳେ ତାଙ୍କର ୨ଥର ଅସ୍ତ୍ରୋପଚାର କରାଯାଇଥିଲା। ବାମ ଗୋଡର ଚିକିତ୍ସା ଭୁଲବଶତଃ କରାଯାଇଥିବା ନେଇ ଦୁଷ୍ମନ୍ତ ଗତ ଜୁଲାଇ ୨୦ ତାରିଖରେ ସ୍ୱାସ୍ଥ୍ୟ ବିଭାଗକୁ ପତ୍ର ଲେଖିଥିଲେ। ଅନ୍ୟପକ୍ଷରେ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନାରେ ୨ଟି ହସ୍ପିଟାଲ ପକ୍ଷରୁ ତାଙ୍କୁ ଚିକିତ୍ସା ଯୋଗାଇ ଦିଆଯିବାକୁ ମନା କରାଯାଇଥିବା ସେ ଅଭିଯୋଗ କରିଥିଲେ। ବାରମ୍ବାର ଚିକିତ୍ସାରେ ଅବହେଳା ଓ ନିର୍ଯାତିତ ହୋଇ ସେ ଗତ ୮ ତାରିଖରେ ବିଧାନସଭା ନିକଟରେ ବିଷ ପିଇବା ସହ ହାତ କାଟି ଦେଇଥିଲେ। ଚିକିତ୍ସା ଲାଗି ତାଙ୍କୁ କ୍ୟାପିଟାଲ ହସ୍ପିଟାଲ ଓ ପରେ ଏସ୍‌ସିବି ମେଡିକାଲ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ଘଟିଥିଲା।

ପ୍ରଥମ ଡୋଜ୍ ଟିକାକରଣ ୨କୋଟି ଟପିଲା

ଦ୍ୱିତୀୟ ଡୋଜ୍ ନେବାକୁ ଲୋକେ ଭୁଲିଯାଉଛନ୍ତି: ସ୍ୱାସ୍ଥ୍ୟ ବିଭାଗ

ଭୁବନେଶ୍ୱର,୧୭।୯(ବ୍ୟୁରୋ)

ରାଜ୍ୟରେ ଟିକାକରଣକୁ ତ୍ୱରାନ୍ୱିତ କରାଯାଇଛି। ଦିନକୁ ୩ଲକ୍ଷରୁ ଊର୍ଦ୍ଧ୍ୱ ଡୋଜ୍ ଟିକା ଦିଆଯାଉଛି। ଫଳରେ ଶୁକ୍ରବାର ଟିକାକରଣରେ ଆଉଏକ ମାଇଲଖୁଣ୍ଟ ଅତିକ୍ରମ କରିଛି ଓଡ଼ିଶା। ୨କୋଟିରୁ ଊର୍ଦ୍ଧ୍ୱ ଲୋକ ପ୍ରଥମ ଡୋଜ୍ ନେଇସାରିଥିବା ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ଟୁଇଟ୍ କରି ସୂଚନା ଦେଇଛି। ସ୍ୱାସ୍ଥ୍ୟକର୍ମୀଙ୍କ କଠିନ ପରିଶ୍ରମ ଓ ଲୋକଙ୍କ ସହଯୋଗ ଯୋଗୁ ଏହି ସଫଳତା ମିଳିଛି ବୋଲି ବିଭାଗ କହିଛି। କୋଓ୍ୱିନ ପୋର୍ଟାଲ ତଥ୍ୟାନୁସାରେ, ଓଡ଼ିଶାରେ ଏଯାଏ ୨,୭୦,୨୨,୫୦୪ ଡୋଜ୍ ଟିକାକରଣ ହୋଇଛି। ୨,୦୦,୮୬,୯୨୮ଜଣ ହିତାଧିକାରୀ ପ୍ରଥମ ଡୋଜ୍ ଟିକା ନେଇଥିବାବେଳେ ପାଖାପାଖି ୭୦ଲକ୍ଷ ହିତାଧିକାରୀ ଦୁଇ ଡୋଜ୍ ସମ୍ପୂର୍ଣ୍ଣ କରିଛନ୍ତି। ବର୍ତ୍ତମାନ ରାଜ୍ୟର ୧,୬୧୪ କେନ୍ଦ୍ରରେ ଟିକା ଦିଆଯାଉଛି। ସେଥିମଧ୍ୟରେ ରାଜ୍ୟ ସରକାରଙ୍କ ଦ୍ୱାରା ୧,୫୭୬ ଟିକା କେନ୍ଦ୍ର ରହିଥିବାବେଳେ ୩୮ ଘରୋଇ ଟିକାକରଣ କେନ୍ଦ୍ର ଚାଲୁଛି। ତେବେ ଦ୍ୱିତୀୟ ଡୋଜ୍ ଟିକାକରଣ କମ୍ ହୋଇଥିବାରୁ ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି। ସ୍ୱାସ୍ଥ୍ୟ ନିର୍ଦ୍ଦେଶକ ଡା. ବିଜୟ ମହାପାତ୍ର କହିଛନ୍ତି, ରାଜ୍ୟରେ ଏବେ ଟିକାର ଅଭାବ ନାହିଁ। ହେଲେ ପ୍ରଥମ ଡୋଜ୍ ନେବା ପରେ ଆଉ ଦ୍ୱିତୀୟ ଡୋଜ୍ ନେବାକୁ ଲୋକେ ଭୁଲି ଯାଉଛନ୍ତି। ରାଜ୍ୟରେ ୬୪% ଲୋକ ପ୍ରଥମ ଡୋଜ୍ ନେଇ ସାରିଥିବାବେଳେ ମାତ୍ର ୨୮ ପ୍ରତିଶତ ଲୋକ ଦ୍ୱିତୀୟ ଡୋଜ୍ ନେଇଛନ୍ତି। ତେଣୁ ୨ୟ ଡୋଜ୍ ନେଇ ନ ଥିବା ଲୋକଙ୍କ ତାଲିକା ଜିଲା ସ୍ତରରେ ପ୍ରକାଶ କରାଯିବ। ଭୁବନେଶ୍ୱର ଓ ଗଞ୍ଜାମରେ କେବଳ କୋଭାକ୍ସିନ ଟିକା ଦିଆଯାଉଥିବାବେଳେ ରାଜ୍ୟର ଅନ୍ୟସବୁ ଜିଲାରେ କୋଭିଶିଲ୍ଡ ଦିଆଯାଉଛି। କୋଭାକ୍ସିନର ପ୍ରଥମ ଓ ଦ୍ୱିତୀୟ ଡୋଜ୍ ମଧ୍ୟରେ ୧ ମାସ ଅନ୍ତର ରହୁଥିବାବେଳେ କୋଭିଶିଲ୍ଡରେ ୧୨ରୁ ୧୬ ସପ୍ତାହ ରହୁଛି। ଫଳରେ କୋଭାକ୍ସିନଠାରୁ ଅଧିକ ସଂଖ୍ୟକ କୋଭିଶିଲ୍ଡ ହିତାଧିକାରୀ ଦ୍ୱିତୀୟ ଡୋଜ୍ ନେବାକୁ ଭୁଲି ଯାଉଛନ୍ତି। ତେଣୁ ସ୍ୱାସ୍ଥ୍ୟ କର୍ମୀଙ୍କ ଜରିଆରେ ସେମାନଙ୍କୁ କେନ୍ଦ୍ରକୁ ଆଣି ଟିକା ଦେବା ବ୍ୟବସ୍ଥା କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଆହୁରି ମଧ୍ୟ ସେ କହିଛନ୍ତି, ଦ୍ୱିତୀୟ ଡୋଜ୍ ନେବାର ୩ଦିନ ପୂର୍ବରୁ ସେମାନଙ୍କୁ ମେସେଜ ଯାଉଛି। ଏଥିସହ ଟିକା ପାଇଁ ନର୍ଦ୍ଧାରିତ ଦିନ ବି ମେସେଜ ଯାଉଛି। ଏହାପରେ ବି ନ ଆସିଲେ ସେମାନଙ୍କ ନିକଟକୁ ବାରମ୍ବାର ମେସେଜ ଯାଉଛି। ଏହାସତ୍ତ୍ୱେ ଯେଉଁ ଅନୁପାତରେ ଲୋକେ ପ୍ରଥମ ଡୋଜ୍ ନେବାକୁ ଆସୁଛନ୍ତି, ସେହି ଅନୁସାରେ ଦ୍ୱିତୀୟ ଡୋଜ୍ ନେବାକୁ ଆସୁ ନାହାନ୍ତି। ଚଳିତବର୍ଷ ଶେଷ ସୁଦ୍ଧା ଅତିକମ୍‌ରେ ସମସ୍ତଙ୍କୁ ପ୍ରଥମ ଡୋଜ୍ ଦିଆଯିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି। ଏଥିନିମନ୍ତେ ବ୍ୟାପକ ସଚେତନ କରାଯିବ ବୋଲି ଡ. ମହାପାତ୍ର କହିଛନ୍ତି।

ଆଇଜିଙ୍କ ଅଫିସରେ ଡିଆରଡିଓ ମୁଖ୍ୟ ସିକ୍ୟୁରିଟି ଅଫିସର

ଗୁପ୍ତ ତଥ୍ୟ ଲିକ୍ ଘଟଣା

୧ଘଣ୍ଟା ରୁଦ୍ଧଦ୍ୱାର ଆଲୋଚନା

ବାଲେଶ୍ୱର ଅଫିସ, ୧୭।୯

ବାଲେଶ୍ୱର ଚାନ୍ଦିପୁରସ୍ଥିତ ପ୍ରତିରକ୍ଷା ଗବେଷଣା ଓ ବିକାଶ ସଙ୍ଗଠନ(ଡିଆରଡିଓ)ର ଗୁପ୍ତ ତଥ୍ୟ ଲିକ୍ ଘଟଣାର ତଦନ୍ତକୁ ଜୋରଦାର କରାଯାଇଛି। ଶୁକ୍ରବାର ବାଲେଶ୍ୱରସ୍ଥିତ ପୂର୍ବାଞ୍ଚଳ ଆଇଜି ହିମାଂଶୁ ଲାଲ୍‌ଙ୍କ କାର୍ଯ୍ୟାଳୟରେ ଡିଆରଡିଓର ମୁଖ୍ୟ ସିକ୍ୟୁରିଟି ଅଫିସର ଅନୁରାଗ ସେନ୍ ପହଞ୍ଚି ପ୍ରାୟ ୧ ଘଣ୍ଟା ରୁଦ୍ଧଦ୍ୱାର ଆଲୋଚନା କରିଛନ୍ତି। ଉଭୟଙ୍କ ମଧ୍ୟରେ ଡିଆରଡିଓର ସୁରକ୍ଷା ନେଇ ଆଲୋଚନା ହୋଇଥିବା ସୂଚନା ମିଳିଛି। ହେଲେ ଉଭୟ ଅଧିକାରୀ ଏ ସମ୍ପର୍କରେ ଗଣମାଧ୍ୟମକୁ କୌଣସି ସୂଚନା ଦେଇନାହାନ୍ତି।

ପାକିସ୍ତାନୀ ଯୁବତୀଙ୍କ ସହ ସମ୍ପର୍କ ରଖି ଗୁପ୍ତ ତଥ୍ୟ ପ୍ରଦାନ ଅଭିଯୋଗରେ ୪ଜଣ ଠିକା କର୍ମଚାରୀ ଓ ଜଣେ ସ୍ଥାୟୀ କର୍ମଚାରୀ ଗିରଫ ହେବା ପରେ ଘଟଣା ଅଧିକ ସଙ୍ଗିନ ହୋଇପଡିଛି। ଗୋଟିଏପଟେ କ୍ରାଇମବ୍ରାଞ୍ଚ ତନାଘନା ଚଳାଇଥିବା ବେଳେ ଏହା ଜାତୀୟ ସୁରକ୍ଷା ପ୍ରସଙ୍ଗ ହୋଇଥିବାରୁ କୋଲକାତାରୁ ଜାତୀୟ ତଦନ୍ତକାରୀ ସଂସ୍ଥା(ଏନ୍‌ଆଇଏ)ର ୨ଜଣିଆ ଟିମ୍ ବାଲେଶ୍ୱରରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଅନ୍ୟପକ୍ଷରେ ଚାନ୍ଦିପୁର ଥାନାରେ ରୁଜୁ ହୋଇଥିବା ମାମଲା(ନଂ. ୭୬/୨୦୨୧)କୁ ବାଲେଶ୍ୱର ଏସ୍‌ପି ସୁଧାଂଶୁ ଶେଖର ମିଶ୍ର କ୍ରାଇମବ୍ରାଞ୍ଚକୁ ହସ୍ତାନ୍ତର କରିଛନ୍ତି। ତଦନ୍ତ ଦାୟିତ୍ୱ ନେବା ପରେ କ୍ରାଇମବ୍ରାଞ୍ଚ ଏଡିଜି ସଞ୍ଜୀବ ପଣ୍ଡାଙ୍କ ଅଧକ୍ଷତାରେ ଗଠିତ କ୍ରାଇମବ୍ରାଞ୍ଚ ଅତିରିକ୍ତ ଏସ୍‌ପି ପ୍ରଶାନ୍ତ କୁମାର ବିଶୋଇଙ୍କ ନେତୃତ୍ୱରେ ଏକ ୪ ଜଣିଆ ଏସ୍‌ଆଇଟି ଟିମ୍ ପଚରାଉଚୁରା ଆରମ୍ଭ କରିଛନ୍ତି। କ୍ରାଇମବ୍ରାଞ୍ଚ ସାଇବର ସେଲ୍‌ର ଜଣେ ଇନ୍ସପେକ୍ଟର ଓ ଜଣେ ସବ-ଇନ୍ସପେକ୍ଟର ବାଲେଶ୍ୱରରେ ରହି ସହଯୋଗ କରୁଛନ୍ତି। ଅଭିଯୁକ୍ତମାନେ ହନିଟ୍ରାପରେ ଶିକାର ହୋଇଥିବା କାରଣରୁ ସେମାନଙ୍କର ଫେସ୍‌ବୁକ, ଟୁଇଟର, ହ୍ୱାଟସ୍‌ଆପ, ଭଏସ୍ କଲ୍ ସମେତ ସେମାନଙ୍କ ବ୍ୟାଙ୍କ ଆକାଉଣ୍ଟ ତଦନ୍ତ ପରିସରଭୁକ୍ତ କରାଯିବ। ଏପରିକି ସେମାନଙ୍କ ପରିବାର ଏବଂ ସମ୍ପର୍କୀୟ ମଧ୍ୟ ତଦନ୍ତ ପରିସରଭୁକ୍ତ ହେବେ ବୋଲି ବିଶେଷ ସୂତ୍ରରୁ ଖବର ମିଳିଛି।

ରୁଦ୍ଧଦ୍ୱାର ଆଲୋଚନା ପ

ଜନ୍ମଦିନର ଶୁଭେଚ୍ଛା

ରାନୀ
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ନାମ: .....
ବୟସ:.....
ଜନ୍ମ ତାରିଖ: .....

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।

ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

ଧୋବ ଧାଉଳିଆ ଯୋଉଠି
ସୁଉକି ଅଧୁଲି ସେଇଠି।

ବଡ଼ବଡ଼ିଆଙ୍କ ପାଖରେ ସମସ୍ତେ ନେଇ ଅର୍ଥ ଠୁଳ କରନ୍ତି । କ୍ଷମତାଶାଳୀଙ୍କ ପାଖରେ ଟଙ୍କା ଭୋଗ ନ ଥୋଇଲେ କାମ କିଛି ହେଉ ନ ଥିବା ପରିପ୍ରେକ୍ଷୀରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି ।

ଧାନ ଖୁଞ୍ଚା ପାଳକୁ,
ରୁଆ ଖୁଞ୍ଚା ଜାଳକୁ,
କନିଆ ଭାରିଯା ପରକୁ ,
କଣ ରେଞ୍ଚ ଘର ଚୋରକୁ ;
ଅଶିଣ ମାସରେ ଧାନ ରୋଇଲେ
ନ ଅଣ୍ଟଇ ରଜା କରକୁ ।

ଧାନ ଖୁଞ୍ଚା ପାଳ ହେବା ପରି ରୁଆ ଖୁଞ୍ଚା କେବଳ ଜାଳ ହେବା ସାର ହୋଇଥାଏ । ଗାଁ ମୁଣ୍ଡରେ ଏକୁଟିଆ ଥିବା ଘରକୁ ଚୋର ସଦାସର୍ବଦା ଆଖେଇଥାଏ । ବୃଦ୍ଧ କାଳେ ବିଭା ହୋଇଥିବା ତରୁଣୀ ଭାର୍ଯ୍ୟା ପର ପୁରୁଷ ପ୍ରତି ମନ ବଳେଇଥାଏ । ସେହିପରି ତେରି ରେ ଧାନ ଚାଷ ଆରମ୍ଭ କଲେ ଅଧିକ ଅମଳ ମିଳୁ ନ ଥିବା ଅର୍ଥରେ ଏଭଳି ଉକ୍ତି ବର୍ଣ୍ଣନା କରାଯାଇଛି।

ଓଡ଼ିଆ ଢଗଢ଼ମାଳି ଓ ରୁଢ଼ି ପ୍ରୟୋଗ – ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲିଃ

ଭିଜିଲାନ୍ସ ହାତରେ ଧରାପଡ଼ିଲେ ପିଇଓ

ପ୍ରତାପ କୁମାର ସାମଲ

କାକଟପୁର/ନିମାପଡ଼ା,୧୭।୯(ଡି.ଏନ୍.ଏ.)–କାକଟପୁର ବ୍ଲକ ପାଟସୁନ୍ଦରପୁର ପଞ୍ଚାୟତର ପଞ୍ଚାୟତ କାର୍ଯ୍ୟନିର୍ବାହୀ ଅଧିକାରୀ (ପିଇଓ) ପ୍ରତାପ କୁମାର ସାମଲ ଲାଞ୍ଚ ନେଉଥିବାବେଳେ ଶୁକ୍ରବାର ଭିଜିଲାନ୍ସ ହାତରେ ଧରାପଡ଼ିଛନ୍ତି। ସୂଚନା ମୁତାବକ, କାକଟପୁରର ଜଣେ ବ୍ୟକ୍ତି ଆବାସ ଯୋଜନାରେ ନାମ ଅନ୍ତର୍ଭୁକ୍ତ କରିବା ପାଇଁ ପିଇଓ ସାମଲଙ୍କୁ କହିଥିଲେ। କିନ୍ତୁ ସେ ଏଥିପାଇଁ ୫ହଜାର ଟଙ୍କା ଲାଞ୍ଚ ମାଗିଥିଲେ। ଫଳରେ ବ୍ୟକ୍ତି ଜଣକ ଭିଜିଲାନ୍ସର ଦ୍ୱାରସ୍ଥ ହୋଇଥିଲେ। ପରେ ଭୁବନେଶ୍ୱର ଡିଭିଜନ ଭିଜିଲାନ୍ସ ଟିମ୍ ପକ୍ଷରୁ ପୂର୍ବ ଯୋଜନା ମୁତାବକ, ଶୁକ୍ରବାର ବ୍ୟକ୍ତି ଜଣକ ନିମାପଡ଼ାର ଏକ ହୋଟେଲ ନିକଟରେ ପିଇଓ ସାମଲଙ୍କୁ ୫ହଜାର ଟଙ୍କା ଦେଇଥିଲେ। ଏହି ସମୟରେ ଟିମ୍ ପକ୍ଷରୁ ଚଢ଼ାଉ କରି ପିଇଓ ସାମଲଙ୍କୁ ଧରିବା ସହ ତାଙ୍କ ନିକଟରୁ କେମିକାଲ ମିଶା ଟଙ୍କାକୁ ଜବତ କରିଥିଲେ। ଏ ନେଇ ଭିଜିଲାନ୍ସ ଟିମ୍ ପକ୍ଷରୁ ଏକ ମାମଲା(ନଂ. ୨୫ ୟୁ/ଏସ୍ ୭) ରୁଜୁ କରି ଗିରଫ କରାଯାଇଛି। ଏଥିସହ ପିଇଓ ସାମଲଙ୍କ କାକଟପୁରରେ ରହୁଥିବା ଭଡ଼ା ଘର ଓ ପିପିଲିସ୍ଥିତ ବାସଗୃହରେ ଚଢ଼ାଉ ଜାରି ରଖିଛି।

ସୈନିକ ସ୍କୁଲରେ ହେବ ୧୦୦ ବେଡ୍ ଛାତ୍ରୀ ନିବାସ

ଭୁବନେଶ୍ୱର,୧୭।୯(ବ୍ୟୁରୋ)

ଭୁବନେଶ୍ୱରସ୍ଥିତ ସୈନିକ ସ୍କୁଲରେ ପ୍ରାଥମିକ ପର୍ଯ୍ୟାୟରେ ୧୦ଜଣ ଛାତ୍ରୀଙ୍କୁ ନାମ ଲେଖା ସୁଯୋଗ ମିଳିଛି। ଆଗାମୀ ଦିନରେ ଏହି ସଂଖ୍ୟା ବଢ଼ିପାରେ। ସ୍କୁଲ ପାଇଁ ୧୦୦ ବେଡ୍ ବିଶିଷ୍ଟ ଛାତ୍ରୀ ନିବାସ ପାଇଁ ଅନୁମୋଦନ ମିଳିସାରିଛି। ଏ ନେଇ ଶୁକ୍ରବାର ମଧ୍ୟ ଭାରତ ଜେନେରାଲ ଅଫିସର କମାଣ୍ଡିଂ(ଜିଓସି) ଲ୍ୟୁଟ୍‌ନାଣ୍ଟ ଜେନେରାଲ ଏସ୍. ମୋହନ ସୂଚନା ଦେଇଛନ୍ତି। ସୈନିକ ସ୍କୁଲ ଗସ୍ତ ଅବସରରେ ସେ ଛାତ୍ରୀଛାତ୍ରଙ୍କୁ ନିଜ ଅଭିଜ୍ଞତା ବାଣ୍ଟିବା ସହ ଦେଶ ପାଇଁ ରହିଥିବା ଦାୟିତ୍ୱ ସମ୍ପର୍କରେ ଅବଗତ କରାଇଛନ୍ତି। ଛାତ୍ରୀଛାତ୍ରଙ୍କୁ ନିଜ ଲକ୍ଷ୍ୟ ସମ୍ପର୍କରେ ପଚାରି ସେନାରେ ଯୋଗଦେବା ପାଇଁ ଉତ୍ସାହିତ କରିଛନ୍ତି। ଏଥିସହ ପାକିସ୍ତାନ ଉପରେ ଭାରତର ୧୯୭୧ ଯୁଦ୍ଧ ବିଜୟର ସ୍ମୃତି ବହନ କରୁଥିବା ମଶାଲ ଶୋଭାଯାତ୍ରା ଭୁବନେଶ୍ୱରେ ଅକ୍ଟୋବର ୨୦ରେ ପହଞ୍ଚିବ ବୋଲି ସେ ସୂଚନା ଦେଇଛନ୍ତି। ଏହି ଗସ୍ତ ଅବସରରେ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଏସ୍. ମୋହନ ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲଙ୍କୁ ରାଜଭବନରେ ଭେଟିଥିଲେ।

ରାଜ୍ୟପାଳଙ୍କୁ ଭେଟିଲେ ଲ୍ୟୁଟ୍‌ନାଣ୍ଟ ଜେନେରାଲ ଏସ୍. ମୋହନ

ହୀରାକୁଦର ୨୮ ଗେଟ୍‌ରେ ଜଳ ନିଷ୍କାସନ

ସମ୍ବଲପୁର,୧୭।୯(ବ୍ୟୁରୋ): ହୀରାକୁଦ ଜଳଭଣ୍ଡାରରେ ଜଳଧାରଣ କ୍ଷମତା ୬୩୦ ଫୁଟ୍ ରହିଥିବା ବେଳେ ଶୁକ୍ରବାର ଏହା ୬୨୮.୫୪ ଫୁଟ୍‌ରେ ପହଞ୍ଚିଛି। ରାତି ୯ଟା ସୁଦ୍ଧା ମିଳିଥିବା ରିପୋର୍ଟ ଅନୁସାରେ ବାମପାର୍ଶ୍ୱରେ ୧୯ ଓ ଡାହଣପାର୍ଶ୍ୱରେ ୯ ମୋଟ ୨୮ ଗେଟ୍ ଦେଇ ଜଳ ନିଷ୍କାସନ ହେଉଛି। ପ୍ରତି ସେକେଣ୍ଡରେ ୪ଲକ୍ଷ ୧୪ହଜାର ୫ କ୍ୟୁସେକ ଜଳ ପ୍ରବେଶ କରୁଛି। ଗେଟ୍ ଦେଇ ୪ ଲକ୍ଷ ୫୭ ହଜାର ୨୯୬ କ୍ୟୁସେକ, ପାୱାର ଚାନେଲରେ ୨୩ ହଜାର ୨୮୮, ଶିଳ୍ପକୁ ୨୮୨କ୍ୟୁସେକ ଓ ଚାଷ ପାଇଁ ବିଭିନ୍ନ କେନାଲରେ ୩ ହଜାର ୨୧ ଏପରି ମୋଟ ୪ ଲକ୍ଷ ୮୩ ହଜାର ୮୮୭ କ୍ୟୁସେକ ଜଳ ନିଷ୍କାସନ ହେଉଛି। ବେଲଗାଁରେ ୨୪ହଜାର ୫ଶହ, ପର୍ଥଲାରେ ୭୨ ହଜାର ୮୩୩, ଖଇରମାଳରେ ୬ ଲକ୍ଷ ୩୮ ହଜାର, ବରମୁଲାରେ ୬ ଲକ୍ଷ ୩୪ ହଜାର, ମୁଣ୍ଡଳୀରେ ୬ ଲକ୍ଷ ୫୫ ହଜାର କ୍ୟୁସେକ ଜଳ ପ୍ରବାହିତ ହେଉଛି।

'ମରୁଡ଼ି ସ୍ଥିତି ସମୀକ୍ଷା କରି କେନ୍ଦ୍ରକୁ ଜଣାଅ'

ଭୁବନେଶ୍ୱର,୧୭।୯(ବ୍ୟୁରୋ): ଓଡ଼ିଶାର ବିଭିନ୍ନ ଜିଲାରେ ମରୁଡ଼ି ସ୍ଥିତି ଉଦ୍ଭବ ହୋଇଛି ବୋଲି ଭାରତୀୟ କିଶାନ୍ ମୋର୍ଚ୍ଚା ରାଷ୍ଟ୍ରୀୟ ସମ୍ପାଦିକା ପିଙ୍କି ଶିବରାଜ୍ ଶାହା କହିଛନ୍ତି। ଭାଜପା ରାଜ୍ୟ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଶାହା କହିଛନ୍ତି, ଏତେସବୁ ସତ୍ତ୍ୱେ ରାଜ୍ୟ ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇଛନ୍ତି। ମରୁଡ଼ି ସ୍ଥିତି ସମୀକ୍ଷା କରି କେନ୍ଦ୍ରକୁ ଜଣାଇଲେ ଚାଷୀମାନେ ଉପକୃତ ହୋଇପାରିବେ। ଓଡ଼ିଶାରେ ମରୁଡ଼ି ପ୍ରତିକାର ପାଇଁ ଜଳସେଚନର ଘୋର ଅବ୍ୟବସ୍ଥା ଓ ଉଠା ଜଳସେଚନର ବ୍ୟବସ୍ଥା ସମ୍ପୂର୍ଣ୍ଣ ଖରାପ ଅଛି। ଚାଷୀମାନେ ଅଭିଯୋଗ କଲେ ମଧ୍ୟ କୌଣସି ପ୍ରତିକାର ହେଉନାହିଁ। ରାଜ୍ୟ ସରକାର ତୁରନ୍ତ କାର୍ଯ୍ୟନୁଷ୍ଠାନ ନ ନେଲେ ଚାଷୀ ଆନ୍ଦୋଳନ କରିବେ ବୋଲି କୃଷକ ମୋର୍ଚ୍ଚା ସଭାପତି ପ୍ରଦୀପ ପୁରୋହିତ ଚେତାବନୀ ଦେଇଛନ୍ତି।

ପ୍ରଥମ ପୃଷ୍ଠାରୁ...

ସରକାରଙ୍କ ନିଷ୍ପତ୍ତିରେ ହସ୍ତକ୍ଷେପ ...

ରାଉତରାୟଙ୍କୁ ନେଇ ଗଠିତ ଖଣ୍ଡପୀଠ ଗୁରୁବାର ଏହି ମାମଲାର ଶୁଣାଣି କରି ରାୟ ସଂରକ୍ଷିତ ରଖିଥିଲେ। ଆବେଦନକାରୀଙ୍କ ପକ୍ଷରୁ ବରିଷ୍ଠ ଆଇନଜୀବୀ ପୀତାମ୍ବର ଆଚାର୍ଯ୍ୟ ଯୁକ୍ତି ଦର୍ଶାଇଥିଲେ ଯେ, ୧୫୧୪ ମସିହାରୁ ବାଲୁବଜାର ପୂଜା କମିଟି ପକ୍ଷରୁ ମା' ଦୁର୍ଗାଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଇଆସୁଛି। ଗତବର୍ଷ ପରି ଲକ୍‌ଡାଉନ୍ ଅବସ୍ଥା ଏବେ ନାହିଁ। ତେଣୁ ରାଜ୍ୟ ସରକାରଙ୍କ ପକ୍ଷରୁ ନିଆଯାଇଥିବା ୪ଫୁଟ ମୂର୍ତ୍ତି ନିର୍ମାଣ ନିଷ୍ପତ୍ତିର କୌଣସି ଯଥାର୍ଥତା ନାହିଁ। ଏହି ନିଷ୍ପତ୍ତି କଟକବାସୀଙ୍କ ଧର୍ମୀୟ ଭାବନାକୁ ଆଘାତ ଦେଇଛି। ଅନ୍ୟପକ୍ଷରେ ବାଲୁବଜାର ପୂଜା କମିଟି ସଭାପତି ସୂର୍ଯ୍ୟକାନ୍ତ ସାଙ୍ଗନାରିଆ କହିଛନ୍ତି, ହାଇକୋର୍ଟଙ୍କ ନିର୍ଦ୍ଦେଶାନୁସାରେ ୪ ଫୁଟର ମୂର୍ତ୍ତି ନିର୍ମାଣ କରାଯିବ। ଏଥିପାଇଁ ଶନିବାର ଏକ ବୈଠକ ଅନୁଷ୍ଠିତ ହେବ।

ସୂଚନାଯୋଗ୍ୟ, ଚଳିତବର୍ଷ ସରକାରଙ୍କ ପୂଜା ଗାଇଡ୍‌ଲାଇନକୁ ଚ୍ୟାଲେଞ୍ଜ କରିବା ସହ ୮ ଫୁଟ ଉଚ୍ଚତାର ମୂର୍ତ୍ତି ନିର୍ମାଣ କରିବାକୁ ବାଲୁବଜାର ପୂଜା କମିଟି ସମ୍ପାଦକ ରମେଶ ଚନ୍ଦ୍ର ବେହେରା ଗତ ମଙ୍ଗଳବାର ହାଇକୋର୍ଟରେ ମାମଲା ଦାଏର କରିଥିଲେ।

ଷ୍ଟେଟ ସ୍କେଲ ଅଧ୍ୟାପକ ...

ପ୍ରଦର୍ଶନ କରାଯାଉଛି। ନିଜ ନାମ ଗୋପନ ରଖି ଜଣେ ବରିଷ୍ଠ ଅଧ୍ୟାପକ କହିଛନ୍ତି ଯେ ସରକାରୀ ସ୍ତରରେ ଆମେମାନେ ଲବି କରି ପାରୁ ନ ଥିବାରୁ ଶିକ୍ଷକମାନଙ୍କୁ ଆଇଏଏସ୍ ଅଫିସର ପଦୋନ୍ନତି ମିଳୁନାହିଁ। ଗ୍ରୁପ-ଏ ବର୍ଗର ହୋଇଥିଲେ ମଧ୍ୟ ଶିକ୍ଷକମାନଙ୍କୁ ସବୁବେଳେ ଅଣଦେଖା କରାଯାଇ ଆସୁଛି । ଅନ୍ୟ କ୍ୟାଡର ଭଳି ଶିକ୍ଷା କ୍ଷେତ୍ରକୁ ମଧ୍ୟ ସମାନ ଅଧିକାର ମିଳିବା ଆବଶ୍ୟକ ବୋଲି ସେ କହିଛନ୍ତି। ଓଡ଼ିଶା ରାଜ୍ୟ ସରକାରୀ କଲେଜ ଶିକ୍ଷକ ସଂଘର ସଭାପତି ଡକ୍ଟର ମାନସ ବେହେରା କହିଛନ୍ତି ଯେ ଷ୍ଟେଟସ୍ ସ୍କେଲ୍ କ୍ୟାଡରକୁ ସାମିଲ କରିବା ପାଇଁ ସଂଘ ପକ୍ଷରୁ ବହୁଦିନ ଧରି ସରକାରଙ୍କ ନିକଟରେ ଦାବି କରାଯାଉଥିଲା। ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଏ ନେଇ ଦିଆଯାଇଥିବା ପ୍ରସ୍ତାବ ସ୍ୱାଗତଯୋଗ୍ୟ।

ଜିଏସ୍‌ଟିକୁ ଆସିଲାନି ...

କର୍କଟ ଚିକିତ୍ସା ଲାଗି ବ୍ୟବହୃତ କେତୁବା ଭଳି ଅନ୍ୟ ମେଡିସିନ ଟିକସ ହାର ୧୨ରୁ ୫%କୁ କମାଇବା ଲାଗି ମଧ୍ୟ ପ୍ରସ୍ତାବ ଦିଆଯାଇଛି। ଏହାକୁ ମଧ୍ୟ କାର୍ଯ୍ୟକାରୀ କରାଯିବ। ଏୟାରକ୍ରାଫ୍ଟ ସାମଗ୍ରୀ ଏବଂ ଅନ୍ୟ ଲିଜ୍ ସାମଗ୍ରୀ ଆମଦାନୀ କ୍ଷେତ୍ରରେ ଦ୍ୱେତ ଟିକସକୁ ହ୍ରାସ କରାଯାଇଛି।

ସେହିଭଳି ଅଏଲ୍ ମାର୍କେଟିଂ କମ୍ପାନୀଗୁଡିକ ଦ୍ୱାରା ବ୍ୟବହାର ହେଉଥିବା ବାୟୋ ଡିଜେଲ ଉପରେ ଜିଏସ୍‌ଟି ହାର ୧୨ରୁ ୫%କୁ ହ୍ରାସ କରାଯାଇଥିବା ସୀତାରାମନ ଘୋଷଣା କରିଛନ୍ତି। ସ୍ୱିଗି ଜୋମାଟୋ ଭଳି ଫୁଡ୍ ଡେଲିଭରି ଆପ୍‌ଗୁଡିକ ରେଷ୍ଟୁରାଣ୍ଟଙ୍କ ଲାଗି ଜିଏସ୍‌ଟି ଆଦାୟ କରିବେ। ରେଷ୍ଟୁରାଣ୍ଟଗୁଡିକର ସର୍ଭିସ ସେମାନେ ଯୋଗାଉଥିବାରୁ ଜିଏସ୍‌ଟି ଆଦାୟ କରିବାକୁ ପରିଷଦ ନିଷ୍ପତ୍ତି ଗ୍ରହଣ କରିଛି। କୋଭିଡ ପରେ ଏହା ପରିଷଦର ପ୍ରଥମ ବୈଠକ ଯେଉଁଠାରେ ସଦସ୍ୟମାନେ ପ୍ରତ୍ୟକ୍ଷ ଉପସ୍ଥିତ ରହିଥିଲେ। ପେଟ୍ରୋଲ ଏବଂ ଡିଜେଲକୁ ଜିଏସ୍‌ଟି ପରିସରଭୁକ୍ତ କରାଇବା ନେଇ ଏହି ବୈଠକରେ ଆଲୋଚନା ହୋଇଥିଲା।

ଅନ୍ୟ ପ୍ରମୁଖ ନିଷ୍ପତ୍ତି

- ପେନରେ ୧୮% ଜିଏସ୍‌ଟି
- ନିର୍ଦ୍ଦିଷ୍ଟ ନବୀକରଣୀୟ କ୍ଷେତ୍ର ଯନ୍ତ୍ରାଂଶ ୧୨% ଟିକସ
- ମିଶ୍ରଣ ପାଇଁ ବାୟୋ ଡିଜେଲ ଜିଏସ୍‌ଟି ୧୨ରୁ ୫%କୁ ହ୍ରାସ
- ସାମଗ୍ରୀ ପରିହନ ପରିଚାଳନା କ୍ଷେତ୍ରରେ ରାଜ୍ୟଗୁଡିକ ପକ୍ଷରୁ ଚାର୍ଜ କରାଯାଉଥିବା ଜାତୀୟ ପରମିଟ ଫି ଛାଡ଼
- ଫୁଟୱେର ଏବଂ ଟେକ୍ସଟାଇଲ କ୍ଷେତ୍ର ଲାଗି ଜିଏସ୍‌ଟି
- ଦିବ୍ୟାଙ୍ଗ ବ୍ୟକ୍ତିଙ୍କ ଯାନରେ ବ୍ୟବହୃତ ରେଟ୍ରୋଫିଟ୍‌ମେଣ୍ଟ କିଟ୍ ୫%
- ସମନ୍ୱିତ ଶିଶୁ ବିକାଶ ସେବା ଯୋଜନାରେ ବ୍ୟବହୃତ ନିର୍ଦ୍ଦିଷ୍ଟ ବର୍ଗର ଚାଉଳରେ ୫%ଟିକସ
- କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ପକ୍ଷରୁ ଆୟୋଜିତ ତାଲିମ କାର୍ଯ୍ୟକ୍ରକୁ ଜିଏସ୍‌ଟିରୁ ବାଦ
- ଶିଶୁଙ୍କ ଚିକିତ୍ସା ଲାଗି ସମସ୍ତ ଜୀବନ ରକ୍ଷାକାରୀ ମେଡିସିନ ଟିକସ ମୁକ୍ତ

ପାକିସ୍ତାନକୁ ନ୍ୟୁଜିଲାଣ୍ଡ...

ସରକାର ପ୍ରତ୍ୟେକ ଭ୍ରମଣକାରୀ ଦଳ ପାଇଁ ସବୁପ୍ରକାର ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରିଆସିଛନ୍ତି। ନ୍ୟୁଜିଲାଣ୍ଡ କ୍ରିକେଟକୁ ମଧ୍ୟ ସମାନ ପ୍ରକାର ପ୍ରତିଶ୍ରୁତି ଦେଇଥିଲୁ ବୋଲି ପିସିବି ତରଫରୁ କୁହାଯାଇଛି। ପାକିସ୍ତାନ ପ୍ରଧାନମନ୍ତ୍ରୀ ଇମ୍ରାନ ଖାଁ ମଧ୍ୟ ଏ ସମ୍ପର୍କରେ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀ ଜେସିଣ୍ଡା ଆର୍ଡେର୍ନଙ୍କ ସହ କଥା ହୋଇଥିଲେ। ପାକିସ୍ତାନର ଗୋଇନ୍ଦା ସଂସ୍ଥା ବିଶ୍ୱର ଅନ୍ୟତମ ଶ୍ରେଷ୍ଠ ସଂସ୍ଥା ଓ ନ୍ୟୁଜିଲାଣ୍ଡ ଦଳ ପାଇଁ କୌଣସି ବିପଦ ନାହିଁ ବୋଲି ସେ ନ୍ୟୁଜିଲାଣ୍ଡ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଥିଲେ। ତଥାପି ନ୍ୟୁଜିଲାଣ୍ଡ ଗସ୍ତରୁ ଓହରିବା ନିଷ୍ପତ୍ତିକୁ ବଦଳାଇଲା ନାହିଁ।

ଦୀର୍ଘ ୧୮ ବର୍ଷ ପରେ ନ୍ୟୁଜିଲାଣ୍ଡ ପାକିସ୍ତାନ ଗସ୍ତ କରିଥିଲା। କିନ୍ତୁ ଖେଳାଳିଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ଏପରି ନିଷ୍ପତ୍ତି ନେଇଛୁ ବୋଲି ନ୍ୟୁଜିଲାଣ୍ଡ କ୍ରିକେଟ ପ୍ଲେୟର୍ସ ଆସୋସିଏଶନ ମୁଖ୍ୟ କାର୍ଯ୍ୟନିର୍ବାହୀ ହିଥ୍ ମିଲ୍ସ କହିଛନ୍ତି। ତେବେ ସୁରକ୍ଷା ବ୍ୟବସ୍ଥା ନେଇ ବିସ୍ତୃତ ଭାବେ କିଛି କହିବାକୁ ନ୍ୟୁଜିଲାଣ୍ଡ କ୍ରିକେଟ ମନା କରିଦେଇଛି। ନ୍ୟୁଜିଲାଣ୍ଡ ପ୍ରଥମେ ସୁରକ୍ଷା ବ୍ୟବସ୍ଥା ନେଇ ସନ୍ତୁଷ୍ଟ ଥିଲା ବୋଲି ପିସିବି କହିଛି। ଭ୍ରମଣକାରୀ ଦଳର ଏହି ନିଷ୍ପତ୍ତିରେ ପାକିସ୍ତାନ ଓ ସାରା ବିଶ୍ୱର କ୍ରିକେଟ ପ୍ରେମୀ ନିରାଶ ହୋଇଛନ୍ତି ବୋଲି ପିସିବି କହିଛି। କିଛିଦିନ ତଳେ ତାଲିବାନ ଆଫଗାନିସ୍ତାନରେ ଶାସନ ହାତକୁ ନେବା ପରେ ପାକିସ୍ତାନରେ ସୁରକ୍ଷା ବ୍ୟବସ୍ଥାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

ଉଲ୍ଲେଖଥାଉ କି ୨୦୦୯ରେ ଲାହୋରର ଗଦ୍ଦାଫି ଷ୍ଟାଡିୟମ ନିକଟରେ ଶ୍ରୀଲଙ୍କା କ୍ରିକେଟ ଦଳ ଉପରେ ଆତଙ୍କବାଦୀ ଆକ୍ରମଣ ହେବା ପରେ ପାକିସ୍ତାନ ଗସ୍ତ କରିବାକୁ ବିଭିନ୍ନ ଦେଶ ଅନିଚ୍ଛା ପ୍ରକାଶ କରିଥିଲେ। ଏଥିରେ ୬ଜଣ ଶ୍ରୀଲଙ୍କା କ୍ରିକେଟର ଆହତ ହୋଇଥିଲେ ଏବଂ ୬ ପାକିସ୍ତାନ ପୋଲିସ କର୍ମଚାରୀ ଓ ୨ଜଣ ନାଗରିକଙ୍କ ମୃତ୍ୟୁ ଘଟିଥିଲେ। ଚଳିତ ବର୍ଷ ଶେଷ ଆଡକୁ ଇଂଲଣ୍ଡ ଓ ୱେଷ୍ଟଇଣ୍ଡିଜ ପାକିସ୍ତାନ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ସେହିପରି ୨୦୨୨ ଆରମ୍ଭରେ ଅଷ୍ଟ୍ରେଲିଆ ମଧ୍ୟ ପାକିସ୍ତାନ ଗସ୍ତ କରିବାର କାର୍ଯ୍ୟକ୍ରମ ରହିଛି। ମାତ୍ର ଶେଷ ମୁହୂର୍ତ୍ତରେ ନ୍ୟୁଜିଲାଣ୍ଡର ଏହି ନିଷ୍ପତ୍ତି ଏବେ ଅନ୍ୟ ଦଳଗୁଡ଼ିକର ଗସ୍ତ ଉପରେ ପ୍ରଶ୍ନବାଚୀ ଲଗାଇଛି।

ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

ମେଷ
ବନ୍ଧୁବର୍ଗଙ୍କ ସହଯୋଗ ଆପଣଙ୍କୁ ଅଗ୍ରଗତି କରାଇବ। ରାଶ୍ୟାଧିପଙ୍କ ବଳହୀନତା ହେତୁ ଦୈହିକ ଦୁର୍ବଳତା ସାଙ୍ଗକୁ ଧୈର୍ଯ୍ୟହରା ଓ ନୈରାଶ୍ୟ ବ୍ୟସ୍ତ ଓ ବିବ୍ରତ କରାଇପାରେ। ସଠିକ୍ ବୁଝାମଣା ମାଧ୍ୟମରେ ପାରିବାରିକ ଜୀବନରେ ଶାନ୍ତି ଓ ସ୍ଥିରତା ଅବ୍ୟାହତ ରହିବ। ଟଙ୍କା ଭିନ୍ନ ବାଟରେ ଖର୍ଚ୍ଚ ହୋଇଯିବା କାରଣରୁ ଦୁଃଖ ପ୍ରକାଶ କରିପାରନ୍ତି।

ବୃଷ
ଶନି ଓ ରାହୁଙ୍କ ପାରସ୍ପରିକ ଦୃଷ୍ଟି ହେତୁ ସମସ୍ୟା ଜାଲରେ ଛନ୍ଦି ହୋଇ ମାନସିକ ଦୁର୍ବଳ ହୋଇପଡ଼ିବେ। ଅଟକି ରହିଥିବା କାମର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଶିଳ୍ପ, ବାଣିଜ୍ୟ ଓ ବ୍ୟବସାୟ ଭଲରେ ଚାଲିବ। କିନ୍ତୁ ଲୋକସମ୍ପର୍କ, ଗଠନମୂଳକ କାମରେ ବ୍ୟତିକ୍ରମର ଆଶଙ୍କା ରହିଛି। ବହୁ ପ୍ରତୀକ୍ଷିତ ଖବରଟି ଆଜି ପାଇପାରନ୍ତି।

ମିଥୁନ
ଆଜି ଚତୁର୍ଥ କେନ୍ଦ୍ରସ୍ଥ ବୁଧାଦିତ୍ୟ ଯୋଗ ସହ ଚନ୍ଦ୍ରଙ୍କ ସଂଯୋଗରୁ ସଂଗଠନ, ରାଜନୀତି କ୍ଷେତ୍ରରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ବ୍ୟବସାୟୀମାନେ ନୂତନ ବ୍ୟବସାୟ ଯୋଡ଼ିବା ପାଇଁ ଚିନ୍ତା କରିପାରନ୍ତି। କିନ୍ତୁ ଆର୍ଦ୍ରା ନକ୍ଷତ୍ର ସକାଶେ ପ୍ରତ୍ୟେକ କ୍ଷେତ୍ରରେ ସଂଯମତାର ଅଭାବ ଓ ଧନହାନି ଦୁଶ୍ଚିନ୍ତାର କାରଣ ହୋଇପାରେ।

କର୍କଟ
କେତେକ ଆକସ୍ମିକ ଅସୁବିଧା ଦେଖାଦେବା କାରଣରୁ ଆଜି ସହଜରେ କାମ ହାସଲ ହେବା କଷ୍ଟକର ହେବ। ସନ୍ତାନଙ୍କ ବିଶୃଙ୍ଖଳିତ ଆଚରଣ ସକାଶେ ପରିବାରରେ ବ୍ୟସ୍ତତା ବଢ଼ିପାରେ। ବନ୍ଧୁଙ୍କୁ ଟଙ୍କା ପଇସା, ନେବା ଆଣିବା, ଦିଆନିଆ, କ୍ଷେତ୍ରରେ ସତର୍କ ରହନ୍ତୁ। କଚେରି ମାମଲା ମଛର ହୋଇପାରେ, ଫଳରେ ମାନସିକ ଶାନ୍ତି ରହିବ ନାହିଁ।

ସିଂହ
ଧନାଧିପତି ଧନଭାବସ୍ଥ ଯୋଗୁ ଆର୍ଥିକ ଦିଗରୁ ଉପକୃତ ହେବେ, କିନ୍ତୁ ପୂର୍ଣ୍ଣ ଆବଶ୍ୟକତା ଅପୂରଣୀୟ ରହିବ। ପାରସ୍ପରିକ ସହଯୋଗ ପାରିବାରିକ ଜୀବନକୁ ସରସ ସୁନ୍ଦର କରିପାରେ। ଆଲୋଚନା ପରିସରରେ ସତକଥା କହି ବିବାଦ ଘେରରେ ପଡ଼ିପାରନ୍ତି, ଏଣୁ ଭାବିଚିନ୍ତି କହନ୍ତୁ। ଆଜିର ଯାତ୍ରାରେ ଲକ୍ଷ୍ୟପୂରଣ କରିବାରେ ସଫଳ ହେବେ।

କନ୍ୟା
କର୍ମକ୍ଷେତ୍ରରେ କୌଣସି ମିଥ୍ୟା ଗୁଜବ ମନକୁ ଚହଲାଇ ଦେବ। ଆତ୍ମୀୟଙ୍କ ଅସହଯୋଗ, ଅସମ୍ମାନ ପାଇଁ ଦୁଃଖିତ ହେବେ। କୌଣସି ସମ୍ପର୍କୀୟ ବନ୍ଧୁଙ୍

ସଂକ୍ଷେପରେ

୪ରୁ ହିନ୍ଦୀ, ସଂସ୍କୃତ ଓ ଶାରୀରିକ ଶିକ୍ଷା ପ୍ରଶିକ୍ଷକଙ୍କ ନିଯୁକ୍ତି ପରୀକ୍ଷା

ଭୁବନେଶ୍ୱର,୧୭।୯(ବ୍ୟୁରୋ): ରାଜ୍ୟର ମାଧ୍ୟମିକ ଶିକ୍ଷାନୁଷ୍ଠାନଗୁଡ଼ିକରେ ହିନ୍ଦୀ, ସଂସ୍କୃତ ଏବଂ ଶାରୀରିକ ଶିକ୍ଷା ପ୍ରଶିକ୍ଷକଙ୍କ ନିଯୁକ୍ତି ନିମନ୍ତେ ଆସନ୍ତା ଅକ୍ଟୋବର ୪ ଓ ୫ ଦୁଇଦିନ ଧରି ପରୀକ୍ଷା ଅନୁଷ୍ଠିତ ହେବ। ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ଅନୁଷ୍ଠିତ ଉଚ୍ଚସ୍ତରୀୟ ବୈଠକରେ ଏ ନେଇ ନିଷ୍ପତ୍ତି ହୋଇଛି। ବିଭାଗର ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ନିଯୁକ୍ତି ସମ୍ପର୍କିତ ଆଲୋଚନା ହୋଇଛି। ଗତ ଅଗଷ୍ଟ ୧୩ରେ ଏହି ସଂକ୍ରାନ୍ତରେ ନିଯୁକ୍ତି ବିଜ୍ଞାପନ ପ୍ରକାଶ ପାଇଥିଲା। ବିଜ୍ଞାପନ ଅନୁସାରେ ଆସନ୍ତା ଅକ୍ଟୋବର ୪ ତାରିଖ ଦିନ ହିନ୍ଦୀ ଓ ସଂସ୍କୃତ ଶିକ୍ଷକ ଏବଂ ୫ ତାରିଖରେ ଶାରୀରିକ ଶିକ୍ଷା ପ୍ରଶିକ୍ଷକଙ୍କ ନିମନ୍ତେ ପରୀକ୍ଷା ଅନୁଷ୍ଠିତ ହେବ। ରାଜ୍ୟର ୨୪ଟି ଜିଲାରେ ଏହି ପରୀକ୍ଷା ଅନୁଷ୍ଠିତ ହେବ। ପରୀକ୍ଷାର୍ଥୀମାନେ ୨୫ ତାରିଖଠାରୁ ବିଭାଗୀୟ ୱେବ୍‌ସାଇଟ୍‌ରୁ ପ୍ରବେଶ ପତ୍ର (ଆଡ୍‌ମିଟ୍ କାର୍ଡ) ଡାଉନ୍‌ଲୋଡ୍ କରିପାରିବେ। ଏ ସମ୍ପର୍କରେ ମାଧ୍ୟମିକ ଶିକ୍ଷା ନିର୍ଦ୍ଦେଶକଙ୍କ ତରଫରୁ ଶୁକ୍ରବାର ବିଜ୍ଞପ୍ତି ପ୍ରକାଶ ପାଇଛି। ପରୀକ୍ଷା କେନ୍ଦ୍ରଗୁଡ଼ିକରେ କୋଭିଡ୍ ମାର୍ଗଦର୍ଶିକା ଅନୁପାଳନ ସହିତ ସିସିଟିଭି କ୍ୟାମେରାର ବ୍ୟବସ୍ଥା କରିବାକୁ ପ୍ରମୁଖ ଶାସନ ସଚିବ ସତ୍ୟବ୍ରତ ସାହୁ ନିର୍ଦ୍ଦେଶ ଦେଇଛନ୍ତି। ଏହି ବୈଠକରେ ବିଭାଗର ଅତିରିକ୍ତ ଶାସନ ସଚିବ ରଘୁରାମ ଆୟାରଙ୍କ ସମେତ ବରିଷ୍ଠ ପଦାଧିକାରୀ ଉପସ୍ଥିତ ଥିଲେ।

ମାଓବାଦୀ ନେତ୍ରୀ ସାମ୍ନାକାଙ୍କ ଆତ୍ମସମର୍ପଣ

ମାଲକାନଗିରି, ୧୭।୯(ଡି.ଏନ.ଏ.): ମାଲକାନଗିରି ଜିଲା ସୀମାନ୍ତ ତେଲେଙ୍ଗାନା ପୋଲିସ ନିକଟରେ ମାଓବାଦୀ ସେଣ୍ଟ୍ରାଲ କମିଟି ମେମ୍ବର ତଥା ତେଲଙ୍ଗାନା ଷ୍ଟେଟ ସେକ୍ରେଟାରୀ ହରିଭୂଷଣଙ୍କ ସ୍ତ୍ରୀ ଜାଜାରୀ ସାମ୍ନାକା ଓରଫ ସାରଦା ଶୁକ୍ରବାର ଆତ୍ମସମର୍ପଣ କରିଛନ୍ତି। ତେଲଙ୍ଗାନା ଡିଜିପିଙ୍କ ନିକଟରେ ଆତ୍ମସମର୍ପଣ କରିଥିବା ସାମ୍ନାକା ୧୯୯୪ରେ ମାଓବାଦୀ ସଙ୍ଗଠନରେ ଯୋଗ ଦେଇଥିଲେ। ସେ ୧୯୯୫ରୁ ବିଭିନ୍ନ ମାଓବାଦୀ ସଙ୍ଗଠନରେ କାମ କରିଥିଲେ। ପରେ ସାମ୍ନାକା ଉତ୍ତର ତେଲଙ୍ଗାନା ସ୍ପେଶାଲ ଜୋନାଲ କମିଟିରେ ପ୍ଲାଟୁନ ମେମ୍ବର ଭାବେ ୧୯୯୯ରୁ ୨୦୦୦ ପର୍ଯ୍ୟନ୍ତ କାମ କରିଥିଲେ। ପରେ ତାଙ୍କର ଏସିଏମ୍ ରୂପେ ପଦୋନ୍ନତି ହୋଇଥିଲା। ୨୦୦୮ ଜୁଲାଇ ୨୭ରେ ସେ ୱାରଙ୍ଗଲ ପୋଲିସ ନିକଟରେ ଆତ୍ମସମର୍ପଣ କରିଥିଲେ। ସାମ୍ନାକା ୨୦୧୧ ନଭେମ୍ବର ୧୦ରେ ପୁଣି ମାଓବାଦୀ ସଙ୍ଗଠନରେ ଯୋଗ ଦେଇଥିଲେ। ମାଓବାଦୀ ସଙ୍ଗଠନରେ ଥିବା ସମୟରେ ସେ ହରିଭୂଷଣଙ୍କୁ ବିବାହ କରିଥିଲେ। ୨୦୧୬ ପର୍ଯ୍ୟନ୍ତ ହରିଭୂଷଣଙ୍କ ସହ ଚେରଲା ସାବେରୀରେ ଡିସିଏମ ଭାବେ କାର୍ଯ୍ୟ କରିଥିଲେ। ବିଭିନ୍ନ ହିଂସାକାଣ୍ଡରେ ଜଡିତ ଥିବା ସାମ୍ନାକା ହରିଭୂଷଣଙ୍କ ମୃତ୍ୟୁ ପରେ ଭାଙ୍ଗି ପଡିଥିଲେ। ମାଓବାଦୀ ସଙ୍ଗଠନ ବର୍ତ୍ତମାନ ନିଜ ଆଭିମୁଖ୍ୟଠାରୁ ଦୂରେଇ ଯାଇଛି। ତାଙ୍କୁ ସରକାରଙ୍କ ପକ୍ଷରୁ ୫ ଲକ୍ଷ ଟଙ୍କା ସହ ଅନ୍ୟାନ୍ୟ ସୁବିଧା ପ୍ରଦାନ କରାଯିବ ବୋଲି ତେଲଙ୍ଗାନା ପୋଲିସ କହିଛି।

ସମ୍ବଲପୁରରୁ ଆଉ ଜଣେ ଅଭିଯୁକ୍ତ ଗିରଫ

ଚାଷୀଙ୍କୁ ସବ୍‌ସିଡି ନାଁରେ ୬ କୋଟିରୁ ଊର୍ଦ୍ଧ୍ୱ ଠକେଇ

ଭୁବନେଶ୍ୱର/ସମ୍ବଲପୁର, ୧୭।୯ (ବ୍ୟୁରୋ)

ଚାଷୀଙ୍କ ନାଁରେ ସବ୍‌ସିଡି ଉଠାଇ ୬ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ଠକେଇ ଘଟଣାରେ ଆଉଜଣେ ଅଭିଯୁକ୍ତଙ୍କୁ କ୍ରାଇମବ୍ରାଞ୍ଚର ଅର୍ଥନୈତିକ ଅପରାଧ ଶାଖା (ଇଓଡବ୍ଲ୍ୟୁ) ଗିରଫ କରି ଶୁକ୍ରବାର କୋର୍ଟ ଚାଲାଣ କରିଛି। ସେ ହେଲେ ସମ୍ବଲପୁର ଜିଲା ମହୁଲପାଲି ଥାନା ପକେଲପଡାର ଲେଲିନ ଚୌଧୁରୀ। ଗୁରୁବାର ରାତିରେ ଲେଲିନ ତାଙ୍କ ବାସଭବନରେ ଶୋଇଥିବାବେଳେ ଇଓଡବ୍ଲ୍ୟୁର ଏକ ଟିମ୍ ତାଙ୍କୁ ଉଠାଇ ଆଣିଥିଲା। ଅପରପକ୍ଷରେ ମୁଖ୍ୟ ଅଭିଯୁକ୍ତ ଶ୍ରୀନାଥ ରାଣାଙ୍କୁ ଗତ ୩ ତାରିଖରେ ଗିରଫ କରାଯାଇଥିଲା। ଏନେଇ ଅଧିକ ତଦନ୍ତ ଚାଲିଛି। ସମ୍ପୃକ୍ତ ସମସ୍ତ ଅଭିଯୁକ୍ତଙ୍କୁ ଗିରଫ କରାଯିବ ବୋଲି ଇଓଡବ୍ଲ୍ୟୁ ସୂଚନା ଦେଇଛି।

ସୂଚନା ଅନୁଯାୟୀ, ବେଙ୍ଗାଲୁରୁରେ ଥିବା ଭରୁଷାପ୍ରିୟ ଏଗ୍ରୋଟେକ୍ ପ୍ରାଇଭେଟ ଲିମିଟେଡ୍ ନାମକ କମ୍ପାନୀର ବ୍ରାଞ୍ଚ୍ ଅଫିସ ଭୁବନେଶ୍ୱର ବରମୁଣ୍ଡାରେ ରହିଛି। ଉକ୍ତ କମ୍ପାନୀରେ ମୁଖ୍ୟ ଅଭିଯୁକ୍ତ ଶ୍ରୀନାଥ ରିଜିଓନାଲ ମ୍ୟାନେଜର ଭାବେ ୨୦୧୮ରୁ ୨୦୨୦ ମଧ୍ୟରେ କାର୍ଯ୍ୟ କରୁଥିଲେ। ତେବେ ଏହି କମ୍ପାନୀ ଓଡ଼ିଶା ସରକାରଙ୍କ ସହ ଅନୁବନ୍ଧିତ ହୋଇ ଚାଷୀମାନଙ୍କୁ ଧାନରୁଆ ଯନ୍ତ୍ର ଯୋଗାଇଥାଏ। ପ୍ରତି ଧାନରୁଆ ଯନ୍ତ୍ରର ଦାମ ୨ ଲକ୍ଷ ୩୩ ହଜାରରୁ ୩ ଲକ୍ଷ ମଧ୍ୟରେ ରହିଥିଲାବେଳେ ସରକାର ଚାଷୀଙ୍କୁ ୯୩ ହଜାରରୁ ଆରମ୍ଭ କରି ଦେଢ ଲକ୍ଷ ପର୍ଯ୍ୟନ୍ତ ସବ୍‌ସିଡି ଦେଇଥାନ୍ତି। ତେବେ ଶ୍ରୀନାଥ ଚାକିରି ସମୟରେ ୫୦୦ରୁ ଊର୍ଦ୍ଧ୍ୱ ଧାନରୁଆ ଯନ୍ତ୍ରକୁ ମିଛ କାଗଜପତ୍ର କରି ଓଡିଶାର ୧୮ଟି ଜିଲାର ଚାଷୀଙ୍କୁ ବିକ୍ରି କରିଛନ୍ତି ବୋଲି ଦର୍ଶାଇଥିଲେ। ଏଥିରେ ସମ୍ବଲପୁରର ଏମ୍‌ଏସ୍ ଖୁସି ଏଗ୍ରୋଟେକ୍‌ର ମାଲିକ ଲେଲିନ ଚୌଧୁରୀ ସହଯୋଗ କରିଥିଲେ। ଏମାନେ ଚାଷୀଙ୍କଠାରୁ କାଗଜପତ୍ର ହାତେଇ ସେମାନଙ୍କୁ ୫ ହଜାରରୁ ୪୦ ହଜାର ଟଙ୍କା ସବ୍‌ସିଡି ଦେଇ ବଳକା ଅର୍ଥ ହଡପ କରିଥିଲେ। କିନ୍ତୁ ବାସ୍ତବରେ କୌଣସି ଧାନରୁଆ ଯନ୍ତ୍ର ବିକ୍ରି ହୋଇ ନ ଥିବା ଜାଣିପାରି କମ୍ପାନୀର ନିର୍ଦ୍ଦେଶକ କେ.ଜି. ଶ୍ରୀ ଚରଣ ଗତ ଜାନୁୟାରୀ ୨୦ରେ ଭୁବନେଶ୍ୱର ଭରତପୁର ଥାନାରେ ଅଭିଯୋଗ କରିବା ପରେ ପୋଲିସ ଏକ ମାମଲା (ନଂ.୨୪/୨୧) ରୁଜୁ କରିଥିଲା। ପରେ ଏହି ମାମଲାର ତଦନ୍ତ ଭାର ଇଓଡବ୍ଲ୍ୟୁ ନେବା ପରେ ମାମଲା (ନଂ.୧୧/୨୧) ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା।

ରାସ୍ତାରେ ଖେଳିଲେ ଅହିରାଜ

ରାସ୍ତାରେ ଖେଳୁଥିବା ଅହିରାଜ ସାପ।

ପାରଳାଖେମୁଣ୍ଡି,୧୭।୯(ଡି.ଏନ୍.ଏ.)

ଗଜପତି ଜିଲା ଗଣ୍ଡାହାତୀ ଜଳପ୍ରପାତ ନିକଟରେ ଗୁରୁବାର ସନ୍ଧ୍ୟାରେ ଏକ ମନୋରମ ଦୃଶ୍ୟ ଦେଖିବାକୁ ମିଳିଥିଲା । ଜଳପ୍ରପାତ ନିକଟ ରାସ୍ତାରେ ୨ଟି ଅହିରାଜଙ୍କ ଖେଳ ଦେଖି ପର୍ଯ୍ୟଟକମାନେ ବିମୋହିତ ହୋଇଥିଲେ। ଗଜପତିର ପ୍ରସିଦ୍ଧ ପର୍ଯ୍ୟଟନସ୍ଥଳୀ ଗଣ୍ଡାହାତୀ ପ୍ରାକୃତିକ ସୌନ୍ଦର୍ଯ୍ୟରେ ଭରପୂର। ଏଠାକୁ ପ୍ରତିଦିନ ବହୁ ପର୍ଯ୍ୟଟକ ଆସିଥା'ନ୍ତି। ଗୁରୁବାର ପର୍ଯ୍ୟଟକମାନେ ଗଣ୍ଡାହାତୀ ପ୍ରାକୃତିକ ସୌନ୍ଦର୍ଯ୍ୟ ଉପଭୋଗ କରୁଥିବା ବେଳେ ହଠାତ୍ ୨ଟି ଅହିରାଜ ଖେଳି ଖେଳି ରାସ୍ତା ଉପରକୁ ଆସିଯାଇଥିଲେ। ସାପ ଦେଖି ଲୋକେ ଭୟଭୀତ ହୋଇ ଯାଇଥିଲେ ମଧ୍ୟ ଦୂରରେ ଥାଇ ଏହାକୁ ଉପଭୋଗ କରିଥିଲେ। ପ୍ରାୟ ୧୫ ମିନିଟ୍ ସାପ ଦୁଇଟି ଖେଳିବା ପରେ ପୁଣି ଜଙ୍ଗଲକୁ ଚାଲିଯାଇଥିଲେ। ଏ ସମ୍ପର୍କରେ ଏସିଏଫ୍ ଗୌରୀ ରଥ କହିଛନ୍ତି, କେବଳ ଗଣ୍ଡାହାତୀ ନୁହେଁ, ମହେନ୍ଦ୍ରଗିରି ଏବଂ ଲଖାରି ଜଙ୍ଗଲରେ ମଧ୍ୟ ବହୁ ସଂଖ୍ୟକ ଏହି ପ୍ରଜାତିର ସାପ ରହିଛନ୍ତି। ଅଧିକାଂଶ ସନ୍ତସନ୍ତିଆ ଅଞ୍ଚଳରେ ଏମାନେ ବସବାସ କରନ୍ତି। ବର୍ତ୍ତମାନ ମିଳନ ଋତୁ ଚାଲିଥିବାରୁ ସାପ ବାହାରକୁ ଆସିଥା'ନ୍ତି ବୋଲି ରଥ ସୂଚନା ଦେଇଛନ୍ତି।

'ଆଗାମୀ ୨୫ ବର୍ଷରେ ଯୁବଗୋଷ୍ଠୀ ହେବେ ଆତ୍ମନିର୍ଭର'

ଭୁବନେଶ୍ୱର,୧୭।୯(ବ୍ୟୁରୋ): ଆଗାମୀ ଦିନରେ ଦେଶରେ ଉତ୍ପାଦନ ଏବଂ ଅର୍ଥନୀତିକୁ ବଢ଼ାଇବା ପାଇଁ ଦେଶର ଯୁବତୀଯୁବକଙ୍କୁ ସ୍କିଲ୍ ମାଧ୍ୟମରେ ସ୍ୱାବଲମ୍ବୀ କରାଯିବ। ଏହି ପୃଷ୍ଠଭୂମିରେ ସେମାନଙ୍କୁ ଆତ୍ମନିର୍ଭର କରିବା ଅମୃତ ମହୋତ୍ସବର ଅମୃତବିନ୍ଦୁ। ସ୍ୱାଧୀନତାର ୧୦୦ ବର୍ଷ ପୂରଣ କରିବା ତଥା ଆଗାମୀ ୨୫ ବର୍ଷ ପର୍ଯ୍ୟନ୍ତ ଏହାକୁ ସଂକଳ୍ପରେ ପରିଣତକରି ଯୁବଗୋଷ୍ଠୀଙ୍କୁ ସଶକ୍ତ ଲାଗି ଏହି ସୁଯୋଗକୁ ଉପଯୋଗ ପାଇଁ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆହ୍ୱାନ ଦେଇଛନ୍ତି। ଶୁକ୍ରବାର ବିଶ୍ୱକର୍ମା ପୂଜା ଅବସରରେ ଭାରତବର୍ଷର ବିଭିନ୍ନ ରାଜ୍ୟରୁ ଦକ୍ଷ ପ୍ରଶିକ୍ଷକଙ୍କୁ ଭର୍ଚୁଆଲ ପ୍ଲାଟ୍‌ଫର୍ମରେ ଉଦ୍ୟମିତା ପ୍ରଶିକ୍ଷକ ସମେତ ବିଭିନ୍ନ ବିଭାଗରେ ୩୬ ଜଣ ପ୍ରଶିକ୍ଷକଙ୍କୁ କୌଶଳାଚାର୍ଯ୍ୟ ପୁରସ୍କାର-

ଧର୍ମେନ୍ଦ୍ର ପ୍ରଧାନ।

୨୦୨୧ରେ ସମ୍ମାନିତ କରିଛନ୍ତି। ଓଡ଼ିଶାରୁ ଜନଶିକ୍ଷଣ ସଂସ୍ଥାନର ହସ୍ତକଳା ପ୍ରଶିକ୍ଷକ ଚନ୍ଦ୍ରାବଳୀ ଖଟୁଆ, ଜନ ଶିକ୍ଷଣ ସଂସ୍ଥାର ବୈଷୟିକ ପ୍ରଶିକ୍ଷକ ଅଜୟ କୁମାର ସ୍ୱାଇଁ, ଆଇଟିଆଇରେ ମାଷ୍ଟର ଟ୍ରେନର ବିପିନ ବିହାରୀ ଗୌଡ଼ ଏବଂ ଆଇଟିଆଇରେ ଡିଜିଟି ମାଷ୍ଟର ଟ୍ରେନର ନିବେଦିତା ମୋହନ ପାତ୍ରଙ୍କୁ କୌଶଳାଚାର୍ଯ୍ୟ ପୁରସ୍କାର ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଧର୍ମେନ୍ଦ୍ର କହିଛନ୍ତି, ସ୍ୱାଧୀନତାର ୭୫ ବର୍ଷ ପାଳନ କରୁଥିବା ବେଳେ ମୋଦି ସରକାର ସବ୍‌କା ସାଥ୍, ସବ୍‌କା ବିକାଶ, ସବ୍‌କା ବିଶ୍ୱାସ ଏବଂ ସବ୍‌କା ପ୍ରୟାସ ଉପରେ ଗୁରୁତ୍ୱ ଦେଇଛନ୍ତି। ନୂତନ ବ୍ୟବସାୟ ଏବଂ ସ୍କିଲିଂ ମଡେଲଗୁଡିକ ବିକଶିତ ହେଉଛି, ଯାହା ମହାମାରୀ ପରବର୍ତ୍ତୀ ଦୁନିଆରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଦେଶର ଆବଶ୍ୟକତା ବଢୁଥିବା ବେଳେ ଦକ୍ଷତା ଏବଂ ଉଦ୍ୟମିତା କ୍ଷେତ୍ରରେ କାର୍ଯ୍ୟ କରୁଥିବା ଯୁବତୀ ଯୁବକଙ୍କୁ ରି-ସ୍କିଲିଂ ଏବଂ ଅପ୍ ସ୍କିଲିଂ କରିବାର ଆବଶ୍ୟକତା ରହିଛି ବୋଲି ଧର୍ମେନ୍ଦ୍ର କହିଛନ୍ତି।

'ବିପଜ୍ଜନକ ବର୍ଜ୍ୟ ସଂଗ୍ରହରେ ସହଯୋଗ କର'

ଭୁବନେଶ୍ୱର, ୧୭।୯(ବ୍ୟୁରୋ): ରାଜ୍ୟର ୧୧୪ ସହରାଞ୍ଚଳରେ ବିପଜ୍ଜନକ ବର୍ଜ୍ୟ ସଂଗ୍ରହ ବ୍ୟବସ୍ଥାକୁ ବ୍ୟବସ୍ଥିତ କରାଯାଇଛି। ପ୍ରତି ସପ୍ତାହର ଶନିବାର ବୈଦ୍ୟୁତିକ ବର୍ଜ୍ୟ ଏବଂ ବାସଗୃହରୁ ବାହାରୁଥିବା ହାନିକାରକ ଆବର୍ଜନା ସଂଗ୍ରହ କରାଯାଉଛି। ଏହି ବ୍ୟବସ୍ଥାର ସଦୁପଯୋଗ କରି ଆଖପାଖ ପରିବେଶକୁ ବିଷାକ୍ତ ପ୍ରଦୂଷଣ ବଳୟରୁ ରକ୍ଷା କରିବା ପାଇଁ ମୁଖ୍ୟ ଶାସନ ସଚିବ ସୁରେଶ ଚନ୍ଦ୍ର ମହାପାତ୍ର ନିବେଦନ କରିଛନ୍ତି। ଇ-ବର୍ଜ୍ୟ ଏବଂ ଅନ୍ୟାନ୍ୟ ବିପଦପୂର୍ଣ୍ଣ ବର୍ଜ୍ୟ ଏଣେତେଣେ ପକାଇଲେ ମାଟି, ପାଣି, ପବନ ବିଷାକ୍ତ ହୁଏ। ଏଭଳି ବିପଜ୍ଜନକ ଆବର୍ଜନା ପୃଥକ୍ ରଖି ପ୍ରତି ଶନିବାର ବର୍ଜ୍ୟ ସଂଗ୍ରହ ଗାଡ଼ିରେ ଦେବା ପାଇଁ ମୁଖ୍ୟ ଶାସନ ସଚିବ ଅନୁରୋଧ କରିଛନ୍ତି।

ସୂଚନାଯୋଗ୍ୟ, ପ୍ରାୟ ୫ ସପ୍ତାହ ତଳେ ଆରମ୍ଭ କରାଯାଇଥିବା ଏହି କାର୍ଯ୍ୟକୁ ଇତିମଧ୍ୟରେ ସବୁ ସହରାଞ୍ଚଳରେ ଲାଗୁ କରାଯାଇଛି। ଅନ୍ୟ ଅଳିଆ ପରି ଘରକୁ ଘର ବୁଲି ଏହାକୁ ସଂଗ୍ରହ କରାଯାଉଛି। ସହରାଞ୍ଚଳରେ କରାଯାଇଥିବା ବର୍ଜ୍ୟ ସଂଗ୍ରହ କେନ୍ଦ୍ରରେ ଇ-ବର୍ଜ୍ୟ ଏବଂ ଘରୋଇ ବର୍ଜ୍ୟକୁ ଅଲଗା କରାଯାଉଛି। ବର୍ଜ୍ୟ ପୃଥକୀକରଣ ପ୍ରକ୍ରିୟାରେ ନିୟୋଜିତ ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟ ଏ ସମ୍ପର୍କିତ ତଥ୍ୟ 'ଆମ ସହର' ମୋବାଇଲ ଆପ୍‌ରେ ଅପ୍‌ଲୋଡ୍ କରୁଛନ୍ତି। ଓଡ଼ିଶା ପ୍ରଦୂଷଣ ବୋର୍ଡ ଦ୍ୱାରା ସ୍ୱୀକୃତ ଓ ଲାଇସେନ୍ସପ୍ରାପ୍ତ ଇ-ବର୍ଜ୍ୟ ପ୍ରକ୍ରିୟାକରଣ ସଂସ୍ଥାଗୁଡିକ ସହରାଞ୍ଚଳରୁ ଏହି ବର୍ଜ୍ୟ ସଂଗ୍ରହକରି ନିର୍ଦ୍ଧାରିତ ନିୟମ ଅନୁସାରେ ପ୍ରକ୍ରିୟାକରଣ କରୁଛନ୍ତି। କମ୍ପ୍ୟୁଟର ମନିଟର, କିବୋର୍ଡ, ମାଉସ୍, ମୋବାଇଲ ଫୋନ୍, ବୈଦ୍ୟୁତିକ ଖେଳନା, ବୈଦ୍ୟୁତିକ ଯନ୍ତ୍ରପାତି, ଷ୍ଟାବିଲାଇଜର, ଟିଭି, ଡିଜିଟାଲ ସେଟ୍‌ଅପ୍ ବକ୍ସ, ରେଫ୍ରିଜରେଟର, ବିଷାକ୍ତ ବସ୍ତୁ ଥିବା ବିଭିନ୍ନ ଉପକରଣ, ଟ୍ୟୁବ୍ ଲାଇଟ୍, ଇଲେକ୍ଟ୍ରିକ୍ ବଲ୍, ରଙ୍ଗ ଡବା, ଅବଧିକାଳ ସରିଥିବା ଔଷଧ, ଥର୍ମୋମିଟର, ବ୍ୟାଟେରି, ବ୍ୟବହୃତ ସିରିଞ୍ଜ, ପ୍ରଦୂଷିତ ଗଜ୍‌କନା ଆଦିକୁ ବିପଦପୂର୍ଣ୍ଣ ବର୍ଜ୍ୟ ତାଲିକାରେ ସାମିଲ କରାଯାଇଛି। ବିପଜ୍ଜନକ ଓ ପରିବେଶକୁ କ୍ଷତି ପହଞ୍ଚାଉଥିବା ବର୍ଜ୍ୟବସ୍ତୁ ପରିଚାଳନାରେ ସହରାଞ୍ଚଳବାସୀ ସହଯୋଗର ହାତ ବଢ଼ାଇବାକୁ ମୁଖ୍ୟ ଶାସନସଚିବ ନିବେଦନ କରିଛନ୍ତି।

ବାଇକ୍‌କୁ ଧକ୍କାଦେଇ ଜଳିଗଲା ଗ୍ୟାସ୍ ଟ୍ୟାଙ୍କର

ଦୁଇ ଗୁରୁତର, ତିନିଘଣ୍ଟା ଜାତୀୟ ରାଜପଥ ଅଚଳ

ଚଣ୍ଡିଖୋଲ,୧୭।୯(ଡି.ଏନ.ଏ.)

ଯାଜପୁର ଜିଲା ବଡ଼ଚଣା ଥାନା ଅଧୀନ ୧୬ ନମ୍ବର ଜାତୀୟ ରାଜପଥର କଡ଼ାଇଛକ ନିକଟରେ ଶୁକ୍ରବାର ସକାଳେ ଏକ ଗ୍ୟାସ୍ ଟ୍ୟାଙ୍କର ନଂ.(ଏନ୍‌ଏଲ୍-୦୧-ଏଲ୍-୧୯୨୫)ଏକ ବାଇକ୍‌କୁ ଧକ୍କା ଦେଇ ଜଳିଯାଇଛି। ଚଣ୍ଡିଖୋଲ ଅଗ୍ନିଶମ ବାହିନୀ କର୍ମଚାରୀ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲେ। ଏହି ଦୁର୍ଘଟଣାରେ ଦୁଇ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ସେମାନଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଟ୍ୟାଙ୍କର ଜଳିବା ପରେ ତିନିଘଣ୍ଟା ଧରି ଜାତୀୟ ରାଜପଥରେ ଗାଡ଼ି ଚଳାଚଳ ବନ୍ଦ ରହିଥିଲା।

କଟକ ପଟୁ ଆସୁଥିବା ଭାରତ ପେଟ୍ରୋଲିୟମର ଗ୍ୟାସ୍ ଟ୍ୟାଙ୍କରଟି ଏକ ବାଇକ୍‌କୁ ଧକ୍କା ଦେଇଥିଲା। ଫଳରେ ବାଇକ୍‌ରେ ଯାଉଥିବା ଦୁଇ ଆରୋହୀ ଭୁବନେଶ୍ୱରର ଦେବାଶିଷ ଦାସ(୫୪) ଓ ଭଦ୍ରକର ନବକିଶୋର ଦାସ(୭୪) ରାସ୍ତା କଡ଼କୁ ଛିଟିକି ପଡ଼ି ଗୁରୁତର ହୋଇଥିଲେ। ବାଇକ୍‌ଟି ଟ୍ୟାଙ୍କରଦ୍ୱାରା ଘୋଷାରି ହୋଇଯିବାରୁ ଟ୍ୟାଙ୍କରଟି ଜଳିବାକୁ ଲାଗିଥିଲା। ଟ୍ୟାଙ୍କର ଜଳିବା ସମୟରେ ସ୍ଥାନୀୟ ଅଞ୍ଚଳରେ ଆତଙ୍କ ଖେଳିଯାଇଥିଲା। ଯେହେତୁ ଗ୍ୟାସ ବୋଝେଇ ଟ୍ୟାଙ୍କର ଥିଲା ବଡ଼ଧରଣର ବିପଦ ଆଶଙ୍କାରେ ଜାତୀୟ ରାଜପଥ ଗାଡ଼ି ଚଳାଚଳ ବନ୍ଦ ହୋଇଯାଇଥିଲା। ଖବରପାଇ ବଡ଼ଚଣା ପୋଲିସ ଓ ଚଣ୍ଡିଖୋଲ ଦମକଳବାହିନୀ ପହଞ୍ଚିଥିଲେ। ଦୁର୍ଘଟଣାରେ ଗୁରୁତର ଦ୍ୱୟଙ୍କୁ ପୋଲିସ ଉଦ୍ଧାର କରି ବଡ଼ଚଣା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ପଠାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ସେମାନଙ୍କୁ କଟକ ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୋଲିସ ଉଭୟ ଟ୍ୟାଙ୍କର ଓ ବାଇକ୍‌କୁ ଜବତ କରି ତଦନ୍ତ ଜାରି ରଖିଛି। ଏହି ଦୁର୍ଘଟଣା ସମୟରେ ଭୟରେ ହଜାର ହଜାର ଗାଡ଼ି ୧୬ ନଂ. ଜାତୀୟ ରାଜପଥର ଉଭୟ ପାର୍ଶ୍ୱରେ ଅଟକି ରହିଥିଲା। ଦମକଳବାହିନୀ ନିଆଁକୁ ଆୟତ୍ତ କରିବା ପରେ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା।

ଜଳି ଯାଇଥିବା ଟ୍ୟାଙ୍କର।

ଟ୍ରଲିରେ ବୁହାହେଲା ଯୁବକଙ୍କ ମୃତଦେହ

ବନ୍ୟାରେ ଭାସି ପ୍ରାଣ ହରାଇଥିଲେ

ବରୀ,୧୭।୯(ଡି.ଏନ.ଏ.)

ରାଜ୍ୟ ସରକାର ଲୋକଙ୍କ ପାଇଁ ଜନ୍ମଠାରୁ ମୃତ୍ୟୁ ପର୍ଯ୍ୟନ୍ତ ଯୋଜନା କରିଛନ୍ତି। କିନ୍ତୁ ଏହା ସତ୍ତ୍ୱେ ଏହି ଯୋଜନା ଅନେକ ସ୍ଥାନରେ ପହଞ୍ଚି ପାରୁନାହିଁ। ଯାହାର ଏକ ଉଦାହରଣ ଶୁକ୍ରବାର ଦେଖିବାକୁ ମିଳିଛି ଯାଜପୁର ଜିଲାର ବରୀ ବ୍ଲକ ଅଞ୍ଚଳରେ। ବନ୍ୟା ସ୍ରୋତରେ ଭାସିଯାଇ ମୃତ୍ୟୁବରଣ କରିଥିବା ବ୍ଲକ ଅଧୀନ ଇଶାଣପୁର ପଞ୍ଚାୟତ ଶଙ୍କରାକୁଳ ଗ୍ରାମର ରଞ୍ଜନ କୁମାର କର(୩୯)ଙ୍କ ମୃତଦେହକୁ ପୋଲିସ ଟ୍ରଲିରେ ବୋହି ନେଉଥିବା ଦେଖିବାକୁ ମିଳିଛି। ଏହି ଘଟଣା ଅଞ୍ଚଳରେ ଆଲୋଚନାର ବିଷୟ ହୋଇଛି। ଅନେକ ବୁଦ୍ଧିଜୀବୀ ଏହାକୁ ନିନ୍ଦା କରିବା ସହ ଏଥିପାଇଁ ସ୍ଥାନୀୟ ପ୍ରଶାସନକୁ ଦାୟୀ କରିଛନ୍ତି।

ସୂଚନା ଅନୁସାରେ, ୩ ଦିନ ତଳେ ରଞ୍ଜନ ସ୍ଥାନୀୟ ବଜାରକୁ ଆସିଥିଲେ ମଧ୍ୟ ଘରକୁ ଫେରି ନ ଥିଲେ। ଶୁକ୍ରବାର ସକାଳେ ତାଙ୍କ ମୃତଦେହ ସ୍ଥାନୀୟ ଇଶାଣପୁର ପାଟରେ ଭାସୁଥିବା ସ୍ଥାନୀୟ ଲୋକେ ଦେଖି ବରୀ ରାମଚନ୍ଦ୍ରପୁର ପୋଲିସକୁ ଖବର ଦେଇଥିଲେ। ପୋଲିସ ପହଞ୍ଚି ସ୍

ଯେତେବେଳେ ଦେଖାଯାଏ ଯେ, ଆଉ କିଛି କରିବାର ନାହିଁ– ଅଛି କେବଳ ଧ୍ୱଂସ ଆଉ ବିନଷ୍ଟି– ସେତେବେଳେ ବି ଜଣେ ପରମ ଦିଶାରୀ ଅକସ୍ମାତ୍ ଆମ ସମ୍ମୁଖରେ ଉଭା ହୋଇଯାନ୍ତି ଓ ଆମ ହାତଧରି ତାଙ୍କ ସହିତ ନେଇଚାଲନ୍ତି। –ଶ୍ରୀଅରବିନ୍ଦ

ଦୁର୍ବଳ ପ୍ରଦର୍ଶନ

ଦିଲ୍ଲୀକା ବାବୁ

ଦିଲୀପ ଚେରିଏନ୍

ହାଉସିଂ ଆଣ୍ଡ୍ ଅର୍ବାନ୍ ଡେଭଲପ୍‌ମେଣ୍ଟ କର୍ପୋରେଶନ ଲିମିଟେଡ୍ (ହୁଡ୍‌କୋ) ଭାରତ ସରକାରଙ୍କର ଏକ ପ୍ରମୁଖ ହାଉସିଂ ଫାଇନାନ୍ସ କର୍ପୋରେଶନ। ସେପ୍ଟେମ୍ବର ୨୦୧୯ରେ ଡ. ଏମ୍. ରବି କାନ୍ତଙ୍କ ସମ୍ପ୍ରସାରିତ କାର୍ଯ୍ୟକାଳ ଶେଷ ହେବା ପରେ ଆଇଏଏସ୍‌ରୁ ଇସ୍ତଫା ଦେଇଥିଲେ ଓ ସେବେଠାରୁ କର୍ପୋରେଶନ ବିନା ନିୟମିତ ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ(ସିଏମ୍‌ଡି)ରେ ଚାଲିଛି । ଆଶ୍ଚର୍ଯ୍ୟର କଥା, ସରକାର ଅସ୍ଥାୟୀ ସିଏମ୍‌ଡିମାନଙ୍କୁ ନିଯୁକ୍ତି ଦେଇ କାର୍ଯ୍ୟ କରିବାରେ ବେଶ୍ ସନ୍ତୁଷ୍ଟ ଅଛନ୍ତି। ଏହି ପଦବୀରେ ସରକାର ଗୃହନିର୍ମାଣ ଏବଂ ସହରାଞ୍ଚଳ ବ୍ୟାପାର ମନ୍ତ୍ରଣାଳୟରୁ ବିଭିନ୍ନ କ୍ୟାଡର୍‌ର ଆଇଏଏସ୍ ଅଧିକାରୀମାନଙ୍କୁ ଆଣି ନିଯୁକ୍ତି ଦେଇ ହୁଡ୍‌କୋକୁ ସଞ୍ଚାଳନ କରି ଆସିଛନ୍ତି। ପୂର୍ବରୁ ମଧ୍ୟ କର୍ପୋରେଶନକୁ ସୁରୁଖୁରୁରେ ଚଳାଇବାକୁ ତିନି ଆଡ୍‌ହକ୍ ସିଏମ୍‌ଡିଙ୍କୁ ନିଯୁକ୍ତି ଦିଆଯାଇଥିଲା। କର୍ପୋରେଶନର ସିଏମ୍‌ଡିମାନଙ୍କ ମଧ୍ୟରେ ରହିଛନ୍ତି କର୍ପୋରେଟ ପ୍ଲାନିଂର ନିର୍ଦ୍ଦେଶକ ଏମ୍. ନାଗରାଜ ଏବଂ ଶିବ ଦାସ ମେନନ୍ ଓ କାମ୍‌ରନ ରିଜ୍‌ଭି । ଉଭୟେ ମେନନ୍ ଏବଂ ରଜ୍‌ଭି ମନ୍ତ୍ରଣାଳୟର ଯୁଗ୍ମ ସଚିବ ଥିଲେ। ହୁଡ୍‌କୋର ପଦବୀ ପୂରଣ କରିବାରେ ସରକାରଙ୍କ ଅକ୍ଷମତାରେ ଆଶ୍ଚର୍ଯ୍ୟ ହେବାର କୌଣସି କାରଣ ନାହିଁ। କିନ୍ତୁ ଏହାକୁ ନେଇ କେତେଜଣ ବାବୁଙ୍କ ହୃଦ୍‌ବୋଧ ହେଉଛି ଯେ, ମନ୍ତ୍ରଣାଳୟରେ ବାବୁମାନେ ଜାଣିଶୁଣି ନିଯୁକ୍ତିରେ ବିଳମ୍ବ କରୁଛନ୍ତି; ଯଦିଓ କେହି ଚିହ୍ନା ପଡ଼ି ସ୍ପଷ୍ଟ ଭାବେ କିଛି କହିବାକୁ ଚାହୁଁନାହାନ୍ତି। ସୂତ୍ରରୁ ଜଣାପଡ଼ିଛି , ଅତୀତରେ କର୍ପୋରେସନର ଇନିସିଆଲ୍ ପବ୍ଲିକ ଅଫରିଂ(ଆଇପିଓ)କୁ ନିବେଶକମାନେ ୮୦ଗୁଣ ସବ୍‌ସ୍କ୍ରାଇବ କରିଥିଲେ। ଏହା ସତ୍ତ୍ୱେ ମଧ୍ୟ ଏହି ନେତୃତ୍ୱହୀନ କର୍ପୋରେଶନର ପ୍ରଦର୍ଶନ ଅତ୍ୟନ୍ତ ଦୁର୍ବଳ ରହିଆସିଛି। ଏହା ନିବେଶଙ୍କ ଦ୍ୱାରା ଭଲ ଭାବେ ଗଢ଼ାଯାଇପାରିଥାଆନ୍ତା। କିନ୍ତୁ ଲାଭକୁ ହାତଛଡ଼ା କରାଯାଇଛି। ଏହାର କାରଣ ବି କାହାକୁ ଜଣାନାହିଁ।

ବିରାଟ ବିଜୟ

ଡ.ପରାଶରମ୍ ପି.କେ. ରାମାଚାର୍ଯ୍ୟଙ୍କୁ ରାଜ୍ୟସଭାର ସେକ୍ରେଟାରୀ ଜେନେରାଲ ଭାବେ ନିଯୁକ୍ତି ପାଇଛନ୍ତି। ଏହା ପାଇବାରେ ସେ ହେଉଛନ୍ତି ରାଜ୍ୟସଭା କ୍ୟାଡର୍ (ଆର୍‌ଏସ୍ କ୍ୟାଡର)ର ପ୍ରଥମ ଅଧିକାରୀ। ଆଇଏଏସ୍ ଅଧିକାରୀ ଦେଶ୍ ଦୀପକ ବର୍ମାଙ୍କ ପରେ ତାଙ୍କୁ ଏହି ପଦବୀ ମିଳିଛି। ବର୍ମାଙ୍କ ପୂର୍ବରୁ ଏହି ପଦବୀରେ କେବଳ ଶକ୍ତିଶାଳୀ ଆଇଏଏସ୍‌ମାନେ ରହୁଥିଲେ ଓ ଏହାଯୋଗୁ ଆର୍‌ଏସ୍ କ୍ୟାଡର ଅଧିକାରୀମାନେ ସୁଯୋଗରୁ ବଞ୍ଚିତ ହେଉଥିଲେ । ତେବେ ରାମାଚାର୍ଯ୍ୟଙ୍କୁ ନିଯୁକ୍ତି ନିଶ୍ଚିତ ଭାବେ ଆର୍‌ଏସ୍ କ୍ୟାଡର ଅଧିକାରୀଙ୍କ ପାଇଁ ଏକ ଖୁସି ଖବର , ବିରାଟ ବିଜୟ। ଆଶ୍ଚର୍ଯ୍ୟର କଥା, ରାମାଚାର୍ଯ୍ୟଙ୍କୁ ନିଯୁକ୍ତି ପତ୍ରରେ ତାଙ୍କ କାର୍ଯ୍ୟକାଳ ସମ୍ପର୍କରେ କିଛି ଉଲ୍ଲେଖ ନାହିଁ। ନିଯୁକ୍ତି ଚୁକ୍ତିଭିତ୍ତିରେ କରାଯାଇଛି ବୋଲି ରାଜ୍ୟସଭା ଅଧ୍ୟକ୍ଷଙ୍କ ଦପ୍ତର ଦ୍ୱାରା ଜାରି ନିଯୁକ୍ତି ବିଜ୍ଞପ୍ତିରେ କୁହାଯାଇଛି ଓ ପରବର୍ତ୍ତୀ ଅର୍ଡର ନ ପାଇବା ଯାଏ କାର୍ଯ୍ୟ କରିବା ଲାଗି ଦର୍ଶାଯାଇଛି। କେନ୍ଦ୍ରର ଏଭଳି ପଦକ୍ଷେପରେ ବାବୁମାନେ ଆଶ୍ଚର୍ଯ୍ୟ ହେବା ସ୍ୱାଭାବିକ। ଉପରାଷ୍ଟ୍ରପତି ଭେଙ୍କିୟା ନାଇଡୁ ରାଜ୍ୟସଭା ଅଧ୍ୟକ୍ଷ ଥିବା ଯାଏ ରାମାଚାର୍ଯ୍ୟଙ୍କୁ ତାଙ୍କ ପଦବୀରେ ରହିବେ କି ? ମୋଦି ସରକାର ଆଇଏଏସ୍ ଅଧିକାରୀମାନଙ୍କ ପଞ୍ଜାରୁ ଆଉ ଏକ ପଦବୀକୁ ଛଡ଼ାଇନେବାକୁ ଚେଷ୍ଟା କରୁଛନ୍ତି କି? ଏଭଳି ପ୍ରଶ୍ନ ବାବୁମାନଙ୍କ ମନରେ ମଧ୍ୟ ଉଙ୍କି ମାରୁଛି। ଜାଣିବାକୁ ମିଳିଛି, ଏହି ପଦବୀ ଲାଗି ରାମାଚାର୍ଯ୍ୟଙ୍କୁ ଉପରାଷ୍ଟ୍ରପତିଙ୍କ ସମର୍ଥନ ମିଳିଥିଲା ଓ ତାଙ୍କ ବ୍ୟତୀତ ଆଉ କାହା ନାମ ବିଚାରକୁ ନିଆଯାଇପାରିବ ନାହିଁ ବୋଲି ସେ କହିଥିଲେ। କିନ୍ତୁ ସରକାରରେ ଅନେକ ଦେଶ ଦୀପକ ଆଉ ଏକ ଚର୍ମ ରହିବା ଲାଗି ଚାହୁଁଥିଲେ ବି ନାଇଡୁଙ୍କ କଥା ରହିଥିଲା। ରାଜ୍ୟସଭା କ୍ୟାଡର୍ ଅଧିକାରୀଙ୍କର ଶୀର୍ଷ ପଦକୁ ପଦୋନ୍ନତି ହେବା ଏକ ଐତିହାସିକ ଘଟଣା। ସରକାର ତାଙ୍କ କାର୍ଯ୍ୟକାଳ ଉପରେ ରହିଥିବା ସନ୍ଦେହ ସ୍ପଷ୍ଟ କଲେ ଆହୁରି ଭଲ ହୁଅନ୍ତା।

ମୁଖିଆ ଖୋଜା ଚାଲିଛି

ପ୍ରବର୍ତ୍ତନ ନିର୍ଦ୍ଦେଶାଳୟ (ଇଡି)ର ମୁଖ୍ୟ ଏସ୍.କେ.ମିଶ୍ରଙ୍କ ପରେ ସେହି ପଦବୀରେ ଆଉ ଆଇଏଏସ୍ ଅଧିକାରୀ ନ ରହି ଆଇଆର୍‌ଏସ୍ କିମ୍ବା ଆଇପିଏସ୍ ଅଧିକାରୀ ରହିବେ ବୋଲି ବାବୁମାନଙ୍କର ବିଶ୍ୱାସ ଜନ୍ମିଛି। କିନ୍ତୁ ଜାଣିବାକୁ ପାଉଛୁ ଯେ ଏଭଳି ପ୍ରମୁଖ ପଦବୀର ନିଯୁକ୍ତି ଉପରେ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ (ପିଏମ୍‌ଓ)ରେ ନିଷ୍ପତ୍ତି ନିଆଯାଏ ଏବଂ ଏହା ଏବେ ଏକ ଆଶ୍ଚର୍ଯ୍ୟଜନକ କାର୍ଯ୍ୟ କରିବ ବୋଲି ମନେହେଉଛି। ଏସ୍.କେ. ମିଶ୍ର ନଭେମ୍ବର ମଧ୍ୟଭାଗ ସୁଦ୍ଧା ଅବସର ନେବା ସମ୍ଭାବନା ରହିଛି। ସରକାର ତାଙ୍କ ସ୍ଥାନରେ ନିଯୁକ୍ତି ପାଇଁ ଅନ୍ୟ ଅଧିକାରୀମାନଙ୍କୁ ଖୋଜୁଥିବା ସ୍ପଷ୍ଟ ହୋଇଛି। ଏହି କ୍ରମରେ ଇଡିର ମୁଖ୍ୟ ପଦ ଲାଗି ବହୁ ସମ୍ଭାବ୍ୟ ନାଁ ଚର୍ଚ୍ଚାକୁ ଆସୁଛି। ସେମାନଙ୍କ ମଧ୍ୟରେ ରହିଛନ୍ତି, ବରିଷ୍ଠ ଆଇଆର୍‌ଏସ୍ ଅଧିକାରୀ ସୀମାଞ୍ଚଳ ଦାସ। ସୂଚନାଯୋଗ୍ୟ, ଦାସଙ୍କ ପାଇଁ ସେତେବେଳର ଅର୍ଥମନ୍ତ୍ରୀ ଅରୁଣ ଜେଟଲିଙ୍କ କୃପାରୁ ଇଡିରେ ଏକ ପ୍ରିନ୍ସିପାଲ ସ୍ପେଶିଆଲ ଡାଇରେକ୍ଟର ପଦବୀ ସୃଷ୍ଟି କରାଯାଇଥିଲା। ଏହି ଦୌଡରେ ଅନ୍ୟ ଅଧିକାରୀଙ୍କ ମଧ୍ୟରେ ରହିଛନ୍ତି ୧୯୮୮ ବ୍ୟାଚ୍ ଗୁଜରାଟ କ୍ୟାଡର୍ ଆଇପିଏସ୍ ଅଧିକାରୀ ତଥା ଏବକାର ସିବିଆଇ ସ୍ପେଶିଆଲ ଡାଇରେକ୍ଟର ପ୍ରବୀଣ ସିହ୍ନା । ଏହାବାଦ୍ ୟୁନିୟନ୍ ଟେରିଟୋରି କ୍ୟାଡର୍‌ର ଏସ୍.ଏମ୍. ସହାଇ ନିଯୁକ୍ତି ଦୌଡ଼ର ସବୁଠୁ ଆଗରେ ରହିଥିବା କୁହାଯାଉଛି। ଆଇପିଏସ୍ ଅଧିକାର ବଲେଶ କୁମାର କେନ୍ଦ୍ରୀୟ ପରୋକ୍ଷ ଟିକସ ଓ ସୀମାଶୁଳ୍କ ବୋର୍ଡର ସଦସ୍ୟ ଭାବେ ନିଯୁକ୍ତି ପାଇଥିବାରୁ ସେ ଦୌଡରୁ ବାହାରେ ରହିଥିବା ଚର୍ଚ୍ଚାହେଉଛି। କିନ୍ତୁ ପର୍ଯ୍ୟବେକ୍ଷକମାନେ କହୁଛନ୍ତି, ଦୌଡ଼ରେ ସାମିଲ ହେବା ପାଇଁ ତାଙ୍କର ମଧ୍ୟ ଇଚ୍ଛା ରହିଛି ।

Email: dilipcherian@gmail.com

ବୟନ ଶିଳ୍ପ–ଏକ ପୋଷଣୀୟ ସମ୍ଭାବନା

ଇଂ. ଶକ୍ତି ପ୍ରସାଦ ଦାସ

ନିକଟରେ କେନ୍ଦ୍ର କ୍ୟାବିନେଟ୍ ବୟନ ଶିଳ୍ପ କ୍ଷେତ୍ରରେ ଘରୋଇ ଉତ୍ପାଦନ ଓ ରପ୍ତାନି ବୃଦ୍ଧି କରିବା ଲକ୍ଷ୍ୟରେ ୧୦,୬୮୩ କୋଟି ଟଙ୍କା ମୂଲ୍ୟର 'ଉତ୍ପାଦନ ସମ୍ପର୍କିତ ପ୍ରୋତ୍ସାହନ' (ପିଏଲ୍‌ଆଇ) ଯୋଜନାକୁ ଅନୁମୋଦନ କରିଛନ୍ତି। ଦେଶରେ ବୟନଶିଳ୍ପ କ୍ଷେତ୍ରରେ ଉଚ୍ଚ ମୂଲ୍ୟଯୁକ୍ତ ମାନବକୃତ ତନ୍ତୁ (ଏମ୍‌ଏମ୍‌ଏଫ୍)ର କପଡ଼ା, ବସ୍ତ୍ର ଓ ଟେକ୍ନିକାଲ ଟେକ୍ସଟାଇଲ ଉତ୍ପାଦନରେ ନୂଆ ନିବେଶକୁ ଏହା ଉତ୍ସାହିତ କରିବ। ଆକାଂକ୍ଷୀ ଜିଲା ; ତୃତୀୟ ତଥା ଚତୁର୍ଥ ସ୍ତରୀୟ ସହର ଓ ଗ୍ରାମାଞ୍ଚଳରେ ନିବେଶ ପାଇଁ ଏହି ଯୋଜନା ମାଧ୍ୟମରେ ଗୁରୁତ୍ୱ ଦିଆଯିବ ବୋଲି କୁହାଯାଇଛି।

ଏହି ପରିପ୍ରେକ୍ଷୀରେ ଆମ ରାଜ୍ୟ ଓଡ଼ିଶା କଥା ସ୍ୱତଃ ମନକୁ ଆସୁଛି। ଓଡ଼ିଶାର ଅର୍ଥନୀତି ଆଉ କେତେଦିନ ସେହି ଖଣି ଖାଦାନ ଉପରେ ନିର୍ଭର କରି ଚାଲିଥିବ? ଉତ୍ତରାଧିକାର ସୂତ୍ରେ ପାଇଥିବା ସୀମିତ ଖଣିଜ ସମ୍ପଦର ବିକ୍ରିଲବ୍ଧ ଆୟକୁ ରାଜ୍ୟର ରାଜସ୍ୱ ବା ଆୟ ବୋଲି ଭାବିବା ଭୁଲ୍। ରାଜ୍ୟର ଜମି, ଜଳ, ଜଙ୍ଗଲକୁ ଆଧାର କରି ରାଜ୍ୟ ଅର୍ଥନୀତିର ମଙ୍ଗ ବଦଳାଇବାକୁ ହେବ। କାରଣ, ଅଭିବୃଦ୍ଧିକୁ ପୋଷଣୀୟ କଲେ ପରବର୍ତ୍ତୀ ପିଢ଼ି ଏହାକୁ ଉପଭୋଗ କରିପାରିବେ।

ଦକ୍ଷତା ଅଭାବରୁ କୃଷିକ୍ଷେତ୍ର ଲାଭଜନକ ହେଉନ ଥିବାରୁ ବଳକା ଶ୍ରମବଳ ସେବା ଓ ଶିଳ୍ପ କ୍ଷେତ୍ର ଆଡ଼କୁ ମୁହାଁଇଛନ୍ତି। ଶିଳ୍ପକ୍ଷେତ୍ରରେ ଅଭିବୃଦ୍ଧି ଅର୍ଥ ବ୍ୟବସ୍ଥାର ଅନ୍ୟ ସବୁ କ୍ଷେତ୍ରକୁ କାର୍ଯ୍ୟ–ପ୍ରଭାବୀ କରିଥାଏ। ତେଣୁ, ଓଡ଼ିଶା ଭଳି ଏକ କୃଷି ଆଧାରିତ ଜନ–ଜୀବନକୁ ଧୀରେ ଧୀରେ ଶିଳ୍ପାଭିମୁଖୀ କରିବା ପାଇଁ ବୟନ ଶିଳ୍ପକୁ ଅଗ୍ରାଧିକାର ଦିଆଯାଇପାରେ। କାରଣ, ବୟନ ଶିଳ୍ପକୁ ଆମେ ପାରମ୍ପରିକ ଭାବରେ ଏକ କୃଷି ଆଧାରିତ ଶିଳ୍ପ ବୋଲି ଜାଣୁ।

ରାଜ୍ୟରେ ୧.୬୮ ଲକ୍ଷ ହେକ୍ଟର ଜମିରେ କପା ଚାଷ କରାଯାଇ ବାର୍ଷିକ ୪.୫୦ ଲକ୍ଷ ବେଲ୍ (ବେଲ୍ ପିଛା ୧୭୦ କେଜି) କପା ଉତ୍ପାଦନ ସହିତ ଦେଶରେ ଏକାଦଶ ସ୍ଥାନରେ ରହିଛି ଓଡ଼ିଶା। କଳାହାଣ୍ଡି, ବଲାଙ୍ଗୀର, ରାୟଗଡ଼ା, ନୂଆପଡ଼ା, ସୋନପୁର, ଗଜପତି ଓ ବୌଦ୍ଧ ଜିଲାରେ କପା ଚାଷ କରାଯାଉଛି। ସେହିପରି କେନ୍ଦ୍ରାପଡ଼ା, ଭଦ୍ରକ, କଟକ ଓ ଯାଜପୁର ପରି ଉପକୂଳବର୍ତ୍ତୀ ଜିଲାରେ ୧୯୭୦ରୁ ୧୯୯୫ ମଧ୍ୟରେ ପ୍ରାୟ ୨୦ଲକ୍ଷ ହେକ୍ଟର ଝୋଟ ଚାଷ କରାଯାଉଥିବାବେଳେ, ଚାହିଦା ଅଭାବରୁ ୨୦୧୮–୧୯ ସୁଦ୍ଧା ଏହା ହ୍ରାସ ପାଇ ୪ ଲକ୍ଷ ହେକ୍ଟରରେ ପହଞ୍ଚିଛି । ପାରାଦୀପସ୍ଥିତ ଆଇଓସିଏଲ୍‌ର ପଲିପ୍ରୋପିଲିନ କାରଖାନାରୁ ସମ୍ଭାବିତ ମାନବକୃତ ତନ୍ତୁ (ଏମ୍‌ଏମ୍‌ଏଫ୍) ଓଡ଼ିଶାରେ ବୟନ ଶିଳ୍ପକୁ ଆଗକୁ ନେବାରେ ବେଶ୍ ଅନୁକୂଳ ସାବ୍ୟସ୍ତ ହେବ।

ଉଭୟ ଘରୋଇ ଓ ରପ୍ତାନି କ୍ଷେତ୍ରକୁ ହିସାବକୁ ନେଲେ ବୟନ ଓ ପୋଷାକ ଶିଳ୍ପ ଦେଶର ଜିଡିପିରେ ୫.୧୪ ପ୍ରତିଶତ ଯୋଗଦାନ କରୁଥିବାର ଜଣାଯାଏ। ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, କୃଷି କ୍ଷେତ୍ର ପରେ ବୟନ ଶିଳ୍ପ, ଉଭୟ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବରେ ପ୍ରାୟ ୧୦୫ ନିୟୁତ ଲୋକଙ୍କୁ ରୋଜଗାର ଯୋଗାଇ ଦେଇ ଦେଶରେ ଦ୍ୱିତୀୟ ବୃହତ୍ତମ ନିଯୁକ୍ତିଦାତା ଭାବରେ ପରିଗଣିତ ହେଉଛି। ଅତଏବ, ରାଜ୍ୟକୁ ଶିଳ୍ପୋନ୍ନତ କରିବା ଓ ରୋଜଗାର ଉପଲବ୍ଧ କରାଇବାରେ ବୟନ ଶିଳ୍ପକୁ ବ୍ୟବହାର କରାଯାଇ ପାରିଲେ ଆମ ଯୁବଗୋଷ୍ଠୀଙ୍କୁ ଆଉ ଗୁଜରାଟ, ମହାରାଷ୍ଟ୍ର, ତାମିଲନାଡୁ ଓ କର୍ନାଟକ ଭଳି ରାଜ୍ୟକୁ ଯିବାକୁ ପଡ଼ନ୍ତା ନାହିଁ। କେବଳ ଗଞ୍ଜାମ ଜଲାରୁ ସୁରଟ ସୂତାକଳଗୁଡିକରେ ପ୍ରାୟ ୬ ଲକ୍ଷରୁ ଅଧିକ ଲୋକ କାମ କରୁଥିବାର ଜଣାଯାଏ।

ବିଧିର ବିଡ଼ମ୍ବନା, ଆମ ରାଜ୍ୟର ବୟନ ଶିଳ୍ପ କେବଳ ପରମ୍ପରାଗତ ହସ୍ତତନ୍ତ କାରିଗରି ମଧ୍ୟରେ ସୀମିତ ରହିଯାଇଛି। ରାଜ୍ୟରେ ବୃହଦାକାରରେ ରୋଜଗାର ସୃଷ୍ଟି କରିବାକୁ ହେଲେ କେବଳ ହିତାଧିକାରୀ କଲ୍ୟାଣ–ଅଭିମୁଖୀ ନୀତିରୁ ଊର୍ଦ୍ଧ୍ୱକୁ ଉଠିବାକୁ ହେବ। ରାଜ୍ୟରେ ବୟନଶିଳ୍ପକୁ ଆଗେଇ ନେବାରେ ବାଧକ ସାଜୁଥିବା କାରଣଗୁଡିକ ଖୋଜି ଏସବୁର ସମାଧାନ କରିବାକୁ ହେବ।

ଶିଳ୍ପାୟନ ବାବଦରେ ରାଜ୍ୟ ସମ୍ମୁଖୀନ ହେଉଥିବା ଦୁଇଟି ପ୍ରମୁଖ ଆହ୍ୱାନ ହେଉଛି ଖଣି ଓ ଖଣିଜ କ୍ଷେତ୍ର ବ୍ୟତିରେକେ ରାଜ୍ୟରେ ଉପଲବ୍ଧ ଅନ୍ୟାନ୍ୟ ବ୍ୟବସାୟିକ ସୁବିଧା ସୁଯୋଗ ବାବଦରେ ନିବେଶକଙ୍କ ମଧ୍ୟରେ ସଚେତନତାର ଅଭାବ ଏବଂ ରାଜ୍ୟରେ ଶିଳ୍ପ ଭିତ୍ତିଭୂମି ବିଷୟରେ ଜ୍ଞାନର ଅଭାବ। ରାଜ୍ୟ ସରକାରଙ୍କ 'ମେକ୍ ଇନ୍ ଓଡ଼ିଶା' କନ୍‌କ୍ଲେଭ ଏ ଦିଗରେ ଏକ ଭଲ ଉଦ୍ୟମ। ଏହାକୁ କେତେ ଆନ୍ତରିକତାର ସହ ଅନୁସରଣ କରାଯାଉଛି, ତାହା ଉପରେ ସବୁ କିଛି ନିର୍ଭର କରୁଛି। ଖୋଲା ପୁଞ୍ଜି ନିବେଶ ଓ ନୂତନ ପ୍ରଯୁକ୍ତି ବିଦ୍ୟାକୁ ଆମନ୍ତ୍ରଣ କରି ଉପଲବ୍ଧ ଶ୍ରମବଳ ମଧ୍ୟରେ କୌଶଳ ଓ ସମ୍ଭାବନାକୁ ବ୍ୟାଖ୍ୟାନ କରି ବୈଶ୍ୱିକ ଧାରାରେ ବୟନ ଶିଳ୍ପ କ୍ଷେତ୍ରରେ ଆଧୁନିକ ବିନିର୍ମାଣ କ୍ଷେତ୍ର ଗଢ଼ି ତୋଳିବାକୁ ରୋଡ୍‌ମ୍ୟାପ ପ୍ରସ୍ତୁତ କରିବା ସରକାରଙ୍କ ଧ୍ୟେୟ ହେବା ଜରୁରୀ।

ଦେଖାଯାଏ, କେନ୍ଦ୍ର ସରକାରଙ୍କ ପିଏଲ୍‌ଆଇ ଭଳି ବିଭିନ୍ନ ପ୍ରୋତ୍ସାହନମୂଳକ ଯୋଜନା ସବୁର ସିଂହଭାଗ ଲାଭ କେବଳ ଗୁଜରାଟ, ମହାରାଷ୍ଟ୍ର ଭଳି ଶିଳ୍ପୋନ୍ନତ ରାଜ୍ୟଗୁଡ଼ିକ ହାତେଇ ନେଉଛନ୍ତି। ଆମ ରାଜ୍ୟର କଳାହାଣ୍ଡି, ବଲାଙ୍ଗୀର, ରାୟଗଡ଼ା, ନୂଆପଡ଼ା ଓ ଗଜପତି ପରି ଆକାଂକ୍ଷୀ ଜିଲାଗୁଡ଼ିକରେ ବୟନ ଶିଳ୍ପରେ ଅଧିକ ନିବେଶ ପାଇଁ ସ୍ଥାନୀୟ ତଥା ଜାତୀୟ ବାଣିଜ୍ୟିକ ସଂସ୍ଥାଗୁଡ଼ିକ ସହିତ ସକ୍ରିୟ ଭାବରେ ଜଡ଼ିତ ରହି ବଜାର ସୁବିଧାକୁ ସୁଗମ କରିବାରେ ସରକାରଙ୍କୁ ସହାୟତାର ହାତ ବଢ଼ାଇବା ଆବଶ୍ୟକ। ବୟନ ଶିଳ୍ପ ପାଇଁ ଆବଶ୍ୟକ ବିଭିନ୍ନ କଞ୍ଚାମାଲର ସ୍ଥାନୀୟ ଉତ୍ପାଦନଠାରୁ ଆରମ୍ଭ କରି ବିଦ୍ୟୁତ୍‌ଶକ୍ତି, ଜଳ, ରାସ୍ତାଘାଟ, ବନ୍ଦର ଭଳି ଢାଞ୍ଚାଗତ ସୁବିଧାର ସୁବନ୍ଦୋବସ୍ତ ମିଶନ ଢଙ୍ଗରେ ଉପଲବ୍ଧ କରାଇପାରିଲେ ଆମେ ମଧ୍ୟ ଲାଭ ଉଠାଇ ପାରିବା।

ଜଳସେଚନ ଅଭାବରୁ କପାକୁ କେବଳ ବର୍ଷାଦିନିଆ ଫସଲ ଭାବରେ ଚାଷ କରାଯାଉଛି। କମ୍ ସାର ଓ ଖତ ବ୍ୟବହାର ହେତୁ ଉତ୍ପାଦକତା ବଢୁନାହିଁ। ସଂରକ୍ଷଣ ଗୋଦାମ ଅଭାବରୁ ଚାଷୀ ସ୍ୱଳ୍ପ ମୂଲ୍ୟରେ କପା ବିକ୍ରି କରିବାକୁ ବାଧ୍ୟ ହେଉଛି । ରାଜ୍ୟରେ ଆବଶ୍ୟକ ଗିନିଂ ମିଲ, କପା ମଞ୍ଜି ତୈଳ ନିଷ୍କାସନ ମିଲ ଓ ସ୍ପିନିଂ ମିଲ୍ ଅଭାବରୁ ଉତ୍ପାଦିତ କପା ତାମିଲନାଡୁ, ମହାରାଷ୍ଟ୍ର, ଗୁଜରାଟ ଭଳି ରାଜ୍ୟରେ ଗିନିଂ ଓ ସ୍ପିନିଂ କରାଯାଉଛି। ଅର୍ଥାତ୍ ଆମ ଚାଷୀ ଅଧିକ ଲାଭ ଉଠାଇ ପାରୁନାହିଁ। ତେଣୁ, ରାଜ୍ୟ ମଧ୍ୟରେ ଘରୋଇ ନିବେଶକୁ ପ୍ରୋତ୍ସାହିତ କରି ଏ ସବୁ ସୁବିଧା ସୁଯୋଗର ବନ୍ଦୋବସ୍ତ କରିବାର ଅଛି।

ଆଜିର ଉପଭୋକ୍ତା ଉନ୍ମୁଖୀ ବଜାର ବ୍ୟବସ୍ଥାରେ ମୂଲ୍ୟ–ଶୃଙ୍ଖଳକୁ ସମ୍ପୂର୍ଣ୍ଣ କରିବା ଦିଗରେ 'ପୋଷାକ ତିଆରି ଶିଳ୍ପ' ଉଜ୍ଜ୍ୱଳ ସମ୍ଭାବନା ରଖେ। ବିନିଯୋଗ ହେଉଥିବା ପ୍ରତି କୋଟିଏ ଟଙ୍କାରେ ସିଲେଇ, ଫିନିଶିଂ ଓ ପ୍ୟାକିଂ ବାବଦରେ ପ୍ରାୟ ଶହେଟି ପ୍ରତ୍ୟକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୁଏ। ଏହା ଛଡ଼ା ପ୍ରିଣ୍ଟିଂ, ଏମ୍ବ୍ରୋଡରି, ୱାଶିଂ ଓ ସଜେଇ ଇତ୍ୟାଦିରେ ମଧ୍ୟ ପରୋକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୁଏ। ତେଣୁ 'ପୋଷାକ ତିଆରି ଶିଳ୍ପ' ପାଇଁ ରାଜ୍ୟରେ ଅଗ୍ରାଧିକାର ଭିତ୍ତିରେ ଘରୋଇ ପୁଞ୍ଜି ନିବେଶକୁ ଆମନ୍ତ୍ରଣ କରିବାର ଅଛି। ଅବଶ୍ୟ, ଆଦିତ୍ୟ ବିର୍ଲା ଫ୍ୟାଶନ, ସାହି ଏକ୍ସପୋର୍ଟ ଭଳି କିଛି କମ୍ପାନୀ ସେମାନଙ୍କର କାରଖାନା ଓଡ଼ିଶାରେ ବସାଇଥିବାର ଜଣାଯାଏ। ଏହି ଧାରାକୁ ବଳବତ୍ତର କରିବାକୁ ପଡ଼ିବ।

ଭାରତରେ ମାନବକୃତ ତନ୍ତୁ ଓ ସୂତାର ଉପଲବ୍ଧତା ସତ୍ତ୍ୱେ ଗୁଣାତ୍ମକ ମାନର ଏମ୍‌ଏମ୍‌ଏଫ୍ କପଡ଼ା ପର୍ଯ୍ୟାପ୍ତ ଭାବରେ ଉତ୍ପାଦିତ ହେଉନାହିଁ। ଆଜିର ଦିନରେ ଦେଶରେ ଉତ୍ପାଦିତ ଏମ୍‌ଏମ୍‌ଏଫ୍ ଆଧାରିତ ପୋଷାକ, ମୋଟ ପୋଷାକ ଉତ୍ପାଦନର ମାତ୍ର ୨୦% ରହିଛି। ଆଜିକାଲି 'ଟେକ୍ନିକାଲ ଟେକ୍ସଟାଇଲ'କୁ ନୂତନ ଯୁଗରେ ବୟନ ଶିଳ୍ପ ବୋଲି କୁହାଯାଉଛି। ଏହାର ପ୍ରୟୋଗ ଭିତ୍ତିଭୂମି, ଜଳ, ସ୍ୱାସ୍ଥ୍ୟ, ପ୍ରତିରକ୍ଷା, ସୁରକ୍ଷା, ଅଟୋମୋବାଇଲ, ବିମାନ ଚଳାଚଳ ଇତ୍ୟାଦି କ୍ଷେତ୍ରରେ ଖୁବ୍ ପ୍ରଭାବୀ ରହିଛି।

ଭଦ୍ରକ ଜିଲାର ଧାମନଗରଠାରେ ଶହେ ଏକର ପରିମିତ ଅଞ୍ଚଳରେ ଆଇଓସିଏଲ ଏକ 'ଟେକ୍ନିକାଲ୍ ଟେକ୍ସଟାଇଲ ପାର୍କ' ସ୍ଥାପନ କରିବାକୁ ଯାଉଥିବା ଖବର ନିଶ୍ଚୟ ସ୍ୱାଗତଯୋଗ୍ୟ। ଏସବୁ କ୍ଷେତ୍ରରେ ଅର୍ଥନୀତିର ଦକ୍ଷତା ବୃଦ୍ଧି କରିବାରେ ପୁଞ୍ଜି ନିବେଶକୁ ଆକର୍ଷିତ କରିବାରେ କେନ୍ଦ୍ର ସରକାରଙ୍କ ସାମ୍ପ୍ରତିକ ପିଏଲ୍‌ଆଇ ଯୋଜନା ସହାୟକ ହେବ ବୋଲି ଆଶା କରାଯାଏ।

ନିବେଶକଙ୍କୁ ଆକୃଷ୍ଟ କରିବା ପାଇଁ ରାଜ୍ୟରେ ଏକ ଶିଳ୍ପାଭିମୁଖୀ ଅନୁକୂଳ ବାତାବରଣ ସୃଷ୍ଟି କରିବାକୁ ହେବ। ଅନ୍ୟଥା, 'ପଟାଟୋ ମିଶନ'ରୁ କୋଲ୍ଡ ଷ୍ଟୋରେଜ୍ ଯୋଜନାର ଦୟନୀୟ ଅବସ୍ଥା ଭଳି ବ

ସଂକ୍ଷେପରେ

ସାପ କାମୁଡ଼ାରେ ବୃଦ୍ଧ ମୃତ

କୋଡ଼ିଙ୍ଗା, ୧୭।୯(ଡି.ଏନ୍.ଏ.)-ନବରଙ୍ଗପୁର ଜିଲା କୋଷାଗୁମୁଡ଼ା ବ୍ଲକ କେ.ସମଳା ଗ୍ରାମରେ ସାପ କାମୁଡାରେ ଜଣଙ୍କର ମୃତ୍ୟୁ ହୋଇଛି। ସେ ହେଲେ ମନଧର ଚାଲାଣ(୬୦)। ମନଧର ଘାସ କାଟିବାକୁ ଜମିକୁ ଯାଇଥିଲେ। ସେଠାରେ ତାଙ୍କୁ ଏକ ବିଷଧର ସାପ କାମୁଡ଼ିଦେଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଆମ୍ବୁଲାନ୍ସରେ ଡାକ୍ତରଖାନା ନେଇଥିଲେ। ସେଠାରେ ପହଞ୍ଚିବା ବେଳକୁ ମନଧରଙ୍କ ମୃତ୍ୟୁ ହୋଇଯାଇଥିଲା। ତାଙ୍କ ପରିବାର ଲୋକେ କୋଡ଼ିଙ୍ଗା ଥାନାକୁ ଜଣାଇଥିଲେ। ପୋଲିସ ୧୦/୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁକରି ମୃତଦେହ ବ୍ୟବଚ୍ଛେଦ କରାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ତଦନ୍ତକାରୀ ଅଫିସର ଏଏସ୍ଆଇ ମନୋରଞ୍ଜନ ସ୍ୱାଇଁ ସୂଚନା ଦେଇଛନ୍ତି।

ମୁନିଗୁଡ଼ାରେ ନୂଆଁଖାଇ ପାଳିତ

ମୁନିଗୁଡ଼ା,୧୭।୯(ଡି.ଏନ୍.ଏ.)-ରାୟଗଡ଼ା ଜିଲା ମୁନିଗୁଡ଼ାଠାରେ ବିଭିନ୍ନ ସମ୍ପ୍ରଦାୟର ଲୋକେ ଗୁରୁବାର ନୂଆଁଖାଇ ପର୍ବ ପାଳିଛନ୍ତି। ସ୍ଥାନୀୟ ବଗିଚା ସାହିଠାରେ ଲୋକେ ନୂତନ ପୋଷାକ ପିନ୍ଧି ପ୍ରଥମେ ଇଷ୍ଟ ଦେବୀଙ୍କ ପାଖରେ ନୂତନ ଧାନ, ଚାଉଳ ସହ ବିଭିନ୍ନ ଉତ୍ପାଦିତ ଫସଲ ମାଁଙ୍କୁ ସମର୍ପଣ କରି ପୂଜାର୍ଚ୍ଚନା କରିଥିଲେ। ପରେ ନୂତନ ଅମଳ ଚାଉଳ ରୋଷେଇ କରି ଖାଇଥିଲେ। ଏଥିସହ ବିଭିନ୍ନ ପିଠାପଣା ତିଆରି କରି ଭୋଗ ଲଗାଇବା ପରେ ନିଜେ ଖାଇବା ସହ ପଡ଼ୋଶୀଙ୍କୁ ବାଣ୍ଟି ଖୁସି ପାଳିଥିଲେ। ଘରର ସମସ୍ତ ବୟୋଜ୍ୟେଷ୍ଠଙ୍କ ଠାରୁ ଆଶୀର୍ବାଦ ନେବା ସହ ପରସ୍ପରଙ୍କୁ ଶୁଭେଚ୍ଛା ଜଣାଇଥିଲେ। ନାଚ, ଗୀତ କରି ଦିନଟିକୁ ଉପଭୋଗ କରିଥିଲେ।

ଟ୍ରାକ୍ଟର ଓଲଟି ୧୬ ଆହତ

କାଶୀନଗର,୧୭।୯(ଡି.ଏନ.ଏ.)-ଏକ ଟ୍ରାକ୍ଟର ଓଲଟି ପଡ଼ିବାରୁ ଶୁକ୍ରବାର ଶିଆଳି ଗ୍ରାମ ପଞ୍ଚାୟତ ଅଧୀନ ମାଣ୍ଡିଗୁଡ଼ା ଗ୍ରାମର ୧୬ଜଣ ମହିଳା ଆହତ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୨ ଜଣ ଗୁରୁତର ଅଛନ୍ତି। ମାଣ୍ଡିଗୁଡା ଗ୍ରାମର ୧୬ ଜଣ ମହିଳା ନିକଟସ୍ଥ ଖୁରିଗାଁ ଗ୍ରାମକୁ ଧାନ ବିଲରେ ଘାସ ବାଛିବାକୁ ଆସିଥିଲେ। କାମ ସରିଲା ପରେ ସେମାନେ ଏକ ଟ୍ରାକ୍ଟର (ନଂ ଓଆର୨୦ଏ ୦୫୩୫)ରେ ଘରକୁ ଫେରିଲା ବେଳେ ଖୁରିଗାଁଗୁଡା ମୁଖ୍ୟ ରାସ୍ତାରେ ଡ୍ରାଇଭରର ବେପରୁଆ ଗାଡି ଚାଳନା ହେତୁ ଗାଡ଼ିଟି ଭାରସାମ୍ୟ ହରାଇ ଓଲଟି ପଡିଥିଲା। ଫଳରେ ଟ୍ରାକ୍ଟର ତାଲାରେ ବସିଥିବା ମହିଳାମାନେ ଛିଟିକି ପଡ଼ିଥିଲେ। ଖବର ପାଇ ଅଗ୍ନିଶମ ବିଭାଗ କର୍ମଚାରୀମାନେ ପହଞ୍ଚି ସମସ୍ତ ଆହତଙ୍କୁ ଉଦ୍ଧାର କରି କାଶୀନଗର ମେଡିକାଲରେ ଭର୍ତ୍ତି କରିଥିଲେ। ୨ ଜଣଙ୍କ ଅବସ୍ଥା ଗୁରୁତର ହେବାରୁ ସେମାନଙ୍କୁ ପାରଳାଖେମୁଣ୍ଡି ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି।

୪ ଜୁଆଡ଼ି ଗିରଫ

ବ୍ରହ୍ମପୁର ଅଫିସ,୧୭।୯-ବୈଦ୍ୟନାଥପୁର ଥାନା ପୋଲିସ ଶୁକ୍ରବାର ଭୋରରେ ପାଟ୍ରୋଲିଂ କରୁଥିବା ବେଳେ କମାପଲ୍ଲୀ ଭେଣ୍ଡିଂ ଜୋନରେ ଜୁଆ ଖେଳ ଚାଲିଥିବା ଖବର ପାଇଥିଲା। ସେଠାରେ ଚଢ଼ାଉ କରି ପୋଲିସ ୪ ଜୁଆଡ଼ିଙ୍କୁ କାବୁ କରିଥିବା ବେଳେ ଅନ୍ୟ କେତେଜଣ ଚମ୍ପଟ ମାରିଥିଲେ। ସେଠାରୁ ୧୦,୬୫୦ ଟଙ୍କା ଓ ଖେଳ ସରଞ୍ଜାମ ଜବତ କରାଯାଇଛି। ଏ ନେଇ ମାମଲା ନଂ.୨୪୬/୨୧ରେ ମାମଲା ରୁଜୁ ହୋଇଛି। ସମସ୍ତ ଜୁଆଡ଼ିଙ୍କୁ ଜାମିନରେ ଛଡ଼ାଯାଇଛି ବୋଲି ପୋଲିସ କହିଛି।

'ବଜାର ଚାହିଦା ଅନୁଯାୟୀ ନୂତନ ଡିଜାଇନ ପ୍ରସ୍ତୁତ କର'

ଅଧିକାରୀମାନେ ମାଟିପାତ୍ର ସବୁ ଦେଖୁଛନ୍ତି।

ନବରଙ୍ଗପୁର, ୧୭।୯(ବି.ପ୍ର.)

- ସମାଜ କଲ୍ୟାଣ ନିର୍ଦ୍ଦେଶକଙ୍କ କୁମ୍ଭାରଭାଟି ପରିଦର୍ଶନ
- ଡିଜିଟାଲ ମାର୍କେଟିଂ, ସ୍ୱତନ୍ତ୍ର ବ୍ରାଣ୍ଡ କରିପାରିଲେ ଲାଭ ବେଶି ହେବ:ଉପଜିଲାପାଳ

ନବରଙ୍ଗପୁର ଜିଲା ପାପଡ଼ାହାଣ୍ଡି ବ୍ଲକ ତଣ୍ଡାଗୁଡ଼ାରେ ବିଜ୍ଞାନ ଓ କାରିଗରି ବିଦ୍ୟା ପ୍ରକଳ୍ପ ମାଧ୍ୟମରେ ଆଇଏମ୍ଏମ୍ଟି ଭୁବନେଶ୍ୱର ଓ ଭାରତୀୟ ପେଟ୍ରୋଲିୟମ ସଂସ୍ଥାନ, ଡେରାଡୁନ ଦ୍ୱାରା ସ୍ଥାପିତ ଉନ୍ନତ ଧରଣର କୁମ୍ଭାରଭାଟିକୁ ରାଜ୍ୟ ସମାଜ କଲ୍ୟାଣ ବିଭାଗର ନିର୍ଦ୍ଦେଶକ ଅରବିନ୍ଦ ଅଗ୍ରୱାଲ ବୁଲି ଦେଖିଛନ୍ତି। ସାମ୍ପ୍ରତିକ ବଜାର ଚାହିଦାକୁ ନଜରରେ ରଖି ନୂତନ ଡିଜାଇନ ପ୍ରସ୍ତୁତ କଲେ ଅଧିକ ଲାଭ ମିଳିବ ବୋଲି ସେଠାରେ ଉପସ୍ଥିତ ଏସ୍ଏଚ୍ଜି ମହିଳାଙ୍କୁ ସେ କହିଛନ୍ତି। ମାଟି ତିଆରି ସାମଗ୍ରୀର ନମୁନା ପ୍ରଦର୍ଶନ କରିବାକୁ ମଧ୍ୟ ପରାମର୍ଶ ଦେଇଥିଲେ। ଜିଲାରେ ଥିବା ଟେରାକୋଟା, ଆଦିବାସୀ ଅଳଙ୍କାର ଚାହିଦା ସମ୍ପର୍କରେ ଜିଲାପାଳ ଅଜିତ୍ କୁମାର ମିଶ୍ର କହିଥିଲେ। ଡିଜିଟାଲ ମାର୍କେଟ ସହ ନବରଙ୍ଗପୁରର ସ୍ୱତନ୍ତ୍ର ବ୍ରାଣ୍ଡ କରିପାରିଲେ ଅଧିକ ଲାଭ ମିଳିପାରିବ ବୋଲି ଉପଜିଲାପାଳ ଅଗ୍ରୱାଲ ଅକ୍ଷୟ ସୁନୀଲ କହିଥିଲେ। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ପ୍ରକଳ୍ପ ନିର୍ଦ୍ଦେଶକ ରତ୍ନାକର ସାହୁ, ବିଜ୍ଞାନ ଓ କାରିଗରି ବିଦ୍ୟା ପ୍ରକଳ୍ପ କ୍ରିୟାନ୍ୱୟନ କମିଟି ସଦସ୍ୟ ଲକ୍ଷ୍ମୀନାରାୟଣ ବକ୍ସି, ଓର୍ମାସର ଉପ କାର୍ଯ୍ୟନିର୍ବାହୀ ଏ.ଉମା ମହେଶ, ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ ଏ. ଗୀତା ଓ ମହିଳା ସ୍ୱୟଂ ସହାୟକ ଗୋଷ୍ଠୀ ସଦସ୍ୟାଙ୍କ ସହ ଅନେକ କୁମ୍ଭକାର ଉପସ୍ଥିତ ଥିଲେ।

ପୂଜାରୀଗୁଡ଼ା ସ୍ୱାସ୍ଥ୍ୟକେନ୍ଦ୍ର ବୁଲିଲେ

ଉମରକୋଟ, ୧୭।୯(ସ୍ୱ.ପ୍ର.)

ନୀତି ଆୟୋଗ ସଦସ୍ୟ ତଥା ସାମାଜିକ ମଙ୍ଗଳ ବିଭାଗ ନିର୍ଦ୍ଦେଶକ ଅରବିନ୍ଦ ଅଗରୱାଲ ଦୁଇ ଦିନିଆ ନବରଙ୍ଗପୁର ଜିଲା ଗସ୍ତରେ ଆସିଛନ୍ତି। ପ୍ରଥମ ଦିନରେ ଉମରକୋଟ ନିକଟସ୍ଥ ପୂଜାରୀଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିଦର୍ଶନ କରିଥିଲେ। ହସ୍ପିଟାଲ ଓପିଡି, ଆଇପିଡି ପରିଦର୍ଶନ କରିବା ସହ ନିରାମୟ ଓ ନିଦାନ କେନ୍ଦ୍ର ମଧ୍ୟ ବୁଲି ଦେଖିଥିଲେ। ହସ୍ପିଟାଲ ପକ୍ଷରୁ ମିଳୁଥିବା ସୁବିଧା ସମ୍ପର୍କରେ ରୋଗୀମାନଙ୍କଠାରୁ ପଚାରି ବୁଝିଥିଲେ। ହସ୍ପିଟାଲ କର୍ମଚାରୀଙ୍କ କାର୍ଯ୍ୟ ଏବଂ ତାହାର ବଗିଚା, ପାର୍କ ଆଦି ଦେଖି ସେ ଖୁସି ପ୍ରକଟ କରିଥିଲେ। ଗସ୍ତ ସମୟରେ ଧୋଡ଼ା ଅଙ୍ଗନୱାଡି କେନ୍ଦ୍ର ପରିଦର୍ଶନ କରି ସେଠାରେ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ। ଉମରକୋଟସ୍ଥିତ ସ୍ୱାମୀ ବିବେକାନନ୍ଦ ବିଦ୍ୟାମନ୍ଦିରରରେ ୫-ଟି ଅଧୀନରେ ଚାଲିଥିବା ରୂପାନ୍ତରକରଣ କାର୍ଯ୍ୟକ୍ରମ ପରିଦର୍ଶନ କରିଥିଲେ। ନିର୍ଦ୍ଦେଶକଙ୍କ ସହ ସିଡିଏମ୍ଓ ଚୌଧୁରୀ ଶୋଭା ରାଣୀ ମିଶ୍ର, ଉମରକୋଟ ବିଡିଓ ଦେବୀ ପ୍ରସାଦ ଟାଲି ପ୍ରମୁଖ ଉପସ୍ଥିତ ଥିଲେ। ପୂଜାରୀଗୁଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡକ୍ଟର ଅଭୟ କୁମାର ଦେ ହସ୍ପିଟାଲ୍‌ର ସମସ୍ତ ବ୍ୟବସ୍ଥା ସମ୍ପର୍କରେ ନୀତି ଆୟୋଗ ସଦସ୍ୟଙ୍କୁ ଅବଗତ କରାଇଥିଲେ।

ଚା, ପକୁଡ଼ି ବିକିଲେ କଂଗ୍ରେସ ନେତା

କଂଗ୍ରେସ ନେତାମାନେ ମକା ବିକିବା ସହ ପକୁଡ଼ି ଛାଣୁଛନ୍ତି।

ନବରଙ୍ଗପୁର,୧୭।୯(ବି.ପ୍ର.)

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିନକୁ ରାଷ୍ଟ୍ରୀୟ ବେରୋଜଗାର ଦିବସଭାବେ କଂଗ୍ରେସ ପାଳନ କରିଛି। ପ୍ରଧାନମନ୍ତ୍ରୀ ମିଛ ପ୍ରତିଶ୍ରୁତି ଦେଇ ଜନତାଙ୍କୁ ଭୁଆଁ ବୁଲାଉଛନ୍ତି। ପ୍ରତିବର୍ଷ ୨ କୋଟି ବେକାରଙ୍କୁ ରୋଜଗାର ମିଳିବ ବୋଲି ସେ ପ୍ରତିଶ୍ରୁତି ଦେଇଥିଲେ। ବର୍ଷକୁ ବିଭିନ୍ନ ସ୍ତରରେ ୨କୋଟି ଲୋକ ରୋଜଗାର ହରାଉଛନ୍ତି। ପ୍ରଧାନମନ୍ତ୍ରୀଙ୍କ ନୋଟ୍‌ବନ୍ଦୀ ଏବଂ ଜିଏସ୍‌ଟି ଆଦି ଫେଲ୍ ମାରିଥିବା ନେଇ କଂଗ୍ରେସ ପକ୍ଷରୁ କଟୁ ସମାଲୋଚନା କରାଯାଇଛି। ନବରଙ୍ଗପୁର ଲୋକ ସଭା ନିର୍ବାଚନମଣ୍ଡଳୀର ପୂର୍ବତନ ଯୁବ କଂଗ୍ରେସ ସଭାପତି ତାଜ ଇମ୍ରାନ ସରିଫଙ୍କ ତତ୍ତ୍ୱାବଧାନରେ ଦଳୀୟ ନେତା ଓ କର୍ମୀମାନେ ସ୍ଥାନୀୟ ଗାନ୍ଧୀଛକ ନିକଟରେ ମକା ବିକ୍ରି କରିଥିଲେ। ଏଥିସହ ସେମାନେ ସେଠାରେ ଚା, ପକୁଡ଼ି ତିଆରି କରି ମଧ୍ୟ ବିକ୍ରି କରିଛନ୍ତି। ଏହି କାର୍ଯ୍ୟକ୍ରମରେ ତାଜ ଇମ୍ରାନଙ୍କ ସମେତ ମହିଳା କଂଗ୍ରେସର ପ୍ରଣତି ତ୍ରିପାଠୀ, ଦେବାଶିଷ ମହାନ୍ତି, ପ୍ରଫୁଲ୍ଲ ପଣ୍ଡା, ପବିତ୍ର ଗରଡ଼ା, ଭୀମ ହରିଜନ, ଦ୍ୱାରିକା ମହାପାତ୍ର, ଅବଦୁଲ ଫିରୋଜ, ସଞ୍ଜୟ ନାୟକ, ଜିଲା କଂଗ୍ରେସ ସଭାପତି ମୁନା ତ୍ରିପାଠୀ, ପିସିସି ସଭ୍ୟ ଦିଲୀପ ବେହେରା, ପିସିସି ଉପସଭାପତି ତଥା ପୂର୍ବତନ ବିଧାୟକ ସଦନ ନାୟକ, ଡିସିସି ଉପସଭାପତି ଧରମ ସିଂ, ପୂର୍ବତନ ପିସିସି ସମ୍ପାଦକ ସରୋଜ ପାତ୍ର, ନଗର କଂଗ୍ରେସ ସଭାପତି ଉତ୍ତମ ତ୍ରିପାଠୀଙ୍କ ସମେତ ବହୁ କଂଗ୍ରେସ ନେତା ଓ କର୍ମୀ ଯୋଗ ଦେଇଥିଲେ।

କାମ ଚାଲିଛି କିନ୍ତୁ ଲାଗିନି ସୂଚନା ଫଳକ

ଅଙ୍ଗନୱାଡି ପାଚେରି କାମ ଚାଲିଛି ।

ରାଇଘର,୧୭।୯(ଡି.ଏନ୍.ଏ.)

ନବରଙ୍ଗପୁର ଜିଲା ରାଇଘର ବ୍ଲକ ମହଣ୍ଡ ପଞ୍ଚାୟତ ଗାଣ୍ଡାଡିହି ଗ୍ରାମର ଅଙ୍ଗନୱାଡି କେନ୍ଦ୍ରର ପାଚେରି କାମ ଚାଲିଛି। କାର୍ଯ୍ୟସ୍ଥଳରେ କୌଣସି ସୂଚନା ଫଳକ ଲଗାଯାଇ ନାହିଁ। ଏଥିସହ ବିଭାଗୀୟ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ ପାଇଁ ଆସୁନାହାନ୍ତି। ନିମ୍ନମାନର ଗୋଡ଼ି ବାଲିରେ କାନ୍ଥ ଯୋଡ଼ାଯାଉଛି। ଯେକୌଣସି ଉନ୍ନୟନ କାର୍ଯ୍ୟ ହେଉଥିବା ସ୍ଥଳରେ ପ୍ରଥମେ ସୂଚନା ଫଳକ ଲଗାଯିବା ନିୟମ ବିନା ସୂଚନା ଫଳକରେ ଚାଲିଛି ଉନ୍ନୟନ କାମ। ଏଥିସହ ନିମ୍ନମାନର କାର୍ଯ୍ୟ ହେଉଛି। ବିଭାଗୀୟ ଅଧିକାରୀଙ୍କ ତଦାରଖ ଅଭାବରୁ ଅନେକ ସମସ୍ୟା ସୃଷ୍ଟି ହେଉଛି ବୋଲି ଅଞ୍ଚଳବାସୀ ଦାବି କରିଛନ୍ତି।

ନିମ୍ନମାନର କାର୍ଯ୍ୟ ଅଭିଯୋଗ

ନବରଙ୍ଗପୁର ଜିଲା ରାଇଘର ବ୍ଲକ ମହଣ୍ଡ ପଞ୍ଚାୟତ ଗାଣ୍ଡାଡିହି ଗ୍ରାମର ଅଙ୍ଗନୱାଡି କେନ୍ଦ୍ରର ପାଚେରି କାମ ଚାଲିଛି। କାର୍ଯ୍ୟସ୍ଥଳରେ କୌଣସି ସୂଚନା ଫଳକ ଲଗାଯାଇ ନାହିଁ। ଏଥିସହ ବିଭାଗୀୟ ଅଧିକାରୀମାନେ କ୍ଷେତ୍ର ପରିଦର୍ଶନ ପାଇଁ ଆସୁନାହାନ୍ତି। ନିମ୍ନମାନର ଗୋଡ଼ି ବାଲିରେ କାନ୍ଥ ଯୋଡ଼ାଯାଉଛି। ଯେକୌଣସି ଉନ୍ନୟନ କାର୍ଯ୍ୟ ହେଉଥିବା ସ୍ଥଳରେ ପ୍ରଥମେ ସୂଚନା ଫଳକ ଲଗାଯିବା ନିୟମ ରହିଛି। କିନ୍ତୁ ଏଠାରେ ତାଙ୍କର ବ୍ୟତିକ୍ରମ ଦେଖାଯାଇଛି। ଅନେକ ପଞ୍ଚାୟତରେ ବିନା ସୂଚନା ଫଳକରେ କାର୍ଯ୍ୟ ଚାଲୁଥିବା ନେଇ ବାରମ୍ବାର ଖବର ପ୍ରକାଶିତ ହେଉଥିବା ବେଳେ ପ୍ରଶାସନ କିନ୍ତୁ ଏଥିପ୍ରତି ଗୁରୁତ୍ୱ ଦେଉନାହିଁ। ଗ୍ରାମାଞ୍ଚଳର ବିକାଶ ନିମନ୍ତେ ସରକାର ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଟଙ୍କା ଖର୍ଚ୍ଚ କରୁଥିବା ବେଳେ ବିଭାଗୀୟ ଅଧିକାରୀଙ୍କ ତଦାରଖ ଅଭାବରୁ ଉନ୍ନୟନ କାର୍ଯ୍ୟ ବାଧାପ୍ରାପ୍ତ ସହ ଅଳ୍ପ ଦିନରେ ଭାଙ୍ଗିଯିବା ନଜିର ରହିଛି। ଏ ନେଇ ବିଡିଓ ଦେବେନ୍ଦ୍ର ପ୍ରସାଦ ବଳଙ୍କୁ ପଚାରିବାରୁ ସେ ତଦନ୍ତ କରିବେ ବୋଲି କହିଛନ୍ତି। ପ୍ରଶାସନ ଏ ଦିଗରେ ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ସାଧାରଣରେ ଦାବି ହୋଇଛି।

ଇଂଲିଶରେ ଆଶିଷ, ସୋସିଓଲୋଜିରେ ମନୋଜ ପ୍ରଥମ

ଗୁଣପୁର,୧୭।୯(ଡି.ଏନ.ଏ.)

ଆଶିଷ କର

ସଲିନା ପତିତ

ମନୋଜ ଲିମା

ପ୍ରକାଶ ପାଇଲା ବ୍ରହ୍ମପୁର ବିଶ୍ୱବିଦ୍ୟାଳୟ ଯୁକ୍ତ ତିନି ପରୀକ୍ଷା ଫଳ

ବ୍ରହ୍ମପୁର ବିଶ୍ୱବିଦ୍ୟାଳୟର ଯୁକ୍ତ ତିନି ଶେଷ ବର୍ଷର ପରୀକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ଗୁଣପୁରର ଛାତ୍ରୀଛାତ୍ରମାନେ ସଫଳତା ପାଇଛନ୍ତି। ଇଂଲିଶ ବିଭାଗରେ ଆଶିଷ ଓ ସୋସିଓଲୋଜିରେ ମନୋଜ ପ୍ରଥମ ହୋଇଛନ୍ତି। ସେହିଭଳି ସୋସିଓଲୋଜିର ଟପ୍ ଟେନରେ କେବଳ ଗୁଣପୁରସ୍ଥିତ ଡମ୍ବସରା କଲେଜ ଛାତ୍ରୀଛାତ୍ରମାନେ ସ୍ଥାନ ପାଇଛନ୍ତି।

ଇଂଲିଶ ବିଭାଗ ଛାତ୍ର ଆଶିଷ ରଞ୍ଜନ କର ୧୧୩୫ ନମ୍ବର ରଖି ବିଶ୍ୱ ବିଦ୍ୟାଳୟରେ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି। ସେହିଭଳି ଡମ୍ବସରା ଯୁକ୍ତ ତିନି କଲେଜ ଛାତ୍ରୀ ତିଳତମା ପାଳ ୧୦୮୨ ନମ୍ବର ରଖି ତୃତୀୟ, ଗୁଣପୁର କଲେଜର ଛାତ୍ର ସନ୍ତୋଷ ଗଙ୍ଗାଧର ୧୦୬୦ ନମ୍ବର ରଖି ପଞ୍ଚମ ସ୍ଥାନରେ ଅଛନ୍ତି। ଡମ୍ବସରା କଲେଜ ଛାତ୍ରୀ ରଶ୍ମିତା ପଣ୍ଡୁର ଏବଂ ଗୁଣପୁର କଲେଜ ଛାତ୍ର ସନ୍ତୋଷ ଶବର ଉଭୟେ ୧୦୫୮ ନମ୍ବର ରଖି ୬ଷ୍ଠ, ଡମ୍ବସରା କଲେଜର ଛାତ୍ର ସଞ୍ଜୟ ଶବର ୧୦୪୬ ନମ୍ବର ରଖି ୮ମ ଓ ଗୁଣପୁର କଲେଜର ଦେବିଶ୍ରୀ ଖାଡଙ୍ଗା ୧୦୪୪ ନମ୍ବର ରଖି ନବମ ସ୍ଥାନରେ ରହିଛନ୍ତି।

ସେହିଭଳି ପଦାର୍ଥ ବିଜ୍ଞାନରେ ଗୁଣପୁର କଲେଜ ଛାତ୍ରୀ ସଲିନା ପତିତ ୧୨୮୪ ନମ୍ବର ରଖି ଅଷ୍ଟମ, ତପତି ରାଣୀ ପଣ୍ଡା ୧୨୮୨ ନମ୍ବର ରଖି ନବମ ସ୍ଥାନରେ ଅଛନ୍ତି। ଏଥିପାଇଁ ଛାତ୍ରୀମାନେ କଲେଜ ଅଧ୍ୟକ୍ଷ ଡ.ବାମଦେବ ମିଶ୍ର, ଅଧ୍ୟାପିକା, ଅଧ୍ୟାପକଙ୍କୁ କୃତଜ୍ଞତା ଜଣାଇଛନ୍ତି।

ସେହିପରି ଡମ୍ବସରା କଲେଜର ଛାତ୍ର ମନୋଜ ଲିମା ୧୦୪୪ ନମ୍ବର ରଖି ସୋସିଓଲୋଜିରେ ପ୍ରଥମ ହୋଇଛନ୍ତି। ବିଶ୍ୱବିଦ୍ୟାଳୟର ସୋସିଓଲୋଜି ବିଭାଗରେ ଟପ୍ ଟେନ୍‌ରେ କଲେଜର ରଞ୍ଜିତା ଶବର, ସବିନା ଶବର, ସଞ୍ଜୟ ଶବର, ଜାନିତ ଗମାଙ୍ଗ, ମାଜନି ଶବର, ରାଜେଶ ଶବର, ବିଜେତା ଶବର, ପଡିଆ ଶବର, ସୁବାସ ଶବର, ହେମାବତି ଶବର ଅଛନ୍ତି।

୩ନଂ. ପ୍ଲାଟଫର୍ମରେ ଯାତ୍ରୀଙ୍କ ସୁରକ୍ଷା ଦାବି ପାର୍ଶ୍ୱ ବୁଦା ସାଜିଛି ବିପଦ

ମୁନିଗୁଡ଼ା,୧୭।୯(ଡି.ଏନ୍.ଏ.)-

ରାୟଗଡ଼ା ଜିଲା ମୁନିଗୁଡ଼ା ରେଳ ଷ୍ଟେଶନ ୩ ନମ୍ବର ପ୍ଲାଟଫର୍ମକୁ ଲାଗି ଗଛଲତା ବଢ଼ି ରହିଥିବାରୁ ଯାତ୍ରୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୁଇ ନମ୍ବର ପ୍ଲାଟଫର୍ମରେ ଅଧିକାଂଶ ସମୟରେ ମାଲଗାଡ଼ି ରହୁଥିବାବେଳେ ୩ ନଂ. ପ୍ଲାଟଫର୍ମରେ ଯାତ୍ରୀବାହୀ ଟ୍ରେନ୍ ଆସିଥାଏ। ବହୁ ଏକ୍ସପ୍ରେସ୍ ଟ୍ରେନ୍ ରାତିରେ ମୁନିଗୁଡ଼ା ଦେଇ ଚଳାଚଳ କରିଥାଏ। ଷ୍ଟେଶନରେ ଟ୍ରେନ୍ ଅଟକିଲେ ଗଛଲତା ଟ୍ରେନ୍ ବଗିକୁ ଲାଗୁଛି। ଏହାଦ୍ୱାରା ଟ୍ରେନ୍‌ରେ ମଶା ସହ ସାପ ଏବଂ ଅନ୍ୟ ଯନ୍ତୁଙ୍କ ଭୟ ରହୁଛି।

୩ ନଂ. ପ୍ଲାଟଫର୍ମଟି ପଛ ପାର୍ଶ୍ୱରେ ରହିଥିବାବେଳେ ଅନ୍ଧାରୁଆ ମଧ୍ୟ ରହୁଛି। ତେଣୁ ଏହି ବୁଦା ଏବଂ ଖୋଲା ପଡ଼ିଆର ସୁଯୋଗ ନେଇ ଚୋରା ଗଞ୍ଜେଇ ଚାଲାଣ, ପକେଟମାର ଏବଂ ଅନ୍ୟାନ୍ୟ ଅସାମାଜିକ କାର୍ଯ୍ୟକଳାପ ପାଇଁ ସୁଯୋଗ ସୃଷ୍ଟି କରିଛି। ଲୁଟେରାମାନେ ଯାତ୍ରୀଙ୍କଠାରୁ ଲୁଟି ଖସିଯିବାରେ ସଫଳ ହେଉଥିବା ଅଭଯୋଗ ହେଉଛି। ତେଣୁ ଯାତ୍ରୀଙ୍କ ସୁରକ୍ଷା ନିମନ୍ତେ ରେଲ୍‌ୱେ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ପଦକ୍ଷେପ ନେବାକୁ ମୁନିଗୁଡ଼ା ଅଞ୍ଚଳବାସୀ ଏବଂ ବୁଦ୍ଧିଜୀବୀଙ୍କ ମଧ୍ୟରେ ଦାବି ହୋଇଛି।

ସ୍କୁଲ ପରିସରରେ ପୁଷ୍ଟିବଗିଚା କରିବାକୁ ତାଲିମ

ରାୟଗଡ଼ା ଅଫିସ,୧୭।୯

ରାଜ୍ୟ ଅନୁସୂଚିତ ଜନଜାତି ବିଭାଗ ଏବଂ କେୟାର ଇଣ୍ଡିଆର ମିଳିତ ଆନୁକୂଲ୍ୟରେ ସରକାରୀ ଉଚ୍ଚ ମାଧ୍ୟମିକ ଏସ୍ଏସ୍‌ଡି ହାଇସ୍କୁଲଠାରେ ପୁଷ୍ଟିବଗିଚା ବିଷୟରେ ଦିନକଆ ତାଲିମ ଶିବିର ବୁଧବାର ଅନୁଷ୍ଠିତ ହୋଇଯାଇଛି। ସ୍କୁଲ ଛାତ୍ରୀଛାତ୍ରଙ୍କୁ ପୋଷଣ ଯୁକ୍ତ ଖାଦ୍ୟ ଯୋଗାଇବା ଏହାର ମୁଖ୍ୟ ଲକ୍ଷ୍ୟ। ଏଥିନିମନ୍ତେ ସ୍କୁଲ ପରିସରରେ ଏକ ବଗିଚା ପ୍ରସ୍ତୁତ ସହ ସେଥିରୁ ପରିବା ଉତ୍ପାଦନ କରାଯାଇ ପିଲାଙ୍କୁ ଖାଦ୍ୟ ରୂପେ ଦିଆଯିବ। ଜିଲା ମଙ୍ଗଳ ଅଧିକାରୀ ଅଶୋକ ଶତପଥୀ, କେୟାର ଇଣ୍ଡିଆ ଓଡ଼ିଶା ଶାଖାର ଉପ ନିର୍ଦ୍ଦେଶକ ଅରୂପ ଦାସ ତାଲିମ ଶିବିର ପରିଚାଳନା କରିଥିଲେ। ଏଥିରେ ଜିଲାର ୨୯ ସ୍କୁଲର ପ୍ରଧାନ ଶିକ୍ଷକ ଯୋଗଦେଇଥିଲେ। ଶିକ୍ଷା ମଣ୍ଡଳାଧୀଶ ବିନୋଦ ବିହାରୀ ପଟ୍ଟନାୟକ, ଏଡିଡବ୍ଲ୍ୟୁଓ ସଲମନ ରାଇକା, ଗୁଣପୁରର ଶ୍ରୀନିବାସ ଆଚାରୀ, ଜିଲା କଲ୍ୟାଣ ବିଭାଗ ଶିକ୍ଷକ ସଂଘର ଉପ ସଭାପତି ତଥା କୃଷି ଶିକ୍ଷକ ପ୍ରଦୀପ କୁମାର ଚୌଧୁରୀ, ପ୍ରଧାନ ଶିକ୍ଷକ ରମେଶ ଦାସ, ଦେବେନ୍ଦ୍ର କୁମାର ପଣ୍ଡା ଉପସ୍ଥିତ ରହି ପରିଚାଳନାରେ ସହଯୋଗ କରିଥିଲେ। କ୍ଲାସ୍-୩ରୁ କ୍ଲାସ୍-୨କୁ ପଦୋନ୍ନତି ପାଇଥିବା ୩ ଶିକ୍ଷକ ବିପିନ ବିଶ୍ୱାଳ, ଭୀମ ନିମାଲା ଏବଂ ଗୌରୀ ଶଙ୍କର ମି

ଓଡ଼ିଶା ସରକାର
ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ବିଭାଗ
ଅଧିସୂଚନା

No. RDM-LAC-BOL-0004-2021/22635/R&DM **Dated: 03 Aug. 2021**

No. VIII-04: ଯେହେତୁ ଓଡ଼ିଶା ସରକାରଙ୍କୁ ପ୍ରତୀତ ହେଉଅଛି କି ଏକ ସାର୍ବଜନୀନ ଉଦ୍ଦେଶ୍ୟରେ ଅର୍ଥାତ୍ ବଲାଙ୍ଗୀର ଜିଲ୍ଲାର ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପର ଜଳ ଭଣ୍ଡାର ନିମନ୍ତେ ମୌଜା: ଭୁଣ୍ଡିମୁହାଣ, ଥାନା: ବଲାଙ୍ଗୀର ନଂ. ୪୩, ତହସିଲ: ବଲାଙ୍ଗୀର, ଜିଲ୍ଲା: ବଲାଙ୍ଗୀରରେ ନିମ୍ନ ତଫସିଲମତେ ପ୍ରାୟ ଏ.୩୩୧.୦୫ ଭୂମି ଅର୍ଜନ କରିବା ଆବଶ୍ୟକ ହେଉଛି।

ନ୍ୟାୟୋଚିତ କ୍ଷତିପୂରଣ ଅଧିକାର ଏବଂ ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ କ୍ଷେତ୍ରରେ ସ୍ୱଚ୍ଛତା ଆଇନ, ୨୦୧୩ର ଧାରା ୧୧(୧)ର ବ୍ୟବସ୍ଥା ଅନୁଯାୟୀ ଘୋଷିତ ଏହି ପ୍ରାରମ୍ଭିକ ଅଧିସୂଚନାଟି ଏଥି ସହିତ ସମ୍ପୃକ୍ତ ସମସ୍ତଙ୍କ ପାଇଁ ପ୍ରଯୁଜ୍ୟ ଅଟେ।

୧. ସାର୍ବଜନୀନ ଉଦ୍ଦେଶ୍ୟର ସ୍ୱରୂପ – ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ, ବଲାଙ୍ଗୀର।

୨. ଜମି ଆବଶ୍ୟକ କରୁଥିବା ସଂସ୍ଥାର ନାମ – ନିର୍ବାହୀ ଯନ୍ତ୍ରୀ, ଲୋୟର ସୁକତେଲ ଜଳ ସେଚନ ଯୋଜନାର ଥଇଥାନ ଓ ପୁନର୍ବସତି ଶିବିର ଏବଂ ନିର୍ମାଣ ଖଣ୍ଡ, ବଲାଙ୍ଗୀର।

୩. କ୍ଷତିଗ୍ରସ୍ତ ଲୋକଙ୍କ ବିସ୍ଥାପନ ଆବଶ୍ୟକତାର କାରଣ – ଲୋୟର ସୁକତେଲ ଜଳ ସେଚନ ଯୋଜନାର ଜଳ ଭଣ୍ଡାର ନିମନ୍ତେ ବିସ୍ଥାପନ କରିବା ଆବଶ୍ୟକ ହେଉଅଛି।

୪. ସାମାଜିକ ପ୍ରଭାବ ମୂଲ୍ୟାୟନର ସାରାଂଶ – ଥଇଥାନ ଓ ପୁନର୍ବାସ ଅନୁଦାନ ରାଶିର ବ୍ୟବସ୍ଥା ଅଛି।

୫. ପୁନର୍ବାସ ଓ ଥଇଥାନ ପାଇଁ ନିଯୁକ୍ତ ପ୍ରଶାସକଙ୍କ ବିବରଣୀ – ପ୍ରକଳ୍ପ ନିର୍ଦ୍ଦେଶକ ଥଇଥାନ ଓ ପୁନର୍ବସତି, ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ, ବଲାଙ୍ଗୀର।

୬. ଜମିର ବିବରଣୀ:

ଜିଲ୍ଲା	ତହସିଲ	ଗ୍ରାମ	ଗ୍ରାମାଞ୍ଚଳ/ ସହରାଞ୍ଚଳ	ଖାତା ନଂ.	ପ୍ଲଟ ନଂ.	ପ୍ଲଟର ମୋଟ ରକବା	ଅଧିସୂଚିତ ଜମିର ରକବା	ରୟତର ନାମ
ବଲାଙ୍ଗୀର	ବଲାଙ୍ଗୀର	ଭୁଣ୍ଡିମୁହାଣ	ଗ୍ରାମାଞ୍ଚଳ	ଏଥି ସହିତ ସଂଲଗ୍ନ	ଏଥି ସହିତ ସଂଲଗ୍ନ	ଏଥି ସହିତ ସଂଲଗ୍ନ	ଏ.୩୩୧.୦୫	ଏଥି ସହିତ ସଂଲଗ୍ନ

ଉକ୍ତ ଭୂମିର ଏକ ନକ୍ସା ତଥା ବିସ୍ତୃତ ବିବରଣୀ ସ୍ୱତନ୍ତ୍ର ଭୂ-ଅର୍ଜନ, ପୁନର୍ବାସ ଓ ଥଇଥାନ ଅଧିକାରୀ ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ବଲାଙ୍ଗୀର କାର୍ଯ୍ୟାଳୟରେ କାର୍ଯ୍ୟ ଦିବସମାନଙ୍କରେ ଦେଖିବାକୁ ମିଳିପାରିବ।

ଉକ୍ତ ଅଧିସୂଚନା ଅନ୍ତର୍ଭୁକ୍ତ କୌଣସି ଜମିର କ୍ରୟ ବିକ୍ରୟ, ହସ୍ତାନ୍ତର (ଦେଣ ନେଣ) କିମ୍ବା ଦାୟ ସୃଷ୍ଟି ବଲାଙ୍ଗୀର ଜିଲ୍ଲାପାଳଙ୍କ ପୂର୍ବାନୁମୋଦନ ବିନା କରାଯାଇପାରିବ ନାହିଁ। ସମ୍ପୃକ୍ତ ଜମିର କୌଣସି ସ୍ୱତ୍ୱାଧିକାରୀ/ଜମି ମାଲିକ ଭୂମି ଅଧିଗ୍ରହଣ ଅଧିସୂଚନା ସମ୍ପର୍କିତ ଅଧିସୂଚିତ ଜମିର ଉପଯୋଗିତା, ରକବା ଏବଂ ସାର୍ବଜନୀନ ଉଦ୍ଦେଶ୍ୟର ଔଚିତ୍ୟ ବିଷୟରେ କୌଣସି ଆପତ୍ତି ଉକ୍ତ ପ୍ରାରମ୍ଭିକ ଅଧିସୂଚନା ପ୍ରକାଶନର ୬୦ଦିନ ମଧ୍ୟରେ ବାଲାଙ୍ଗୀର ଜିଲ୍ଲାପାଳଙ୍କ ନିକଟରେ ଲିଖିତ ଆକାରରେ ଅଭିଯୋଗ କରିପାରିବେ।

ରାଜ୍ୟପାଳଙ୍କ ଆଦେଶକ୍ରମେ
ସ୍ୱା./– ଅଭୟ କୁମାର ନାୟକ
ଅତିରିକ୍ତ ଶାସନ ସଚିବ

ଲୋୟର ସୁକତେଲ ଜଳସେଚନ ପ୍ରକଳ୍ପ ନିମନ୍ତେ ଭୂମି ଅଧିଗ୍ରହଣ ସୂଚୀ
ମୌଜା: ଭୁଣ୍ଡିମୁହାଣ, ଥାନା: ବଲାଙ୍ଗୀର ନଂ. ୪୩, ତହସିଲ: ବଲାଙ୍ଗୀର ନଂ. ୪୩୧, ଜିଲ୍ଲା: ବଲାଙ୍ଗୀର

ଜିଲ୍ଲା	ତହସିଲ	ଗ୍ରାମ	ଖାତା ନଂ.	ପ୍ଲଟ ନଂ.	ମୋଟ ରକବା ଏ. ଡି.	ଅଧିଗ୍ରହଣ ରକବା	ଭୂ-ଅର୍ଜନ ସୀମା (ପୂ/ ପ/ ଉ/ଦ)	କିସମ	ରୟତଙ୍କ ନାମ	ମନ୍ତବ୍ୟ
୧	୨	୩	୪	୫	୬	୭	୮	୯	୧୦	୧୧
ବଲାଙ୍ଗୀର	ବଲାଙ୍ଗୀର	ଭୁଣ୍ଡିମୁହାଣ	୧	୭୯	୦.୧୪	୦.୧୪		ଆଟ ମାମୁଲି	ଈଶ୍ୱର ସେଠ୍, ପି.– ଗଣ୍ଡା ସେଠ୍, ଜା: କେଉଟ, ବା: ନିଜଗାଁ	
				୮୧	୦.୦୪	୦.୦୪		ଅନ୍ୟାନ୍ୟ କ୍ଷେତ୍ରଆଡି		
				୮୨	୦.୧୦	୦.୧୦		ଆଟ ମାମୁଲି		
				୮୩	୦.୬୫	୦.୬୫		ବେ.ମା.		
				୮୪	୦.୪୯	୦.୪୯		ବେ.ମା.		
				୮୫	୦.୧୨	୦.୦୪		ଆଟ ମାମୁଲି		
				୮୬	୦.୩୦	୦.୨୪		ଅନ୍ୟାନ୍ୟ କ୍ଷେତ୍ରଆଡି		
				୮୭/ ୧୦୨୨	୦.୩୦	୦.୩୦		ବା.ମା.		
				୭୬/ ୧୦୨୦	୦.୯୩	୦.୦୯		ଆଟ ମାମୁଲି		
				୭୬/ ୧୦୨୧	୦.୮୯	୦.୨୫		ଆଟ ମାମୁଲି		
			୩	୩୫୦	୦.୦୭	୦.୦୭		ଅନ୍ୟାନ୍ୟ କ୍ଷେତ୍ରଆଡି	କମଳା ଦାସ, ପି.– ମହାରାଜ ଦଳଗଞ୍ଜନ ସିଂହଦେଓ, ଜା– ଜ୍ୟାନ୍ତୁଣ	
				୩୫୫	୦.୦୬	୦.୦୬		ଅନ୍ୟାନ୍ୟ କ୍ଷେତ୍ରଆଡି		
				୩୫୬	୩.୪୪	୩.୦୨		ବା.ମା./୫		
				୩୫୭	୦.୧୩	୦.୧୩		ବା.ମା.		
				୩୫୯	୧.୭୨	୦.୬୬		ଆଟ ମାମୁଲି		
				୩୪୮	୧୫.୧୦	୦.୪୨		ଆଟ ମାମୁଲି		
			୪	୨୮୨	୦.୩୧	୦.୩୧		ଅନ୍ୟାନ୍ୟ କ୍ଷେତ୍ରଆଡି	କାଶୀନାଥ ସାହୁ, ପି.– ବାଳମୁକୁନ୍ଦ ସାହୁ, ଦୁଃଖୁ ସାହୁ, ଜା– ଥୁଲିଆ, ବା– ନିଜଗାଁ	
				୨୮୫	୨.୬୯	୦.୮୦		ଆଟ ମାମୁଲି		
				୨୮୮	୦.୯୦	୦.୯୦		ବେ.ମା.		
				୨୮୯	୦.୧୩	୦.୧୩		ଅନ୍ୟାନ୍ୟ କ୍ଷେତ୍ରଆଡି		
			୭	୧୪୩	୦.୩୫	୦.୩୫		ଆ.ମା.	କୃଷ୍ଣଚନ୍ଦ୍ର ବେହେରା, ପି.– ତେଜରାଜ ବେହେରା, ଜା– ଶୁଣ୍ଡୀ, ବା: ନିଜଗାଁ	
				୨୩୭	୦.୧୫	୦.୧୫		ଆ.ମା.		
				୨୨୨/ ୯୮୦	୧.୮୨	୧.୮୨		ବା.ପା.ଢୁ.		
				୨୨୬/ ୯୮୧	୦.୨୮	୦.୨୮		ବା.ମା.		
				୨୩୫/ ୯୮୬	୦.୦୪	୦.୦୪		ଆ.ମା.		
				୨୩୭/ ୯୮୯	୦.୨୫	୦.୨୫		ବ.ଢୁ. (ଆମ୍ର)		
				୨୪୬/ ୯୯୨	୦.୧୭	୦.୧୭		ବେ.ମା.		
				୨୧୭	୦.୨୩	୦.୨୩		ବା.ମା.		
				୨୨୯	୦.୦୬	୦.୦୬		ଅନ୍ୟାନ୍ୟ କ୍ଷେତ୍ରଆଡି		
				୨୩୦	୦.୪୦	୦.୪୦		ଆ.ମା.		
				୨୪୮	୦.୪୦	୦.୪୦		ଅନ୍ୟାନ୍ୟ କ୍ଷେତ୍ରଆଡି		
			୯	୨୩୯	୦.୦୮	୦.୦୮		ଆ.ମା.	ଗଣ୍ଡା ପୁଟେଲ, ପି. ସଂକୀର୍ତ୍ତନ ପୁଟେଲ, ଛାଲ ପୁଟେଲ, ନୃପ ପୁଟେଲ, କପିଳ ପୁଟେଲ, ପି.– କେଶବ ପୁଟେଲ, ଜା– ମାଳି, ବା– ନିଜଗାଁ	
				୨୪୦	୦.୮୦	୦.୮୦		ଆ.ମା.		
				୨୫୧	୦.୨୧	୦.୨୧		ବା.ପା.ଢୁ.		
				୨୫୭	୦.୦୫	୦.୦୫		ଘରବାରି (ଘର)		
				୨୫୮	୦.୨୬	୦.୨୬		ମା.ମା.		
				୧୬୫/ ୯୩୪	୦.୦୬	୦.୦୬		ବେ.ମା.		
				୨୪୫	୦.୧୯	୦.୧୯		ବେ.ମା.		
			୧୧	୯୦	୬.୦୫	୪.୨୦		ଆ.ମା.	ଗୋବର୍ଦ୍ଧନ ମିର୍ଦ୍ଧା, ଦୁର୍ଜନ ମିର୍ଦ୍ଧା, ପି.– ବାସୁଦେବ ମିର୍ଦ୍ଧା, ସହଦେବ ମିର୍ଦ୍ଧା, ପି.– ସନିଆ ମିର୍ଦ୍ଧା, ଜା– କୋଡା, ବା– ନିଜଗାଁ	
				୯୫	୦.୦୮	୦.୦୮		ଘରବାରି (ଘର)		
				୯୬	୦.୯୧	୦.୯୧		ଆଟ ମାମୁଲି		
				୯୭	୦.୧୮	୦.୧୮		ମା.ମା.		
				୧୦୦	୧.୨୭	୧.୨୭		ବା.ପା.ଢୁ.		
				୧୦୧	୦.୦୭	୦.୦୭		ଅନ୍ୟାନ୍ୟ କ୍ଷେତ୍ରଆଡି		
				୧୦୩	୦.୧୭	୦.୧୭		ଅନ୍ୟାନ୍ୟ କ୍ଷେତ୍ରଆଡି		
				୧୦୪	୦.୫୪	୦.୫୪		ବେ.ମା.		
				୧୦୮	୦.୫୮	୦.୫୮		ବା.ପା.ଢୁ.		
				୧୦୯	୦.୪୩	୦.୪୩		ବା.ପା.ଢୁ.		
				୧୧୦	୦.୨୪	୦.୨୪		ବା.ପା.ଢୁ.		
				୧୧୧	୦.୧୧	୦.୧୧		ଅନ୍ୟାନ୍ୟ କ୍ଷେତ୍ରଆଡି		
				୧୧୨	୦.୪୨	୦.୪୨		ବା.ପା.ଢୁ		
				୧୧୩	୦.୪୭	୦.୪୭		ବା.ପା.ଢୁ.		
				୧୧୫	୦.୧୯	୦.୧୯		ବା.ପା.ଢୁ.		
				୭୭୫	୦.୧୩	୦.୦୩		ଅନ୍ୟାନ୍ୟ କ୍ଷେତ୍ରଆଡି		
				୭୭୬	୩.୩୫	୩.୩୫		ବା.ପା.ଢୁ./୨		
				୭୭୭	୦.୫୦	୦.୫୦		ଅନ୍ୟାନ୍ୟ କ୍ଷେତ୍ରଆଡି		
				୭୭୮	୦.୪୬	୦.୪୬		ଅନ୍ୟାନ୍ୟ (ପାଣିନାଳ)		
				୭୮୧	୨.୧୯	୦.୭୫		ବା.ପା.ଢୁ.		
				୭୮୨	୦.୯୩	୦.୦୮		ମା.ମା.		
			୧୪	୩୭୦	୦.୫୧	୦.୫୧		ବେ.ମା.	ଗାଧିରାମ ଲୁହା, ପି.– ଶତ୍ରୁଘନ ଲୁହା, ଜା– ଗଣ୍ଡା, ବା–ଗୁଟୁପାଲି	
				୩୨୭	୨.୨୮	୨.୨୮		ବା.ମା.		
			୧୮	୨୬୬	୦.୪୬	୦.୪୬		ବେ.ମା.	ଚନ୍ଦ୍ରମା ଘିଭେଲା, ସ୍ୱା. ସତ୍ୟବାଦୀ ଘିଭେଲା, ଜା– ଗଉଡ, ବା– ନିଜଗାଁ	
				୨୬୮	୦.୭୨	୦.୭୨		ବେ.ମା.		
				୩୮୮	୦.୯୯	୦.୭୯		ଆଟ ମାମୁଲି		
				୩୯୯	୧.୭୫	୧.୭୫		ମା.ମା.		
				୪୦୦	୦.୧୨	୦.୧୨		ଆଟ ମାମୁଲି		
				୪୦୧	୦.୨୦	୦.୧୮		ଆଟ ମାମୁଲି		
			୨୦	୬୦୪	୫.୭୪	୦.୩୪		ଆଟ ମାମୁଲି	ଛାଲବାଗ, ପି.– ସଂକୀର୍ତ୍ତନ ବାଗ, ବଲଦୁ ବାଗ, ଦିରଜୁ ବାଗ, ଦିବି ବାଗ, ପି.– କୀର୍ତ୍ତନ ବାଗ, ଜା– ଗଉଡ, ବା– ନିଜଗାଁ	
				୬୦୬	୦.୦୭	୦.୦୭		ଆଟ ମାମୁଲି		
				୬୦୭	୦.୧୪	୦.୧୪		ବେ.ମା.		
				୬୦୯	୦.୬୧	୦.୬୧		ବା.ପା. ଢୁଲ		
				୬୧୮	୧.୮୮	୧.୦୨		ବା.ମା.		
				୬୧୯	୧.୧୭	୧.୧୭		ବା.ମା.		
				୬୨୦	୦.୬୦	୦.୪୫		ଅନ୍ୟାନ୍ୟ (ପାଣିନାଳ)		
				୬୨୫	୨.୪୯	୨.୪୯		ବା.ଢୁ.ଲ.		
				୬୩୮	୦.୧୮	୦.୧୮		ବେ.ମା.		
				୬୪୧	୦.୦୮	୦.୦୮		ଅନ୍ୟାନ୍ୟ କ୍ଷେତ୍ରଆଡି		
				୬୪୩	୦.୦୮	୦.୦୮		ଅନ୍ୟାନ୍ୟ କ୍ଷେତ୍ରଆଡି		
				୬୪୪	୦.୭୭	୦.୭୭		ବା.ପା.ଢୁ./୬		
			୨୫	୨୬୮/ ୧୦୮୩	୩.୬୦	୩.୬୦		ଆଟ ମାମୁଲି	ଡମନ ସାହୁ, ପି.– ଭଗବାନ ସାହୁ, ଜା: କୁଳତା, ବା: କଖାଳ	
			୨୬	୨୨୨	୧.୫୬	୧.୫୬		ବା.ପା.ଢୁ.	ତାରାଚାନ୍ଦ ବେହେରା, ପି.– ତେଜରାଜ ବେହେରା, ଜା: ଶୁଣ୍ଡି, ବା: କଖାଳ	
				୧୧୭	୦.୪୬	୦.୪୬		ଅନ୍ୟାନ୍ୟ କ୍ଷେତ୍ରଆଡି		
				୧୧୯	୦.୩୧	୦.୩୧		ଅନ୍ୟାନ୍ୟ କ୍ଷେତ୍ରଆଡି		
				୨୩୫	୦.୪୮	୦.୪୮		ଆଟ ମାମୁଲି		
				୨୩୭	୦.୨୧	୦.୨୧		ବଗାୟତ/୨ (ଆମ୍ର)		
				୨୩୮	୦.୩୩	୦.୩୩		ଆଟ ମାମୁଲି		
				୨୪୩	୦.୩୯	୦.୩୯		ବେ.ମା.		
				୧୧୮/ ୯୬୬	୦.୧୭	୦.୧୭		ବା.ପା.ଢୁ		
				୨୩୨/ ୯୮୫	୦.୧୧	୦.୧୧		ଆଟ ମାମୁଲି		
			୨୮	୨୯୯	୦.୯୯	୦.୯୯		ଆଟ ମାମୁଲି	ତିଲ ସାହୁ, ପ୍ରହ୍ଲାଦ ସାହୁ, ଗୁରୁ ସାହୁ, ଚଙ୍କ ସାହୁ, , ପି.– ଧୋବା ସାହୁ, ଜା– ତେଲି, କୁଟୁ ସାହୁ, ପି.– ତୀର୍ଥ ସାହୁ, କୁମର ସାହୁ, ଭୀମ ସାହୁ, ବାହାଦୁର ସାହୁ, ହାଡୁ ସାହୁ, ଭମର ସାହୁ, ପି.– ଭାଗ ସାହୁ, ଜା– ତେଲି, ବା– ନିଜଗାଁ	
				୧୦୦	୦.୨୯	୦.୨୯		ମା.ମା.		
				୧୦୧	୦.୧୯	୦.୧୯		ଅନ୍ୟାନ୍ୟ କ୍ଷେତ୍ରଆଡି		
				୧୦୪	୦.୨୦	୦.୨୦		ବା.ମା.		
				୨୦୬	୦.୦୭	୦.୦୭		ଅନ୍ୟାନ୍ୟ (ପାଣିନାଳ)		
				୨୦୭	୦.୨୯	୦.୨୯		ଆଟ ମାମୁଲି		
				୨୦୮	୦.୧୦	୦.୧୦		ବା.ପା.ଢୁ.		
				୨୦୯	୦.୬୩	୦.୬୩		ବା.ପା.ଢୁ.		
				୨୧୦	୦.୨୦	୦.୨୦		ମା.ମା.		
				୨୧୧	୦.୩୫	୦.୩୫		ବେ.ମା.		
				୨୧୨	୦.୩୨	୦.୩୨		ବା.ପା.ଢୁ.		
				୨୧୩	୦.୯୧	୦.୯୧		ବା.ପା.ଢୁ.		
				୨୧୪	୦.୩୫	୦.୩୫		ବା.ପା.ଢୁ.		
				୨୧୬	୦.୧୦	୦.୧୦		ବା.ପା.ଢୁ.		
				୨୩୦/ ୯୩୬	୦.୨୦	୦.୨୦		ଅନ୍ୟାନ୍ୟ (ପାଣିନାଳ)		

ଜିଲ୍ଲା	ତହସିଲ	ଗ୍ରାମ	ଖାତା ନଂ.	ପ୍ଲଟ ନଂ.	ମୋଟ ରକବା ଏ. ଡି.	ଅଧିଗ୍ରହଣ ରକବା	ଭୂ-ଅର୍ଜନ ସୀମା (ପୂ/ ପ/ ଉ/ଦ)	କିସମ	ରୟତଙ୍କ ନାମ	ମନ୍ତବ୍ୟ
୧	୨	୩	୪	୫	୬	୭	୮	୯	୧୦	୧୧
			୨୯	୨୪୧	୦.୧୯	୦.୧୯		ଅନ୍ୟାନ୍ୟ କ୍ଷେତ୍ରଆଡି	ତ୍ରିଲୋଚନ ବେହେରା, ପି.– ତେଜରାଜ ବେହେରା, ଜା– ଶୁଣ୍ଡୀ, ବା– କଖାଳ	
				୨୪୭	୨.୩୪	୨.୩୪		ବା.ପା.ଢୁ.		
				୧୧୮	୧.୦୮	୧.୦୮		ବା.ପା.ଢୁ.		
				୧୨୧	୦.୪୦	୦.୪୦		ବେ.ପା.ଢୁ.		
				୧୨୩	୦.୨୯	୦.୨୯		ଅନ୍ୟାନ୍ୟ କ୍ଷେତ୍ରଆଡି		
				୧୨୪	୦.୨୪	୦.୨୪		ଅନ୍ୟାନ୍ୟ କ୍ଷେତ୍ରଆଡି		
				୧୩୧	୦.୪୪	୦.୪୪		ଆଟ ମାମୁଲି		
				୨୨୮/ ୯୮୨	୦.୪୪	୦.୪୪		ଆଟ ମାମୁଲି		
			୩୧	୧୩୭	୦.୬୪	୦.୬୪		ବେ.ମା.	ଦାମୋଦର ମହାନନ୍ଦ, ପି.– ଚିନ୍ତୁନୁ ମହାନ୍ଦ, ଜା– ଗଣ୍ଡା, ବା– ନିଜଗାଁ	
				୧୪୦	୨.୦୪	୨.୦୪		ବା.ପା.ଢୁ.		
				୧୪୪	୧.୨୬	୧.୨୬		ଆଟ ମାମୁଲି		
				୧୫୨	୦.୧୩	୦.୧୩		ବା.ପା.ଢୁ.		
			୩୨	୬୨	୪.୨୫	୪.୨୫		ଆଟ ମାମୁଲି	ବିନବନ୍ଧୁ ବରିହା, ଖଗେଶ୍ୱର ବରିହା, ପି.– ବିଶ୍ୱମ୍ଭର ବରିହା, ଜା– ଚିଂଝାଲ, ବା– ନିଜଗାଁ	
				୬୩	୦.୫୧	୦.୫୧		ବେ.ମା.		
				୬୩	୦.୩୫	୦.୩୫		ମା.ମା.		
				୩୦୫	୦.୨୯	୦.୨୯		ବେ.ମା.		
				୩୦୬	୩.୭୭	୩.୭୭		ବା.ପା.ଢୁ./୩		
				୩୦୮	୦.୫୬	୦.୫୬		ଅନ୍ୟାନ୍ୟ କ୍ଷେତ୍ରଆଡି		
				୩୧୧	୦.୨୧	୦.୨୧		ବା.ପା.ଢୁ.		
				୩୧୨	୧୦.୮୫	୧୦.୮୫		ବା.ପା.ଢୁ./୧୧		
				୩୧୩	୦.୦୫	୦.୦୫		ଆଟ ମାମୁଲି		
				୩୧୪	୦.୩୫	୦.୩୫		ବେ.ମା.		
				୩୧୫	୦.୯୯	୦.୯୯		ଆଟ ମାମୁଲି		
				୩୮୨	୧.୩୮	୧.୩୮		ବା.ପା.ଢୁ.		
				୩୮୩	୦.୫୫	୦.୫୫		ବା.ପା.ଢୁ.		
				୩୮୭	୦.୧୧	୦.୧୧		ବେ.ମା.		
				୩୮୮	୦.୧୫	୦.୧୫		ମା.ମା.		
				୩୯୫	୮.୧୦	୭.୧୦		ଆଟ ମାମୁଲି		
				୧୪୮/ ୯୪୧	୦.୧୮	୦.୧୮		ବା.ପା.ଢୁ.		
				୧୪୮/ ୯୪୯	୦.୨୫	୦.୨୫		ଅନ୍ୟାନ୍ୟ କ୍ଷେତ୍ରଆଡି		
			୩୪	୪୭୪	୦.୨୭	୦.୨୭		ବେ.ମା.	ବୁଧେଶ୍ୱର ଘିଭେଲା, ବୃଷଭ ଘିଭେଲା, ପି.– ଦବୁଣ ଘିଭେଲା, ଜା– ଗଉଡ, ବା– ନିଜଗାଁ	
				୪୭୮	୦.୫୮	୦.୫୮		ବା.ପା.ଢୁ.		
				୪୫୦	୦.୪୩	୦.୪୩		ମା.ମା.		
				୪୯୨	୦.୦୯	୦.୦୯		ଅନ୍ୟାନ୍ୟ କ୍ଷେତ୍ରଆଡି		
				୪୧୬	୦.୨୯	୦.୨୯		ଆଟ ମାମୁଲି		
			୩୬	୪୪୪	୦.୦୩	୦.୦୩		ମା.ମା.	ଦୁତି ଦାସ, ସ୍ୱା.– ପଦ୍ମଲୋଚନ ଦାସ, ଜା– ବୈଷ୍ଣବ, ପୂର୍ଣ୍ଣମାସୀ ଦାସ, ବନବାସୀ ଦାସ, ପି.– ସର୍ବେଶ୍ୱର ଦାସ, ବା– ନିଜଗାଁ	
				୪୭୭	୦.୦୯	୦.୦୯		ଅନ୍ୟାନ୍ୟ କ୍ଷେତ୍ରଆଡି		
				୪୭୧/ ୯୫୪	୦.୦୩	୦.୦୩		ଅନ୍ୟାନ୍ୟ (ପାଣିନାଳ)		
			୩୯	୭୦୪	୦.୦୮	୦.୦୮		ବା.ମା.	ନାରଦ ପଧାନ, ପି.– ଧନୁ ପଧାନ, ଜା– କୁଲତା, ବା– ନିଜଗାଁ	
				୭୪୪	୦.୦୨	୦.୦୨		ବେ.ମା.		
				୭୪୮	୦.୧୨	୦.୧୨		ମା.ମା.		
				୭୪୧/ ୯୭୦	୦.୨୦	୦.୨୦		ମା.ମା.		
				୭୫୧/ ୯୭୧	୦.୦୮	୦.୦୮		ଅନ୍ୟାନ୍ୟ (ପାଣିନାଳ)		
				୭୫୧/ ୯୭୨	୦.୭୭	୦.୭୭		ବା.ପା.ଢୁ.		
			୪୩	୩୪୨	୦.୭୭	୦.୪୦		ଆଟ ମାମୁଲି	ନିତ୍ୟା ଭୋଏ, ପି.– ଜଗତ ଭୋଏ, ଜା– ସହରା, ବା– ନିଜଗାଁ	
				୩୪୩	୦.୪୯	୦.୪୯		ବା.ମା.		
				୩୪୪	୦.୨୧	୦.୨୧		ମା.ମା.		
			୪୪	୮୭	୦.୨୦	୦.୨୦		ବା.ମା./୮	ନୀଳମଣି ବାନ୍ଧୁ, ଲାଲକାଳିନ୍ଦ୍ରି ସିଂହ ଦେଓ, ଜା.– କ୍ଷତ୍ରୀୟ, ବା– ବଲାଙ୍ଗୀର	
			୪୫	୧୨୬	୦.୬୪	୦.୬୪		ବେ.ମା.	ନୀଳମଣି ବେହେରା, ପି.– ତେଜରାଜ ବେହେରା, ଜା– ଶୁଣ୍ଡୀ, ବା– କଖାଳ	
				୧୨୭	୦.୪୮	୦.୪୮		ବେ.ପା.ଢୁ.		
				୧୨୮	୧.୪୪	୧.୪୪		ବା.ପା.ଢୁ.		
				୧୨୯	୦.୪୮	୦.୪୮		ଅନ୍ୟାନ୍ୟ କ୍ଷେତ୍ରଆଡି		
				୧୩୦	୨.୩୮	୨.୩୮		ବା.ପା.ଢୁ.		
				୧୩୧	୦.୩୨	୦.୩୨		ମା.ମା.		
				୧୩୩	୦.୧୮	୦.୧୮		ମା.ମା.		
				୧୪୨	୦.୨୭	୦.୨୭		ବେ.ମା.		
				୨୩୩	୦.୧୪	୦.୧୪		ଅନ୍ୟାନ୍ୟ କ୍ଷେତ୍ରଆଡି		
				୨୩୪	୦.୦୫	୦.୦୫		ଅନ୍ୟାନ୍ୟ (କୂପ)		
				୨୩୮/ ୯୯୦	୦.୦୯	୦.୦୯		ଆଟ ମାମୁଲି		
			୪୭	୨୯୦	୧.୨୩	୦.୪୦		ଆଟ ମାମୁଲି	ପ

ଜୁନିୟର ପୁରୁଷ ହକି ବିଶ୍ୱକପ୍‌ରୁ ଓହରିଲା ଅଷ୍ଟ୍ରେଲିଆ

ଭାରତରେ କୋଭିଡ୍-୧୯ ପ୍ରଭାବ

ସିଡନୀ,୧୭।୯(ପି.ଟି.): କୋଭିଡ୍-୧୯ ସ୍ଥିତିକୁ ଦୃଷ୍ଟିରେ ରଖି ଅଷ୍ଟ୍ରେଲିଆ ଭାରତରେ ଆୟୋଜନ ହେବାକୁ ଥିବା ଜୁନିୟର ହକି ବିଶ୍ୱକପ୍ ସମେତ ବିଭିନ୍ନ ଅନ୍ତର୍ଜାତୀୟ ହକି ଟୁର୍ନାମେଣ୍ଟରୁ ଓହରିଯିବାକୁ ନିଷ୍ପତ୍ତି ନେଇଛି। ଚଳିତ ବର୍ଷ ଶେଷ ଆଡକୁ ଜୁନିୟର ହକି ବିଶ୍ୱକପ୍ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। କୋଭିଡ୍-୧୯ ନେଇ ସରକାରଙ୍କ ବିଭିନ୍ନ ଭ୍ରମଣଜନିତ କଟକଟଣାକୁ ଦୃଷ୍ଟିରେ ରଖି ଅଷ୍ଟ୍ରେଲିଆ ଏହି ନିଷ୍ପତ୍ତି ନେଇଛି ବୋଲି କହିଛି।

ଜୁନିୟର ପୁରୁଷ ହକି ବିଶ୍ୱକପ୍ ଆଗାମୀ ନଭେମ୍ବର- ଡିସେମ୍ବରରେ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। ତେବେ ବିଶ୍ୱକପ୍‌ର ଭେନ୍ୟୁ ନେଇ ଏ ପର୍ଯ୍ୟନ୍ତ କୌଣସି ନିଷ୍ପତ୍ତି ନିଆଯାଇନାହିଁ। ସେହିପରି ଆସନ୍ତା ମାସରେ ପ୍ରୋ ଲିଗ୍‌ର ତୃତୀୟ ସେସନ ମଧ୍ୟ ଆୟୋଜନ ହେବାର କାର୍ଯ୍ୟକ୍ରମ ରହିଛି। ଏହି ଇଭେଣ୍ଟରୁ ମଧ୍ୟ ଟୋକିଓ ଅଲିମ୍ପିକ୍ସ ରୌପ୍ୟ ପଦକ ବିଜେତା ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଓହରିଯାଇଛନ୍ତି। ଏଫ୍‌ଆଇଏଚ୍ ପ୍ରୋ ଲିଗ୍ ଅକ୍ଟୋବରରେ ଖେଳାଯିବ। କୋଭିଡ୍ ସ୍ଥିତି ଓ ଦୁଇ ଦେଶରେ ଦେଖାଦେଇଥିବା ଅନିଶ୍ଚିତତା ଯୋଗୁ ଏଥିରେ ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡ ଅଂଶଗ୍ରହଣ କରିବେ ନାହିଁ ବୋଲି ହକି ଅଷ୍ଟ୍ରେଲିଆ ତରଫରୁ କୁହାଯାଇଛି। ପୁଣି ଅଷ୍ଟ୍ରେଲିଆ ଓ ନ୍ୟୁଜିଲାଣ୍ଡରେ କଡ଼ା କ୍ୱାରାଣ୍ଟାଇନ ନିୟମ ଲାଗୁ ରହିଥିବାରୁ ସେଠାରେ ଅନ୍ୟ ଦେଶମାନେ ଖେଳିବା କଷ୍ଟକର ବୋଲି କୁହାଯାଇଛି। ଅଷ୍ଟ୍ରେଲିଆ ସରକାରଙ୍କ ସ୍ୱାସ୍ଥ୍ୟଗତ ପରାମର୍ଶ ଅନୁଯାୟୀ ଅଷ୍ଟ୍ରେଲିଆ ବିଦେଶ ଗସ୍ତ ନ କରିବାକୁ ବିଚାର କରୁଛି ବୋଲି ହକି ଅଷ୍ଟ୍ରେଲିଆ କାର୍ଯ୍ୟକାରୀ ମୁଖ୍ୟ କାର୍ଯ୍ୟନିର୍ବାହୀ ମାଇକେଲ ଜନଷ୍ଟନ କହିଛନ୍ତି।

ମୁମ୍ବାଇଠାରେ ଶୁକ୍ରବାର ଅନୁଷ୍ଠିତ ଏକ କାର୍ଯ୍ୟକ୍ରମରେ ଦୁଇ ତାରକା ଆଥଲେଟ ପ୍ରମୋଦ ଭଗତ ଓ ନୀରଜ ଚୋପ୍ରା।

ଜାତୀୟ ସବ୍‌ଜୁନିୟର ସଫ୍ଟବଲ ୧୯ରୁ

ଭୁବନେଶ୍ୱର, ୧୭।୯ (କ୍ରୀଡ଼ା ପ୍ରତିନିଧି): ଜାତୀୟ ସବ୍‌ଜୁନିୟର ସଫ୍ଟବଲ ଚାମ୍ପିୟନଶିପ୍(ବାଳିକା ଓ ବାଳକ)ର ୩୩ତମ ସଂସ୍କରଣ ଚଳିତ ମାସ ୧୯ ତାରିଖରୁ କଟକର ସତ୍ୟବ୍ରତ ଷ୍ଟାଡିୟମରେ ଆରମ୍ଭ ହେବ। ଓଡ଼ିଶା ସଫ୍ଟବଲ ଆସୋସିଏଶନ ଆନୁକୂଲ୍ୟରେ ହେବାକୁ ଯାଉଥିବା ଏହି ପ୍ରତିଯୋଗିତା ୨୩ ତାରିଖ ପର୍ଯ୍ୟନ୍ତ ଚାଲିବ। ଖେଳାଳି, ସପୋର୍ଟ ଷ୍ଟାଫ୍ ଓ ଅଫିସିଆଲଙ୍କୁ ମିଶାଇ ପାଖାପାଖି ୩୫୦ ଜଣ ଏହି ପ୍ରତିଯୋଗିତାରେ ଅଂଶଗ୍ରହଣ କରିବେ ବୋଲି ଆଶା କରାଯାଉଛି। କଟକସ୍ଥିତ ଓଡ଼ିଶା କ୍ରିକେଟ ଆସୋସିଏଶନ (ଓସିଏ) କନ୍‌ଫରେନ୍ସ ହଲ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଆୟୋଜକଙ୍କ ପକ୍ଷରୁ ଏହି ସୂଚନା ଦିଆ ଯାଇଛି। ୧୪ ବର୍ଷରୁ କମ୍ ପ୍ରତିଯୋଗୀମାନେ ଏଥିରେ ଅଂଶଗ୍ରହଣ କରିପାରିବେ। ପ୍ରତିଯୋଗିତା ଅବସରରେ କୋଭିଡ-୧୯ ଗାଇଡଲାଇନ୍‌କୁ କଡ଼ାକଡ଼ିଭାବେ ପାଳନ କରିବା ପାଇଁ ଭାରତୀୟ ସଫ୍ଟବଲ ଆସୋସିଏଶନ ପକ୍ଷରୁ ନିର୍ଦ୍ଦେଶ ଦିଆ ଯାଇଛି। ଟୁର୍ନାମେଣ୍ଟ ପାଇଁ ୨୦,୦୦,୦୦୦ ଟଙ୍କାର ବଜେଟ ରଖା ଯାଇଛି ବୋଲି ପ୍ରକାଶ କରାଯାଇଛି।

ଦେବାଶିଷଙ୍କୁ ଡବଲ ସଫଳତା

ଭୁବନେଶ୍ୱର,୧୭।୯ (ସ୍ପୋର୍ଟ୍ସ ବ୍ୟୁରୋ)

ରାଜ୍ୟର ଶ୍ରେଷ୍ଠ ୧୬ ଓ ୧୮ ବର୍ଷରୁ କମ୍ ଟେନିସ୍ ଖେଳାଳି ଦେବାଶିଷ ସାହୁ ଆଉ ଏକ ବଡ଼ ଧରଣର ସଫଳତା ହାସଲ କରିଛନ୍ତି। ସେ ହରିୟାଣାର ଝାଜରଠାରେ ଖେଳାଯାଇଥିବା ଅଲ ଇଣ୍ଡିଆ ଟେନିସ ଆସୋସିଏଶନ (ଏଆଇଟିଏ), ସୁପର ସିରିଜ (ଏସ୍‌ଏସ୍) ଟେନିସ ଟୁର୍ନାମେଣ୍ଟରେ

ଏଆଇଟିଏ ଏସ୍‌ଏସ୍ ଟେନିସ୍

୧୬ ବର୍ଷରୁ କମ୍ ବାଳକ ବିଭାଗରେ ଉଭୟ ସିଙ୍ଗଲ୍ସ ଓ ଡବଲ୍ସ ଟାଇଟଲ ହାସଲ କରିଛନ୍ତି।

ବାଳକ ସିଙ୍ଗଲ୍ସ ଫାଇନାଲରେ ସେ ପଞ୍ଜାବର ହିତେଶ ଚୌହାନଙ୍କୁ ୬-୪, ୬-୪ ସେଟ୍‌ରେ ହରାଇ ଚାମ୍ପିୟନ ହୋଇଛନ୍ତି। ସେହିପରି ସେମିଫାଇନାଲରେ ସେ ଦିଲ୍ଲୀର ଅର୍ଜୁନ ପଣ୍ଡିତଙ୍କୁ ୬-୧, ୬-୦ ସେଟ୍‌ରେ ପରାସ୍ତ କରିଥିଲେ। ସେହିପରି ଡବଲ୍ସ ଇଭେଣ୍ଟରେ ସେ ହିତେଶ ଚୌହାନଙ୍କ ସହ ସାଥି ହୋଇ ଫାଇନାଲ ମୁକାବିଲାରେ ଅର୍ଜୁନ ପଣ୍ଡିତ ଓ ହରିୟାଣାର ଦୀପମ ମଲିକଙ୍କୁ ୪-୬, ୬-୩ (୧୦-୩) ସୁପର ଟାଇବ୍ରେକରରେ ହରାଇ ଟାଇଟଲ ଜିତିଛନ୍ତି। ଦେବାଶିଷ ଏବେ ଦେଶରେ ୧୬ ବର୍ଷରୁ କମ୍ ର୍ୟାଙ୍କିଙ୍ଗରେ ୧୩ତମ ସ୍ଥାନରେ ରହିଛନ୍ତି। ସେ ରାଜ୍ୟର ପ୍ରଥମ ଖେଳାଳିଭାବେ ଜୁନିୟର ରୋଡ ଟୁ ୧୪ ବର୍ଷରୁ କମ୍ ଓ୍ୱେଲଡନ ଇଭେଣ୍ଟ ପାଇଁ ଚୟନ ହୋଇଥିଲେ। ତେବେ କୋଭିଡ୍-୧୯ କାରଣରୁ ଓ୍ୱେଲଡନ ବାତିଲ ହୋଇଥିଲା। ୨୦୨୨ରେ ୧୬ ବର୍ଷରୁ କମ୍ ବର୍ଗ ଜୁନିୟର ଡେଭିସ୍ କପ୍‌ରେ ଭଲ ପ୍ରଦର୍ଶନ କରିବାକୁ ଦେବାଶିଷ ଏବେ କଠିନ ପରିଶ୍ରମ କରୁଛନ୍ତି।

ଟ୍ରଫି ସହ ଦେବାଶିଷ ସାହୁ।

ଜିଲ୍ଲା	ତହସିଲ	ଗ୍ରାମ	ଖାତା ନଂ.	ପ୍ଲଟ ନଂ.	ମୋଟ ରକବା ଏ. ଡି.	ଅଧିଗ୍ରହଣ ରକବା	ଭୂ-ଅର୍ଜନ ସୀମା (ପୃ/ପ/ଉ/ଦ)	କିସମ	ରୟତଙ୍କ ନାମ	ମନ୍ତବ୍ୟ
୧	୨	୩	୪	୫	୬	୭	୮	୯	୧୦	୧୧
			୮୭/ ୫୧	୩୧୯	୧.୦୦	୧.୦୦		ବା.ମା.	ନିଚଲ ବଗର୍ଗି, ପି.-ଫଗୁନୁ ବଗର୍ଗି, ଜା- ଗଞ୍ଜତ, ବା- ନିଜଗାଁ	
				୩୨୦	୦.୫୪	୦.୫୪		ମା.ମା.		
				୩୨୧	୦.୯୯	୦.୯୯		ଆଟ ମାମୁଲି		
			୮୭/ ୫୨	୮୮	୦.୪୯	୦.୪୯		ମା.ମା.	ଦଶରଥ ସାହୁ, ପି.- ଲିଙ୍ଗରାଜ ସାହୁ, ଜା- ତେଲି, ବା- ନିଜଗାଁ	
				୭୬/ ୧୦୮୫	୨.୦୦	୦.୮୫		ଆଟ ମାମୁଲି		
			୮୭/ ୫୩	୩୮୧/ ୧୦୯୧	୦.୦୫	୦.୦୫		ଅନ୍ୟାନ୍ୟ	ସୂର୍ଯ୍ୟ ଭୋଇ, ସ୍ୱା.- କୁଳଧର ଭୋଇ, ବିଷ୍ଣୁଚରଣ ଭୋଇ, ଭଗ୍ରସେନ ଭୋଇ, ଭିକାରୀ ଭୋଇ, ପି.- କୁଳଧର ଭୋଇ, ଜା- ସହରା, ବା- ନିଜଗାଁ	
				୩୮୧/ ୧୦୯୩	୦.୧୮	୦.୧୮		ଆଟ ମାମୁଲି		
			୮୭/ ୫୪	୩୮୧/ ୧୦୯୪	୦.୦୫	୦.୦୫		ଅନ୍ୟାନ୍ୟ କ୍ଷେତ୍ରଆଡ଼ି	ଯୋଗଶ୍ୱର ଭୋଇ, ପି.- ଅନନ୍ତ ଭୋଇ, ଜା- ସହରା, ବା- ନିଜଗାଁ	
				୩୮୪/ ୧୦୯୫	୦.୩୨	୦.୩୨		ବା.ପା.ଦୁ.		
				୩୮୭/ ୧୦୯୬	୦.୧୮	୦.୧୮		ଆଟ ମାମୁଲି		
			୮୭/ ୫୫	୩୮୧/ ୧୦୯୭	୦.୦୫	୦.୦୫		ଅନ୍ୟାନ୍ୟ କ୍ଷେତ୍ରଆଡ଼ି	ବସୁ ବରିହା, ଚକ୍ର ବରିହା, ପି.- ହଜାରୁ ବରିହା, ଜା- ବିଞ୍ଚାଲ, ବା- ନିଜଗାଁ	
				୩୮୪/ ୧୦୯୮	୦.୩୨	୦.୩୨		ବା.ପା.ଦୁ.		
				୩୮୭/ ୧୦୯୯	୦.୧୮	୦.୧୮		ଆଟ ମାମୁଲି		
			୮୭/ ୫୬	୩୮୧/ ୧୧୦୦	୦.୦୫	୦.୦୫		ଅନ୍ୟାନ୍ୟ କ୍ଷେତ୍ରଆଡ଼ି	ଭିକ ନନ୍ଦ, ପି.- ଲମ୍ବୋଦର ନନ୍ଦ, ଜା- ଗଣ୍ଡା, ବା- ନିଜଗାଁ	
				୩୮୪/ ୧୧୦୧	୦.୩୨	୦.୩୨		ବା.ପା.ଦୁ.		
				୩୮୭/ ୧୧୦୨	୦.୧୮	୦.୧୮		ଆଟ ମାମୁଲି		
			୮୭/ ୫୭	୩୮୧	୦.୦୮	୦.୦୮		ଅନ୍ୟାନ୍ୟ କ୍ଷେତ୍ରଆଡି	ବନବାସୀ ନାଗ, ସ୍ୱା- ନବଘନ ନାଗ, ବେଟିଖାଇ ନାଗ, ମାଗିଖାଇ ନାଗ, ପି- ନବଘନ ନାଗ, ଜା- ଗଣ୍ଡା, ବା- ନିଜଗାଁ	
				୩୮୪/ ୧୧୦୩	୦.୩୨	୦.୩୨		ବା.ପା.ଦୁ.		
				୩୮୭/ ୧୧୦୪	୦.୧୮	୦.୧୮		ଆଟ ମାମୁଲି		
			୮୭/ ୫୮	୩୮୪/ ୧୧୦୫	୦.୩୩	୦.୩୩		ବା.ପା.ଦୁ.	ଫଗୁନୁ ଭୋଇ, ପି- ବିଷ୍ଣୁ ଭୋଇ, ଜା- ସହରା, ବା- ନିଜଗାଁ	
				୩୮୭/ ୧୧୦୬	୦.୧୮	୦.୧୮		ଆଟ ମାମୁଲି		
			୮୭/ ୫୯	୩୮୪/ ୧୧୦୭	୦.୩୩	୦.୩୩		ବା.ପା.ଦୁ.	ଭଗ୍ରେସନ ନାଗ, ପି- ସଜାରୁ ନାଗ, ଜା- ଗଣ୍ଡା, ବା- ନିଜଗାଁ	
				୩୮୭/ ୧୧୦୮	୦.୧୮	୦.୧୮		ଆଟ ମାମୁଲି		
			୮୭/ ୬୦	୩୮୪/ ୧୧୦୯	୦.୩୩	୦.୩୩		ବା.ମା.	ସାମିଲି ନନ୍ଦ, ପି- ଦାମୋଦର ନନ୍ଦ, ଜା- ଗଣ୍ଡା, ବା- ନିଜଗାଁ	
				୩୮୭/ ୧୧୧୦	୦.୧୮	୦.୧୮		ଆଟ ମାମୁଲି		
			୮୭/ ୬୫	୪୫/ ୧୧୧୬	୦.୧୧	୦.୧୧		ଆଟ ମାମୁଲି	ଭିଜାରୀ ମିଶ୍ର, ପି- ବାହୁଚରଣ ମିଶ୍ର, ଜା- ବ୍ରାହ୍ମଣ, ବା- ନିଚଗାଁ	
				୪୯/ ୧୧୧୭	୦.୩୨	୦.୩୨		ବେ.ମା.		
				୫୮/ ୧୧୧୮	୦.୦୪	୦.୦୪		ମା.ମା.		
				୪୯/ ୧୧୪୯	୦.୩୨	୦.୩୨		ବେ.ମା.		
				୪୪୨	୦.୨୩	୦.୨୩		ବା.ପା.		
				୪୪	୦.୨୯	୦.୨୯		ମା.ମା.		
				୪୦/ ୧୧୧୯	୦.୨୧	୦.୨୧		ଆଟ ମାମୁଲି		
			୮୭/ ୬୫	୫୭୪/ ୧୧୨୧	୦.୨୪	୦.୨୪		ଆଟ ମାମୁଲି	ଶିବପ୍ରସାଦ ସାହୁ, ପି- ଲୋକନାଥ ସାହୁ, ରଘୁନାଥ ସାହୁ, ପି- ପ୍ରହ୍ଲାଦ ସାହୁ, ଜା- କୁଳତା, ବା-ନିଜଗାଁ	
				୫୭୪/ ୧୧୨୨	୦.୦୫	୦.୦୫		କ୍ଷେତ୍ର ଆଡି		
				୫୭୭/ ୧୧୨୩	୦.୧୯	୦.୧୯		ବା.ମା.		
			୮୭/ ୬୮	୫୮୦/ ୧୧୨୬	୦.୦୯	୦.୦୯		ଅନ୍ୟାନ୍ୟ କ୍ଷେତ୍ରଆଡି	ଭୀମ ସାହୁ, ସ୍ୱା- ପରମେଶ୍ୱର ସାହୁ, ଜା- ତେଲି, ବା- ନିଜଗାଁ	
				୫୮୧/ ୧୧୨୭	୦.୧୦	୦.୧୦		ବେ.ମା.		
			୮୭/ ୬୯	୮୭/ ୧୧୩୧	୦.୯୦	୦.୯୦		ବା.ମା.	ସୁରେନ୍ଦ୍ର କୁମାର ସାହୁ, ପି- ଦଶରଥ ସାହୁ, ଜା- ତେଲି, ବା- ନିଜଗାଁ	
				୭୬/ ୧୧୩୦	୦.୪୦	୦.୨୧		ଆଟ ମାମୁଲି		
				୯୩	୦.୨୦	୦.୨୦		ମା.ମୁ.		
				୯୪	୦.୦୮	୦.୦୮		ଅନ୍ୟାନ୍ୟ କ୍ଷେତ୍ର ଆଡି		
			୮୭/ ୬୫	୫୭୫/ ୧୧୩୫	୦.୧୨	୦.୧୨		ଅନ୍ୟାନ୍ୟ କ୍ଷେତ୍ର ଆଡି	ରଘୁନାଥ ସାହୁ, ନରସିଂହ ସାହୁ, ପି- ପ୍ରହ୍ଲାଦ ସାହୁ, ଜା- କୁଳତା, ବା- ନିଜଗାଁ	
				୫୭୭/ ୧୧୩୬	୦.୩୮	୦.୩୮		ବା.ମା.		
			୮୭/ ୫୮	୨୪୯	୦.୧୫	୦.୧୫		ବା.ପା.ଦୁ.	ଯୁଧିଷ୍ଠିର ସାହୁ, ପି- ଚମନ ସାହୁ, ଜା- କୁଳତା, ବା- କଖାଲ	
				୧୫୭/ ୧୧୪୦	୦.୧୩	୦.୧୩		ବା.ପା.ଦୁ.		
				୨୫୧/ ୧୧୪୧	୦.୧୫	୦.୧୫		ବା.ପା.ଦୁ.		
			୮୭/ ୮୧	୭୬/ ୧୧୪୪	୧.୦୩	୦.୯୦		ଆଟ ମାମୁଲି	ଦଶରଥ ସାହୁ, ପି- ଲିଙ୍ଗରାଜ ସାହୁ, ଜା- ତେଲି, ବା- ଗର୍ଜନ	
			୮୭/ ୮୪	୩୦୪/ ୯୪୦/ ୧୧୫୬	୧.୦୦	୧.୦୦		ବେ.ମା.	ଜଗବନ୍ଧୁ ସାହୁ, ପି- ବୈଦ୍ୟନାଥ ସାହୁ, ଜା- କୁଳତା, ବା- କଖାଲ	
				୩୦୪/ ୯୪୦	୦.୬୩	୦.୬୩		ବେ.ମା.		
				୨୮୫/ ୧୧୮୩	୦.୦୮	୦.୦୬		ଆଟ ମାମୁଲି		
				୨୮୭/ ୧୧୮୪	୦.୦୪	୦.୦୪		ମା.ମା.		
				୩୦୪/ ୯୪୦ ୧୧୮୫	୦.୫୨	୦.୫୨		ବେ.ମା.		
			୮୭/ ୮୧	୫୫୨	୦.୫୯	୦.୫୯		ଆଟ ମାମୁଲି	ବସୁଦେବ ଦାସ, ରାମକୃଷ୍ଣ ଦାସ, ଉତ୍ତମକୃଷ୍ଣ ଦାସ, ପିତା- ସର୍ବେଶ୍ୱର ଦାସ, ଜା- ବୈଷ୍ଣବ, ବାସସ୍ଥାନ- ନିଜଗାଁ	
				୫୫୦	୧.୦୪	୦.୨୨		ବେ.ମା.		
				୫୩୫	୦.୧୩	୦.୧୩		ଆଟ ମାମୁଲି		
				୫୩୬	୦.୭୮	୦.୭୮		ବା.ପା.ଦୁ.		
				୫୩୭	୦.୭୦	୦.୭୦		ବେ.ମା.		
				୫୩୮	୦.୧୪	୦.୧୪		ବା.ମା.		
				୫୪୧	୦.୧୩	୦.୧୩		ମା.ମା.		
				୫୫୮	୧.୮୮	୦.୯୦		ଆଟ ମାମୁଲି		
			୮୭/ ୮୮	୫୮୦/ ୧୧୬୧	୦.୧୦	୦.୧୦		ଅନ୍ୟାନ୍ୟ କ୍ଷେତ୍ରଆଦି	ଭୀମସେନ ସେଠ୍, ପି- ଲିଶ୍ୱର ସେଠ୍, ଜା- କେଉଁଟ, ବା- ନିଜଗାଁ	
				୫୮୧/ ୧୧୬୨	୦.୦୫	୦.୦୫		ବେ.ମା.		
			୮୭/ ୯୦	୧୫୯	୦.୦୭	୦.୦୭		ବା.ପା.ଦୁ.	ବିରଞ୍ଚି ସାହୁ, ପି- ଭ୍ରମର ସାହୁ, ଜା-ତେଲି, ବା- ନିଜଗାଁ	
				୧୬୧/ ୯୩୫	୦.୧୨	୦.୧୨		ମା.ମା.		
			୮୭/ ୯୩	୨୮୩/ ୧୧୬୧	୦.୩୦	୦.୩୦		ଆଟ ମାମୁଲି	ଜଗବନ୍ଧୁ ସାହୁ, ପି- ବୈଦ୍ୟନାଥ ସାହୁ, ଜା- କୁଳତା, ବା- କଖାଲ	
				୩୦୪/ ୯୪୦/ ୧୧୭୨	୦.୬୫	୦.୬୫		ବେ.ମା.		
			୮୭/ ୯୫	୪୫/ ୧୧୭୪	୦.୧୫	୦.୧୫		ମା.ମା.	ଭିକାରୀ ମିଶ୍ର, ପି- ବାହୁଚରଣ ମିଶ୍ର, ଜା- ବ୍ରାହ୍ମଣ, ବା- ନିଜଗାଁ	
				୪୭/ ୧୧୭୪	୦.୧୨	୦.୧୨		ଅନ୍ୟାନ୍ୟ କ୍ଷେତ୍ରଆଡି		
			୮୭/ ୯୭	୩୦୪/ ୧୧୭୭	୧.୦୫	୧.୦୫		ବେ.ମା.	ଦୁଆନ ବିଶ୍ୱାଳ, ପି-ନାଉବ ବିଶ୍ୱାଳ, ଜା- ସହରା, ବା- ନିଜଗାଁ	
			୮୭/ ୮୮	୫୭୭/ ୧୧୭୯	୦.୧୮	୦.୧୮		ବା.ମା.	ବିରବଲ ସାହୁ, ଅଭେଲ ସାହୁ, ଅଛଁଦୁ ସାହୁ, ଦୟାନିଧି ସାହୁ, ପି- ଶିବପ୍ରସାଦ ସାହୁ, ଜା- କୁଳତା, ବା- ନିଜଗାଁ	
				୫୭୦/ ୧୧୭୭	୧.୧୨	୦.୫୧		ବେ.ମା.		
			୮୭/ ୯୯	୪୪୦/ ୧୧୮୦	୦.୪୧	୦.୪୧		ବା.ପା. ଦସ୍ତବ/୨	ଶିବ ପ୍ରସାଦ ସାହୁ, ପି- ଲୋକନାଥ ସାହୁ, ଜା- କୁଳତା, ବା- ନିଜଗାଁ	
				୪୨୮/ ୧୧୮୧	୦.୫୪	୦.୫୪		ବା.ପା.ଦୁଭ		

ଜିଲ୍ଲା	ତହସିଲ	ଗ୍ରାମ	ଖାତା ନଂ.	ପ୍ଲଟ ନଂ.	ମୋଟ ରକବା ଏ. ଡି.	ଅଧିଗ୍ରହଣ ରକବା	ଭୂ-ଅର୍ଜନ ସୀମା (ପୃ/ପ/ଉ/ଦ)	କିସମ	ରୟତଙ୍କ ନାମ	ମନ୍ତବ୍ୟ
୧	୨	୩	୪	୫	୬	୭	୮	୯	୧୦	୧୧
			୮୭/ ୧୦୧	୧୨୨	୧.୦୦	୧.୦୦		ବା.ପା.ଦୁଭ	ପରମେଶ୍ୱର ସାହୁ, ପି- ତିଜ ସାହୁ, ଜା- ତେଲି, ବା- ନିଜଗାଁ	
				୧୫୮	୦.୧୪	୦.୧୪		ବା.ପା.ଦୁଭ		
			୮୭/ ୧୦୨	୧୫୭	୦.୦୪	୦.୦୪		ବା.ପା.ଦୁ.	ପରମେଶ୍ୱର ସାହୁ, ଧନିରାମ ସାହୁ, ପି- ତିଜ ସାହୁ, ଜା- ତେଲି, ବା- ନିଜଗାଁ	
				୧୫୩	୦.୧୭	୦.୧୭		ବେ.ମା.		
				୧୫୬	୦.୧୭	୦.୧୭		ବା.ପା.ଦୁ.		
				୧୬୦	୦.୧୭	୦.୧୭		ବା.ପା.ଦୁ.		
				୧୬୬	୦.୪୨	୦.୪୨		ବେ.ମା.		
				୨୫୧/ ୧୧୮୭	୦.୨୬	୦.୨୬		ବା.ପା.ଦୁ.		
				୨୫୮/ ୧୧୮୮	୦.୩୨	୦.୩୨		ମା.ମା.		
			୮୭/ ୧୦୪	୫୩୦	୧.୩୪	୧.୩୪		ବା.ପା.ଦୁ.	ହେମବନ୍ତୀ ମେହେର, ସ୍ୱା- ରାଜିନ୍ଦ୍ର ମେହେର, ଜା- ଭୁଲିଆ, ବା- ନିଜଗାଁ	
				୫୩୧	୦.୧୫	୦.୧୫		ଅନ୍ୟାନ୍ୟ କ୍ଷେତ୍ରଆଡି		
			୮୭/ ୧୦୫	୫୪/ ୧୧୯୦	୦.୨୩	୦.୨୩		ମା.ମା.	ବାବନ ସାହୁ, ପି- ରିତ ସାହୁ, ଜା- କୁଳତା, ବା- ନିଜଗାଁ	
			୮୭/ ୧୦୬	୩୦୪/ ୯୪୦/ ୧୧୯୩	୦.୭୦	୦.୭୦		ବେ.ମା.	ମିତ୍ରଭାନୁ ସାହୁ, ପି- ଭଞ୍ଜବନ୍ଧୁ ସାହୁ, ଜା- କୁଳତା, ବା- କଖାଲ	
				୨୮୩	୦.୮୫	୦.୮୫		ଆଟ ମାମୁଲି		
				୨୮୪/ ୧୧୯୧	୧.୦୩	୧.୦୩		ବେ.ମା.		
				୨୮୫/ ୧୧୯୨	୦.୦୮	୦.୦୮		ଆଟ ମାମୁଲି		
				୨୮୭	୦.୨୦	୦.୨୦		ମା.ମା.		
			୮୭/ ୧୦୭	୪୦୬	୧.୩୦	୧.୩୦		ଆଟ ମାମୁଲି	ହେମବନ୍ତୀ ମେହେର, ପି- ଯୁଧିଷ୍ଠିର ମେହେର, ଜା- ଭୁଲିଆ, ବା- ନିଜଗାଁ	
				୪୦୯	୦.୬୧	୦.୪୮		ବା.ପା.ଦୁ.		
				୪୧୧	୧.୦୮	୧.୦୮		ବା.ପା.ଦୁ.		
				୪୧୩	୦.୧୦	୦.୧୦		ଅନ୍ୟାନ୍ୟ କ୍ଷେତ୍ରଆଡି		
				୪୧୪	୦.୨୦	୦.୨୦		ବେ.ମା.		
				୪୭୬	୦.୧୩	୦.୧୩		ବେ.ମା.		
				୪୭୮	୦.୦୯	୦.୦୯		ବେ.ମା.		
				୪୭୯	୦.୩୫	୦.୩୫		ବେ.ମା.		
				୪୮୬	୦.୧୧	୦.୧୧		ଆଟ ମାମୁଲି		
				୪୮୯	୦.୦୪	୦.୦୪		ମା.ମା.		
			୮୭/ ୧୦୯	୩୩	୧.୪୮	୧.୪୮		ବା.ମା.	ସନ୍ତୋଷ ମେହେର, ସରୋଜ ମେହେର, ପି- ରାଜେନ୍ଦ୍ର ମେହେର, ଜା- ଭୁଲିଆ, ବା- ନିଜଗାଁ	
			୮୭/ ୧୧୦	୧୧୬/ ୧୨୦୨	୦.୪୪	୦.୪୪		ବା.ପା.ଦୁ.	ନରସିଂହ ମୁଣ୍ଡା, ପି- ଲୁଚନ ମୁଣ୍ଡା, ଜା- କୋହୁ, ବା- ନିଜଗାଁ	
				୧୧୫/ ୧୨୦୧	୦.୧୮	୦.୧୮		ବା.ପା.ଦୁ.		
				୧୧୩/ ୧୨୦୦	୦.୨୨	୦.୨୨		ବା.ପା.ଦୁ.		
				୧୦୪/ ୧୧୯୯	୦.୨୬	୦.୨୬		ବେ.ମା.		
				୯୦/ ୧୧୯୮	୦.୧୫	୦.୧୨		ଆଟ ମାମୁଲି		
				୯୦/ ୧୧୯୬	୦.୬୦	୦.୬୦		ଆଟ ମାମୁଲି		
			୮୭/ ୧୧୧	୩୪୫	୦.୦୬	୦.୦୬		ମା.ମା.	ନିତ୍ୟା ଭୋଏ, ଜି- ଜ

ସଂକ୍ଷେପରେ

ରାଷ୍ଟ୍ରୀୟ ବେରୋଜଗାର ଦିବସ ପାଳିତ

କୋରାପୁଟ,୧୭।୯,(ସ୍ୱ.ପ୍ର.)– ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଜନ୍ମଦିବସକୁ ଶୁକ୍ରବାର କୋରାପୁଟ ଯୁବକଂଗ୍ରେସ କମିଟି ରାଷ୍ଟ୍ରୀୟ ବେରୋଜଗାର ଦିବସ ଭାବେ ପାଳନ କରିଛି। ପୂର୍ବତନ ବିଧାୟକ ନିମାଁଇ ସରକାର, ଯୁବନେତା ରୂପକ କୁମାର ଡୁରୁକ, ରମେଶ ଖରାଙ୍କ ସମେତ କଂଗ୍ରେସର ଯୁବକର୍ମୀମାନେ ଏକାଠିହୋଇ ଜିଲା କର୍ମନିୟୋଜନ କାର୍ଯ୍ୟାଳୟଠାରେ ବିକ୍ଷୋଭ ପ୍ରଦର୍ଶନକରି ପ୍ରଧାନମନ୍ତ୍ରୀ ମୋଦି ଯୁବକଙ୍କୁ ରୋଜଗାର ଯୋଗାଇବାରେ ବିଫଳ ହୋଇଛନ୍ତି ବୋଲି ଅଭିଯୋଗ କରିଥିଲେ।

କୋରାପୁଟ ଜିଲାକୁ ମରୁଡ଼ି ଅଞ୍ଚଳ ଘୋଷଣା ଦାବିକଲା ଭାଜପା

ଜୟପୁର, ୧୭।୯(ନି.ପ୍ର.)–କୋରାପୁଟ ଜିଲାକୁ ମରୁଡ଼ି ପ୍ରଭାବିତ ଅଞ୍ଚଳ ରୂପେ ଘୋଷଣା କରିବାକୁ ଶୁକ୍ରବାର ଭାଜପା ଦାବି କରିଛି। ଦଳୀୟ କାର୍ଯ୍ୟାଳୟଠାରେ ଏକ ଖବରଦାତା ସମ୍ମିଳନୀରେ ଦଳର ସାଧାରଣ ସମ୍ପାଦକ ରବି ନାୟକ ଏହି ଦାବି କରିଛନ୍ତି। ଏଥିସହ ସେ ଓଡ଼ିଶା–ଆନ୍ଧ୍ର ସୀମା ବିବାଦ, କୋରାପୁଟ ଜିଲାରେ ଡାକ୍ତର, ଶିଶୁ ବିଶେଷଜ୍ଞ,ନର୍ସ, ଫାର୍ମାସିଷ୍ଟ ସହ ଅନ୍ୟାନ୍ୟ ପଦବୀ ପୂରଣରେ ରାଜ୍ୟ ସରକାରଙ୍କ ଅବହେଳା, ଜିଲାର ବିଭିନ୍ନ ବ୍ଲକରେ ସ୍ୱଳ୍ପ ବୃଷ୍ଟିଜନିତ ମରୁଡ଼ି ସମସ୍ୟାକୁ ଅଣଦେଖା କରି ମରୁଡ଼ି ଅଞ୍ଚଳ ରୂପେ ଘୋଷଣା ନ କରିବା, ଚାଷୀ ସୁଲଭ ମୂଲ୍ୟରେ ସାର ନ ପାଇବା ନେଇ ସେ ସରକାରଙ୍କ ଉପରେ ବର୍ଷିଛନ୍ତି। ଟାଟା କମ୍ପାନୀର ବିଦ୍ୟୁତ୍ ଦୁର୍ନୀତି, ସେବା ପେପର ମିଲ୍‌ର ଅଚଳାବସ୍ଥା ଉପରେ ରାଜ୍ୟ ସରକାର ହସ୍ତକ୍ଷେପ କରି ପେପର ମିଲ୍ କାର୍ଯ୍ୟକ୍ଷମ କରିବାକୁ ନାୟକ ଦାବି କରିଛନ୍ତି। ଖବରଦାତା ସମ୍ମିଳନୀରେ ରାଜ୍ୟ ସମ୍ପାଦକ ଟଙ୍କଧର ତ୍ରିପାଠୀ, ଜିଲା ସଭାପତି ସୁମନ୍ତ ପ୍ରଧାନ, ରାଜ୍ୟ କାଯ୍ୟକାରିଣୀ ସଦସ୍ୟ ଗୌତମ ସାମନ୍ତରାୟ, ମଣ୍ଡଳ ସଭାପତି , ସାଧୁ ଦାଶ ଚୌଧୁରୀ, ଜିଲା ସାଧାରଣ ସମ୍ପାଦକ ଦେବେନ୍ଦ୍ର ମହାନ୍ତି, ଜିଲା ଯୁବମୋର୍ଚ୍ଚା ସଭାପତି ସାବନ ମହାନ୍ତି ପ୍ରମୁଖ ଉପସ୍ଥିତ ଥିଲେ।

ବିକାଶମୂଳକ କାର୍ଯ୍ୟ ଲୋକାର୍ପଣ କଲେ ବିଧାୟକ

ଜୟପୁର, ୧୭।୯ (ନି.ପ୍ର.)–ଜୟପୁର ପୌରାଞ୍ଚଳର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଶୁକ୍ରବାର ଲୋକାର୍ପଣ କରିଛନ୍ତି ବିଧାୟକ ତାରାପ୍ରସାଦ ବାହିନୀପତି। ୨୦ ଲକ୍ଷ ଟଙ୍କା ବ୍ୟୟରେ ବାରିଣିପୁଟଠାରେ ଆଦିବାସୀଙ୍କ କଳାକୃତିରେ ନିର୍ମିତ ସ୍ୱାଗତ ତୋରଣ, ୧୦ ଲକ୍ଷ ଟଙ୍କା ବ୍ୟୟରେ ନିର୍ମିତ ଓପନ ଜିମ୍, ୮ ଲକ୍ଷ ଟଙ୍କା ବିନିମୟରେ ହାଟପଦାରେ ଓପନ ଜିମ୍, ୧୨ ଲକ୍ଷ ଟଙ୍କା ବ୍ୟୟରେ ଲିଙ୍ଗରାଜ ନଗର ଓ ୬ ଲକ୍ଷ ଟଙ୍କା ବ୍ୟୟରେ ସନ୍ତୋଷୀ ମା ନଗରରେ ମିନି ପାର୍କକୁ ବାହିନୀପତି ଲୋକାର୍ପଣ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଉପଜିଲାପାଳ ହେମକାନ୍ତ ସାୟ, ଏସ୍‌ଡିପିଓ ଅରୂପ ଅଭିଷେକ ବେହେରା, ପୌର ଯନ୍ତ୍ରୀ ପ୍ରଭାକର ଦାସ, କନିଷ୍ଠଯନ୍ତ୍ରୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

ବିକାଶମୂଳକ କାର୍ଯ୍ୟର ଅଗ୍ରଗତି ନେଇ ସମୀକ୍ଷା

ରାୟଗଡ଼ା ଅଫିସ,୧୭।୯

ବୈଠକରେ ଆକାଂକ୍ଷୀ ଜିଲା ପ୍ରଭାରୀ ସୁରେଶ କୁମାର ବଶିଷ୍ଠ, ଜିଲାପାଳ ଓ ଅନ୍ୟ ଅଧିକାରୀମାନେ ।

- ଆକାଂକ୍ଷୀ ଜିଲା ପ୍ରଭାରୀଙ୍କ ରାୟଗଡ଼ା ଜିଲା ଗସ୍ତ
- କାର୍ଯ୍ୟରେ ସୁଧାର ପାଇଁ ପରାମର୍ଶ

ଆକାଂକ୍ଷୀ ଜିଲା ପ୍ରଭାରୀ ସୁରେଶ କୁମାର ବଶିଷ୍ଠ ୨ ଦିନିଆ ରାୟଗଡ଼ା ଜିଲା ଗସ୍ତରେ ଆସି ଶୁକ୍ରବାର ଜିଲାରେ ବିଭିନ୍ନ କ୍ଷେତ୍ରରେ ଅଗ୍ରଗତି ବିଷୟରେ ସମୀକ୍ଷା କରିଛନ୍ତି। ସ୍ଥାନୀୟ ଡିଆର୍‌ଡିଏ ସଦ୍‌ଭାବନା ସଭା ଗୃହରେ ଅନୁଷ୍ଠିତ ସମୀକ୍ଷା ବୈଠକରେ ରାୟଗଡ଼ା ଜିଲାପାଳ ସରୋଜ କୁମାର ମିଶ୍ରଙ୍କ ସମେତ ଡିଆର୍‌ଡିଏ ପିଡି ମହେଶ୍ୱର ନାୟକ ଏବଂ ଜିଲାସ୍ତରୀୟ ଅନ୍ୟ ଅଧିକାରୀ ମାନେ ଉପସ୍ଥିତ ଥିଲେ। ବୈଠକରେ ଭାରତ ସରକାରଙ୍କ ଦ୍ୱାରା ନିର୍ଦ୍ଧାରିତ ମାପଦଣ୍ଡ ଅନୁଯାୟୀ ପର୍ଯ୍ୟାୟ କ୍ରମେ ବିଭିନ୍ନ କାର୍ଯ୍ୟକ୍ରମର ସମୀକ୍ଷା କରିଥିଲେ। ବିଶେଷ କରି ସ୍ୱାସ୍ଥ୍ୟ ଓ ପୁଷ୍ଟି, ଶିକ୍ଷା, କୃଷି, ମୌଳିକ ଭିତ୍ତିଭୂମି, ଦକ୍ଷତା ବିକାଶ ଓ ଆର୍ଥିକ ଅନ୍ତର୍ଭୁକ୍ତକରଣ ଉପରେ ସମୀକ୍ଷା କରିଥିଲେ। ଏପ୍ରଲରୁ ଜୁଲାଇ ପର୍ଯ୍ୟନ୍ତ ଏହି ବିଭାଗ ଗୁଡ଼ିକର କାର୍ଯ୍ୟକ୍ରମର ଅଗ୍ରଗତି ନେଇ ସେ ଆଲୋଚନା କରିଥିଲେ। ସ୍ୱାସ୍ଥ୍ୟ ବିଭାଗ ଉପରେ ଆଲୋଚନା କିର ଗର୍ଭବତୀ ଓ ଶିଶୁ ମାନଙ୍କର ବିଭିନ୍ନ ସମସ୍ୟା ବିଷୟରେ ସମୀକ୍ଷା କରିଥିଲେ। ଆଲୋଚନା ବେଳେ ଜିଲାରେ କାର୍ଯ୍ୟକ୍ରମଗୁଡ଼ିକର କମ୍ ଅଗ୍ରଗତି ହୋଇଥିବା ଜାଣିବାକୁ ପାଇଥିଲେ। ଏଥିରେ ସୁଧାର ନିମନ୍ତେ ବିଭାଗୀୟ ଅଧିକାରୀମାନଙ୍କୁ ପରାମର୍ଶ ଦେଇଥିଲେ। ସେହିପରି କୃଷି, ଉଦ୍ୟାନ କୃଷି, ପ୍ରାଣୀ ଚିକିତ୍ସା ଉପରେ ଆଲୋଚନା କରି ଅଗ୍ରଗତି ପାଇଁ ବିଭାଗୀୟ ଅଧିକାରୀଙ୍କୁ ଏପରାମର୍ଶ ଦେଇଥିଲେ। ବୈଠକରେ ଅନ୍ୟ ଅଧିକାରୀଙ୍କ ମଧ୍ୟରେ ସିଡିଏମ୍‌ଓ ଆର୍ତ୍ତବନ୍ଧୁ ନାୟକ, ଡିଇଓ ପୂର୍ଣ୍ଣଚନ୍ଦ୍ର ବରିହା, ଜଳବିଭାଜିକା ମିଶନ ପ୍ରକଳ୍ପ ନିର୍ଦ୍ଦେଶକ ଦୟାନିଧି ବାଗ, ଜିଲା ମୁଖ୍ୟ କୃଷି ଅଧିକାରୀ ଦୁଶାସନ ପ୍ରହରାଜ, ଜିଲା ମୁଖ୍ୟ ପ୍ରାଣୀ ଚକିତ୍ସାଧିକାରୀ, ଉଦ୍ୟାନ କୃଷି ଉପ–ନିର୍ଦ୍ଦେଶକ ପତିତପାବନ ସାମନ୍ତରାୟ, ଲିଡ୍ ବ୍ୟାଙ୍କ ପରିଚାଳକ ଧୀରେନ୍ଦ୍ର ବିହାରୀ ପ୍ରମୁଖ ଉପସ୍ଥିତ ଥିଲେ।

୨୦ରୁ ସମୂହ ଛୁଟିରେ ରହିବେ ଆମ୍ବା କର୍ମଚାରୀ

ଗୁଣପୁର,୧୭।୯(ଡି.ଏନ.ଏ)

- ୬ ମାସ ହେଲା ଦରମା ପାଇନାହାନ୍ତି
- ଜିଲା କୃଷି ଅଧିକାରୀଙ୍କୁ ଜଣାଇଲେ ସମସ୍ୟା

କୃଷି ବିଭାଗର କାଳିଆ ଯୋଜନାଠାରୁ ଆରମ୍ଭ କରି ଚାଷୀଙ୍କ ଡାଟାବେସ୍ ପ୍ରସ୍ତୁତି ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟରେ ନିୟୋଜିତ ଥିବା ଆମ୍ବା କର୍ମଚାରୀମାନଙ୍କୁ ୬ ମାସ ହେଲା ଦରମା ମିଳିନି। ସ୍ୱଳ୍ପ ଦରମାରେ ଅଧିକ କାମ ସତ୍ତ୍ୱେ ଭବିଷ୍ୟତରେ ସ୍ଥାୟୀ କର୍ମଚାରୀ ହେବା ଲକ୍ଷ୍ୟନେଇ ଏହି କର୍ମଚାରୀମାନେ ମନଦେଇ କାମ କରୁଥିଲେ। ଜାତୀୟ ଖାଦ୍ୟ ସୁରକ୍ଷା ଯୋଜନା ଠାରୁ ଆରମ୍ଭ କରି ଇ–ପୋଷ୍ଟ, ଫସଲ ବୀମା, ମୃତ୍ତିକା ହେଲଥ୍ କାର୍ଡ, ପିଏମ୍ କିଶାନ ଯୋଜନା ଭଳି ଅନେକ କାର୍ଯ୍ୟରେ ଏହି ଆମ୍ବା କର୍ମଚାରୀଙ୍କ ଭୂମିକା ରହିଛି। କୃଷି ଓ ବୈଷୟିକ ପରିଚାଳନା ତଥା ଆମ୍ବା ସଂସ୍ଥାରେ କାର୍ଯ୍ୟରତ ବିଟିଏମ, ଏଟିଏମ, ଆକାଉଣ୍ଟାଣ୍ଟ ତଥା କିରାଣି ଏବଂ କମ୍ପ୍ୟୁଟର ଅପରେଟର ମାନଙ୍କୁ ୬ ମାସ ହେଲା ଦରମା ମିଳିନି। ୨୦୧୨ରୁ ଜିଲାରେ କାର୍ଯ୍ୟରତ ୩୯ କର୍ମଚାରୀ ଏବେ ଦରମା ନ ପାଇ ଚିନ୍ତାରେ ପଡ଼ିଛନ୍ତି। କୋଭିଡ୍ ମହାମାରୀ ସମୟରେ ଦରଦାମ୍ ବଢ଼ବା ସାଙ୍ଗକୁ ବହୁ ପରିବାର ଆର୍ଥିକ ସଙ୍କଟ ସ୍ଥିତି ଦେଇ ଗତି କରୁଛନ୍ତି। ଏଭଳି ପରିସ୍ଥିତିରେ କର୍ମଚାରୀମାନେ ଦରମା ନ ପାଇ ବହୁ ସମସ୍ୟାରେ ଚଳୁଛନ୍ତି। ଏ ସମ୍ପର୍କରେ ଜିଲା କୃଷି ଅଧିକାରୀ ଦୁଃଶାସନ ପ୍ରହରାଜଙ୍କୁ ଏକାଧିକ ବାର ଦାବିପତ୍ର ଦିଆଯାଇଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିବା କର୍ମଚାରୀମାନେ କହିଛନ୍ତି। ଆମ୍ବା ଗାଇଡ୍‌ଲାଇନ ଅନୁଯାୟୀ, ୨୦୧୮ରୁ ପ୍ରତ୍ୟେକ ବର୍ଷ ଦଶ ପ୍ରତିଶତ ମହଙ୍ଗା ଭତ୍ତା ବୃଦ୍ଧି ହେବାକଥା । କିନ୍ତୁ ଏମାନଙ୍କ କ୍ଷେତ୍ରରେ ତାହା ମଧ୍ୟ ହୋଇ ନ ଥିବା ଅଭିଯୋଗ କରିଛନ୍ତି। ତେଣୁ ଏମାନଙ୍କ ସମସ୍ୟା ସମ୍ପର୍କରେ ବିଚାର କରା ନ ଗଲେ ସେପ୍ଟେମ୍ବର ୨୦ରୁ ସମୂହ ଛୁଟିରେ ରହିବେ ବୋଲି ସଂଘ ପକ୍ଷରୁ ଘୋଷଣା କରାଯାଇଛି। ଏହାଦ୍ୱାରା କୃଷି ବିଭାଗର ସବୁକାମ ଠପ୍ ହୋଇଯିବା ଆଶଙ୍କା ଦେଖାଦେଇଛି।

ରାଜ୍ୟ କରାଟେ ପ୍ରତିଯୋଗିତାକୁ ଜିଲାର ୩ ପ୍ରତିଯୋଗୀ

ପ୍ରତିଯୋଗିତା ପାଇଁ ଭୁବନେଶ୍ୱର ଯାତ୍ରା କରିଥିବା ୩ ପ୍ରତିଯୋଗୀ।

କୋରାପୁଟ,୧୭।୯,(ସ୍ୱ.ପ୍ର.)

ଶନିବାରଠାରୁ ଭୁବେନେଶ୍ୱରସ୍ଥିତ ଉତ୍କଳ କରାଟେ ସ୍କୁଲଠାରେ ଅନୁଷ୍ଠିତ ହେବାକୁ ଥିବା ରାଜ୍ୟ କରାଟେ ପ୍ରତିଯୋଗିତାକୁ କୋରାପୁଟ ଜିଲାରୁ ୩ ପ୍ରତିଯୋଗୀ ଭୁବେନେଶ୍ୱର ଯାତ୍ରା କରିଛନ୍ତି। ଜିଲାର ଉତ୍କଳ କରାଟେ ସ୍କୁଲର ଛାତ୍ରୀ ତଥା ଜାତୀୟ ପଦକ ବିଜେତା ଶରଣ୍ୟା ରାୟ, ଗୀତିଶ୍ରୀ ପୁଷ୍ଟି ଓ ଦିପ୍ତିରାଣୀ ନାୟକ ପ୍ରତିଯୋଗିତା ପାଇଁ ଭୁବେନେଶ୍ୱର ଯାଇଥିବା ମୁଖ୍ୟ କୋଚ ମହେଶ ବରାଲ କହିଛନ୍ତି। ଏହା ପୂର୍ବରୁ କୋରାପୁଟ ଜିଲାର ସୁନାବେଡା ଏଡିଏଭି ଉଚ୍ଚ ବିଦ୍ୟାଳୟଠାରେ ଚୟନ ପକ୍ରିୟା ହୋଇଥିଲା। ଏଥିରେ ଏହି ୩ ଜଣ ଛାତ୍ରୀ ଯୋଗ୍ୟ ବିବେଚିତ ହୋଇଥିଲେ ।

ମୃତଦେହ ରଖି ଧାରଣା, କ୍ଷତିପୂରଣ ଦାବି

ରାୟଗଡ଼ା ଅଫିସ,୧୭।୯

ମୃତ ଦେହ ରଖି ପରିବାର ଲୋକେ ଧାରଣାରେ ବସିଛନ୍ତି ।

ଥାନା ଆଗରେ ବିକ୍ଷୋଭ କଲେ ମୃତକଙ୍କ ପରିବାର

ରାୟଗଡ଼ା ସହରସ୍ଥିତ ଫ୍ଲାଏଓଭର ଉପରେ ଗୁରୁବାର ରାତିରେ ଏକ ବାଲି ଟ୍ରାକ୍ଟର ଧକ୍କାରେ ରାମା ଟକିଜ୍ ନିକଟ ହରିଜନ ସାହିର ଡି. ମୁନାଙ୍କ ମୃତ୍ୟୁ ଘଟିବା ସହ ଅନ୍ୟଜଣେ ଗୁରୁତର ହୋଇଥିଲେ। ସ୍କୁଟି ଯୋଗେ ଯାଉଥିବା ମୁନା ଫ୍ଲାଏଓଭର ଉପରେ ଥିବା ବଡ଼ ଗର୍ତ୍ତକୁ ପାଖେଇ ଯିବାବେଳେ ତାଙ୍କୁ ଟ୍ରାକ୍ଟରଟି ଧକ୍କା ଦେଇଥିଲା। ଏହି ଘଟଣା ପରେ ମୃତ ମୁନାଙ୍କ ପରିବାର ଲୋକେ ଏବଂ ସାହି ବାସିନ୍ଦା ଶୁକ୍ରବାର ଟାଉନ ଥାନା ସମ୍ମୁଖରେ ମୃତଦେହ ରଖି କ୍ଷତିପୂରଣ ଦାବି କରିବା ସହ ଧାରଣାରେ ବସିଥିଲେ।

ଫ୍ଲାଏଓଭର ରାସ୍ତା ଖରାପ ଯୋଗୁ ମୁନାଙ୍କ ମୃତ୍ୟୁ ଘଟିଥିବା ଅଭିଯୋଗ କରି କ୍ଷତିପୂରଣ ନ ହେବା ପର୍ଯ୍ୟନ୍ତ ଥାନା ସମ୍ମୁଖରୁ ହଟିବେନି ବୋଲି ସେମାନେ ଜିଦ୍‌ରେ ବସିଥିଲେ। ଟାଉନ ଥାନାଧିକାରୀ ରଶ୍ମିରଞ୍ଜନ ପ୍ରଧାନ ଏବଂ ପୋଲିସ କର୍ମଚାରୀମାନେ ବୁଝାଶୁଝା କରି ନ୍ୟାୟ ପାଇଁ ପ୍ରତିଶ୍ରୁତି ଦେବା ପରେ ମୃତଦେହ ନେଇ ଶ୍ମଶାନକୁ ଯାଇଥିଲେ। ତେବେ କ୍ଷତିପୂରଣ ଏବଂ ଉକ୍ତ ରାସ୍ତା ମରାମତି ନିମନ୍ତେ ସେମାନେ ଦାବି କରିଛନ୍ତି।

ଧାର୍ଯ୍ୟ ସମୟରେ ପ୍ରକଳ୍ପ କାର୍ଯ୍ୟ ଶେଷ କରିବାକୁ ପରାମର୍ଶ

ମତ୍ସ୍ୟ,ପ୍ରାଣୀସମ୍ପଦ କମିଶନରଙ୍କ ମାଲକାନଗିରି ଗସ୍ତ

ମାଲକାନଗିରି,୧୭।୯ (ଡି.ଏନ୍.ଏ.)

ମାଲକାନଗିରି ଜିଲା ଦାୟିତ୍ୱରେ ଥିବା ନୋଡାଲ ଅଧିକାରୀ ତଥା ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିଭାଗ କମିଶନର ଆର୍. ରଘୁ ପ୍ରସାଦ ଶୁକ୍ରବାର ଦିନିକିଆ ମାଲକାନଗିରି ଗସ୍ତରେ ଆସି ବିଭିନ୍ନ ବିଭାଗର କାର୍ଯ୍ୟ

ସମୀକ୍ଷା କରିଛନ୍ତି। କରୋନା ମହାମାରୀକୁ ଦୃଷ୍ଟିରେ ରଖି ଜିଲା ପ୍ରଶାସନ କି ପଦ କ୍ଷେପ ନେଇଛି ଏବଂ ତୃତୀୟ ଲହରରେ ଶିଶୁମାନଙ୍କ ପାଇଁ ବିପଦ ସୃଷ୍ଟି କରୁଥିବାରୁ ସେନେଇ କି ପଦକ୍ଷେପ ଜିଲା ପ୍ରଶାସନ ନେଇଛି ନୋଡାଲ ଅଧିକାରୀ ରଘୁପ୍ରସାଦ ସମୀକ୍ଷା କରିଥିଲେ। ଏଥିସହ ସେ ମତ୍ସ୍ୟ,ପ୍ରାଣୀ ସମ୍ପଦ, କୃଷି, ସ୍ୱାସ୍ଥ୍ୟ, ଜଳସେଚନ, ଗମନାଗମନ, ବିଦ୍ୟୁତ୍ ଶିକ୍ଷା ଆଦି ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଅସମ୍ପୂର୍ଣ୍ଣ ଥିବା ପ୍ରକଳ୍ପଗୁଡିକ ଧାର୍ଯ୍ୟ ସମୟ ମଧ୍ୟରେ ଶେଷ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ଜିଲାରେ ଚାଷୀମାନେ ଯେପରି କୌଣସି ସରକାରୀ ଯୋଜନାରୁ ବଞ୍ଚିତ ନ ହୁଅନ୍ତି ସେଥିପ୍ରତି ଦୃଷ୍ଟି ଦେବାକୁ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ସମୀକ୍ଷା ବୈଠକରେ ଜିଲାପାଳ ବିଶାଳ ସିଂ, ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ, ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁ, ଜିଲା ମୁଖ୍ୟ କୃଷି ଅଧିକାରୀ ଏମ୍. ଆନନ୍ଦ ରାଓ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ପ୍ରଫୁଲ୍ଲ କୁମାର ନନ୍ଦଙ୍କ ସହ ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ସୀମାନ୍ତ ଗ୍ରାମରେ ଆଇନ ସଚେତନତା କାର୍ଯ୍ୟକ୍ରମ

ଶିବିରରେ ଯୋଗ ଦେଇଥିବା ଗ୍ରାମବାସୀ ।

ମାଲକାନଗିରି,୧୭।୯ (ଡି.ଏନ୍.ଏ.)

ମାଲକାନଗିରି ଜିଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଶୁକ୍ରବାର ଛତିଶଗଡ ସୀମାନ୍ତ ପଡ୍ଲଗିରିଠାରେ ୩ଟି ପଞ୍ଚାୟତ ପଡ୍ଲଗିରି, ଝରାପାଲ୍ଲୀ, ଉଡୁପାର ବୁଦ୍ଧିଜୀବୀମାନଙ୍କୁ ନେଇ ଆଇନସେବା ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଜିଲା ଆଇନସେବା ପ୍ରାଧିକରଣ ସଚିବ ତଥା ବିଚାରପତି ରାକେଶ କୁମାର ମୁଦୁଲିଙ୍କ ତତ୍ତ୍ୱାବଧାନରେ ହୋଇଥିବା ଏହି ଶିବିରରେ ଶିଶୁ କଲ୍ୟାଣ ସଂସ୍ଥା ଅଧ୍ୟକ୍ଷ ଅଶୋକ ପଟ୍ଟନାୟକ, ପ୍ରାଧିକରଣ ସଦସ୍ୟ ପୂର୍ବତନ ଅବସରପ୍ରାପ୍ତ ଉପଜିଲାପାଳ ରଥିକୃଷ୍ଣ ପାତ୍ର, ସମାଜିକ କର୍ମୀ ଦୁର୍ଯୋଧନ ପାତ୍ର, ଆଇନଜୀବୀ ବିଷ୍ଣୁପ୍ରସାଦ ନାଲା, ସଞ୍ଜୀବ ମାଝି, ରାଜେଶ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଆଦିବାସୀ ଅଞ୍ଚଳରେ ଲୋକେ କିପରି ମାଗଣାରେ ଆଇନସେବା ପାଇପାରିବେ ସେ ସମ୍ପର୍କରେ ଅତିଥିମାନେ ଗୁରୁତ୍ୱାରୋପ କରିଥିଲେ। କୌଣସି ମକଦ୍ଦମାର ବିଚାର ଦିର୍ଘ ଦିନ ଧରି ଚାଲିଥିଲେ ୨ ଲକ୍ଷରୁ କମ୍ ବାର୍ଷିକ ଆୟ କରୁଥିବା ବ୍ୟକ୍ତିଙ୍କୁ ମାଗଣାରେ ଆଇନସେବା ମିଳିଥାଏ। କୌଣସି ବିବାଦର ଆପୋସ ସହମତିରେ ସମାଧାନ ଲୋକ ଅଦାଲତରେ ହୋଇଥାଏ। ଏଥିପାଇଁ କୌଣସି ଅର୍ଥ ଖର୍ଚ୍ଚ କରିବାକୁ ପଡି ନ ଥାଏ। ଏଥିସହ ବାଲ୍ୟ ବିବାହ, ଜଙ୍ଗଲ ଅଧିକାର ଆଇନ, ଖାଉଟି ସୁରକ୍ଷା, ନାରୀ ନିର୍ଯାତନା, ଯୌତୁକ ନିର୍ଯାତନା,ବଳାତ୍କାର ପରି ଅନେକ ମାମଲା ଆଇନସେବା ପ୍ରାଧିକରଣ ମାଧ୍ୟମରେ ମାଗଣାରେ ବିଚାର କରାଯାଇଥାଏ ବୋଲି ଅତିଥିମାନେ ପ୍ରକାଶ କରିଥିଲେ।

ଚାକିରି ନାଁରେ ୩୦୦ ଯୁବତୀ, ଯୁବକଙ୍କୁ ଠକେଇ

ରାୟଗଡ଼ା ଅଫିସ,୧୭।୯

ଠକେଇର ଶିକାର ହୋଇଥିବା ଯୁବତୀ, ଯୁବକ ।

ଟଙ୍କା ନେଇ ଫେରାର ହେଲେ ସଂସ୍ଥା କର୍ମଚାରୀ

ଚାକିରି ପାଇବା ନାଁରେ ରାୟଗଡ଼ାର ୩୦୦ ଯୁବତୀ, ଯୁବକ ଠକେଇର ଶିକାର ହୋଇଛନ୍ତି। ଏହା ଜାଣିବା ପରେ ସେମାନେ ଟାଉନ ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଭାଜପା ଏସ୍‌ଟି ମୋର୍ଚ୍ଚାର ସାଧାରଣ ସମ୍ପାଦକ ନରେଶ ବିଡିକା, ନଗର ସଭାପତି ଶ୍ୟାମ କୁମାର ଦାଶ, ବିଦ୍ୟାଧର ପଣ୍ଡାଙ୍କ ସହଯୋଗରେ ଯୁବତୀ, ଯୁବକମାନେ କୌଶିକ୍ ଇନ୍‌ଷ୍ଟିଚ୍ୟୁସନ ପ୍ରାଇଭେଟ ଲିମିଟେଡ ନାମକ ସଂସ୍ଥା ବିରୋଧରେ ଅଭିଯୋଗ କରିଛନ୍ତି। ଉକ୍ତ ସଂସ୍ଥାରେ ଚାକିରି ଯୋଗାଇଦେବା ନାମରେ ନିର୍ଦ୍ଦେଶକ ଶ୍ରୀନିବାସ, ଟ୍ରେଜେରର ଟିଙ୍କୁ କୁମାର, ଓଡ଼ିଶା ଟିମ୍ ଲିଡର ପ୍ରଣବ କୁମାର ମହାରଣା ରାୟଗଡ଼ା ବ୍ଲକ ଅଞ୍ଚଳକୁ ଯାଇ ଯୁବତୀ, ଯୁବକଙ୍କୁ ପ୍ରଲୋଭନ ଦେଖାଇଥିଲେ। ସେମାନଙ୍କ ଠାରୁ ଜଣଙ୍କ ପିଛା ୨ହଜାର ଟଙ୍କାରୁ ଆରମ୍ଭ କରି ୭ ହଜାର ଟଙ୍କା ପର୍ଯ୍ୟନ୍ତ ସିକ୍ୟୁରିଟି ନାମରେ ନେଇଥିଲେ। ଏମିତିକି ବିଶ୍ୱାସ ସୃଷ୍ଟି କରିବା ପାଇଁ ଆବଶ୍ୟକ କାଜଗପତ୍ର ମଧ୍ୟ ନେଇଥିଲେ। ୩୦୦ ଜଣଙ୍କ ନିକଟରୁ ଟଙ୍କା ସଂଗ୍ରହ ପରେ ସେମାନେ ଫେରାର ହୋଇଯାଇଥିଲେ। ଏ ନେଇ ଟାଉନ ଥାନାରେ ଲିଖିତ ଅଭିଯୋଗ କରିବା ସହ ଯୁବତୀ, ଯୁବକମାନେ ନ୍ୟାୟ ଦାବି କରିଛନ୍ତି।

ବାଇକ୍‌ରୁ ପଡ଼ି ଯୁବକ ଗୁରୁତର

ଚିତ୍ରକୋଣ୍ଡା, ୧୭।୯(ଡି.ଏନ୍.ଏ.)

ମାଲକାନଗିରି ଚିତ୍ରକୋଣ୍ଡା ବିଏସ୍‌ଏଫ୍ କ୍ୟାମ ଗେଟ ନିକଟରେ ବାଇକ୍‌ଣଉ ଫଡି ଜଣେ ଯୁବକ ଗୁରୁତର ହୋଇଛନ୍ତି। ସେ ହେଲେ ବାଲିମେଳା ଅଞ୍ଚଳର ବଟକୃଷ୍ଣ ସ୍ୱାଇଁ। ତାଙ୍କୁ ବିଏସ୍‌ଏଫ୍ ଯବାନମାନେ ଆମ୍ବୁଲାନରେ ଚିତ୍ରକୋଣ୍ଡା ମେଡିକାଲରେ ଭର୍ତ୍ତି କରିଛନ୍ତି। ଯୁବକଙ୍କ ପ୍ରାଥମିକ ଚିକିତ୍ସାପରେ ତାଙ୍କୁ ମାଲକାନଗିରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଯାଇଥିବା ଚିତ୍ରକୋଣ୍ଡା ମେଡିକାଲ କର୍ତ୍ତୃପକ୍ଷ କହିଛନ୍ତି।

ବିଧାୟକଙ୍କ ଦ୍ୱାରା ନୂତନ ପଞ୍ଚାୟତ କାର୍ଯ୍ୟାଳୟ ଉଦ୍‌ଘାଟିତ

ଟିକିରି,୧୭।୯(ଡି.ଏନ୍.ଏ.)

ରାୟଗଡ଼ା ଜିଲା କାଶୀପୁର ବ୍ଲକର ନକଟିଗୁଡ଼ା ପଞ୍ଚାୟତରେ ଶୁକ୍ରବାର ନୂତନ ପଞ୍ଚାୟତ କୋଠା ଉଦ୍‌ଘାଟିତ ହୋଇଛି। ରାୟଗଡ଼ା ବିଧାୟକ ମକରନ୍ଦ ମୁଦୁଲି ମୁଖ୍ୟ ଅତିଥିଭାବେ ଯୋଗଦେଇ ଏହାର ଉଦ୍‌ଘାଟନ କରିଥିଲେ। ୨୦୧୭ ପଞ୍ଚାୟତ ନିର୍ବାଚନ ପୂର୍ବରୁ କାଶୀପୁର ବ୍ଲ

ଇଗ୍ନୋରେ ଏମ୍‌ବିଏ ନାମଲେଖା ପ୍ରବେଶିକା ପରୀକ୍ଷା ହେବନି

ଭୁବନେଶ୍ୱର,୧୭।୯(ବ୍ୟୁରୋ): ଏଣିକି ଇନ୍ଦିରା ଗାନ୍ଧୀ ନ୍ୟାଶନାଲ ଓପନ ୟୁନିଭର୍ସିଟି(ଇଗ୍ନୋ)ରେ ଏମ୍‌ବିଏ ନାମଲେଖା ପାଇଁ ପ୍ରବେଶିକା

ଆଉ ୭ ପାଠ୍ୟକ୍ରମ ଆରମ୍ଭ

ପରୀକ୍ଷା ହେବ ନାହିଁ। ଯେଉଁ ଛାତ୍ରୀଛାତ୍ର ଚଳିତବର୍ଷ ସ୍ନାତକ ପାସ୍ କରିଥିବେ କିମ୍ବା କର୍ମଜୀବୀମାନେ ଏଥିରେ ନାମଲେଖାଇ ପାରିବେ। ସ୍ନାତକରେ ୫୦% ନମ୍ବର ରଖିଥିବା ଏବଂ ସଂରକ୍ଷିତ ବର୍ଗରେ ୪୫% ନମ୍ବର ରଖିଥିଲେ ଏଥିରେ ନାମଲେଖାଇବାକୁ ଯୋଗ୍ୟ ବିବେଚିତ ହେବେ। ଅନ୍‌ଲାଇନ୍‌ରେ ନାମଲେଖା ହେଉଛି। ଛାତ୍ରୀଛାତ୍ର କିମ୍ବା କର୍ମଜୀବୀମାନେ https://ignouadmission.samarth.edu.in ୱେବ୍‌ସାଇଟ୍‌ରେ ନାମଲେଖାଇ ପାରିବେ ବୋଲି ଇଗ୍ନୋ ପକ୍ଷରୁ ସୂଚନା ଦିଆଯାଇଛି। ନାମଲେଖା ପାଇଁ ଆସନ୍ତା ୩୦ ତାରିଖ ଶେଷ ଦିନ ରହିଛି। ଅଧିକ ତଥ୍ୟ ଜାଣିବା ପାଇଁ ଛାତ୍ରୀଛାତ୍ରମାନେ ଇଗ୍ନୋ ୱେବ୍‌ସାଇଟ୍ କିମ୍ବା ଆଞ୍ଚଳିକ କେନ୍ଦ୍ର ସହ ଯୋଗାଯୋଗ କରିବାକୁ ପରାମର୍ଶ ଦିଆଯାଇଛି।

ସେପଟେ ଇଗ୍ନୋରେ ଆଉ ୭ଟି ନୂଆ ପାଠ୍ୟକ୍ରମ ଆରମ୍ଭ କରାଯାଇଛି। ମାଷ୍ଟର ଡିଗ୍ରୀରେ ୪ଟି କୋର୍ସ ଓ ପିଜି ଡିପ୍ଲୋମାରେ ୩ଟି କୋର୍ସ ରହିଛି। ୭ଟି ନୂଆ ପାଠ୍ୟକ୍ରମ ହେଲା, ଏମ୍‌ଏସ୍‌ସି ଇନ୍ ଇନଫରମେଶନ ସିକ୍ୟୁରିଟି, ଏମ୍‌ଏ ଇନ୍ ଅଣ୍ଟରପ୍ରିନ୍ୟୁରଶିପ୍, ଏମ୍‌ଏ ଇନ୍ ଜ୍ୟୋତିଷ, ଏମ୍‌ଏ ଇନ୍ ଫୋକ୍‌ଲୋର(folklore/ଲୋକ ସାହିତ୍ୟ) ଆଣ୍ଡ୍ କଲଚରାଲ ଷ୍ଟଡିଜ୍, ପିଜି ଡିପ୍ଲୋମା ଇନ୍ ଡିଜିଟାଲ ମିଡିଆ, ପିଜି ଡିପ୍ଲୋମା ଇନ୍ ଡେଭଲପମେଣ୍ଟ କମ୍ୟୁନିକେଶନ ଓ ପିଜି ଡିପ୍ଲୋମା ଇନ୍ ବୁକ୍ ପବ୍ଲିଶିଙ୍ଗ। ଏ ସମସ୍ତ ପାଠ୍ୟକ୍ରମ ପାଇଁ ନାମଲେଖା ବର୍ତ୍ତମାନ ଚାଲିଥିବା ଇଗ୍‌ନୋ ପକ୍ଷରୁ ସୂଚନା ଦିଆଯାଇଛି।

ପାଣିରେ ବୁଡ଼ି ୩ ଶିଶୁ ସମେତ ୪ ମୃତ

ଡେଲାଙ୍ଗ/ବଅଁରପାଳ, ୧୭।୯ (ଡି.ଏନ୍.ଏ.)

ରାଜ୍ୟର ବିଭିନ୍ନ ସ୍ଥାନରେ ଶୁକ୍ରବାର ପାଣିରେ ବୁଡ଼ି ୩ ଶିଶୁଙ୍କ ସମେତ ମୋଟ୍ ୪ ଜଣଙ୍କ ମୃତ୍ୟୁ ଘଟିଛି। ସେହିପରି ଅନ୍ୟ ଜଣେ ନିଖୋଜ ଅଛନ୍ତି। ମୃତକଙ୍କ ମଧ୍ୟରେ ପୁରୀ ଜିଲାର ୨, ଅନୁଗୋଳ ଜିଲାର ୨ ଜଣ ରହିଛନ୍ତି।

ପୁରୀ ଜିଲା ଡେଲାଙ୍ଗ ବ୍ଲକ ଧାନକେରା ପଞ୍ଚାୟତ ନାଗଣ ଗ୍ରାମରୁ ଆସିଛି ଅସାବଧାନତାର ଦୁଃଖଦ ଚିତ୍ର। ଘର ଦୁଆରେ ଖେଳୁ ଖେଳୁ ଲୁଣା ନଦୀକୁ ଚାଲିଯିବାରୁ ଝଡ଼ିପଡ଼ିଛି ୨ ଶିଶୁଙ୍କ ଜୀବନ। ମୃତକ ହେଲେ ସଦାଶିବ ପ୍ରଧାନଙ୍କ ବଡ଼ପୁଅ ସତ୍ୟଜିତ୍ (୭) ଏବଂ ସାନପୁଅ ଶୁଭ୍ରଜିତ (୩)। ସଦାଶିବ ଅଟୋରିକ୍ସା ଚଳାଇ ପରିବାର ପ୍ରତିପୋଷଣ କରୁଥିବା ବେଳେ ଗ୍ରାମର ନଦୀବନ୍ଧ ନିକଟରେ ପରିବାର ସହ ରୁହନ୍ତି। ଶୁକ୍ରବାର ମଧ୍ୟ ସଦାଶିବ ଗାଡ଼ି ନେଇ ବାହାରକୁ ଯାଇଥିବା ବେଳେ ଘରେ ମା' ସହ ୨ ପୁଅ ଥିଲେ। ପୂର୍ବାହ୍ନ ୧୧ଟାରେ ମା' ରୋଷେଇ କାର୍ଯ୍ୟରେ ବ୍ୟସ୍ତ ଥିବାବେଳେ ସତ୍ୟଜିତ ଓ ଶୁଭ୍ରଜିତ ହଠାତ୍ ନିଖୋଜ ହୋଇଯାଇଥିଲେ। ବିଭିନ୍ନ ସ୍ଥାନରେ ଖୋଜାଖୋଜି କରାଯାଇଥିଲେ ମଧ୍ୟ ତାଙ୍କର ସନ୍ଧାନ ମିଳି ନ ଥିଲା। ପରେ ସ୍ଥାନୀୟ ଲୋକେ ନିକଟସ୍ଥ ତାରିଣୀ ପୋଖରୀରେ ୨ଶିଶୁଙ୍କ ମୃତଦେହ ଭାସୁଥିବାର ଦେଖିଥିଲେ। ନଦୀ ଜଳସ୍ତର ବୃଦ୍ଧି ହେତୁ ପୋଖରୀ ଓ ନଦୀ ଏକାକାର ହୋଇଯାଇଛି। ଫଳରେ ଗାଁର କେତେଜଣ ଯୁବକ ନଦୀରେ ପଶି ଶିଶୁଦ୍ୱୟଙ୍କୁ ଉଦ୍ଧାର କରି କଣାସ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ପରେ କ୍ୟାପିଟାଲ ହସ୍ପିଟାଲକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ଡାକ୍ତର ୨ଜଣଙ୍କୁ ମୃତ ଘୋଷଣା କରିଥିଲେ। ୨ ଶିଶୁଙ୍କ ଅକାଳ ବିୟୋଗକୁ ନେଇ ଗ୍ରାମରେ ଶୋକର ଛାୟା ଖେଳିଯାଇଛି।

ଅନୁଗୋଳ ଜିଲା ବଅଁରପାଳ ଥାନା କଇଁଛବାହାଳ ଗ୍ରାମରେ ଘଟିଛି ଅନୁରୂପ ଅଘଟଣ। ଗାଁ ପୋଖରୀରେ ଗାଧୋଇବା ବେଳେ ପାଣିରେ ବୁଡ଼ି ବାପା ଓ ପୁଅଙ୍କ ମୃତ୍ୟୁ ଘଟିଛି। ଏହି ଘଟଣା ଜଣାପଡ଼ିବା ପରେ ଗ୍ରାମରେ ଶୋକର ଛାୟା ଖେଳିଯାଇଛି। ଅପରାହ୍ନ ପ୍ରାୟ ୧ରେ କଇଁଛବାହାଳ ଗ୍ରାମର କ୍ଷୀରୋଦ ଜେନା (୩୬) ଓ ପୁଅ ରାକେଶ ଜେନା (୪) ନୂଆ କରି ଖୋଳା ଯାଇଥିବା ଏକ ପୋଖରୀକୁ ଗାଧୋଇବାକୁ ଯାଇଥିଲେ। ଦୁହେଁ ଗାଧୋଉଥିବା ବେଳେ ହଠାତ୍ ସେମାନଙ୍କ ଗୋଡ଼ କାଦୁଅରେ ପୋତି ହୋଇଯାଇଥିଲା। ଫଳରେ ବାହାରି ନ ପାରି ବାପା, ପୁଅ ପାଣିରେ ବୁଡ଼ି ଯାଇଥିଲେ। ନିକଟରେ ଥିବା ଅନ୍ୟ ଲୋକମାନେ ସେମାନଙ୍କୁ ଉଦ୍ଧାର କରି ତୁରନ୍ତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। ହେଲେ ଡାକ୍ତର ଉଭୟଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଅନୁଗୋଳ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରିବା ସହ ମୃତଦେହ ବ୍ୟବଚ୍ଛେଦ ପାଇଁ ଶବାଗୃହରେ ରଖିଛି।

ବୈତରଣୀରେ ଭାସିଗଲେ ୨ ଯୁବକ

ଆନନ୍ଦପୁର, ୧୭।୯(ସ୍ୱ.ପ୍ର.): ବନ୍ୟା ପାଣିରେ ଭାସୁଥିବା କାଠ ଆଣିବାକୁ ଯାଇଥିବାବେଳେ ବୈତରଣୀ ନଦୀରେ ଭାସିଯାଇ ୨ ଯୁବକ ନିଖୋଜ ହୋଇଯାଇଛନ୍ତି। ସେମାନେ ହେଲେ କେନ୍ଦୁଝର ଜିଲା ଘସିପୁରା ଥାନା କୁଡୁଣିଆ ଗ୍ରାମର ମାୟାଧର ନାଏକ ଏବଂ କ୍ଷୀରୋଦ ନାଏକ। ଜଗବନ୍ଧୁ ନାଏକଙ୍କୁ ଅଗ୍ନିଶମ ବାହିନୀ ଉଦ୍ଧାର କରିଥିବାବେଳେ ତାଙ୍କୁ ଚିକିତ୍ସା ପାଇଁ ଆନନ୍ଦପୁର ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି।

ସମ୍ପୃକ୍ତ ୩ ଯୁବକ ବୈତରଣୀ ବ୍ୟାରେଜ ନିକଟରେ ଭାସୁଥିବା କାଠ ଆଣିବାକୁ ଉଦ୍ୟମ କରୁଥିଲେ। ନଈ ମଝିରେ ମୋଟର ଟ୍ୟୁବ୍ ସାହାଯ୍ୟରେ କାଠ ସଂଗ୍ରହ କରିବା ସମୟରେ ମାୟାଧର ଓ କ୍ଷୀରୋଦ ଭାସି ଯାଇଥିଲେ। ଟ୍ୟୁବ୍‌କୁ ଆଶ୍ରା କରି ଜଗବନ୍ଧୁ ଜୀବନ ବଞ୍ଚାଇବାକୁ ଉଦ୍ୟମ କରିବା ସହିତ ଚିତ୍କାର କରିଥିଲେ। ସ୍ଥାନୀୟ ଲୋକଙ୍କଠାରୁ ସୂଚନା ପାଇ ଆନନ୍ଦପୁର ଅଗ୍ନିଶମ କର୍ମଚାରୀ ପହଞ୍ଚି ଉଦ୍ଧାର କରିଥିଲେ। ରିପୋର୍ଟ ଲେଖାଯିବା ସୁଦ୍ଧା ନିଖୋଜଙ୍କ ସନ୍ଧାନ ମିଳିନାହିଁ।

ସମୁଦ୍ରରେ ବୁଡ଼ି ଗଲେ ଯୁବକ

ପାରାଦୀପ,୧୭।୯(ସ୍ୱ.ପ୍ର.): ପାରାଦୀପ ବତୀଘର ସଂଲଗ୍ନ ସମୁଦ୍ରରେ ଶୁକ୍ରବାର ସନ୍ଧ୍ୟାରେ ବୁଡ଼ିଯିବାରୁ ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୪ ଜଣଙ୍କୁ ଉଦ୍ଧାର କରାଯାଇଛି। ମୃତକ ଜଣକ ହେଲେ ବିହାର ରାଜ୍ୟ ମୁଜାଫରନଗର ଜିଲାର ବିବେକ କୁମାର (୨୨)। ସେ ପାରାଦୀପ ତୈଳ ବିଶୋଧନାଗାର ପ୍ରକଳ୍ପ ଅଧୀନ ଠିକାସଂସ୍ଥା ଆଡଭାନ୍ସ ଭେଣ୍ଟିଲେଟର ପ୍ରାଇଭେଟ ଲିମିଟେଡରେ ଶ୍ରମିକଭାବେ କାର୍ଯ୍ୟ କରୁଥିଲେ। ବିଶ୍ୱକର୍ମା ପୂଜା ପାଇଁ କମ୍ପାନୀ ଛୁଟିଥିବାରୁ ସେଠାରେ କାମ କରୁଥିବା ବିହାର ରାଜ୍ୟର ୭ ଜଣ ଶ୍ରମିକଙ୍କ ସହ ସେ ସମୁଦ୍ରକୁ ଗାଧୋଇବାକୁ ଯାଇଥିଲେ। ଏହି ସମୟରେ ହଠାତ୍ ବିବେକ ଗଭୀର ସମୁଦ୍ରକୁ ଚାଲିଯାଇଥିଲେ। ତାଙ୍କୁ ଉଦ୍ଧାର କରିବାକୁ ଯାଇ ଅନ୍ୟ ୪ ଜଣ ଶ୍ରମିକ ପାଣିରେ ବୁଡ଼ିଯାଇଥିଲେ। ନିକଟରେ ମାଛ ଧରୁଥିବା ଜଣେ ମତ୍ସ୍ୟଜୀବୀ ଏହାଦେଖି ମାଛ ଧରା ଜାଲସେମାନଙ୍କ ପାଖକୁ ପକାଇଥିଲେ। ସେହି ଜାଲକୁ ଆଶ୍ରା କରି ୪ ଜଣ ବିପଦରୁ ବର୍ତ୍ତି ଯାଇଥିଲେ। ମାତ୍ର ବିବେକ ନିଖୋଜ ହୋଇଯାଇଥିଲେ। ଅଧଘଣ୍ଟା ପରେ ତାଙ୍କର ମୃତଦେହ ଜବତ ହୋଇଥିଲା।

ଗାଡ଼ି ଧକ୍କାରେ ୨ ମହିଳା ମୃତ

ଉତ୍ତେଜିତ ଲୋକଙ୍କ ରାସ୍ତା ଅବରୋଧ।

ଦିଗପହଣ୍ଡି,୧୭।୯(ଡି.ଏନ୍.ଏ.)

ଗଞ୍ଜାମ ଜିଲା ଦିଗପହଣ୍ଡି– ବ୍ରହ୍ମପୁର ୧୭ ନଂ. ରାଜ୍ୟ ରାଜପଥ ଗୋକର୍ଣ୍ଣପୁର ଗ୍ରାମ ମୁଖ୍ୟରାସ୍ତାରେ କୌଣସି ଗାଡ଼ି ଧକ୍କାରେ ଶୁକ୍ରବାର ୨ ମହିଳାଙ୍କ ମୃତ୍ୟୁ ଘଟିଛି। ସେମାନେ ହେଲେ ଗୋକର୍ଣ୍ଣପୁର ଗ୍ରାମର ତମାଳ ବିନ୍ଧାଣି ଏବଂ ଚିନାରି. ବାଙ୍ଗାରି ପାତ୍ର। ଶୁକ୍ରବାର ଭୋରରେ ତମାଳ ଓ ଚିନାରି ଗ୍ରାମର ମୁଖ୍ୟରାସ୍ତା କଡ଼ରେ ଥିବା ହରିଣୀ ନାଳକୁ ଗାଧୋଇବା ପାଇଁ ଯାଉଥିଲେ। ଏହି ସମୟରେ କୌଣସି ଗାଡ଼ି ଉଭୟଙ୍କୁ ଧକ୍କା ଦେଇ ଚାଲିଯାଇଥିଲା। ଫଳରେ ଘଟଣା ସ୍ଥଳରେ ସେମାନଙ୍କ ମୃତ୍ୟୁ ଘଟିଥିଲା। ଖବର ପ୍ରଚାରିତ ହେବାପରେ ଗ୍ରାମବାସୀ ଘଟଣାସ୍ଥଳରେ ପହଞ୍ଚି ମୃତକଙ୍କ ପରିବାରଙ୍କୁ କ୍ଷତିପୂରଣ ଦାବିରେ ରାସ୍ତାରେ ଟାୟାର ଜାଳି ଦିଗପହଣ୍ଡି– ବ୍ରହ୍ମପୁର ମୁଖ୍ୟରାସ୍ତାକୁ ଦୀର୍ଘସମୟ ଧରି ଅବରୋଧ କରିଥିଲେ। ବ୍ରହ୍ମପୁର– ରାୟଗଡ଼ା ଭାୟା ଦିଗପହଣ୍ଡି ରାସ୍ତା ଦେଇ ଚଳାଚଳ କରୁଥିବା ଗାଡ଼ିମୋଟର ରାସ୍ତାର ଉଭୟ ପଟରେ ଅଟକି ରହିଥିଲା। ସ୍ଥାନୀୟ ସରପଞ୍ଚ ପ୍ରତିନିଧି ଅସିତ କୁମାର ସାହୁ, ଦିଗପହଣ୍ଡି ଆଇଆଇସି ବସନ୍ତ କୁମାର ସେଠୀ ସଦଳବଳ ପହଞ୍ଚି ଉତ୍ତ୍ୟକ୍ତ ଗ୍ରାମବାସୀଙ୍କୁ ବୁଝାଶୁଝା କରିବା ପରେ ରାସ୍ତାରୋକୋ ହଟିବା ସହ ଗାଡ଼ି ଚଳାଚଳ ସ୍ୱାଭାବିକ ହୋଇଥିଲା। ଦିଗପହଣ୍ଡି ପୋଲିସ ୨ ମହିଳାଙ୍କ ମୃତଦେହକୁ ଜବତ କରି ବ୍ରହ୍ମପୁର ବଡ ଡାକ୍ତରଖାନାକୁ ପଠାଇଥିଲା। ବ୍ୟବଚ୍ଛେଦ ପରେ ମୃତଦେହ ୨ଟିକୁ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ଏ ନେଇ ପୋଲିସ ନଂ.୨୩୭/୨୨ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

କ୍ଷତିପୂରଣ ଦାବିରେ ଗ୍ରାମବାସୀଙ୍କ ରାସ୍ତାରୋକୋ

ଲୁହା ପାଇପ୍ ତଳେ ଚାପିହୋଇ ଶିଶୁ ମୃତ

- ଜଳ ଯୋଗାଣ ପାଇଁ ଠିକାସଂସ୍ଥା ପକ୍ଷରୁ ରଖାଯାଇଥିଲା ପାଇପ୍
- ୨୦ ହଜାର ଦେଇ ସଂସ୍ଥା ପକ୍ଷରୁ ମାମଲା ରଫାଦଫା ଅଭିଯୋଗ

ବିଷମକଟକ,୧୭।୯(ଡି.ଏନ୍.ଏ.)

ରାୟଗଡ଼ା ଜିଲା ବିଷମକଟକ ବ୍ଲକର କାର୍ଯ୍ୟରତ ଠିକା ସଂସ୍ଥା 'ମେଘା ପ୍ରୋଜେକ୍ଟ' ପକ୍ଷରୁ ବେଆଇନ ଭାବେ ରଖାଯାଇଥିବା ଲୁହା ପାଇପ୍ ତଳେ ଚାପିହୋଇ ଜଣେ ଶିଶୁ(୬)ର ମୃତ୍ୟୁ ଘଟିଛି। ବିଷମକଟକ ବ୍ଲକ ସଦରସ୍ଥିତ ମାଁ ମାର୍କମା ମନ୍ଦିର ନିକଟରେ ଏହି ଠିକ୍ ସଂସ୍ଥା ପକ୍ଷରୁ ଜଳ ଯୋଗାଣ ନିମନ୍ତେ ବେଆଇନ ଭାବେ ଲୁହା ପାଇପ୍ ରଖାଯାଇଥିଲା। ବାହାର ରାଜ୍ୟରୁ ଆସିଥିବା ବୁଲା ବ୍ୟବସାୟୀମାନେ ସେହି ସ୍ଥାନରେ ଟେଣ୍ଟ ମାରି ରହିଆସୁଥିଲେ। ଗୁରୁବାର ସନ୍ଧ୍ୟାରେ ଉକ୍ତ ବ୍ୟବସାୟୀମାନଙ୍କ ପିଲାମାନେ ଏହି ପାଇପ୍ ନିକଟରେ ଖେଳୁଥିବାବେଳେ କୌଣସି କାରଣରୁ ପାଇପ୍ ଖସିଯିବା ଫଳରେ ଶିଶୁଟି ତାହାତଳେ ଚାପି ହୋଇଯାଇଥିଲା। ପରିବାର ଲୋକେ ତାଙ୍କୁ ତୁରନ୍ତ ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନେଇଥିଲେ। ଅବସ୍ଥା ଗୁରୁତର ଥିବାରୁ ପରେ ଘରୋଇ ଖ୍ରୀଷ୍ଟିଆନ ହସ୍ପିଟାଲକୁ ନେଇଥିଲେ। ସେଠାରୁ ସିଟିସ୍କାନ ପାଇଁ ଗୁଣପୁର ନେବା ସମୟରେ ବାଟରେ ଶିଶୁଟିର ମୃତ୍ୟୁ ଘଟିଥିଲା। ଗୁଣପୁର ଠାରେ ଶିଶୁଟିର ମୃତଦେହକୁ ପୋତାଯାଇଥିଲା। ତେବେ ଶିଶୁଟିର ମୃତ୍ୟୁ ପରେ ବେଆଇନ ଭାବେ ପାଇପ୍ ରଖିଥିବା ଠିକା ସଂସ୍ଥା ପକ୍ଷରୁ ମାମଲାର ରଫାଦଫା ପାଇଁ ଉଦ୍ୟମ ଚଳାଇଥିବା ଅଭିଯୋଗ ହୋଇଛି। ମାତ୍ର ୨୦ ହଜାର ଟଙ୍କା ଦେଇ ମୃତ ଶିଶୁଟିର ପରିବାର ଲୋକଙ୍କୁ ଅନ୍ୟ ଅଞ୍ଚଳକୁ ପଠାଇ ଦେଇଥିବା ଚର୍ଚ୍ଚା ହେଉଛି। ସେଥିପାଇଁ ଶିଶୁଟିର ପରିଚୟ ମିଳିପାରିନାହିଁ। ଏମିତିକି ବିଷମକଟକ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଶିଶୁଟିର ଚିକିତ୍ସାରେ ଅବହେଳା କରାଯାଇଥିବା ଅଭିଯୋଗ ହେଉଛି। ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ଭରତ ଚୌଧୁରିଙ୍କୁ ପଚାରିବାରୁ, ସନ୍ଧ୍ୟାରେ ଶିଶୁଟିକୁ ଗୁରୁତର ଅବସ୍ଥାରେ ଆଣିଥିଲେ କିନ୍ତୁ ଓପିଡିରେ ଭିଡ଼ ଥିବାରୁ ଫେରିଯାଇଥିଲେ ବୋଲି ସେ କହିଛନ୍ତି। ଗୁରୁତର ରୋଗୀଙ୍କୁ ଡାକ୍ତର ନ ଦେଖି କିପରି ଛାଡ଼ିଦେଲେ ବୋଲି ଅଞ୍ଚଳବାସୀଙ୍କ ମଧ୍ୟରେ ପ୍ରଶ୍ନ ଉଠିଛି। ଏ ବିଷୟରେ ବିଷମକଟକ ଥାନା ଅଧିକାରୀଙ୍କୁ ପଚାରିବାରୁ, ଡାକ୍ତରଖାନାରୁ କୌଣସି ରିପୋର୍ଟ ପହଞ୍ଚିନାହିଁ ବୋଲି କହିଛନ୍ତି। ଘଟଣା ପରେ ମୃତ ଶିଶୁଟିର ପରିବାର ଲୋକେ ଚାପରେ ଅଞ୍ଚଳ ଛାଡ଼ି ଚାଲିଯାଇଥିବା ମଧ୍ୟ ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ତେଣୁ ଏଭଳି ସମ୍ବେଦନଶୀଳ ଘଟଣାର ନିରପେକ୍ଷ ତଦନ୍ତ ନିମନ୍ତେ ଅଞ୍ଚଳର ବୁଦ୍ଧିଜୀବୀ ଦାବି କରିଛନ୍ତି।

ODISHA LIFT IRRIGATION CORPORATION LIMITED
(A GOVERNMENT OF ODISHA UNDERTAKING)
OFFICE OF THE EXECUTIVE ENGINEER LIFT IRRIGATION DIVISION, JALESWAR
E-mail- exengerolicjls@rediffmail.com

No.CAD-1191:- **e-Procurement Notice**

Bid Identification No.: 01/2021-22/ Dt.15.09.2021

1. Name of the tender inviting Officer-Executive Engineer, L.I. Division, Jaleswar representing Odisha Lift Irrigation Corporation Ltd., Bhubaneswar.
2. Name of the work: Installation and Energisation of CLIP in Basta Block of Balasore District.
3. No. of Package : 33 Nos. [RIDF (21-22)]
4. Cost of tender amount: Varies from Rs.1253205/- to Rs.1866112/-
5. Date and time of availability of bid document in portal for online bidding from 11.00 hrs. dated 27.09.2021 to 17 hrs. dated 11.10.2021.
6. Last date and time of receipt of bid in the portal upto 17 hrs. dated 11.10.2021.
7. Last date & time to seek clarification upto 17 hrs. dated 08.10.2021.
8. Date of opening of technical bid (Cover-1) at 11.00 hrs. dated 16.10.2021.
9. Date of opening of financial bid will be informed after evaluation of technical bid.
10. Further details can be seen from the e-procurement portal of Govt. of Odisha i.e. www.tenderodisha.gov.in.
11. Subsequent corrigendum/ addendum if required shall be available in above portal.

Er. S.K. CHOUDHARY, Executive Engineer, L.I. Division, Jaleswar
OIPR-32140/11/0001/2122

PANCHAYAT SAMITI, CHITRAKONDA
No.1856/ 2021 Date: 17.09.2021

TENDER CALL NOTICE NO.-04/ 2021-22

Consequent upon opening of the tender papers against this office Tender Call Notice bearing No. 03/2021-22 dt.23.08.2021 on dated 08.09.2021 it is observed by the Tender Committee that there is no competitive bidder for items viz. Dual Desk, Chair for e-Library and Lab. Equipments. Hence due to lack of competitive bidders for these items, the Block Development Officer, Chitrakonda invites fresh sealed percentage rate tenders on behalf of Governor of Odisha as per annexure from reputed firms/ companies/ agencies for the purpose of setting up of Smart Class, E-Library, Science Laboratory and other Class Room interior for providing digital education in 1 School in Chitrakonda Block under 5T High School Transformation programme of Govt. of Odisha.

Bid No. 04/2021-22
Important Dates

I. The date & time for receiving of bids: The tender forms shall be received through registered / speed post only from Dt.18.09.2021 to 24.09.2021 in the time of 10 A.M. to 5 P.M. in all the working days of Office of the Block Development Officer, Chitrakonda.
II. Opening of Technical part / Financial part: Dated on 24.09.2021 at 5.30 P.M. in the Office of the Block Development Officer, Chitrakonda.
III. The Cost of the tender papers of Rs.4000/- Rupees (Four thousand) only non-refundable to be submitted along with tender paper in shape of Demand Draft in favour of Block Development Officer, Chitrakonda payable at SBI, Chitrakonda.
IV. The bids have to be submitted in physical form to BDO, Chitrakonda with technical-cum-pre qualification bid in one envelope and financial bid in another envelope. Both the envelopes should be kept in one envelope with the name of bidder superscribed on it.
V. Detailed terms and condition can be downloaded from www.malkangiri.nic.in.

Sd./- Block Development Officer, Chitrakonda

ODISHA PUBLIC SERVICE COMMISSION
CUTTACK
NOTICE

No. 6594/PSC, (1R-40-21-22) (DR-V), Dt. 17.9.21

No. D-141:- It is for information of all concerned that, pursuant to the advertisement No. 08 of 2020-2021, **120 (One Hundred Twenty)** candidates, bearing the following **PPSAN** have been called for the physical verification of original documents to determine their eligibility and suitability for recruitment to the post of **Assistant Professor, Political Science**.

The physical verification of original certificates / documents etc. in respect of those candidates will be held in the office of the Commission at 19, Dr. P. K. Parija Road, Cuttack -753001 on **04.10.2021, 05.10.2021, 07.10.2021, 08.10.2021 & 11.10.2021** as per the programme mentioned below.

PROGRAMME OF DOCUMENT VERIFICATION

Date	Time of Verification	PPSAN
04.10.2021	10.30 AM	00086746, 00038436, 00089564, 00087721, 00092043, 00087701, 00095553, 00093270, 00097102, 00087504, 00077363, 00092278, 00088938, 00090012 & 00093235 =15 Candidates
	02.30 PM	00096358, 00090564, 00087913, 00086441, 00092975, 00083701, 00086063, 00087025, 00088893 & 00091055 = 10 Candidates
05.10.2021	10.30 AM	00091324, 00091773, 00092111, 00088121, 00089549, 00101806, 00089924, 00086898, 00097796, 00090040, 00026155, 00089481, 00092755, 00093808 & 00087041 = 15 Candidates
	02.30 PM	00088629, 00089873, 00091384, 00094071, 00094586, 00094634, 00095743, 00097625, 00092632 & 00093064 = 10 Candidates
07.10.2021	10.30 AM	00090245,00086675, 00089360, 00092706, 00062594, 00088485, 00089573, 00090496, 00088741, 00061763, 00086989, 00102212, 00090152, 00091142 & 00091285 = 15 Candidates
	02.30 PM	00095576, 00090375, 00092276, 00091281, 00092831, 00087613, 00092844, 00097217, 00095810 & 00089892 = 10 Candidates
08.10.2021	10.30 AM	00089574, 00094558, 00102111, 00088083, 00067210, 00089989, 00086615, 00099694, 00090537, 00086132, 00084710, 00095591, 00102272, 00097911 & 00099596 = 15 Candidates
	02.30 PM	00086143, 00090223, 00091040, 00066684, 00089299, 00093341, 00077626, 00080950, 00093021 & 00054488 = 10 Candidates
11.10.2021	10.30 AM	00093132, 00096986, 00089850, 00016024, 00091720, 00092734, 00094614, 00028832, 00097883, 00031424, 00086672, 00055900 & 00094014 = 13 Candidates
	02.30 PM	00080545, 00062820, 00065289, 00086053, 00036163, 00091744 & 00018744 = 07 Candidates

The candidates are required to submit the following documents at the time of verification:-
1. The hard copies of **online application forms** indicating their **PPSAN at the top right hand corner**.
2. Three passport size **photographs**.
3. **Self-attested** photo copies of all relevant certificates and such other documents etc. **with original** as per Para-9 of the advertisement.
4. Duly filled in & attested "**Attestation Form**" and duly filled in "**Bio-data Form**", (downloaded from the website of the Commission).
5. **One set** of Xerox copies of Published Research Papers.

The candidate (s) shall be allowed to face the interview subject to fulfillment of their eligibility criterion in all respect after completion of verification of documents.

It is also made clear that the candidature of these candidates for the recruitment is purely provisional. The candidature is liable for rejection in the event of inadequacy/ deficiency found at any stage during or after the selection process and is subject to fulfillment of the terms and conditions laid down in the advertisement. Mere participation in the document verification does not reserve any right for selection.

The candidates are advised to report in the office of the Commission **half an hour before the commencement of verification** on the scheduled date & time as mentioned above. Every candidate is strictly advised to adhere to the **COVID guidelines** as notified by the Government from time to time while attending the document verification process.

OIPR-12002/11/0097/2122 **Sd./- Secretary**

ODISHA PUBLIC SERVICE COMMISSION
CUTTACK
NOTICE

No. 6579/P.S.C., 1E-02-2021/22 (DR-III) Dt. 17.9.21

No. D-142:- The Commission recommends **67 (Sixty Seven)** candidates (list enclosed) in order of merit for recruitment to for the post of Assistant Conservator of Forest, Group-A (JB) & Forest Ranger, Group-B under Forest, Environment & Climate Change Department, pursuant to Advertisement No.22 of 2018-19

Sd./- Secretary

ODISHA PUBLIC SERVICE COMMISSION
Odisha Forest Service Examination-2019 Pursuant to Advt. No. 22 of 2018-19
Final Select List

SL NO.	ROLL NO.	NAME OF THE CANDIDATE	CATEGORY TO WHICH BELONGS	SEX	EX SM	SP	SELECT UNDER CATEGORY
1	300721	AYUSHI PATI	UR	F			UR(W)
2	302841	MANASMITA MAHARANA	UR	F			UR(W)
3	300923	BIBEK DAS	UR	M			UR
4	302609	LAXMIPRIYA UPADHYAYA	UR	F			UR(W)
5	302801	MANAS RANJAN BEHERA	UR	M			UR
6	300165	AISHWARYA ROUTRAY	SEBC	F			UR(W)
7	304740	SASMITA BISWAL	UR	F			UR(W)
8	304944	SHINE SHREE DASH	UR	F			UR(W)
9	304812	SATYAJEET KAR	UR	M			UR
10	301954	HARAMOHAN RATH	UR	M			UR
11	303737	PRIYADARSINEE SAHOO	UR	F			UR(W)
12	200271	DIBYA RANJAN DALEI	UR	M			UR
13	302827	MANAS RANJAN SAHOO	UR	M			UR
14	303310	OMKAR DAS	SEBC	M			UR
15	300334	AMIT PRAKASH NAYAK	SEBC	M			UR
16	300601	ASHIS KUMAR PAIKRAY	SEBC	M			UR
17	303687	PRITHVIRAJ PRADHAN	SEBC	M			UR
18	401041	SOMESH RANABIJULI	UR	M	

ଚାଷୀଙ୍କ ଆକାଉଣ୍ଟରେ ୫୨ କୋଟି

ବିହାରର ଦୁଇଜଣ ସ୍କୁଲ ପିଲାଙ୍କ ବ୍ୟାଙ୍କ ଖାତାରେ ୯୬୦ କୋଟି ଟଙ୍କା ଜମା ହେବାର ଦିନକ ପରେ ମୁଜାଫରପୁର ଜିଲା ସିଙ୍ଗାରି ଗ୍ରାମର ଜଣେ ଚାଷୀଙ୍କ ଆକାଉଣ୍ଟରେ ୫୨ କୋଟି ଟଙ୍କା ଜମା ହୋଇଥିବା ଜଣାପଡ଼ିଛି। ରାମବାହାଦୁର ଶାହା ନାମକ ଏହି ବୃଦ୍ଧ ଚାଷୀଙ୍କ ଆକାଉଣ୍ଟକୁ ବାର୍ଦ୍ଧକ୍ୟ ଭତ୍ତା ଆସିଛି କି ନାହିଁ ଯାଞ୍ଚ କରିବାକୁ ସେ ଶୁକ୍ରବାର କଟ୍ରାସ୍ଥିତ ସିଏସ୍‌ପି ଆଉଟ୍‌ଲେଟ୍‌କୁ ଯାଇଥିଲେ। ଆକାଉଣ୍ଟରେ ୫୨ କୋଟି ଟଙ୍କା ବାଲାନ୍ସ ଦେଖି ସିଏସ୍‌ପି ଅପରେଟର ହତବାକ୍ ହୋଇଯାଇଥିଲେ।

ସଂକ୍ଷେପରେ

ସିଦ୍ଧୁ ପଞ୍ଜାବ ରାଜନୀତିର ରାଖୀ ସାଓ୍ୱନ୍ତ: ଏଏପି ନେତା

ଚଣ୍ଡିଗଡ଼, ୧୭।୯: ଆମ୍ ଆଦ୍‌ମୀ ପାର୍ଟି (ଏଏପି)ର ପଞ୍ଜାବ ସହପ୍ରଭାରୀ ତଥା ଦିଲ୍ଲୀ ବିଧାୟକ ରାଘବ ଚଢ଼ା ପ୍ରଦେଶ କଂଗ୍ରେସ ସଭାପତି ନବଜ୍ୟୋତ ସିଂ ସିଦ୍ଧୁଙ୍କୁ ସମାଲୋଚନା କରିଛନ୍ତି। ସିଦ୍ଧୁ ପଞ୍ଜାବ ରାଜନୀତିର ରାଖୀ ସାଓ୍ୱନ୍ତ ବୋଲି ରାଘବ ଟୁଇଟ୍ କରିଛନ୍ତି। କେନ୍ଦ୍ର ସରକାରଙ୍କ ବିବାଦୀୟ କୃଷି ଆଇନକୁ ଦିଲ୍ଲୀ ସରକାର ଲୋକ ଦେଖାଣିଆ ବିରୋଧ କରୁଛନ୍ତି ବୋଲି ସିଦ୍ଧୁ ପୂର୍ବରୁ ଟୁଇଟ୍ କରିଥିବାବେଳେ ରାଘବ ଏହାର ଜବାବ ଦେଇଛନ୍ତି। ଗତବର୍ଷ ଡିସେମ୍ବରରେ ଦିଲ୍ଲୀ ସରକାର ୩ କୃଷି ଆଇନ ମଧ୍ୟରୁ ଗୋଟିଏ ଉପରେ ବିଜ୍ଞପ୍ତି ପ୍ରକାଶ କରି ଚାଷୀମାନଙ୍କୁ ମଣ୍ଡି ବାହାରେ ଫସଲ ବିକ୍ରି କରିବା ଲାଗି ଅନୁମତି ପ୍ରଦାନ କରିଥିଲେ। ଏହି ବିଜ୍ଞପ୍ତିକୁ ହଟାଯାଇଛି କି ନାହିଁ ତାହା ଦିଲ୍ଲୀ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜ୍‌ରିୱାଲଙ୍କଠାରୁ ସେ ଜାଣିବା ପାଇଁ ଦାବି କରିଥିଲେ। କ୍ୟାପ୍‌ଟେନ୍ ଅମରିନ୍ଦର ସିଂଙ୍କୁ ବାରମ୍ବାର ସମାଲୋଚନା କରୁଥିବା ସିଦ୍ଧୁଙ୍କୁ କଂଗ୍ରେସ ହାଇକମାଣ୍ଡ ଭର୍ତ୍ସନା କରିବା ପରେ ସେ କେଜ୍‌ରିୱାଲଙ୍କ ପଛରେ ପଡ଼ିଥିବା ରାଘବ କହିଛନ୍ତି।

ଦିଲ୍ଲୀ ବିମାନବନ୍ଦରରୁ ୫ ବାଂଲାଦେଶୀ ଗିରଫ

ନୂଆଦିଲ୍ଲୀ, ୧୭।୯: ନୂଆଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଭାରତୀୟ ପାସ୍‌ପୋର୍ଟ ସହ ୫ ବାଂଲାଦେଶୀଙ୍କ ସମେତ ୬ ଜଣଙ୍କୁ ଗିରଫ କରାଯାଇଛି। ୧୧ ତାରିଖରେ ସୁରକ୍ଷା ଯାଞ୍ଚ ବେଳେ ୩ ଜଣ ଗିରଫ ହୋଇଥିବାବେଳେ ସେମାନଙ୍କୁ ଜେରା ପରେ ଅନ୍ୟ ୩ ସହଯୋଗୀଙ୍କୁ ଗିରଫ କରାଯାଇଥିବା ବିମାନବନ୍ଦର ଡିସିପି ବିକ୍ରମ ପୋର୍‌ୱାଲ କହିଛନ୍ତି। ପୋଲିସ ହାଜତରେ ଥିବା ଏହି ସନ୍ଦିଗ୍ଧମାନଙ୍କଠାରୁ ବିଭିନ୍ନ ଦେଶର ଷ୍ଟାମ୍ପ୍ ଥିବା ୨୭ଟି ପାସ୍‌ପୋର୍ଟ ଓ ଅନ୍ୟାନ୍ୟ କାଗଜପତ୍ର ଜବତ ହୋଇଛି। ସେମାନଙ୍କ ବିରୋଧରେ ପାସ୍‌ପୋର୍ଟ ଆଇନର ବିଭିନ୍ନ ଧାରାରେ ମାମଲା ରୁଜୁ ହୋଇଛି।

ଗତ ମଙ୍ଗଳବାର ଦିଲ୍ଲୀ ପୋଲିସର ସ୍ୱତନ୍ତ୍ର ସେଲ୍ ଆଇଏସ୍‌ଆଇ ତାଲିମପ୍ରାପ୍ତ ୬ ଆତଙ୍କବାଦୀଙ୍କୁ ଗିରଫ କରିବା ସହ ପାକିସ୍ତାନ ପ୍ରାୟୋଜିତ ଆକ୍ରମଣ ଯୋଜନାକୁ ପଣ୍ଡ କରିଦେଇଥିଲା। ସେମାନଙ୍କଠାରୁ ଆର୍‌ଡିଏକ୍ସ ଜବତ ହୋଇଛି। ୧୯୯୩ ବମ୍ବେ ବିସ୍ଫୋରଣ ଭଳି ବିଭିନ୍ନ ସହରରେ ଆକ୍ରମଣ କରିବାକୁ ସେମାନେ ଯୋଜନା କରିଥିଲେ। ଦିଲ୍ଲୀ ଓ ଏହାର ପଡୋଶୀ ରାଜ୍ୟଗୁଡ଼ିକ ଉପରେ ଆତଙ୍କବାଦୀ ଆକ୍ରମଣ ପାଇଁ ଯୋଜନା ହେଉଥିବା ଜଣାପଡ଼ିବା ପରେ ଶୁକ୍ରବାର ଦିଲ୍ଲୀ ପୋଲିସ ମୁଖ୍ୟାଳୟରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ଦିଲ୍ଲୀ ଓ ପଡୋଶୀ ରାଜ୍ୟଗୁଡ଼ିକର ପୋଲିସ ଅଧିକାରୀ ଏବଂ ବିଭିନ୍ନ ଗୋଇନ୍ଦା ସଂସ୍ଥାର ଅଫିସରମାନେ ଯୋଗଦେଇଥିଲେ। ବୈଠକରେ ତାଲିବାନ୍ ନିୟନ୍ତ୍ରଣାଧୀନ ଆଫଗାନିସ୍ତାନ ସ୍ଥିତି ସମ୍ପର୍କରେ ମଧ୍ୟ ଆଲୋଚନା ହୋଇଥିଲା।

ମୌଳବାଦ ବଡ଼ ଚ୍ୟାଲେଞ୍ଜୀ

ଏସ୍‌ସିଓ ସମ୍ମିଳନୀରେ ମୋଦିଙ୍କ ବାର୍ତ୍ତା

ନୂଆଦିଲ୍ଲୀ/ବେଜିଂ,୧୭।୯

କ୍ରମବର୍ଦ୍ଧିଷ୍ଣୁ ମୌଳବାଦ ବିଶ୍ୱ ଶାନ୍ତି, ସୁରକ୍ଷା ଓ ଆସ୍ଥା ପାଇଁ ସବୁଠୁ ବଡ଼ ଚ୍ୟାଲେଞ୍ଜ ଭାବେ ଉଭା ହୋଉଛି। ଏହାର ମୁକାବିଲା ପାଇଁ ୯ ସଦସ୍ୟ ବିଶିଷ୍ଟ ସାଂଘାଇ ସହଯୋଗ ସଙ୍ଗଠନ (ଏସ୍‌ସିଓ) ପ୍ରଭାବଶାଳୀ ଢଙ୍ଗରେ କଠୋରପନ୍ଥୀ ଚିନ୍ତାଧାରା ଓ ମୌଳବାଦର ମୁକାବିଲା ଲାଗି ରଣନୀତି ପ୍ରସ୍ତୁତ କରିବା ଜରୁରୀ ବୋଲି ଶୁକ୍ରବାର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆହ୍ୱାନ ଦେଇଛନ୍ତି।

ତାଜିକିସ୍ତାନର ଦୁଶାନ୍‌ବେରେ ଚାଲିଥିବା ୨୧ତମ ଏସ୍‌ସିଓ ସମ୍ମିଳନୀର ବିସ୍ତୃତ ଅଧିବେଶନକୁ ପ୍ରଧାନମନ୍ତ୍ରୀ ମୋଦି ଭିଡିଓ କନ୍‌ଫରେନ୍ସ ଜରିଆରେ ୬ ମିନିଟ ଧରି ସମ୍ବୋଧିତ କରିଛନ୍ତି। ମୋଦି କହିଛନ୍ତି, ମୌଳବାଦ ଓ ଅନାସ୍ଥାଭାବ ହେଉଛି କେନ୍ଦ୍ରୀୟ ଏସିଆର ଶାନ୍ତି ପାଇଁ ସବୁଠୁ ବଡ଼ ଆହ୍ୱାନ। ଆଫଗାନିସ୍ତାନରେ ଯାହା ଚାଲିଛି ଆମେ ସମସ୍ତେ ଦେଖୁଛେ। ଆଫଗାନିସ୍ତାନର ସଦ୍ୟ ଘଟଣାକ୍ରମ ଏହି ଚ୍ୟାଲେଞ୍ଜକୁ ଆହୁରି ସ୍ପଷ୍ଟ କରିଦେଇଛି। ଆମେ ଯଦି ଇତିହାସକୁ ଦେଖିବା କେନ୍ଦ୍ରୀୟ ଏସିଆ ଉଦାରବାଦ, ବିକାଶଶୀଳ ସଂସ୍କୃତି ଓ ମୂଲ୍ୟବୋଧର କେନ୍ଦ୍ରସ୍ଥଳ ରହିଆସିଥିବା ଜାଣିବାକୁ ପାଇବା। ଏଠାରେ ସୁଫିବାଦର ଉତ୍ପତ୍ତି ଘଟି ସାରା ବିଶ୍ୱରେ ବିସ୍ତାର ଲାଭ କରିଛି। ଏପରି କି ଏହାକୁ ଏବେ କେନ୍ଦ୍ରୀୟ ଏସିଆର ସାଂସ୍କୃତିକ ପରମ୍ପରା ଭାବେ ବିବେଚନା କରାଯାଉଛି। ଏସ୍‌ସିଓ ଭାରତ ସମେତ ସଦସ୍ୟ ରାଷ୍ଟ୍ରଗୁଡ଼ିକରେ ପ୍ରଚଳିତ ଇସ୍‌ଲାମ ସହ ଜଡ଼ିତ ପରମ୍ପରା ଏବଂ ଉଦାର, ସହିଷ୍ଣୁ ଓ ସମାବେଶୀ ଅନୁଷ୍ଠାନଗୁଡ଼ିକ ମଧ୍ୟରେ ଏକ ମଜଭୁତ ନେଟ୍‌ୱର୍କ ବିକଶିତ କରିବା ଉଚିତ।

ଏହି ଅବସରରେ ମୋଦି କେନ୍ଦ୍ରୀୟ ଏସୀୟ ରାଷ୍ଟ୍ରଗୁଡ଼ିକୁ ଭାରତର ବୃହତ୍ ବଜାର ସହ ଯୋଡ଼ିହୋଇ ଲାଭବାନ ହେବାକୁ ଆମନ୍ତ୍ରଣ କରିଛନ୍ତି। କେନ୍ଦ୍ରୀୟ ଏସୀୟ ରାଷ୍ଟ୍ରଗୁଡ଼ିକ ସହ ଭାରତ ଯୋଗସୂତ୍ରକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରତିଶ୍ରୁତିବଦ୍ଧ। ସେହିପରି ଯୋଗାଯୋଗ ପ୍ରସଙ୍ଗରେ ଚାଇନାକୁ ଇଙ୍ଗିତ କରି ମୋଦି କହିଛନ୍ତି, କୌଣସି ଯୋଗାଯୋଗ ପଦକ୍ଷେପ ୱାନ୍-ୱେ ଷ୍ଟ୍ରିଟ୍ ଭଳି ହୋଇପାରିବ ନାହିଁ। ଏହା ନିଶ୍ଚିତ, ପରାମର୍ଶଭିତ୍ତିକ, ସ୍ୱଚ୍ଛ ଓ ସହଭାଗୀ ହେବା ଜରୁରୀ। ସମସ୍ତ ଦେଶର କ୍ଷେତ୍ରୀୟ ଅଖଣ୍ଡତା ପ୍ରତି ସମ୍ମାନ ରହିବା ଉଚିତ ବୋଲି ମୋଦି କହିବା ସହ ଚାବାହାର ଓ ଉତ୍ତର ଦକ୍ଷିଣ ଅନ୍ତର୍ଜାତୀୟ କରିଡର ସପକ୍ଷରେ ମତ ଦେଇଛନ୍ତି। ଏହି ବ୍ଲକ୍‌ରେ ନୂଆ ସଦସ୍ୟ ଇରାନକୁ ସ୍ୱାଗତ କରିବା ସହ ମୋଦି କହିଛନ୍ତି, ସାଉଦି ଆରବ, ଇଜିପ୍ଟ ଓ କାତାର ଏସ୍‌ସିଓର ଆଲୋଚନା ସହଯୋଗୀ। ସେମାନଙ୍କ ଭାଗୀଦାରି ଏସ୍‌ସିଓକୁ ଆହୁରି ମଜଭୁତ କରିବ ବୋଲି ମୋଦି ଆଶା ବ୍ୟକ୍ତ କରିଛନ୍ତି। ସେପଟେ ଦୁଶାନବେରେ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର ତାଙ୍କ ଚାଇନା ପ୍ରତିପକ୍ଷ ୟାଙ୍ଗ୍ ୟିଙ୍କୁ ଭେଟିଛନ୍ତି। ଏହି ଅବସରରେ ଭାରତ-ଚାଇନାର ପ୍ରକୃତ ନିୟନ୍ତ୍ରଣରେଖା (ଏଲ୍‌ଏସି) ବିବାଦ ଭଳି ପ୍ରସଙ୍ଗର ସମାଧାନ ପାଇଁ ଦୁଇଦେଶର ସାମରିକ ଏବଂ କୂଟନୈତିକ ଅଧିକାରୀମାନେ ଆଲୋଚନା ଜାରି ରଖିବାକୁ ସହମତି ପ୍ରକାଶ ପାଇଛି।

ବାହ୍ୟ ଶକ୍ତିଗୁଡ଼ିକୁ କେବେହେଲେ ଅନ୍ୟ ଦେଶରେ ହସ୍ତକ୍ଷେପ କରିବାକୁ ଅନୁମତି ଦିଆଯିବା ଅନୁଚିତ।

-ଶି ଜିନ୍‌ପିଙ୍ଗ, ଚାଇନା ରାଷ୍ଟ୍ରପତି

ଆଫଗାନିସ୍ତାନବାସୀ ସ୍ୱାଧୀନତାର ମୂଲ୍ୟ ବୁଝନ୍ତି। ସେମାନଙ୍କୁ ବାହାରୁ ନିୟନ୍ତ୍ରଣ କରିବା ଅସମ୍ଭବ।

-ଇମ୍ରାନ୍ ଖାନ୍, ପାକିସ୍ତାନ ପ୍ରଧାନମନ୍ତ୍ରୀ

ତାଲିବାନ୍ ଦ୍ୱାରା ଗଠିତ ଆଫଗାନିସ୍ତାନ ସରକାର ପ୍ରତିନିଧିମୂଳକ ନୁହେଁ। ଏହାସତ୍ତ୍ୱେ ଅନ୍ୟ ରାଷ୍ଟ୍ରଗୁଡ଼ିକୁ ତାଲିବାନ୍ ସହ କାମ କରିବାକୁ ପଡ଼ିବ।

-ଭ୍ଲାଡିମିର ପୁଟିନ, ରୁଷିଆ ରାଷ୍ଟ୍ରପତି





ଆଫଗାନିସ୍ତାନର ଜଣେ ତାଲିବାନ୍ ଲଢୁଆ ଶୁକ୍ରବାର ମସ୍‌ଜିଦ୍‌ରେ ନମାଜ ପଢୁଛନ୍ତି।

୮ ହାଇକୋର୍ଟର ମୁଖ୍ୟ ବିଚାରପତି ନିଯୁକ୍ତି ପାଇଁ ନାମ ସୁପାରିସ

ନୂଆଦିଲ୍ଲୀ, ୧୭।୯

ଭାରତର ପ୍ରଧାନ ବିଚାରପତି (ସିଜେଆଇ) ଏନ୍.ଭି. ରମନାଙ୍କ ଅଧ୍ୟକ୍ଷତାରେ ଜଷ୍ଟିସ୍ ୟୁ.ୟୁ. ଲଲିତ ଏବଂ ଏ.ଏମ୍. ଖାନ୍‌ୱିଲକରଙ୍କୁ ନେଇ ଗଠିତ ସୁପ୍ରିମକୋର୍ଟ କଲେଜିୟମ୍ ୮ ହାଇକୋର୍ଟର ମୁଖ୍ୟ ବିଚାରପତି ନିଯୁକ୍ତି ଲାଗି ନାମ ସୁପାରିସ କରିଛନ୍ତି। ଏକାଥରେ ୮ ଜଣଙ୍କୁ ମୁଖ୍ୟ ବିଚାରପତି ଭାବେ ପଦୋନ୍ନତି ପାଇଁ ସୁପାରିସ୍ କରାଯିବା ଏକ ରେକର୍ଡ। ଏହା ବ୍ୟତୀତ ବିଭିନ୍ନ ହାଇକୋର୍ଟର ୫ ମୁଖ୍ୟ ବିଚାରପତି ଏବଂ ୨୮ ବିଚାରପତିଙ୍କ ବଦଳି ପାଇଁ ସୁପାରିସ କରାଯାଇଛି। କାଲକାଟା ହାଇକୋର୍ଟର କାର୍ଯ୍ୟକାରୀ ବିଚାରପତି ଜଷ୍ଟିସ୍ ରାଜେଶ ବିନ୍ଦଲଙ୍କୁ ଆଲ୍ଲାହାବାଦ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ନିଯୁକ୍ତି ଲାଗି ସୁପାରିସ କରାଯାଇଛି। ସେହିପରି ମଧ୍ୟପ୍ରଦେଶ ହାଇକୋର୍ଟ ବିଚାରପତି ପ୍ରକାଶ ଶ୍ରୀବାସ୍ତବଙ୍କୁ କାଲକାଟା ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ, ଛତିଶଗଡ଼ ହାଇକୋର୍ଟ ବିଚାରପତି ପ୍ରଶାନ୍ତ କୁମାର ମିଶ୍ରଙ୍କୁ ଆନ୍ଧ୍ରପ୍ରଦେଶ ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ, ଆଲ୍ଲାହାବାଦ ହାଇକୋର୍ଟ ବିଚାରପତି ରତୁରାଜ ଅସ୍ଥିଙ୍କୁ କର୍ନାଟକ ହାଇକୋର୍ଟ ମୁଖ୍ୟ ବିଚାରପତି ଭାବେ, କର୍ନାଟକ ହାଇକୋର୍ଟ ବିଚାରପତି ସତୀଶ ଚନ୍ଦ୍ର ଶର୍ମାଙ୍କୁ ତେଲଙ୍ଗାନା ହାଇକୋର୍ଟ ମୁଖ୍ୟ ବିଚାରପତି, ମେଘାଳୟ ହାଇକୋର୍ଟ ବିଚାରପତି ରଞ୍ଜିତ୍ ଭି. ମୋରେଙ୍କୁ ମେଘାଳୟ ହାଇକୋର୍ଟର ମୁଖ୍ୟ ବିଚାରପତି, କର୍ନାଟକ ହାଇକୋର୍ଟ ବିଚାରପତି ଅରବିନ୍ଦ କୁମାରଙ୍କୁ ଗୁଜରାଟ ହାଇକୋର୍ଟର ମୁଖ୍ୟ ବିଚାରପତି ଏବଂ କର୍ନାଟକ ହାଇକୋର୍ଟ ବିଚାରପତି ଆର୍.ଭି. ମାଲିମାଥଙ୍କୁ ମଧ୍ୟପ୍ରଦେଶ ହାଇକୋର୍ଟର ମୁଖ୍ୟ ବିଚାରପତି ଭାବେ ପଦୋନ୍ନତି ଦେବାକୁ ସୁପ୍ରିମକୋର୍ଟ କଲେଜିୟମ କହିଛି।

ଏହା ବ୍ୟତୀତ ତ୍ରିପୁରା ହାଇକୋର୍ଟ ମୁଖ୍ୟ ବିଚାରପତି ଜଷ୍ଟିସ୍ ଅକିଲ କୁରେଶୀଙ୍କୁ ରାଜସ୍ଥାନ ବଦଳି ଲାଗି ସୁପାରିସ କରାଯାଇଥିବାବେଳେ ଆନ୍ଧ୍ରପ୍ରଦେଶ ହାଇକୋର୍ଟ ମୁଖ୍ୟ ବିଚାରପତି ଅରୂପ କୁମାର ଗୋସ୍ୱାମୀଙ୍କୁ ଛତିଶଗଡ଼, ମଧ୍ୟପ୍ରଦେଶ ହାଇକୋର୍ଟ ମୁଖ୍ୟ ବିଚାରପତି ମହମ୍ମଦ ରଫିକ୍‌ଙ୍କୁ ହିମାଚଳପ୍ରଦେଶ, ରାଜସ୍ଥାନ ହାଇକୋର୍ଟ ମୁଖ୍ୟ ବିଚାରପତି ଇନ୍ଦ୍ରଜିତ ମହାନ୍ତିଙ୍କୁ ତ୍ରିପୁରା ଏବଂ ମେଘାଳୟ ହାଇକୋର୍ଟ ମୁଖ୍ୟ ବିଚାରପତି ବିଶ୍ୱନାଥ ସୋମାଦେର୍‌ଙ୍କୁ ସିକ୍କିମ ହାଇକୋର୍ଟକୁ ବଦଳି ଲାଗି କଲେଜିୟମ୍ ସୁପାରିସ କରିଛି।

ଆଜେଣ୍ଟିନାରେ ରାଷ୍ଟ୍ରପତି ନିର୍ବାଚନ ପାଖେଇ ଆସୁଥିବାବେଳେ ଆର୍ଥିକ ସଙ୍କଟ ଦେଖାଦେଇଛି। ବେରୋଜଗାରୀ, ଖାଦ୍ୟ ଅସୁରକ୍ଷା ଓ ସମ୍ବଳ ଅଭାବକୁ ନେଇ ବୁଏନୋସ୍ ଏୟାର୍ସରେ ବିକ୍ଷୋଭ ବେଳେ ନିଜ ପୁଅକୁ କାନ୍ଧେଇଛନ୍ତି ଜଣେ ମହିଳା।

ଏସ୍‌ଏଡିର ବିକ୍ଷୋଭ: ସୁଖବୀର, ହରସିମ୍ରତ୍ ଅଟକ

ନୂଆଦିଲ୍ଲୀ, ୧୭।୯

କର୍ତ୍ତୃପକ୍ଷଙ୍କଠାରୁ ଅନୁମତି ନ ନେଇ ଶୁକ୍ରବାର ଦିଲ୍ଲୀରେ ବିକ୍ଷୋଭ ଶୋଭାଯାତ୍ରା ବାହାର କରିଥିବା ଶିରୋମଣି ଅକାଳୀ ଦଳ (ଏସ୍‌ଏଡି) ଅଧ୍ୟକ୍ଷ ସୁଖବୀର ସିଂ ବାଦଲ, ଦଳୀୟ ନେତ୍ରୀ ହରସିମ୍ରତ୍ କୌର ବାଦଲ ଏବଂ ଅନ୍ୟ ୧୧ ଜଣଙ୍କୁ ପୋଲିସ ଅଟକ ରଖିଛି। ଦଳୀୟ କର୍ମୀମାନେ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ଯାଉଥିବାବେଳେ ପୋଲିସ ସେମାନଙ୍କୁ ଅଟକାଇଥିଲା ବୋଲି ସୁଖବୀର କହିଛନ୍ତି।

କେନ୍ଦ୍ର ସରକାରଙ୍କ ବିବାଦୀୟ କୃଷି ଆଇନ କାର୍ଯ୍ୟକାରୀ ହେବା ଶୁକ୍ରବାର ଗୋଟିଏ ବର୍ଷ ପୂରଣ କରିଥିବାବେଳେ ଏହାକୁ କଳା ଦିବସ ଭାବେ ପାଳନ କରିବା ଲାଗି ଏସ୍‌ଏଡି ଆହ୍ୱାନ ଦେଇଥିଲା। ଦଳୀୟ କର୍ମୀମାନେ କୃଷି ଆଇନ ପ୍ରତ୍ୟାହାର ଦାବିରେ ଗୁରୁଦ୍ୱାରା ତଲାବଗଞ୍ଜ ସାହିବ୍‌ରୁ ପାର୍ଲାମେଣ୍ଟ ହାଉସ୍ ଅଭିମୁଖେ ଶୋଭାଯାତ୍ରାରେ ବାହାରିଥିଲେ।

କେନ୍ଦ୍ରମନ୍ତ୍ରୀ ଦାନ୍‌ଭେ ଭବିଷ୍ୟତର ବନ୍ଧୁ: ଉଦ୍ଧବ

ମୁମ୍ବାଇ,୧୭।୯

ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଉଦ୍ଧବ ଠାକ୍‌ରେ ଶୁକ୍ରବାର ଏକ ସଭାରେ ମରାଠୱାଡା ଅଞ୍ଚଳର ବରିଷ୍ଠ ଭାଜପା ନେତା ତଥା କେନ୍ଦ୍ର ରେଳ ରାଷ୍ଟ୍ରମନ୍ତ୍ରୀ ରାଓସାହେବ ଦାନ୍‌ଭେଙ୍କୁ ଭବିଷ୍ୟତର ବନ୍ଧୁ କହି ରାଜନୈତିକ ବଜାରରେ ହଟଚମଟ ସୃଷ୍ଟି କରିଛନ୍ତି। ଔରଙ୍ଗବାଦରେ ଏକ କାର୍ଯ୍ୟକ୍ରମକୁ ସମ୍ବୋଧିତ କରି ଶିବସେନା ଅଧ୍ୟକ୍ଷ ଉଦ୍ଧବ ଠାକ୍‌ରେ କହିଥିଲେ, ମୋ ପୂର୍ବତନ ବନ୍ଧୁ ଦାନ୍‌ଭେ ଏଠାରେ ଉପସ୍ଥିତ ଅଛନ୍ତି। ଆମେ ଯଦି ପୁଣି ଏକାଠି ଆସିବୁ ତେବେ ସେ ମୋର ଭବିଷ୍ୟତର ବନ୍ଧୁ। ଜଲାନା ଏମ୍‌ପି ତଥା କେନ୍ଦ୍ରମନ୍ତ୍ରୀ ଦାନ୍‌ଭେଙ୍କ ପ୍ରତି ଉଦ୍ଧବଙ୍କ ଏପରି ସମ୍ବୋଧନକୁ ନେଇ ନାନା କଳ୍ପନାଜଳ୍ପନା ପ୍ରକାଶ ପାଇଛି। ଭବିଷ୍ୟତରେ ଶିବସେନା ଓ ଭାଜପା ମଧ୍ୟରେ ପୁଣି ମେଣ୍ଟ ହୋଇପାରେ ବୋଲି କେତେକ ମହଲରେ ଚର୍ଚ୍ଚା ହେଉଛି। ପ୍ରକାଶ ଯେ, ପୂର୍ବରୁ ଶିବସେନା ଓ ଭାଜପା ମହାରାଷ୍ଟ୍ରରେ ଏକାଠି ହୋଇ ସରକାର ଗଢ଼ିଥିଲେ। ଭାଜପା ନେତୃତ୍ୱାଧୀନ ଏନ୍‌ଡିଏ ସରକାରରେ ମଧ୍ୟ ଶିବସେନା ଏକ ସହଯୋଗୀ ଦଳ ଥିଲା।

ଛାତ୍ର, ପୁରୁଷ ଶିକ୍ଷକଙ୍କୁ ସ୍କୁଲ ଆସିବାକୁ ଅନୁମତି ଦେଲା ତାଲିବାନ୍

କାବୁଲ୍, ୧୭।୯

ଆଫଗାନିସ୍ତାନରେ ଶନିବାରଠାରୁ ଷଷ୍ଠରୁ ଦ୍ୱାଦଶ ଶ୍ରେଣୀ ପର୍ଯ୍ୟନ୍ତ ପାଠପଢ଼ା ଆରମ୍ଭ ହେବାକୁ ଯାଉଥିବାବେଳେ କେବଳ ଛାତ୍ର ଏବଂ ପୁରୁଷ ଶିକ୍ଷକମାନଙ୍କୁ ସ୍କୁଲ ଆସିବାକୁ ତାଲିବାନ ଶିକ୍ଷା ମନ୍ତ୍ରଣାଳୟ ନିର୍ଦ୍ଦେଶ ଦେଇଛି। ଛାତ୍ରୀ ଏବଂ ଶିକ୍ଷୟିତ୍ରୀମାନଙ୍କୁ ସ୍କୁଲ ଆସିବା ଲାଗି ଅନୁମତି ମିଳିନାହିଁ। ତାଲିବାନ୍ ଶାସନରେ ଏହି ବୟସର ବାଳିକା ଓ ମହିଳାମାନଙ୍କ ଉପରେ କଟକଣା କଡ଼ାକଡ଼ି ହୋଇଛି। ପୂର୍ବରୁ ତାଲିବାନ ପ୍ରଥମରୁ ଷଷ୍ଠଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରୀଙ୍କୁ ସ୍କୁଲ ଯିବା ଲାଗି ଅନୁମତି ଦେଇଥିଲା। କେତେକ ପ୍ରଦେଶରେ ସ୍ୱାସ୍ଥ୍ୟସେବା ଓ ଶିକ୍ଷା କ୍ଷେତ୍ରକୁ ବାଦ୍ ଦେଲେ ଅନ୍ୟ କାର୍ଯ୍ୟ ଲାଗି ମହିଳାମାନଙ୍କୁ ଅନୁମତି ଦିଆଯାଉ ନାହିଁ।

ମହିଳା ମନ୍ତ୍ରଣାଳୟ ହେଲା ପାପ-ପୁଣ୍ୟ ମନ୍ତ୍ରଣାଳୟ

କାବୁଲ୍, ୧୭।୯

ଆଫଗାନିସ୍ତାନର ତାଲିବାନ୍ ସରକାର ମହିଳା ମନ୍ତ୍ରଣାଳୟ ନାଁ ବଦଳାଇ ଏହାକୁ 'ପାପ-ପୁଣ୍ୟ' ମନ୍ତ୍ରଣାଳୟ ଭାବେ ନାମିତ କରିଛନ୍ତି। ସରକାରୀ ମନ୍ତ୍ରଣାଳୟରେ ପୁରୁଷଙ୍କ ସହ ମହିଳା କର୍ମଚାରୀମାନଙ୍କୁ କାର୍ଯ୍ୟ କରିବା ଲାଗି ଅନୁମତି ମିଳିବ ନାହିଁ ବୋଲି ତାଲିବାନ ପୂର୍ବରୁ କହିଥିଲା। ଶୁକ୍ରବାର କାବୁଲସ୍ଥିତ ମହିଳା ମନ୍ତ୍ରଣାଳୟର ନାମଫଳକ ବଦଳାଯାଇ ଏହାକୁ ତାଲିବାନ ମୋରାଲ ପୋଲିସ ପାଇଁ ରଖାଯିବ ସହ ବିଭାଗର ପୂର୍ବତନ ମହିଳା କର୍ମଚାରୀମାନଙ୍କୁ ବିଲ୍ଡିଂ ଭିତରକୁ ଛଡ଼ାଯାଇ ନ ଥିଲା। ସେଠାରେ 'ମିନିଷ୍ଟ୍ରି ଅଫ୍ ପ୍ରେୟାର ଆଣ୍ଡ ଗାଇଡାନ୍ସ ଆଣ୍ଡ ଦି ପ୍ରମୋଶନ ଅଫ୍ ଭର୍ଚୁ ଆଣ୍ଡ ପ୍ରିଭେନ୍‌ଶନ ଅଫ୍ ଭାଇସ୍' ବୋଲି ଦରି ଓ ଆରବିକ୍ ଭାଷାରେ ଲେଖାଯାଇଛି। ମହିଳା କର୍ମଚାରୀମାନଙ୍କୁ ଘରକୁ ଫେରିଯିବା ଲାଗି ବହୁ ସପ୍ତାହ ହେଲା କୁହାଯାଉଥିବାବେଳେ ସେମାନେ କାର୍ଯ୍ୟକୁ ଆସିବା ଲାଗି ଉଦ୍ୟମ ଚଳାଇଛନ୍ତି।

୯୦ ଦିନ ପରେ ମହାକାଶରୁ ଫେରିଲେ

ବେଜିଂ,୧୭।୯

ଚାଇନାର ଦୀର୍ଘତମ ସ୍ପେସ୍ ମିଶନ

ଚାଇନା ଟାଇକୋନଟ୍ସ ସାଙ୍ଗ୍ ହୋଙ୍ଗ୍‌ବୋ, ନିଏ ହାଇଶେଙ୍ଗ୍ ଏବଂ ଲିଉ ବୋମିଙ୍ଗ୍ ଶେନ୍‌ଝୋଉ-୧୨ ସ୍ପେସ୍‌ଶିପ୍‌ରେ ୯୦ ଦିନର ମହାକାଶ ଯାତ୍ରା ଶେଷକରି ଫେରିଛନ୍ତି। ସେମାନେ ଇନର ମଙ୍ଗୋଲିଆ ସ୍ୱୟଂସାଶିତ ଅଞ୍ଚଳର ଡୋଙ୍ଗଫେଙ୍ଗ ଲାଣ୍ଡିଂ ସାଇଟ୍‌ରେ ଶୁକ୍ରବାର ଅପରାହ୍ନ ୧ଟା ୩୦

ସଂକ୍ଷେପରେ

ହାଲୁକା ଯାନ ଚାଳକଙ୍କ ଶୋଭାଯାତ୍ରା

ସେମିଲିଗୁଡ଼ା,୧୭।୯(ସ୍ୱ.ପ୍ର.)-ଓଡ଼ିଶା ମୋଟର ଚାଳକ ସଂଘ ସେମିଲିଗୁଡ଼ା ଶାଖା ପକ୍ଷରୁ ଶୁକ୍ରବାର ଚାଳକ ଦିବସ ପାଳନ ହୋଇଛି। ସେମିଲିଗୁଡ଼ା ଓ ସୁନାବେଡ଼ା ସହରର ପ୍ରାୟ ଶତାଧିକ ଲାଇଟ ମୋଟର ଗାଡ଼ିଚାଳକ ଏକତ୍ରିତ ହୋଇ ସଂଘ କାର୍ଯ୍ୟାଳୟରୁ ନାଲ୍‌କୋ ଛକ ପର୍ଯ୍ୟନ୍ତ ଏକ ଶୋଭାଯାତ୍ରାରେ ବାହାରିଥିଲେ। ଦେଶର ଉନ୍ନତିରେ ହାଲୁକା ଯାନ ଚାଳକମାନଙ୍କ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିବା ସଂଘ ସଭାପତି ନୀଳକଣ୍ଠ ରାଜୁ କହିଥିଲେ। ଉପସଭାପତି ରବୀନ୍ଦ୍ର ସିଂ, ସମ୍ପାଦକ ଜଗନ୍ନାଥ ହନ୍ତାଳ,କୋଷାଧକ୍ଷ ନରସିଂହ ବିଷୋୟୀଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ।

୪୦ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ

ସୁନାବେଡ଼ା,୧୬।୯(ସ୍ୱ.ପ୍ର.)-ସୁନାବେଡ଼ା ହାଲ୍ ଗେଷ୍ଟ ହାଉସ ଦେଇ ଯାଇଥିବା ୨୬ ନମ୍ବର ଜାତୀୟ ରାଜପଥରେ ପୋଲିସ ଓ କୋରାପୁଟ ଆର୍‌ଟିଓ ପକ୍ଷରୁ ମିଳିତ ଭାବେ ଗାଡ଼ିମୋଟର ଯାଞ୍ଚ କରାଯାଇଥିଲା। ବିନା ହେଲ୍‌ମେଟ୍‌ରେ ଗାଡ଼ି ଚଳାଉଥିବା ,ସିଟ୍ ବେଲ୍ଟ ବାନ୍ଧି ନ ଥିବା ଏବଂ ଡ୍ରାଇଭିଂ ଲାଇସେନ୍ସ ନ ଥିବା ଗାଡ଼ି ଚାଳକଙ୍କଠାରୁ ଜରିମାନା ଆଦାୟ କରାଯାଇଥିଲା। ମୋଟ ୪ ଲକ୍ଷ ୪୬ ହଜାର ୩୫୦ ଟଙ୍କା ଜରିମାନା ଆଦାୟ ହୋଇଛି। ଏମ୍‌ଭିଆଇ ଆକ୍ଟ ଉଲ୍ଲଂଘନ କରିଥିବା ୪୦ଜଣ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସ ରଦ୍ଦ କରାଯାଇଥିବା ସୁନାବେଡ଼ା ଥାନା ଏସ୍‌ଆଇ ମୁକୁନ୍ଦ ମେଲକା କହିଛନ୍ତି।

ଦାମନଯୋଡ଼ିରେ ଦେବଶିଳ୍ପୀଙ୍କ ପୂଜା

ଦାମନଯୋଡି,୧୭।୯(ଡି.ଏନ୍.ଏ.)-ଦାମନଯୋଡ଼ିର ବିଭିନ୍ନ ସ୍ଥାନରେ ଦେବଶିଳ୍ପୀ ବିଶ୍ୱକର୍ମାଙ୍କ ପୂଜା ଅନୁଷ୍ଠିତ ହୋଇଯାଇଛି। କୋଭିଡ୍ କଟକଣା ପାଇଁ ଚଳିତ ବର୍ଷ ପୂଜା ଫିକା ପଡ଼ିଛି। ନାଲ୍‌କୋ ଟାଉନଶିପ ସେକ୍ଟର-୩ ସ୍ଥିତ ବିଶ୍ୱକର୍ମାଙ୍କ ମନ୍ଦିରରେ ଦେବଶିଳ୍ପୀଙ୍କ ସ୍ୱତନ୍ତ୍ର ପୂଜା ହୋଇଥିଲା। କୋଭିଡ୍ କଟକଣା ମାନି ଶ୍ରଦ୍ଧାଳୁ ବିଶ୍ୱକର୍ମାଙ୍କ ଦର୍ଶନ କରିଥିଲେ। ନାଲ୍‌କୋ ପଞ୍ଚପଙ୍କମାଳି ବକ୍ସାଇଟ ଖଣି ସହିତ ଆଲୁମିନା ବିଶୋଧନ ପ୍ରକଳ୍ପର ବିଭିନ୍ନ ସ୍ଥାନରେ ଦେବଶିଳ୍ପୀଙ୍କ ଫଟୋ ପୂଜା କରାଯାଇଥିଲା।

ପାଇଖାନା ନିର୍ମାଣ ନେଇ ବିଡିଓଙ୍କୁ ଭେଟିଲେ ସ୍ୱାଭିମାନ ଅଞ୍ଚଳବାସୀ

ଚିତ୍ରକୋଣ୍ଡା,୧୭।୯(ଡି.ଏନ୍.ଏ.)-ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକର ସ୍ୱାଭିମାନ ଅଞ୍ଚଳବାସୀ ନିଜ ଅଞ୍ଚଳର ବିଭିନ୍ନ ସମସ୍ୟା ନେଇ ବିଡିଓ ରାହୁଲ ମଣ୍ଡଳଙ୍କୁ ଭେଟିଛନ୍ତି। ସରକାରଙ୍କ ଉନ୍ନୟନମୂଳକ କାର୍ଯ୍ୟରେ ହୋଇଥିବା କାର୍ଯ୍ୟର ବିଲ୍ ପାଇ ନ ଥିବା ବିଷୟରେ ଅଞ୍ଚଳବାସୀ ବିଡିଓଙ୍କୁ ଜଣାଇଥିଲେ। ଏଥିରେ କ'ଣ ଅସୁବିଧା ରହିଛି ତର୍ଜମାକରି ସାତଦିନ ମଧ୍ୟରେ ସମସ୍ତ ବିଲ୍ କରିବାକୁ ବିଡିଓ ପ୍ରତିଶ୍ରୁତି ଦେଇଥିଲେ। ସ୍ୱାଭିମାନ ଅଞ୍ଚଳରେ ସ୍ୱଚ୍ଛ ଭାରତ ମିଶନ ଯୋଜନାରେ ପାଇଖାନା ନିର୍ମାଣରେ ଦୁର୍ନୀତି ହୋଇଥିଲା। ଏହାର ତଦନ୍ତକରି ଜାନୁୟାରୀରେ ବ୍ଲକର ପୂର୍ବତନ ବିଡିଓ ଓ କନିଷ୍ଠଯନ୍ତ୍ରୀଙ୍କୁ ସରକାର କାର୍ଯ୍ୟରୁ ନିଲମ୍ବନ କରିଥିଲେ। ଏହା ପରେ ସମସ୍ତେ ନୀରବ ରହିଛନ୍ତି। ସ୍ୱାଭିମାନ ଅଞ୍ଚଳରେ ପୁଣି ଥରେ ପାଇଖାନା ନିର୍ମାଣ ନେଇ କେହି ଗୁରୁତ୍ୱ ଦେଉନାହାନ୍ତି ବୋଲି ଅଞ୍ଚଳବାସୀ ପ୍ରକାଶ କରିଛନ୍ତି। ଯୋଜନାରେ ଆସିଥିବା ଅର୍ଥକୁ ସମ୍ପୃକ୍ତ ବିଡିଓ ଓ କନିଷ୍ଠଯନ୍ତ୍ରୀଙ୍କଠାରୁ ଆଦାୟକରି ସ୍ୱାଭିମାନ ଅଞ୍ଚଳରେ ପାଇଖାନା ନିର୍ମାଣ କରିବାକୁ ଗ୍ରାମବାସୀ ଦାବିକରିଛନ୍ତି।

ସମସ୍ୟା ସମାଧାନ ନେଇ ୨୧ ଖଣ୍ଡ ଗ୍ରାମବାସୀ ଏକାଠି

ମାଲକାନଗିରି,୧୭।୯(ଡି.ଏନ.ଏ.)

ମାଲକାନଗିରି ଜିଲା ଚିତ୍ରକୋଣ୍ଡା ବ୍ଲକ ଅନ୍ତର୍ଗତ ସ୍ୱାଭିମାନ ଅଞ୍ଚଳ ପଣସପୁଟ ପଞ୍ଚାୟତବାସୀ ଶିକ୍ଷା,ସ୍ୱାସ୍ଥ୍ୟ ଓ ଗମନାଗମନ ଭଳି ବିଭିନ୍ନ ମୌଳିକ ସୁବିଧା ସୁଯୋଗ ପାଇବାରୁ ବଞ୍ଚିତ ହେଉଛନ୍ତି। ଏହାର ପ୍ରତିବାଦରେ ଶୁକ୍ରବାର ପଞ୍ଚାୟତ ସଦର ମହକୁମାଠାରେ ୨୧ ଖଣ୍ଡ ଗ୍ରାମର ଲୋକେ ଏକାଠି ହୋଇ ଏକ ବୈଠକ

ଆଗାମୀ ଦିନରେ ଆନ୍ଦୋଳନ

- ବାରମ୍ବାର ପ୍ରଶାସନକୁ ଜଣାଇ ମିଳୁନି ସୁଫଳ
- ଯୋଡାଆମ୍ବ-ପଣସପୁଟ ରାସ୍ତା ହୋଇପଡିଛି ଶୋଚନୀୟ
- ଗୁରୁପ୍ରିୟା ସେତୁ ନିର୍ମାଣ ପରେ ଦୂର ହୋଇନି ସମସ୍ୟା

ଏକାଠି ହୋଇଥିବା ଗ୍ରାମବାସୀ ।

କରିଛନ୍ତି। ଗୁରୁପ୍ରିୟା ସେତୁ ନିର୍ମାଣ ପରେ ଗମନାଗମନ ସୁବିଧା ହୋଇଥିଲେ ମଧ୍ୟ ଯୋଡାଆମ୍ବରୁ ପଣସପୁଟକୁ ସଂଯୋଗ କରୁଥିବା ମୁଖ୍ୟ ରାସ୍ତା ଅବସ୍ଥା ଅତି ଶୋଚନୀୟ ହୋଇ ରହିଛି। ଏହି ରାସ୍ତା ନିର୍ମାଣ ଲାଗି ଅଞ୍ଚଳବାସୀ ବାରମ୍ବାର ପ୍ରଶାସନକୁ ଜଣାଇ ଆସୁଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ ବୋଲି ଅଞ୍ଚଳବାସୀ ଅଭିଯୋଗ କରିଛନ୍ତି। ଉକ୍ତ ବୈଠକରେ ପୂର୍ବତନ ସରପଞ୍ଚ ଅର୍ଜୁନ ହନ୍ତାଳ, ସାମାଜିକ କର୍ମୀ ଭିମସେନ ଖିଲ, ଦୈତାରୀ ଶିଶାଙ୍କ ସହ ଗ୍ରାମବାସୀ ଉପସ୍ଥିତ ଥିଲେ। ଆଗାମୀ ଦିନରେ ଯଦି ଗମନାଗମନ ସହ ପଞ୍ଚାୟତର ଅନ୍ୟ ସମସ୍ୟା ସମାଧାନ କରା ନ ଯାଏ ତେବେ ଆନ୍ଦୋଳନ ପନ୍ଥା ଆପଣାଇବାକୁ ବୈଠକରେ ନିଷ୍ପତ୍ତି ହୋଇଛି।

କୋଟିଆ ଆସିଲେ, ଲୋକଙ୍କ ସମସ୍ୟା ବୁଝିଲେନି ଅଧିକାରୀ

ପଟାଙ୍ଗୀ, ୧୭।୯ (ଡି.ଏନ୍.ଏ.)

ସୀମାନ୍ତ ଅଞ୍ଚଳକୁ ନେଇ ଓଡ଼ିଶା-ଆନ୍ଧ୍ର ମଧ୍ୟରେ ବିବାଦ ଚାଲିଛି। ବିଭିନ୍ନ ସମୟରେ ଆନ୍ଧ୍ରର ପଦକ୍ଷେପକୁ ଓଡ଼ିଶା କଡ଼ା ବିରୋଧକରି ଆସିଛି। ପରିସ୍ଥିତି ଏପରି ହୋଇଛି ମାମଲା ଯାଇ ସୁପ୍ରିମକୋର୍ଟରେ ପହଞ୍ଚିଛି। ଏହାର ବିଚାରକରି ବିଚାରପତି ଉଭୟ ରାଜ୍ୟର ରାଜନୈତିକ ଦଳ ମଧ୍ୟରେ ଆଲୋଚନା କରି ୬ସପ୍ତାହ ମଧ୍ୟରେ ସମସ୍ୟା ସମାଧାନର ପନ୍ଥା ବାହାର କରିବାକୁ ନିର୍ଦ୍ଦେଶ ଦେଇଛନ୍ତି। ଏପରି କ୍ଷେତ୍ରରେ ଶୁକ୍ରବାର ରାଜ୍ୟ ସରକାରଙ୍କ ଜଣେ ବରିଷ୍ଠ ଅଧିକାରୀ ରେଭିନ୍ୟୁ ପ୍ରିନ୍ସିପାଲ ସେକ୍ରେଟାରି ବିଷ୍ଣୁପଦ ସେଠୀ କୋଟିଆ ଯାଇଥିଲେ ମଧ୍ୟ ସେଠାକାର ସମସ୍ୟା ନେଇ ସ୍ଥାନୀୟ ଲୋକଙ୍କ ସହ କିଛି ଆଲୋଚନା କରି ନ ଥିଲେ। କେବଳ ସରକାରଙ୍କ ପକ୍ଷରୁ ଚାଲିଥିବା କିଛି କାର୍ଯ୍ୟର ସମୀକ୍ଷାକରି ମାତକାରରେ ନିର୍ମାଣାଧୀନ ଗୃହ ଦେଖି ଫେରି ଆସିଥିଲେ। ତାଙ୍କୁ ଭେଟି ସମସ୍ୟା ସମ୍ପର୍କରେ ଜଣାଇବାକୁ ଅପେକ୍ଷା କରିଥିବା କୋଟିଆବାସୀ ନିରାଶ ହୋଇଥିଲେ। ତାଙ୍କ ସହ ଜିଲାପାଳ ମହମ୍ମଦ ଅବଦୁଲ୍ଲ ଅଖତାର, ପଟାଙ୍ଗୀର ପୂର୍ବତନ ବିଡିଓ ବେଦଭୂଷଣ, ଉପଜିଲାପାଳ ଲଳିତ କଅଁର, ଏବିଡିଓ କୃଷ୍ଣଚନ୍ଦ୍ର ବିଶ୍ୱାସରାୟ ପ୍ରମୁଖ ଥିଲେ।

୨୮ ଡଙ୍ଗରିଆ ପରିବାରକୁ ପଟ୍ଟା

ପଟ୍ଟା ପାଇଥିବା ଡଙ୍ଗରିଆ ପରିବାର ।

ନାରାଣପାଟଣା, ୧୭।୯(ଡି.ଏନ.ଏ.)

ନାରାଣପାଟଣା ସୀମାନ୍ତ ଆନ୍ଧ୍ର ପ୍ରଦେଶକୁ ଲାଗିରହିଥିବା ଲଙ୍ଗଲବେଡା ପଞ୍ଚାୟତର ସିକେ ବାଦ୍ରା,ପିକେ ବାଦ୍ରା ଓ ତାଙ୍ଗିଡି ୱାଲ୍ଲା ଗ୍ରାମର ୨୮ଟି ଡଙ୍ଗରିଆ ପରିବାରଙ୍କୁ ନାରାଣପାଟଣା ତହସିଲଦାର ଜଗଜୀବନ ଚୌଧୁରୀ ଶୁକ୍ରବାର ଜମିପଟା ପ୍ରଦାନ କରିଛନ୍ତି। ଏହି ପରିବାର ଲୋକମାନେ ଦୀର୍ଘବର୍ଷ ହେଲା ଉକ୍ତ ୫୮ ଏକର ଜମି ଚାଷ କରି ଆସୁଥିଲେ। ଏହି ସମୟରେ ଲକ୍ଷ୍ମୀପୁର ବିଧାୟକ ପ୍ରଭୁ ଜାନୀ, ବିଧାୟକ ପ୍ରତିନିଧି କେ. ସାୟା ରାଜୁ ସଭାପତି ଏସ.ଏଗି ନାରାୟଣ,ପି ଜଗନ୍ନାଥ ସୁବୁଦ୍ଧି,ବଙ୍କିମ ଚୌଧୁରୀ,ଖୀଷ୍ଟଦାସ ଗରଡ଼ା,ସାହେବ ସିଙ୍ଗ, ସୁଧାକର ସାହୁ, ଗୌରୀ ଶଙ୍କର ପାଢ଼ୀ ପ୍ରମୁଖ ଉପସ୍ଥିତ ଥିଲେ।

କୋଭିଡ୍ କଟକଣାରେ ବିଶ୍ୱକର୍ମା ପୂଜା

କୋରାପୁଟ/ ଦଶମନ୍ତପୁର, ୧୭।୯, (ସ୍ୱ.ପ୍ର./ ଡି.ଏନ.ଏ.)

କୋଭିଡ୍ କଟକଣା ମଧ୍ୟରେ କୋରାପୁଟ ସହରରେ ନିରାଡମ୍ବର ଭାବେ ୧୫ରୁ ଊର୍ଦ୍ଧ୍ୱ ସ୍ଥାନରେ ବିଶ୍ୱକର୍ମା ପୂଜା ପାଳନ ହେଉଛି। ଶୁକ୍ରବାର ବିଦ୍ୟୁତ୍ ବିଭାଗ ପକ୍ଷରୁ ସ୍ଥାନୀୟ ପରଜାସାହିସ୍ଥିତ କାର୍ଯ୍ୟାଳୟରେ ସରକାରଙ୍କ କୋଭିଡ୍ ଗାଇଡ୍‌ଲାଇନ ଅନୁସାରେ ୪ ଫୁଟ ଉଚ୍ଚତା ବିଶିଷ୍ଟ ସୃଷ୍ଟିକର୍ତ୍ତା ବିଶ୍ୱକର୍ମାଙ୍କ ମୂର୍ତ୍ତି ପୂଜା କରାଯାଇଥିଲା। ସହକାରୀ ଯନ୍ତ୍ରୀ ମନୋରଞ୍ଜନ ମାର୍ଥା କର୍ତ୍ତା ଦାୟିତ୍ୱ ତୁଲାଇଥିଲେ। ସେହିପରି ପରଜାସାହିସ୍ଥିତ କୋରାପୁଟ ଆଇଟିଆଇ, ଭାରତୀୟ ସଞ୍ଚାର ନିଗମ କାର୍ଯ୍ୟାଳୟ, ରେଲୱେ ଷ୍ଟେଶନ, ରେଲୱେ ସିଗ୍‌ନାଲ, ରେଲୱେ ମେକାନିକାଲ ବିଭାଗ, ରେଲୱେ ଡ୍ରାଇଭର ଆସୋସିଏଶନ, କୋରାପୁଟ ମେଡିକାଲ, ପିଏଚ୍‌ଡି, ଜିଲା ଜଳ ଓ ପରିମଳ ବିଭାଗ, ମ୍ୟୁନିସିପାଲିଟି କାର୍ଯ୍ୟାଳୟ ସମେତ ବିଭିନ୍ନ ବଡ଼େଇ ସଂଘ ପକ୍ଷରୁ ବିଶ୍ୱକର୍ମା ପୂଜା ପାଳନ କରାଯାଇଛି।

ପରଜାସାହିରେ ବିଦ୍ୟୁତ୍ ବିଭାଗ ପକ୍ଷରୁ ବିଶ୍ୱକର୍ମା ପୂଜା।

ସ୍ଥାନୀୟ ଦଶମନ୍ତପୁର ବ୍ଲକ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଶୁକ୍ରବାର ବ୍ଲକ କନିଷ୍ଠ ଯନ୍ତ୍ରୀ ସଂଘ ପକ୍ଷରୁ ବିଶକର୍ମା ପୂଜା ଅନୁଷ୍ଠିତ ହୋଇଯାଇଛି। ଯନ୍ତ୍ରୀ ହଳଧର ସିଆଲ ଦାୟିତ୍ୱ ତୁଲାଇଥିଲେ। ଯନ୍ତ୍ରୀ ସନ୍ତୋଷ ମହାନ୍ତି, ଅରୁଣ ନାୟକଙ୍କ ସମେତ ଅନ୍ୟମାନେ ଉପସ୍ଥିତ ଥିଲେ। ସେହିପରି ୩୩ କେଭି ସବ୍‌ଷ୍ଟେସନ ଏବଂ ଜଳ ଓ ପରିମଳ ମିଶନ କାର୍ଯ୍ୟାଳୟଠାରେ ମଧ୍ୟ ରୀତିନୀତି ଅନୁସାରେ ପୂଜା ହୋଇଥିଲେ।

ଇନଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟର୍ସ ପକ୍ଷରୁ ଯନ୍ତ୍ରୀ ଦିବସ ପାଳିତ

ଦାମନଯୋଡି,୧୭।୯(ଡି.ଏନ.ଏ.)

ଇନଷ୍ଟିଚ୍ୟୁଟ ଅଫ ଇଞ୍ଜିନିୟର୍ସ(ଇଣ୍ଡିଆ) ପକ୍ଷରୁ ନାଲକୋ,ଦାମନଯୋଡିଠାରେ ୫୪ତମ ଇଞ୍ଜିନିୟର୍ସ ଦିବସ ପାଳିତ ହୋଇଯାଇଛି। ନାଲକୋ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇଂ. ରବି ଶଙ୍କର ଦାସ ଏଥିରେ ମୁଖ୍ୟଅତିଥି, ହାଲର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଇଂ ଜିତେନ୍ଦ୍ର ମୋହନ ସାହୁ ମୁଖ୍ୟ ବକ୍ତା ଓ ପ୍ରମୋଦ କୁମାର ସମ୍ମାନିତ ଅତିଥି ରୂପେ ଯୋଗ ଦେଇଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଇଂ.ଦାସ ଏବଂ ହାଲ ଏଜିଏମ ଇଂ. କମଳ ଲୋଚନ ଦାସଙ୍କୁ ଜୀବନବ୍ୟାପୀ ସାଧନା ପାଇଁ ପୁରସ୍କୃତ କରାଯାଇଥିଲା। ନାଲକୋ ସମୂହ ମହାପ୍ରବନ୍ଧକ ଇଂ. ନେତ୍ରାନନ୍ଦ ମହାରଣା ଓ ହାଲ ଏଜିଏମ ଇଂ ନବୀନ ଚନ୍ଦ୍ର ଶତପଥୀଙ୍କୁ ବିଶିଷ୍ଟ ଇଞ୍ଜିନିୟର ରୂପେ ସମ୍ମାନିତ କରାଯାଇଥିବା ବେଳେ ନାଲକୋ ବରିଷ୍ଠ ପ୍ରବନ୍ଧକ ଇଂ. ବିକାଶ ଚନ୍ଦ୍ର ମହାନ୍ତି ଓ ହାଲର ବରିଷ୍ଠ ପ୍ରବନ୍ଧକ ଇଂ ସଚ୍ଚିଦାନନ୍ଦ ସ୍ୱାଇଁଙ୍କୁ ଯୁବ ଉଦୀୟମାନ ଇଞ୍ଜିନିୟର ରୂପେ ପୁରସ୍କୃତ କରାଯାଇଥିଲା। ଉତ୍ସବରେ ଶିଫା ସାଲୋନୀ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପୂର୍ବରୁ ଅନଲାଇନରେ ଅନୁଷ୍ଠିତ କୁଇଜ ପ୍ରତିଯୋଗିତାର କୃତି ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ଇଂ. ଅରବିନ୍ଦ ସ୍ୱାମୀ ଓ ଇଂ. ବଭ୍ରୁବାହନ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

ଉନ୍ନୟନମୂଳକ କାର୍ଯ୍ୟ ସମୀକ୍ଷା କଲେ ୨ ବରିଷ୍ଠ ଅଧିକାରୀ

ଗସ୍ତରେ ଆସିଥିବା ବରିଷ୍ଠ ଅଧିକାରୀଙ୍କୁ ପାଛୋଟି ନିଆଯାଉଛି ।

ଜୟପୁର, ୧୭।୯(ନି.ପ୍ର.)

ଶୁକ୍ରବାର ୨ଜଣ ବରିଷ୍ଠ ଅଧିକାରୀ ରେଭିନ୍ୟୁ ପ୍ରିନ୍ସିପାଲ ସେକ୍ରେଟାରି ବିଷ୍ଣୁପଦ ସେଠୀ ଓ କୃଷି ବିଭାଗ କମିଶନର କମ୍ ସେକ୍ରେଟାରି ସୁରେଶ କୁମାର ବଶିଷ୍ଠ ଜୟପୁର ଗସ୍ତ କରିଛନ୍ତି। ଅନ୍ୟ ୨ ଜଣ ବରିଷ୍ଠ ଅଧିକାରୀ ଅରବିନ୍ଦ ଅଗ୍ରୱାଲ ଓ ଆର୍. ରଘୁପ୍ରସାଦ ବଲାଙ୍ଗୀର ଓ ରାୟଗଡ଼ା ଅଭିମୁଖେ ଯାତ୍ରା କରିଛନ୍ତି। ଏସବୁ ଜିଲାରେ ଅଧିକାରୀମାନେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିବେ। କୋରାପୁଟରେ ଅଧିକାରୀମାନଙ୍କ ସହ ଜିଲାପାଳ ମହମ୍ମଦ ଅବଦୁଲ୍ଲ ଅଖତାର, ଉପଜିଲାପାଳ ହେମକାନ୍ତ ସାୟ, ନିବାହୀ ଯନ୍ତ୍ରୀ ଭାସ୍କର ସାମନ୍ତରାୟ, ଜଳସେଚନ, ଜଙ୍ଗଲ, କୃଷି, ରେଭିନ୍ୟୁ ଓ ପରିବହନ ବିଭାଗର ଅଧିକାରୀମାନେ ଉପସ୍ଥିତ ଥିଲେ।

ଜିଲା ବିକାଶରେ ଯନ୍ତ୍ରୀଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ

କାର୍ଯ୍ୟକ୍ରମରେ ମଞ୍ଚାସୀନ ଅତିଥି ।

ମାଲକାନଗିରି, ୧୭।୯ (ଡି.ଏନ୍.ଏ.)

ଇଞ୍ଜିନିୟର ବିଶ୍ୱେଶରାୟା ଜୟନ୍ତୀ ପାଳିତ

ମାଲକାନଗିରି ଜିଲା ସଦର ମହକୁମା ଗ୍ରାମ୍ୟ ଉନ୍ନୟନ ସମ୍ମିଳନୀ କକ୍ଷରେ ଗୁରୁବାର ଭାରତ ରତ୍ନ ପୁରସ୍କାରପ୍ରାପ୍ତ ଇଞ୍ଜିନିୟର ବିଶ୍ୱେଶରାୟାଙ୍କ ଜୟନ୍ତୀ ତଥା ୫୪ତମ ଇଞ୍ଜିନିୟର୍ସ ଡେ ପାଳିତ ହୋଇଯାଇଛି। ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟର ସେବା ସଂଘ ମାଲକାନଗିରି ଶାଖା ସଭାପତି କୃତିବାସ ନାୟକଙ୍କ ଅଧ୍ୟକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଅତିରିକ୍ତ ଜିଲାପାଳ ବୀରସେନ ପ୍ରଧାନ ଯୋଗଦେଇଥିଲେ। ଅନ୍ୟତମ ଅତିଥି ରୂପେ ଗ୍ରାମ୍ୟ ଉନ୍ନୟନ ପ୍ରକଳ୍ପ ନିର୍ଦ୍ଦେଶକ ବାଳମୁକୁନ୍ଦ ଭୂୟାଁ, ନିର୍ବାହୀଯନ୍ତ୍ରୀ କେ. ଓରାପ୍ରସାଦ ରାଓ, ନିବାର୍ହୀଯନ୍ତ୍ରୀ କେ. ଅଶୋକ କୁମାର ଦାସ, ସମନ୍ୱୟ ଆଦିବାସୀ ଉନ୍ନୟନ ପ୍ରକଳ୍ପ ପ୍ରଶାସକ କ୍ଷୀରାବ୍ଧି ବେହେରାଙ୍କ ସହ ଇଞ୍ଜିନିୟରମାନେ ଉପସ୍ଥିତ ଥିଲେ। ଭାରତରେ ପ୍ରଥମେ ଇଞ୍ଜିନିୟର ତଥା ଭାରତ ରତ୍ନ ପୁରସ୍କାରପ୍ରାପ୍ତ ବିଶ୍ୱେଶରାୟା ସାରା ପୃଥିବୀରେ ଜଣେ ବିଚକ୍ଷଣ, ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତତ୍ୱ ଥିଲେ। ୧୯୫୫ରୁ ତାଙ୍କ ଜନ୍ମଦିନକୁ ଇଞ୍ଜିନିୟର୍ସ ଡେ ରୂପେ ସବୁ ରାଜ୍ୟରେ ପାଳନ କରାଯାଉଛି। ଇଞ୍ଜିନିୟରମାନଙ୍କ କଠିନ ପରିଶ୍ରମ ଯୋଗୁ ଆଜି ମାଲକାନଗିରି ଜିଲାରେ ରାସ୍ତା, କୋଠାବାଡ଼ି , ପୋଲ ନିର୍ମାଣ ସହ ଅନ୍ୟାନ୍ୟ କ୍ଷେତ୍ରରେ ବିକାଶ ହୋଇଛି ବୋଲି ମୁଖ୍ୟ ଅତିଥି ପ୍ରଧାନ ତାଙ୍କ ବକ୍ତବ୍ୟରେ କହିଥିଲେ। ଜିଲାରେ କାର୍ଯ୍ୟରତ ଇଞ୍ଜିନିୟରମାନଙ୍କୁ କେବଳ ନିର୍ମାଣ କାର୍ଯ୍ୟରେ ନିୟୋଜିତକରି ଅନ୍ୟ କାର୍ଯ୍ୟରେ ଦାୟିତ୍ୱ ନ ଦେବା, ରାଜ୍ୟ ସରକାର ତୁରନ୍ତ ଇଞ୍ଜିନିୟରମାନଙ୍କ ଦରମା ବୃଦ୍ଧି କରିବା, ସ୍ୱତନ୍ତ୍ର ଭତ୍ତା , ଅସ୍ଥାୟୀ ଇଞ୍ଜିନିୟରମାନଙ୍କୁ ସ୍ଥାୟୀ କରିବା ଏବଂ ଇଞ୍ଜିନିୟରଙ୍କ ସୁରକ୍ଷା ଆଇନ ପ୍ରଣୟନ କରିବା ପାଇଁ ଏହି ଅବସରରେ ସଂଘ ଦାବି କରିଥିଲା।

ଆବାସ ଯୋଜନାରେ ଗୃହ ଯୋଗାଇବାରେ ବିଳମ୍ବ

ଦାବିପତ୍ର ଦେଲା ପବ୍ଲିକ ରାଇଟ୍ସ ଆସୋସିଏଶନ

ଜୟପୁର,୧୭।୯(ନି.ପ୍ର.)

ଜୟପୁର ବ୍ଲକ ବାଲିଆ ପଞ୍ଚାୟତର ପାଣ୍ଡିଆଗୁଡ଼ା ଏବଂ ଅନ୍ୟ ପଞ୍ଚାୟତରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଗୃହ ଯୋଗାଇବାରେ ଅହେତୁକ ବିଳମ୍ବ ହେଉଛି। ଏହି ପ୍ରକ୍ରିୟାକୁ ତରାନ୍ୱିତ କରି ଯୋଗ୍ୟ ହିତାଧିକାରୀଙ୍କୁ ଶୀଘ୍ର ଗୃହ ଯୋଗାଇଦେବାକୁ ଶୁକ୍ରବାର ପବ୍ଲିକ ରାଇଟ୍ସ ଆସୋସିଏଶନ ପକ୍ଷରୁ ଜୟପୁର ବିଡିଓ ସୂରଜ ପଟ୍ଟନାୟକଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ଦେବେନ୍ଦ୍ର ବାହିନୀପତି, ସାହେବ ମହାରଣା, ନରସିଂହ ନାୟକ, ରାଜେନ୍ଦ୍ର ପାତ୍ର, କନ୍ଦର୍ପ ପାଣିଗ୍ରାହୀ,ଗୌର ଦାସ, ଶ୍ୟାମ ବେହେରା, ଲକ୍ଷ୍ମୀ ନାରାୟଣ ପାଢୀଙ୍କ ସହ ପାଣ୍ଡିଆଗୁଡ଼ା ଅଞ୍ଚଳର ଅନେକ ମହିଳା ହିତାଧିକାରୀ ଉପସ୍ଥିତ ଥିଲେ।

ଅଙ୍ଗନୱାଡି ଲେଡିଜ ୱାର୍କସ ଆସୋସିଏଶନ ପକ୍ଷରୁ ଶୋଭାଯାତ୍ରା

ଅଙ୍ଗନୱାଡି କର୍ମୀଙ୍କ ବାହାରିଥିବା ଶୋଭାଯାତ୍ରା।

କୋରାପୁଟ,୧୭।୯(ସ୍ୱ.ପ୍ର.)

ବିଭିନ୍ନ ଦାବି ନେଇ ଶୁକ୍ରବାର ଅଲ ଓଡ଼ିଶା ଅଙ୍ଗନୱାଡି ଲେଡିଜ ୱାର୍କସ ଆସୋସିଏଶନର କୋରାପୁଟ ଜିଲା ଶାଖା ପକ୍ଷରୁ ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା। ପ୍ରଧାନମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଆସୋସିଏଶନ ଜିଲାପାଳଙ

ଗ୍ରାମାଞ୍ଚଳ ନିଯୁକ୍ତି ବଢ଼ାଇବ ଏମ୍‌ଏସ୍‌ଏମ୍‌ଇ

ଦେଶର ଅର୍ଥ ବ୍ୟବସ୍ଥାକୁ ଅଣୁ,କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ(ଏମ୍‌ଏସ୍‌ଏମ୍‌ଇ)ର ଯୋଗଦାନ ଗୁରୁତ୍ୱପୂର୍ଣ୍ଣ ରହି ଆସିଛି। କୋଭିଡ ଯୋଗୁ ଏହି କ୍ଷେତ୍ର ବର୍ତ୍ତମାନ ସଙ୍କଟ ଦେଇ ଗତି କରୁଛି। ଏହାର ପୁନରୁଦ୍ଧାର ଜରୁରୀ ହୋଇପଡିଛି। ଏହା ଟ୍ରାକ୍‌କୁ ଫେରିଲେ ଗ୍ରାମାଞ୍ଚଳ ନିଯୁକ୍ତିକୁ ବଢାଇବା ଦିଗରେ କାର୍ଯ୍ୟ କରିବ। ଦେଶର ପ୍ରାୟ ୫୭% କମ୍ପାନୀ ଏଭଳି ବିଶ୍ୱାସ ରଖୁଥିବା ଏକ ରିପୋର୍ଟରେ ପ୍ରକାଶ ପାଇଛି। ଜିନିୟସ କନ୍‌ସଲ୍‌ଟାଣ୍ଟ ପକ୍ଷରୁ ପ୍ରକାଶିତ 'ସଡନ ରାଇଜ ଅଫ ରୁରାଲ ଅନଏମ୍ଲୟମେଣ୍ଟ' ଶୀର୍ଷକ ରିପୋର୍ଟରେ କରୋନା ଦ୍ୱାରା କ୍ଷତିଗ୍ରସ୍ତ ଏମ୍‌ଏସଏମ୍‌ଇଗୁଡିକର ସ୍ଥିତି ଉପରେ ଗୁରୁତ୍ୱାରୋପ କରାଯାଇଛି।

ଓଡ଼ିଶାରେ ଉପସ୍ଥିତି ଦୃଢ଼ କରୁଛି ଟିଭିଏସ୍

ଭୁବନେଶ୍ୱର,୧୭।୯(ବ୍ୟୁରୋ)

ଦୁଇ ଚକିଆ ଏବଂ ୩ ଚକିଆ ଯାନ କ୍ଷେତ୍ରରେ ପ୍ରମୁଖ କମ୍ପାନୀ ଟିଭିଏସ୍ ମୋଟର କମ୍ପାନୀ ଓଡ଼ିଶାରେ ଏହାର ଉପସ୍ଥିତିକୁ ଦୃଢ଼ କରୁଛି। କମ୍ପାନୀ ପକ୍ଷରୁ ଭୁବନେଶ୍ୱର ଖଣ୍ଡଗିରି ଛକଠାରେ ନୂଆ ଡିଲରଶିପ 'ରିତା ଟିଭିଏସ୍' ଶୁକ୍ରବାର ଶୁଭାରମ୍ଭ ହୋଇଛି। କମ୍ପାନୀର ବିକ୍ରି ବିଭାଗ ଉପସଭାପତି ୟୁ.ବି.ପାଣ୍ଡେ, ପୂର୍ବାଞ୍ଚଳ ଏବଂ ୟୁପି ଜୋନର ନ୍ୟାଶନାଲ ସେଲ୍‌ସ ମ୍ୟାନେଜର ଅରବିନ୍ଦ ଗୁପ୍ତା, ରିତା ଟିଭିଏସ୍‌ର ସ୍ୱତ୍ତାଧିକାରୀ ଦିପକ ସ୍ୱାଇଁ ଉପସ୍ଥିତ ରହି ଏହାର ଉନ୍ମୋଚନ କରିଥିଲେ। ନୂଆ ଡିଲରଶିପ୍‌ରେ ବିକ୍ରି, ସର୍ଭିସ ଏବଂ କମ୍ପାନୀର ପାର୍ଟସ ଗ୍ରାହକ ଲାଭ କରିପାରିବେ। ଏଠାରେ ସ୍ୱଂୟକ୍ରିତ ସର୍ଭିସ ଶପ୍ ଏବଂ ସ୍ପେଶାଲ

ନୂଆ ରେଡର ମଡେଲକୁ ଉନ୍ମୋଚନ କରୁଛନ୍ତି ୟୁ.ବି. ପାଣ୍ଡେ।

ଭୁବନେଶ୍ୱରରେ ନୂଆ ଡିଲରଶିପ ରିତା ଟିଭିଏସ୍

ପାର୍ଟସ କାଉଣ୍ଟର ମଧ୍ୟ ରହିଛି। ଏହି ଅବସରରେ ନୂଆ 'ରେଡର' ମଡେଲକୁ ମଧ୍ୟ ବଜାର ପ୍ରବେଶ କରାଯାଇଥିଲା। ନୂଆ ଡିଲରଶିପ୍ ଦ୍ୱାରା ରାଜ୍ୟରେ ଟିଭିଏସ୍ ମୋଟର କମ୍ପାନୀର ଟଚ୍ ପଏଣ୍ଟ ୩୬ରେ ପହଞ୍ଚିଛି। ଦୀର୍ଘ ୧୦୦ ବର୍ଷର ବିଶ୍ୱାସ ସହ କମ୍ପାନୀ ଗ୍ରାହକଙ୍କ ବର୍ଦ୍ଧିତ ଆବଶ୍ୟକତାକୁ ପୂରଣ କରିବା ଲାଗି ବିଭିନ୍ନ ପଦକ୍ଷେପ ଗ୍ରହଣ କରି ଆସୁଛି। ନିରନ୍ତର ଭିତ୍ତିରେ ପ୍ରଡକ୍ଟରେ ଅଭିନବତ୍ୱ, ଗୁଣବତ୍ତାକୁ ସର୍ବୋଚ୍ଚ ଗୁରୁତ୍ୱ ଏବଂ ଅନ୍ତର୍ଜାତୀୟ ମାନର ପ୍ରଡକ୍ଟ ଯୋଗାଣ ଉପରେ ବିଶ୍ୱାସ ରଖାଯାଉଥିବା କମ୍ପାନୀ ପକ୍ଷରୁ ସୂଚନା ଦିଆଯାଇଛି।

ନାଲ୍‌କୋ ବକ୍ସାଇଟ ଖଣି ପୁରସ୍କୃତ

ଭୁବନେଶ୍ୱର,୧୭।୯

ନାଲ୍‌କୋର ପଞ୍ଚପଟ୍ଟମାଳି ବକ୍ସାଇଟ୍ ଖଣିକୁ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ପକ୍ଷରୁ ସମ୍ମାନ ଜନକ ପ୍ରଦୂଷଣ ନିୟନ୍ତ୍ରଣ ଉତ୍କୃଷ୍ଟ ପୁରସ୍କାର-୨୦୨୧ ପ୍ରଦାନ କରାଯାଇଛି। ସ୍ଥାନୀୟ ନୀଳକଣ୍ଠନଗରସ୍ଥିତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଏକ ସମାରୋହରେ ଓଡ଼ିଶା ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ବିକ୍ରମ କେଶରୀ ଆରୁଖ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଉକ୍ତ ସମ୍ମାନ ଜନକ ପୁରସ୍କାରକୁ ଭାରତ ସରକାରଙ୍କ ଖଣି ମନ୍ତ୍ରଣାଳୟ ଅଧୀନରେ ଥିବା ନବରତ୍ନ କମ୍ପାନୀ ନାଲକୋର ଖଣି ଟିମ୍‌କୁ ପ୍ରଦାନ କରିଛନ୍ତି। ଏହି ପରିପ୍ରେକ୍ଷୀରେ କମ୍ପାନୀର ସିଏମ୍‌ଡି ଶ୍ରୀଧର ପାତ୍ର ଖଣି ଟିମକୁ ଅଭିନନ୍ଦନ ଜଣାଇବା ସହ ଉନ୍ନତ ପରିବେଶ ପରିଚାଳନା ପ୍ରତି ରହିଥିବା ପ୍ରତିବଦ୍ଧତାକୁ ପାତ୍ର ଉଚ୍ଚ ପ୍ରଶଂସା କରିଥିଲେ।

ଏଲ୍‌ଆଇସିର ନୂଆ ପ୍ରଗତି ଆପ୍

ନୂଆଦିଲ୍ଲୀ,୧୭।୯

ଭାରତୀୟ ଜୀବନ ବୀମା ନିଗମ (ଏଲ୍‌ଆଇସି) ପକ୍ଷରୁ ଶୁକ୍ରବାର ନୂତନ ମୋବାଇଲ ଆପ୍ 'ପ୍ରଗତି'ର ଶୁଭାରମ୍ଭ କରାଯାଇଛି। ଏହି ଆପ୍ ବିଶେଷ କରି ସଂସ୍ଥାର ଡେଭଲପମେଣ୍ଟ ଅଫିସରମାନଙ୍କ ପାଇଁ କରାଯାଇଛି। ଏହା ଜରିଆରେ ଅଧିକାରୀମାନେ ସେମାନଙ୍କର ବିଭିନ୍ନ କାର୍ଯ୍ୟ ଓ ତା'ର ସମୀକ୍ଷା ଆଦି କରିପାରିବେ ବୋଲି ଏଲ୍‌ଆଇସି ପକ୍ଷରୁ କୁହାଯାଇଛି। ଏହି ଆପ୍‌ର ଶୁଭାରମ୍ଭ ଅବସରରେ ଏଲ୍‌ଆଇସି ଅଧ୍ୟକ୍ଷ ଏମ୍.ଆର୍. କୁମାର, ନିଗମର ପରିଚାଳନା ନିର୍ଦ୍ଦେଶକ (ଏମ୍‌ଡି) ମୁକେଶ ଗୁପ୍ତାଙ୍କ ସମେତ ରାଜ୍ କୁମାର ଏବଂ ସିଦ୍ଧାର୍ଥ ମହାନ୍ତିଙ୍କ ସମେତ ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏକ ଅତ୍ୟାଧୁନିକ ଜ୍ଞାନକୌଶଳରେ ନିର୍ମିତ ଏହି ଆପ୍ 'ପ୍ରଗତି' ଜରିଆରେ ନିଗମର ଅଧିକାରୀମାନେ ବିଶେଷ କରି ସଂସ୍ଥାର ବାଣିଜ୍ୟକ କାର୍ଯ୍ୟକଳାପ ଯଥା ପ୍ରିମିୟମ ସଂଗ୍ରହ, ଏଜେଣ୍ଟ ଆକ୍ଟିଭେସନ, ପ୍ରସେପେକ୍ଟିଭ ଏମ୍‌ଡିଆର୍‌ଟି କାର୍ଯ୍ୟକଳାପ ସହିତ ସଂସ୍ଥାର ବିଭିନ୍ନ ଯୋଜନା ସମ୍ପର୍କରେ ସବିଶେଷ ସୂଚନା ଓ ପଦକ୍ଷେପ ଗ୍ରହଣ କରିପାରିବେ ବୋଲି ବରିଷ୍ଠ ଅଧିକାରୀମାନେ ମତବ୍ୟକ୍ତ କରିଥିଲେ।

ଖାଉଟିଙ୍କ ଆତ୍ମବିଶ୍ୱାସ ଶୀଘ୍ର ଫେରିବ: ପାଣ୍ଡେ

ମହାମାରୀ ଦ୍ୱାରା ଦେଶର ଘରୋଇ ବଜାର ସମେତ ଅଟୋମୋବାଇଲ ଶିଳ୍ପ ବର୍ତ୍ତମାନ ଚାପରେ ରହିଛି। ଗ୍ରାହକ ସମସ୍ୟାରେ ରହିଥିବା ବେଳେ କମ୍ପାନୀଗୁଡିକର ବିକ୍ରିରେ ବ୍ୟାପକ ଭାବେ ହ୍ରାସ ହୋଇଛି। ବିକ୍ରି ଧାରା ଏବେ ଯାଏ ସ୍ୱାଭାବିକ ହୋଇନାହିଁ। କଟକଣା କୋହଳ ହୋଇଥିବା ବେଳେ କାରବାର ଧୀରେ ଧୀରେ ଟ୍ରାକ୍‌କୁ ଫେରୁଛି। ଏଭଳି ସ୍ଥିତିରେ ଟିଭିଏସ୍‌ର କାର୍ଯ୍ୟପନ୍ଥା ନେଇ କମ୍ପାନୀର ବିକ୍ରି ବିଭାଗ ଉପସଭାପତି ୟୁ.ବି. ପାଣ୍ଡେଙ୍କ ସହ ଧରିତ୍ରୀର ସତ୍ୟାନନ୍ଦ ସହ ସାକ୍ଷାତ୍‌କାର...

⇨ନିୟୁ ନର୍ମାଲରେ କାରବାରକୁ କିଭଳି ଦେଖୁଛନ୍ତି?

☛ କୋଭିଡ-୧୯ ମହମାରୀ ଗ୍ରାହକଙ୍କ ମନୋଭାବକୁ ଶକ୍ତ ଧକ୍କା ଦେଇଛି। ଏଥିଲାଗି ଗତ ୨ଟି ଲକଡାଉନରେ କାରବାର ପ୍ରଭାବିତ ହୋଇଛି। ସ୍ୱାସ୍ଥ୍ୟ ସମସ୍ୟା ସାଙ୍ଗକୁ କଟକଣା ଯୋଗୁ ଶିଳ୍ପ କ୍ଷେତ୍ର ସଙ୍କଟ ସମୟ ଦେଇ ଗତି କରୁଛି। କୋଭିଡ୍‌ର ଦ୍ୱିତୀୟ ଲହର ବିଶେଷ ଭାବେ ଲୋକଙ୍କୁ କ୍ଷତିଗ୍ରସ୍ତ କରିଛି। ଲୋକଙ୍କ ଆୟ, ନିଯୁକ୍ତି, ଖାଉଟିଙ୍କ ଆତ୍ମ ବିଶ୍ୱାସକୁ ଶକ୍ତି ଧକ୍କା ଲାଗିଛି। ଲୋକଙ୍କ ନିରାପତ୍ତା ବର୍ତ୍ତମାନ ନିୟୁ ନର୍ମାଲ ଭାବେ ବିଶେଷ ଗୁରୁତ୍ୱ ବହନ କରୁଛି। ବର୍ତ୍ତମାନ କଟକଣା କୋହଳ ହେଉଥିବା ବେଳେ ଟିକାକରଣ ତ୍ୱରାନ୍ୱିତ ହେଉଥିବାରୁ ବଜାରର ସ୍ଥିତି ସ୍ୱାଭାବିକ କରିବାରେ ଏହା ସହାୟକ ହେଉଛି। ଆମ କାରବାର କୋଭିଡ୍ ପୂର୍ବ ତୁଳନାରେ ବର୍ତ୍ତମାନ ପ୍ରାୟ ୮୫ରୁ ୯୦% ଯାଏ ଫେରିଲାଣି। ଏହି ଧାରା ଆହୁରି ଉନ୍ନତ ହେବା ନେଇ ଅଶା ରଖିଛୁ। ତୃତୀୟ ଲହର ନ ଆସିଲେ ଜାନୁୟାରୀ ଫେବୃୟାରୀ ବେଳକୁ ଖାଉଟିଙ୍କ ଆତ୍ମ ବିଶ୍ୱାସ ଫେରିଆସିବ। ମାର୍ଚ୍ଚ ଏପ୍ରିଲ ବେଳକୁ ବିଜନେସ୍ ୯୦ରୁ ୯୫% ପର୍ଯ୍ୟନ୍ତ ପ୍ରତ୍ୟାବର୍ତ୍ତନ କରିପାରେ।

⇨ଆଉ କିଛି ନୂଆ ମଡେଲ ଯୋଡ଼ିବେକି । ଓଡ଼ିଶା ବଜାରରେ ଆପଣଙ୍କ ସ୍ଥିତି କିଭଳି ରହିଛି?

☛ ହଁ । ଚଳିତ ଆର୍ଥିକ ବର୍ଷ ଆଉ ୨ ନୂଆ ମଡେଲ ଯୋଡିବା ନେଇ ଯୋଜନା ରହିଛି। ଉଭୟ ମୋଟର ସାଇକେଲ ଏବଂ ସ୍କୁଟର ବର୍ଗରେ ଏହା ଆସିବ। ଓଡିଶାରେ ଆମେ ୧୫% ବଜାର ଅଂଶ ହାସଲ କରିଛୁ।

⇨ ଇ-ଯାନ ନେଇ ଆପଣଙ୍କ କମ୍ପାନୀ କିଛି ଯୋଜନା ରଖିଛି କି?

☛ ନିଶ୍ଚିତ। ଆମେ ଇ-ଯାନ ଉପରେ ବର୍ତ୍ତମାନ କାମ କରୁଛୁ। ୟୁରୋପ ବଜାରରେ ପ୍ରବେଶ ଲାଗି ସୁଇସ୍ କମ୍ପାନୀ ଇକୋ ମୁଭମେଣ୍ଟର ସିଂହଭାଗ ଅଂଶଧନକୁ ଟିଭିଏସ୍ ଅଧିଗ୍ରହଣ କରିଛି। ଭାରତ ପାଇଁ ମଧ୍ୟ ଯୋଜନା ରଖାଯାଇଛି। କମ୍ପାନୀର ନିଜସ୍ୱ ମାନୁଫାକ୍‌ଚରିଂ ୟୁନିଟ ରହିଛି। ଠିକ୍ ସମୟ ଆସିଲେ ବିସ୍ତୃତ ଯୋଜନା ସମ୍ପର୍କରେ କମ୍ପାନୀ ଘୋଷଣା କରାଯିବ।

⇨ସରକାର ଘୋଷଣା କରିଥିବା ୨୬ ହଜାର କୋଟିର ପିଏଲ୍‌ଆଇ ସ୍କିମ ଇ-ଯାନ ଶିଳ୍ପ ଲାଗି କିଭଳି ସହାୟକ ହେବ?

☛ ଏହା ଏକ ସ୍ୱାଗତଯୋଗ୍ୟ ପଦକ୍ଷେପ। ଏହା ଇ-ଯାନ ଶିଳ୍ପକୁ ଉତ୍ସାହିତ କରିବ ବୋଲି ଆଶାବାଦି। ଆଗାମୀ ଦିନରେ ଇଭିର ଗ୍ରହଣୀୟତା ଏବଂ କମ୍ପାନୀଙ୍କ ନିରନ୍ତର କାରବାର ଧାରା ମଧ୍ୟ ଏକ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ। ବର୍ତ୍ତମାନ ଏ ନେଇ ଠିକ୍ ଭାବେ କିଛି ଅନୁମାନ ଲଗାଇ ହେବନି। ଏ ଦିଗରେ ଆହୁରି ଅନେକ କାମ କରିବାକୁ ପଡିବ। ସରକାର କିଭଳି କାର୍ଯ୍ୟପନ୍ଥା ଗ୍ରହଣ କରୁଛନ୍ତି ତାହା ମଧ୍ୟ ଗୁରୁତ୍ୱପୂର୍ଣ୍ଣ।

ଫୁର୍‌ସତ୍

ପ୍ରଦୂଷଣ କମାଇବ ବାଉଁଶ

ମଣିଷ ସଭ୍ୟତା ଆରମ୍ଭରୁ ବାଉଁଶର ଯାତ୍ରା ଆରମ୍ଭ ହୋଇଛି। ଯେବେଠୁଁ ମଣିଷ ସ୍ଥାୟୀ ଭାବେ ଘର କରି ରହିବା ଆରମ୍ଭ କଲା, ସେବେଠାରୁ ବାଉଁଶ ଆବଶ୍ୟକ ସାମଗ୍ରୀ ମଧ୍ୟରେ ସାମିଲ ହୋଇ ଯାଇଥିଲା। ଶିକାର କରିବାରେ ବାଉଁଶ ଧନୁତୀର ସହିତ ଅନ୍ୟାନ୍ୟ ଅସ୍ତ୍ରଶସ୍ତ୍ର ପ୍ରସ୍ତୁତ ହୋଇଥିଲା, ଯାହାକି ମନୁଷ୍ୟର ଖାଦ୍ୟ ଆବଶ୍ୟକତା ମେଣ୍ଟାଇବା ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା। ଭେଳା ତିଆରି କରି ନଦୀ ପାର କରିବାରେ ବାଉଁଶର ବ୍ୟବହାର ମଧ୍ୟ କରାଯାଉଥିଲା। ସେହିପରି ବାସସ୍ଥାନ ନିର୍ମାଣର ବହୁ କ୍ଷେତ୍ରରେ ବାଉଁଶକୁ ବ୍ୟବହାର କରିବା ଆରମ୍ଭ ହୋଇଥିଲା। ଏବେ ବି ଗାଁ ଗଣ୍ଡାରେ ନଡ଼ାଛପର ଘରେ ବାଉଁଶର ଉପଯୋଗ କରାଯାଉଛି। ବାଉଁଶ ବିନା

ନଡ଼ାଛପର ଘର ତିଆରି କରିବା ସମ୍ଭବ ନୁହେଁ। ସେହିପରି ବନ୍ୟାରେ ନଦୀବନ୍ଧରେ ଅତଡ଼ା ଖସିଲେ ବାଉଁଶ ବାଡ଼ରେ ବାଲିବସ୍ତା ପକାଇ ଏହାକୁ ରୋକାଯାଏ। ବାଉଁଶ ଖାଦ୍ୟ, ବାସଗୃହ, ସୁରକ୍ଷା ପ୍ରଦାନ କରିବା ସହିତ ଏକ ଅର୍ଥକରୀ ଗଛର ଭୂମିକା ଗ୍ରହଣରେ ଅତୁଳନୀୟ ସାବ୍ୟସ୍ତ ହୋଇପାରିଛି। ପ୍ରାଚୀନ କାଳରୁ ଆରମ୍ଭ କରି ଏପର୍ଯ୍ୟନ୍ତ ବାଉଁଶ ମଣିଷର ଅତି ଆପଣାର ହୋଇ ରହିଛି। ତେଣୁ ବାଉଁଶ ସମ୍ପର୍କରେ ସଚେତନତା ସୃଷ୍ଟି ପାଇଁ ୱାର୍ଲ୍ଡ ବାମ୍ବୋ ଅର୍ଗାନାଇଜେଶନ ଗଠନ

ଆଜି 'ବିଶ୍ୱ ବାଉଁଶ ଦିବସ'

କରାଯାଇଥିଲା। ଏହାର ସଂଶକ୍ଷଣ ଲାଗି ୨୦୦୯ ବ୍ୟାଙ୍କକର ୮ମ ୱାର୍ଲ୍ଡ ବାମ୍ବୋ ସମ୍ମିଳନୀରେ ସେପ୍ଟେମ୍ବର ୧୮କୁ 'ବିଶ୍ୱ ବାଉଁଶ ଦିବସ' ଭାବେ ପାଳନ ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ସେବେଠାରୁ ପ୍ରତିବର୍ଷ ଏହି ଦିବସ ପାଳନ କରାଯାଉଛି। ପରିବେଶ ବିଜ୍ଞାନୀଙ୍କ ମତାନୁସାରେ, ବାଉଁଶରୁ ବିଭିନ୍ନ ନିତ୍ୟ ବ୍ୟବହାର୍ଯ୍ୟ ସାମଗ୍ରୀ ପ୍ରସ୍ତୁତ କରାଗଲେ ପ୍ରଦୂଷଣ ମାତ୍ରା ହ୍ରାସ ପାଇପାରିବ। ଏହା ସହିତ ବାଉଁଶ ଦ୍ୱାରା ଭାରତ ଭଳି ଦେଶର ଆର୍ଥିକ ବିକାଶ ମଧ୍ୟ ସମ୍ଭବ ହୋଇପାରିବ।

ମାଗଣାରେ ଗୁପ୍‌ଚୁପ୍

ଭୋପାଳ: ମାଗଣାରେ ମିଳୁଛି ଗୁପ୍‌ଚୁପ୍। ଏମିତି ଏକ ଖବର ଶୁଣି ଦୋକାନ ଆଗରେ ଲାଗିଗଲା ପ୍ରବଳ ଭିଡ଼। ଦୋକାନୀ ଜଣକ ବି ବେଶ୍ ଖୁସିରେ ସମସ୍ତଙ୍କ ପାଇଁ ମାଗଣା ଗୁପ୍‌ଚୁପ୍ ଖାଇବାର ବ୍ୟବସ୍ଥା କରିଦେଲେ। ଏମିତି ଏକ ଦୃଶ୍ୟ ଦେଖିବାକୁ ମିଳିଥିଲା ମଧ୍ୟପ୍ରଦେଶର ଭୋପାଳରେ। ଝିଅ ଜନ୍ମହେବା ଖୁସିରେ ଗୁପ୍‌ଚୁପ୍ ଦୋକାନୀ ମାଗଣାରେ ବାଣ୍ଟିଦେଲେ ୪୦ ହଜାର ଟଙ୍କାର ଗୁପ୍‌ଚୁପ୍। ଏବେ ବି ଏମିତି କେତେଜଣ ଅଛନ୍ତି, ଯେଉଁମାନେ ଝିଅଟିଏ ଜନ୍ମହେଲେ ବୋଝ ବୋଲି ଭାବନ୍ତି। ଲୋକଙ୍କର ଏଭଳି ଭାବନା ଯୋଗୁ ଏବେ ଦେଶର ବିଭିନ୍ନ ଅଞ୍ଚଳରେ କନ୍ୟା ସନ୍ତାନ ହାରରେ ବହୁ ତାରତମ୍ୟ ଦେଖିବାକୁ ମିଳୁଛି। କିନ୍ତୁ କନ୍ୟା ସନ୍ତାନକୁ ରତ୍ନଟିଏ ଭାବନ୍ତି ମଧ୍ୟପ୍ରଦେଶ ଭୋପାଳର କୋଲାର ଅଞ୍ଚଳରେ ଥିବା ଗୁପ୍‌ଚୁପ୍ ଦୋକାନୀ ଅଞ୍ଚଳ ଗୁପ୍ତା। ଝିଅ ଜନ୍ମ ହୋଇଥିବାରୁ ସେ ଏତେ ଖୁସି ହୋଇ ଯାଇଥିଲେ ଯେ, ଦିନକ ପାଇଁ ସମ୍ପୂର୍ଣ୍ଣ ମାଗଣାରେ ଗୁପ୍‌ଚୁପ୍ ଦେବେ ବୋଲି ଘୋଷଣା କରିଥିଲେ।

CLASSIFIED DISPLAY

MORE SPACE • SAME PRICE (TARIFF / GST 5%)

For Single Day		For 7 Days		For 15 Days		For 30 days	
6 x 4	12 x 4	6 x 4	12 x 4	6 x 4	12 x 4	6 x 4	12 x 4
1,500.00	2,000.00	6,000.00	12,000.00	12,000.00	25,000.00	20,000.00	40,000.00

ଘରେବସି ଲୋନ ପାଆନ୍ତୁ ସରଳ କିସ୍ତି ରେ
ଭାରତର ଏକମାତ୍ର ବିଶ୍ୱସୀନିୟ କମ୍ପାନୀ ମାର୍କେଟିଂ, ହୋମଲୋନ, ପର୍ସନାଲ, ପଶୁପାଳନ, ଆଧାରକାର୍ଡ, ସମ୍ପତି, Bpl ଇତ୍ୟାଦି ସମସ୍ତ ଋଣ ମାତ୍ର ୫ ଦିନରେ ଘରେ ବସି ପାଆନ୍ତୁ।
1 ଲକ୍ଷ୍ୟ ରୁ 50 ଲକ୍ଷ୍ୟ ପର୍ଯ୍ୟନ୍ତ
ମହିଳା, ବିଦ୍ୟାର୍ଥୀ ଓ ସରକାରୀ କର୍ମଚାରୀ ଙ୍କୁ ବିଶେଷ ରିହାତୀ
2th floor, Krishna Reddy, Mumbai, Maharastra
9457958917
9458678925

ମୁଦ୍ରା ଫାଇନାନ୍ସ
PM ମୁଦ୍ରା ଯୋଜନା ଅଧୀନରେ 1ରୁ 90 ଲକ୍ଷ ପର୍ଯ୍ୟନ୍ତ ମାର୍କେଟିଂ, ପ୍ରପର୍ଟି, ପର୍ସନାଲ, ଆଧାରକାର୍ଡ ସମସ୍ତ ଋଣ ।
2% ସୁଧ, 40% ରିହାତି ।
ମହିଳାଙ୍କ ପାଇଁ ବିଶେଷ ରିହାତି ।
ଅନ୍‌ଲାଇନ୍ ସୁବିଧା ।
Mob. 9999268493
Whatsapp: 8902923601

ଲୋନ୍ ଧମାକା
2% ସୁଧ, 50% ଛାଡ
ମହିଳାଙ୍କ ନିମନ୍ତେ ବିଶେଷ ଛାଡ
COVID-19 ମହାମାରୀ ସମୟରେ ସମସ୍ତଙ୍କୁ ୧ଲକ୍ଷ ରୁ ୯୦ଲକ୍ଷ ପର୍ଯ୍ୟନ୍ତ ଲୋନ୍ ଯୋଗାଇ ଦିଆଯାଉଛି। ପର୍ସନାଲ୍ ଲୋନ୍, ସମ୍ପତ୍ତି ଲୋନ୍, ହୋମ୍ ଲୋନ୍, ଏଗ୍ରିକଲ୍‌ଚରାଲ୍ କିମ୍ବା ପଶୁପାଳନ ନିମନ୍ତେ ସବୁ ପ୍ରକାରର ଲୋନ୍ ଉପଲବ୍ଧ। ଘରେ ବସି Online ମାଧ୍ୟମରେ ସୁବିଧାରେ ଲୋନ୍ ର ଲାଭ ଉଠାନ୍ତୁ।
ମୁଦ୍ରା ଫାଇନାନ୍ସ
9471160476 / 9432985505
Whatsapp : 9953557897

ବାବା ମୁବାରକ୍ ଖାନ୍
ସମସ୍ୟା ବିଅନ୍ତୁ ସମାଧାନ ନିଅନ୍ତୁ
୭ ଘଣ୍ଟାରେ ୧୦୦ ପ୍ରତିଶତ ଗ୍ୟାରେଣ୍ଟି ସହିତ
ବ୍ୟବସାୟ, ପ୍ରେମ, ଶତ୍ରୁ ମୁକ୍ତି, ପତିପତ୍ନୀ ଝଗଡ଼ା, ଲଭ୍‌ମ୍ୟାରେଜ୍, ସଂପତ୍ତି, କୋର୍ଟ କେସ୍, ଗୁପ୍ତରୋଗ, ପୁରୁଣା କଷ୍ଟ, ଔଷଧ ନ ଲାଗିବା, ବନ୍ଧାକରଣ, ଯାଦୁଟୋନା, କାର୍ଯ୍ୟକାରିଣୀ, ବିବାହରେ ବାଧା, ସ୍ପେଶାଲିଷ୍ଟ-ବଶୀକରଣ, ମୁଠକଣୀ
A To Z Problem Solution
କଳାଯାଦୁର ଅଧିକାରୀ
9990655786
8800979262

ପାଠକଙ୍କ ପାଇଁ ସୂଚନା: ଏହି ପୃଷ୍ଠାରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଇଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

ଟ୍ରୋଲ୍ ହେଲେ ନୋରା

ମୁମ୍ବାଇ: ଅଭିନୟ ପାଇଁ ସେ ଯେତିକି ଚର୍ଚ୍ଚାକୁ ଆସନ୍ତି ନାହିଁ ତା'ଠାରୁ ବେଶୀ ତାଙ୍କ ଡ୍ୟାନ୍ସରେ ସମସ୍ତଙ୍କୁ ଦିୱାନା କରିଥାନ୍ତି। ସୁଦୂର କାନାଡାରୁ ଆସି ଏବେ ବଲିଉଡ୍‌ରେ ନିଜର ଭିନ୍ନ ପରିଚୟ ସୃଷ୍ଟି କରିଥିବା ନୋରା ଫତେହି ଏବେ ଖୁବ୍ ଚର୍ଚ୍ଚାରେ। ସୋସିଆଲ ମିଡିଆରେ ଆକ୍ଟିଭ ରହୁଥିବା ଏହି ଡ୍ୟାନ୍ସିଂ କୁଇନ୍ ତାଙ୍କର ଫଟୋ ଓ ଭିଡିଓକୁ ନେଇ ବି ଚର୍ଚ୍ଚାକୁ ଆସିଥାଆନ୍ତି। ନିକଟରେ ସେ ତାଙ୍କର କିଛି ଫଟୋ ସୋସିଆଲ ମିଡିଆରେ ଶେୟାର କରିଛନ୍ତି। ଯାହାକୁ ନେଇ ସେ ଏବେ ଟ୍ରୋଲ୍ ହୋଇଛନ୍ତି। ସେ ଏକ ହ୍ୱାଇଟ କଷ୍ଟ୍ୟୁମରେ ପୋଜ୍ ଦେଇଛନ୍ତି, ଯେଉଁଥିରେ ତାଙ୍କର କ୍ଲିଭେଜ ସ୍ପଷ୍ଟ ଭାବେ ବାରିହୋଇ ପଡୁଛି। ଏହାକୁ ଦେଖିବା ପରେ କେତେଜଣ ସୋସିଆଲ ମିଡିଆ ୟୁଜର୍ସ କହିଛନ୍ତି ନୋରା ଆବଶ୍ୟକତାଠାରୁ ଅଧିକ ଗ୍ଲାମରସ୍ ଲାଗୁଛନ୍ତି। ସେ ଆଉ ଆଗଭଳି ନାହାଁନ୍ତି। ତାଙ୍କର ବୋଲ୍ଡନେସ୍ ଏବେ ସବୁ ସୀମା ଅତିକ୍ରମ କଲାଣି । ଏମିତି ଭାବେ ଟ୍ରୋଲ୍ ହୋଇଛନ୍ତି ଏହି ଡ୍ୟାନ୍ସିଂ କୁଇନ୍ ନୋରା ଫତେହି।

ମନେ ପଡ଼ନ୍ତି

ଦ୍ୱିତୀୟ ଶ୍ରାଦ୍ଧବାର୍ଷିକୀ

✓ ପ୍ରଦିପ୍ତ କୁମାର ମହାନ୍ତି
ଦୋଳମଣ୍ଡପ ସାହି, ହଳଦିଆମଠ ଗଳି, ପୁରୀ
ଆବିର୍ଭାବ : ତା.୦୩/୧୦/୧୯୫୯
ତିରୋଧାନ : ତା.୧୧/୦୯/୨୦୧୯
ଚାହୁଁ ଚାହୁଁ ବୁଢବର୍ଷ ବିତିଗଲା, ହେଲେ ତୁମର ଅନୁପସ୍ଥିତି ଆମ ସମସ୍ତଙ୍କ ମନରେ ଏକ ଶୂନ୍ୟସ୍ଥାନ ସୃଷ୍ଟି କରିଛି। ତୁମର ଅନାବିଳ ସ୍ନେହ, ଶ୍ରଦ୍ଧା, ତ୍ୟାଗ, ଭଲପାଇବା ଓ ନିଷ୍ଠାପରତା ଆମ ଜୀବନର ପ୍ରେରଣାର ଉତ୍ସ ହେଉ। ତୁମର ଅମର ଆତ୍ମାର ସଦ୍‌ଗତି ନିମନ୍ତେ ପ



ଭୋଦୁଅ

ଭୋଦୁଅ ଆସିଛି ହସୁଛି ଧରା
ପେଡ଼ି ଲୁଗା ଖରା ଖାଇବ ପରା
କହିଲେ ଆଈ
ସାଦା ପାନ ଖଣ୍ଡେ ପାଟିରେ ଖାଇ।
ରବିବାର ଦିନ ଖୁଦୁରୁକୁଣୀ
ଭୁଲିବନି ମୋ'ର ଗେହ୍ଲା ନାତୁଣୀ
ପାଟକୁ ଯିବ
ଓଷାପାଇଁ କଇଁ ତୋଳି ଆଣିବ।
କ୍ଷେତରେ ହସଇ ଶାରଦ ଧାନ
ଶୁଭେନି ବେଙ୍ଗୁଲୀ କଟର ତାନ।
କାଶତଣ୍ଡୀଟି
ଫୁଟି ଦେଉଅଛି ଧରା ମଣ୍ଡିଟି।
*– **ନୀଳମଣି ଚାନ୍ଦ**, ୨୭, ମନ୍ତ୍ର ମାନୋର, ଗୋଠପାଟଣା, ଭୁବନେଶ୍ୱର*

ଚଷାଭାଇ

ଚଷାଭାଇ ପରା ବଞ୍ଚାଇଛି ଧରା
ପେଟକୁ ଆହାର ଦେଇ,
ଏଇ ଦୁନିଆର ନୂତନ ବିଦ୍ୱାଣି
ଉପକାରୀ ମିତ ସେଇ।
ନ ଖାଇ ନ ପିଇ କାମେ ଲାଗି ଜାଗି
ଫଳାଉଛି କ୍ଷେତେ ସୁନା,
ତା'ଲାଗି ସଂସାରୁ ଅଭାବ କଷଣ
ସବୁ ହେଇଯାଏ ଚୂନା।
ତଥାପି ବରଷା ଖରା ଶୀତ ଦାଉ
ନ ମାନି କରଇ କାମ,
ବଢ଼ାଏ ସେ ଟେକ ଯଶ ପଉରୁଷ
ଏଇ ଦୁନିଆରେ ଆମ।
ଦୁନିଆକୁ ଯିଏ ଦଉଚି ଆହାର
ସେ ତ ଆମ ଚଷାଭାଇ,
ପୋଛିଦେବା ତା'ର ଆଖି ଲୁହଧାର
ମିଠା ମିଠା ଗୀତ ଗାଇ।
ଭଲ ପାଠ ପଢ଼ି ସୁନାଦେଶ ଗଢ଼ି
ସଭିଙ୍କୁ ବାଣ୍ଟିବା ସୁଖ
କ୍ଷେତରେ ଫଳାଇ ଅମାପ ଫସଲ
ହଟାଇବା ଦେଶୁ ଦୁଃଖ।
*– **ପ୍ରଶାନ୍ତ କୁମାର ଦାଶ**, କୁଞ୍ଜର, ସଙ୍ଗଳାଇ, ପିପିଲି, ପୁରୀ*

ଶରତ ଆସୁଛି

ଶରତ ଆସୁଛି ମରତ ହସୁଛି
କାଶତଣ୍ଡୀଫୁଲ ଧୀରେ ନାଚୁଛି,
ବରଷା ସରୁଛି ଶିଶିର ଝରୁଛି
ସୁନାର ଫସଲ ପାଚୁଛି।
ଅନ୍ଧାର ହଟୁଛି ସିନ୍ଦୂରା ଫାଟୁଛି
ଚକମକ ଧରା ଦିଶୁଛି,
ସୂରୁଯ ଉଉଁଛି କିରଣ ଛୁଉଁଛି
ସତେ କି ମାଟିରେ ମିଶୁଛି!
କୁସୁମ ଫୁଟୁଛି ମହକ ଛୁଟୁଛି
ପାରବଣ ଋତୁ ବାସୁଛି,
କଳସ ବସୁଛି ମନକୁ ରସୁଛି
ଦୁଃଖ କଷଣକୁ ନାଶୁଛି।
ଓଁକାର ଶୁଭୁଛି କଳୁଷ ଲିଭୁଛି
ଆକାଶୁ ଆଶିଷ ଖସୁଛି
ଶରତ ଆସୁଛି ମରତ ହସୁଛି
ସୁଖର ବୋଇତ ଭାସୁଛି।
*– **ଅଧ୍ୟାପକ ଶରତ କୁମାର ଦାସ**, ବଡ଼ବିଲ ମହାବିଦ୍ୟାଳୟ, ବଡ଼ବିଲ, କେନ୍ଦୁଝର*

ପାଣି ରଖିବା ସାଇତି

କିଏ କହେ ଜଳ, କିଏ କହେ ନୀର
କିଏ କହେ ତାକୁ ପାଣି,
ତା' ବିନୁ ଜଗତେ ବଞ୍ଚେନାହିଁ କେହି
ଉଦ୍ଭିଦ ହେଉ କି ପ୍ରାଣୀ।
ପୃଥିବୀ ପୃଷ୍ଠରେ ଏକଭାଗ ସ୍ଥଳ
ତିନିଭାଗ ପରା ଜଳ,
ମାତ୍ର ଏ ମଣିଷ ଜଳକଷ୍ଟ ଭୋଗି
ହୁଏ ଡହଳବିକଳ।
ଭୂମିରୁ ଆକାଶ, ଆକାଶରୁ ଭୂମି
କରିଥାଏ ଚକ୍ରଗତି,
ତା' ପରଶ ଲଭି ନିଖିଳ ଜୀବନ
ବିକଶିତ ହୁଏ ନିତି।
ଜଳର ବହୁଳେ ନାଶଯାଏ ସୃଷ୍ଟି
ଜଳର ବିହୁନେ ନାଶ,
ଜଳ ଉପକାର ବୁଝିପାରେ ନାହିଁ
ଜୀବଶ୍ରେଷ୍ଠ ଏ ମଣିଷ।
ସାଗରେ ମିଶିଲେ ବୃଷ୍ଟିଜଳ ପୁଣି
ସ୍ଥଳଭାଗ ହୁଏ ଶୂନ୍ୟ,
ଜଳ ସଂରକ୍ଷଣ ନିଶ୍ଚୟ କରିବା
ଜଳ ହିଁ ଆମ 'ଜୀବନ'।
ଆହେ ଶିଶୁଗଣ! ହୁଅ ସଚେତନ
କରନାହିଁ ଜଳ ନଷ୍ଟ,
ଜଳ ସଂରକ୍ଷଣ ନ କରିବା ଯେବେ
ଭୋଗିବା ନାନାଦି କଷ୍ଟ।
*–**ମାଧବୀଲତା ଦେଇ**, ଶ୍ରୀମୁଖ, ରେଞ୍ଜ, ନିମାପଡ଼ା*

ଗତାଗତ

➤ଗତ ସପ୍ତାହରେ ପ୍ରକାଶିତ କବିତାଗୁଡ଼ିକ ଛୋଟ ଏବଂ ବେଶ୍ ଆକର୍ଷଣୀୟ ହୋଇଥିଲା।
–କୃଷ୍ଣଚନ୍ଦ୍ର ସାହୁ, ଯାଜପୁର

➤ଏହି ପୃଷ୍ଠାରେ ପ୍ରକାଶ ପାଉଥିବା ପ୍ରତିଟି ସ୍ତମ୍ଭ ମୋ ମନକୁ ଛୁଇଁପାରୁଛି।
–ଶିବାନୀ ମହାନ୍ତି, ପୁରୀ

➤'କହିଲ ଦେଖି' ସ୍ତମ୍ଭଟି ପଢ଼ି ସେ ସମ୍ପର୍କରେ ଅନେକ କଥା ଜାଣିହେଉଛି। ଏହାକୁ ନିୟମିତ ପ୍ରକାଶ କରିବାକୁ ଅନୁରୋଧ।
–ଅଲେଖ କୁମାର ନାୟକ, ରେଢ଼ାଖୋଲ

➤ଗତ ସପ୍ତାହରେ ପ୍ରକାଶିତ ବିଜ୍ଞାନ କଥାରେ ସ୍ୱର୍ଣ୍ଣମ ପ୍ରକ୍ଷେପଣ ଓ ବିଜ୍ଞାନ ସମ୍ପର୍କିତ ବିଷୟରେ ପଢ଼ି ଭଲଲାଗିଲା।
–ଅଧିରାଜ ମହାନ୍ତି, ବ୍ରହ୍ମପୁର

➤ଏହି ପୃଷ୍ଠାରେ ପ୍ରକାଶ ପାଉଥିବା 'ଗିନିଜ୍ ୱାର୍ଲ୍ଡ ରେକର୍ଡ' ସ୍ତମ୍ଭଟି ଆକର୍ଷଣୀୟ ହୋଇପାରୁଛି।
–ଅନିରୁଦ୍ଧ ମିଶ୍ର, କେନ୍ଦ୍ରାପଡ଼ା

➤ତୁମ ତୂଳୀ ସ୍ତମ୍ଭରେ ଚିତ୍ରଗୁଡ଼ିକ ବେଶ୍ ସୁନ୍ଦର ହୋଇଥିଲା।
–ରଶ୍ମିତା ପଣ୍ଡା, କୋରାପୁଟ

ଚଗଲା ଭୀମୁ

କହିଲ ଦେଖି

ଧଳା ରଙ୍ଗର ଚଢ଼େଇ
ଆକାଶରେ ସିଏ ଉଡ଼ଇ
ଡେଣାକୁ ବାଢ଼େଇ ବାଢ଼େଇ
ଭୋକ ମେଣ୍ଟାଏ ମାଛକୁ ଖାଇ
କିଏ କହିବ ତା' ନାମ ଭାଇ ?
ଉତ୍ତର– **ବଗ**

କଳା ରଙ୍ଗର ଚଢ଼େଇ
ନୀରରେ ସିଏ ବୁଡ଼ଇ
ଜଳରୁ ମୀନ ଆଣଇ
ଭୋକ ମେଣ୍ଟାଏ ତାକୁ ଖାଇ
କିଏ କହିବ ତା' ନାମ ଭାଇ ?
ଉତ୍ତର– **ପାଣିକୁଆ**

ବରଷା ଦେଖିଲେ ନାଚଇ
ବନର ସିଏ ଏକ ଚଢ଼େଇ
ଜାତୀୟ ପକ୍ଷୀ ସେ ଆମର
ସମସ୍ତେ ଜାଣନ୍ତି ଭାରତର
କିଏ କହିବ ନାମ ତାହାର ?
ଉତ୍ତର– **ମୟୂର**
*– **ରୋହିତ କୁମାର ମଲିକ**, ଅଣ୍ଡରାଇ, ବୋଡ଼କ, ଭଦ୍ରକ*

ଆ ଇ ନା

ଗିନିଜ୍ ୱାର୍ଲ୍ଡ ରେକର୍ଡ

ବ୍ୟାକ୍‌ଲିଫ୍ଟରେ ରେକର୍ଡ

ପିଲାମାନେ ତୁମେ ତ ଜାଣିଛ ଆଥ୍‌ଲେଟ୍ ଓ ସର୍କସ ଖେଳାଳିମାନେ ବାରମ୍ବାର ଅଭ୍ୟାସ କରି ବ୍ୟାକ୍‌ଲିଫ୍ଟ ପ୍ରଦର୍ଶନ କରିଥା'ନ୍ତି। ବ୍ୟାକ୍‌ଲିଫ୍ଟରେ ଉପରେ ଝୁଲୁଥିବା ରଶିରେ ଗୋଡ଼ରେ କିମ୍ବା ହାତରେ ଝୁଲି ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ଲମ୍ଫ ଦେଇଥା'ନ୍ତି। ସେଥିପାଇଁ ବ୍ୟାକ୍‌ଲିଫ୍ଟ ପ୍ରଦର୍ଶନବେଳେ ଆଥ୍‌ଲେଟମାନେ ନିଜ କଳା ପ୍ରଦର୍ଶନ କରି ଆଶ୍ଚର୍ଯ୍ୟ କରି ଦେଇଥା'ନ୍ତି। ଗୋଟିଏ ତାରରୁ ଅନ୍ୟ ଏକ ତାରକୁ ଏଭଳି ଭାବେ ହାତ ଓ ଗୋଡ଼ ସାହାଯ୍ୟରେ ଯାଇଥା'ନ୍ତି, ଯାହା ଦେଖିଲେ ବି ବିଶ୍ୱାସ କରିହୁଏନି। ତେବେ ଏଭଳି ବ୍ୟାକ୍‌ଲିଫ୍ଟରେ ଗିନିଜ୍ ୱାର୍ଲଡ ରେକର୍ଡ କରିଛନ୍ତି ଆମେରିକାର ୱାଟସନ୍। ଧାଡ଼ି ଧାଡ଼ି ହୋଇ ବନ୍ଧା ହୋଇଥିବା ତାରରେ ସେ ଅତିଶୀଘ୍ର ବ୍ୟାକ୍‌ଲିଫ୍ଟ କରି ଏହି ରେକର୍ଡ କରିଛନ୍ତି। ୫.୮୭ ମିଟର ଦୂରତାରେ ଥିବା ତାରକୁ ଡେଇଁ ସେ ବ୍ୟାକ୍‌ଲିଫ୍ଟ କରି ନିଜ ଦକ୍ଷତା ପ୍ରଦର୍ଶନ କରିଛନ୍ତି।

ତୁମ ପଢ଼ିବା ପାଇଁ

ପିଲାଙ୍କ ମଜା ଗପ



ପିଲାମାନଙ୍କୁ ଗପ ମାଧ୍ୟମରେ ଅନେକ ଶିକ୍ଷଣୀୟ ଜିନିଷ ବିଷୟରେ ଅବଗତ କରାଯାଇପାରେ। ଏପରି ପ୍ରୟାସ କରାଯାଇଛି ପିଲାମାନଙ୍କ ପାଇଁ ପ୍ରକାଶିତ ଗଳ୍ପ ସଂକଳନ 'ପିଲାଙ୍କ ମଜା ଗପ'ରେ। ଉପାଦେୟ ବିଷୟବସ୍ତୁକୁ ନେଇ ଗୋବିନ୍ଦ ଚନ୍ଦ୍ର ମହାରଣାଙ୍କ ଦ୍ୱାରା ରଚିତ ଏହି ଗପଗୁଡ଼ିକ ମଧ୍ୟରୁ ବୁଦ୍ଧିଆ ମୂଷା, ଜେଜେଙ୍କ ସୂତ୍ର, ଯେସାକୁ ତେସା, ଆଶା ପ୍ରଦୀପ, ପରୋପକାର ଆଦିର ଉପସ୍ଥାପନା ପିଲାଙ୍କ ମନକୁ ଛୁଇଁବ ବୋଲି ଆଶା କରାଯାଏ। ଏହି ସଚିତ୍ର ଗଳ୍ପ ସଂକଳନର ମୂଲ୍ୟ ରହିଛି ୪୦ ଟଙ୍କା। **ଯୋଗାଯୋଗ ଠିକଣା :** ଗୋବିନ୍ଦ ଚନ୍ଦ୍ର ମହାରଣା, ମଙ୍ଗଳା ନଗର, ଲେନ୍–୧, ଖୋର୍ଦ୍ଧା, ପିନ୍–୭୫୨୦୫୫।

ସମସ୍ତେ ଆମର ବନ୍ଧୁ

ଗାଁ ମୁଣ୍ଡରେ କାଳିଆ ଭାଇର ସୁନ୍ଦର ଜମି ଖଣ୍ଡକ। ସେ ସେହିଠାରେ ଧାନଚାଷ ସହ ବିଭିନ୍ନ ପନିପରିବା ଚାଷ କରି ତା' ପରିବାର ପ୍ରତିପୋଷଣ କରେ। ପରିବାର କହିଲେ ତା' ସ୍ତ୍ରୀ ଓ ତା' ପୁଅ ବିକାଶ। ବିକାଶ ଏଇବର୍ଷ ଗାଁ ସ୍କୁଲରେ ଦ୍ୱିତୀୟ ଶ୍ରେଣୀରେ ପଢୁଛି। କେବେକେବେ କ୍ଷେତରେ ବାପା ହଳ କଲାବେଳେ ମାଆ ସାଙ୍ଗରେ ବାପା ପାଇଁ ପଖାଳ ନେଇ କ୍ଷେତକୁ ଯାଏ।

ଦିନକର କଥା। ଏଇ ଥର ବାପା ଧାନଚାଷ କରିବା ପାଇଁ ଖରଡ଼ି ବତର ଦେଖି ଧାନତଳି ପକାଇଥା'ନ୍ତି। ସେ ଦିନ ସେ କ୍ଷେତକୁ ଯାଇଥାଏ। ଚଢ଼େଇମାନେ ଧାନ ମଞ୍ଜି ଖାଇଯାଉଛନ୍ତି ବୋଲି କାଳିଆ ଭାଇ ହିଡ଼ରେ ଥିବା ବୁଢ଼ା ଡିମିରି ଗଛ ତଳେ ଛାଇରେ ବସି ଚଢ଼େଇମାନଙ୍କୁ ଘଉଡ଼ାଉଥା'ନ୍ତି। ଏସବୁ ଦେଖି ବିକାଶ ପଚାରିଲା– ବାପା, ତମେ ଏ ଚଢ଼େଇମାନଙ୍କୁ କାହିଁକି ଘଉଡ଼ାଉଛ? ବାପା– ଆରେ ବିକାଶ ତୁ ଏକଥା ଜାଣିନୁ, ଏଠି ପରା ମୁଁ ଧାନତଳି ପକାଇଛି। ଚଢ଼େଇମାନେ ଏସବୁ ଖାଇଗଲେ ଧାନ କ'ଣ ଆଉ ଗଜା ହେବ। ବିକାଶ– ତା'ହେଲେ ଜାଲ ବିଛାଇଦିଅ, ନହେଲେ ଏଠି ବିଷ ଦେଇଦିଅ। ଚଢ଼େଇମାନେ ଏକାଥରକେ ସବୁ ମରିଯିବେ। ତମେ ଆଉ ହଇରାଣ ହେବନି। ମା' କହିଲେ– ଆରେ ନାଇଁରେ ବିକାଶ, ଏହା ଭଲ କାମ ନୁହେଁ। ଆମେ ଯଦି ଜାଲ ବିଛାଇ ଦେବା କି ଏଠାରେ ବିଷ ଦେଇଦେବା, ତା'ହେଲେ ଏଇ ଚଢ଼େଇମାନଙ୍କ ସହ ଅନେକ ଜୀବ ମରିଯିବେ। ବିକାଶକୁ ତା' ବାପା କହିଲେ– ଏଇ ଚଢ଼େଇମାନେ ପରା ଆମ ବନ୍ଧୁ। ଏହା ସହ ଏଇ ମାଟିରେ ଥିବା ଅନେକ ଉପକାରୀ ଜୀବ ଯଥା– କୀଟ, ଜିଆ, ବେଙ୍ଗ, ଘୁଇ ପୋକ, ଏମିତି ଅନେକ ଉପକାରୀ କୀଟ ମଧ୍ୟ ମରିଯିବେ। ସେମାନେ ସମସ୍ତେ ଆମର ବନ୍ଧୁ। ଏମାନେ ଆମର ଚାଷ କରୁଥିବା ମାଟିକୁ ହାଲୁକା କରନ୍ତି, ଯଦ୍ୱାରା ଫସଲ ଭଲ ହୋଇଥାଏ।

ବିକାଶ– ବାପା, ଏଇ କୀଟମାନେ ସିନା ଆମର ଉପକାର କରୁଛନ୍ତି, ଏଇ ଚଢ଼େଇମାନେ ପରା ଆମର ଧାନ ଖାଇ ଯାଉଛନ୍ତି, ସେମାନେ କିପରି ଆମ ବନ୍ଧୁ? ଆରେ ସେମାନେ ମଧ୍ୟ ଆମର ବନ୍ଧୁ। ଏବେ ସିନା ଧାନ ଦୁଇଟା ପଡ଼ିଛି ବୋଲି ସେମାନେ ଖାଉଛନ୍ତି। କାଲି ସେମାନେ ଏଇ ଧାନ କିଆରିରୁ କ୍ଷତିକାରକ ପୋକମାନଙ୍କୁ ଖାଇଯିବେ। ଏହା ସହିତ ତାଙ୍କ ପାଇଁ ଅନେକ ବଡ଼ ବଡ଼ ଗଛ ମଧ୍ୟ ସୃଷ୍ଟି ହୋଇଥାଏ। ଏଇ ଯୋଉ ଡିମିରି ଗଛ ତଳେ ବସିଛୁ, ତାହା ଏଇ ପକ୍ଷୀମାନଙ୍କ ଦ୍ୱାରା ସୃଷ୍ଟି ହୋଇଛି। ବିକାଶ– ବାପା, ତମେ ପରା କହୁଥିଲ ଏଇ ଡିମିର ଗଛ ଓ ସେଇ ନଈକୂଳର ବରଗଛ ମୋ ଅଜା ଲଗେଇଥିଲେ ବୋଲି। ବାପା– ହଁ , ତୋ ଅଜା ଏଇ ଗଛକୁ ଲଗେଇଥିଲେ ଏହା ସତ ; ହେଲେ ଏହା କ'ଣ ଏଇ ଧାନ ଭଳିଆ ମଞ୍ଜିକୁ ତଳି ପକାଯାଏ କି? ବିକାଶ– ତେବେ କେମିତି ହୁଏ ଏଇ ଗଛର ଚାରା ସବୁ? ବାପା– ଡମିରି, ବର, ପିପ୍‌ପଳି ଭଳି ଅନେକ ଫଳକୁ ଏଇ ଚଢ଼େଇମାନେ ଖାଆନ୍ତି, ଖାଇ ସାରି ମଳତ୍ୟାଗ କରନ୍ତି। ମଳତ୍ୟାଗ କରିଥିବା ସ୍ଥାନରେ ଯଥା– ବିଭିନ୍ନ ଗଛ କୋରଡ଼, ଘର କାନ୍ଥ, ପୋଲ ଫାଟ, ଛାତଘର ସନ୍ଧି ଆଦି ସ୍ଥାନରେ ଏହି ଚାରାଗୁଡ଼ିକ ସୃଷ୍ଟି ହୋଇଥାଏ। ତାକୁ ନେଇ ଲୋକେ ଯୋଉଠି ଦରକାର, ସେଠି ଲଗାଇଲେ ତାହା ବିରାଟ ଗଛରେ ପରିଣତ ହୋଇଥାଏ।

ଏମିତି ଏକ ଚାରା କୋଉଠୁ ଆଣି ତୋ ଅଜା ଏଠି ରୋପଣ କରିଥିଲେ, ବୁଝିଲୁ। ସେମିତି ଆମ ପୃଥିବୀରେ ଯେତେ ଜୀବଜନ୍ତୁ, ପଶୁପକ୍ଷୀ, ବୃକ୍ଷଲତା ଅଛନ୍ତି ସମସ୍ତେ ଈଶ୍ୱରଙ୍କ ସୃଷ୍ଟି। ଏଇ ମହୀମଣ୍ଡଳରେ ସମସ୍ତଙ୍କର ବଞ୍ଚିବାର ଅଧିକାର ଅଛି ଓ ସମସ୍ତଙ୍କର ଏଇ ମାଟି ମା' ପ୍ରତି କିଛି କର୍ତ୍ତବ୍ୟ ମଧ୍ୟ ଅଛି। ତେଣୁ ସମସ୍ତେ ଆମର ବନ୍ଧୁ। ବିକାଶ– ହଁ ବାପା, ତା'ହେଲେ ମୁଁ ବୁଝିଲି ସମସ୍ତେ ଆମର ବନ୍ଧୁ। ଆମେ କାହାକୁ ମାରିବା ନାହିଁ। ସମସ୍ତଙ୍କୁ ବଞ୍ଚିବାକୁ ଦେବା । ବିକାଶର ଏଇ କଥା ଶୁଣି ତା' ମାଆ ତାକୁ କୋଳେଇନେଲେ। କହିଲେ– ହଁରେ ପୁଅ, ଏବେ ତୁ ଠିକ୍ ବୁଝିଲୁ। ସମସ୍ତେ ଆମର ବନ୍ଧୁ।

*– **ପ୍ରଦୀପ କୁମାର ନାୟକ**, ଦୀପଜ୍ୟୋତି କୁଟୀର, ହାତୀସରା, ଦେଓଗାଁ, ବଲାଙ୍ଗୀର*

ଖିଲିଖିଲି ହସ

ସାଣ୍ଟା ଟ୍ରେନ୍‌ରେ ଯାତ୍ରା କରୁଥିବା ବେଳେ ଟିଟିଆଇ ଆସି ତାକୁ ପଚାରିଲେ– ଆଚ୍ଛା ତୁମେ କୁଆଡ଼େ ଯିବ? ତୁମ ଟିକେଟ୍ ଦେଖାଅ। ସାଣ୍ଟା– ସାର୍, ମୁଁ ପ୍ରଭୁ ଶ୍ରୀରାମଙ୍କ ଜନ୍ମସ୍ଥାନ ଅଯୋଧ୍ୟାକୁ ଯିବି। କିନ୍ତୁ ମୋର ଟିକେଟ୍ ନାହିଁ। ଏକଥା ଶୁଣି ଟିଟିଆଇ କହିଲେ– ଆଚ୍ଛା ଠିକ୍ ଅଛି, ବିନା ଟିକେଟ୍‌ରେ ତ ତୁମେ ଅଯୋଧ୍ୟା ଯାଇପାରିବନି, ହେଲେ ତୁମକୁ ମୁଁ କୃଷ୍ଣଙ୍କ ଜନ୍ମସ୍ଥାନକୁ ବିନା ଟିକେଟ୍‌ରେ ନେଇଯିବି। ଏହା ଶୁଣି ସାଣ୍ଟା ଖୁସି ହୋଇ କହିଲା– ସାର୍, ଆଉ ଡେରି କରନ୍ତୁ ନାହିଁ, ମୋତେ ନେଇ ଚାଲନ୍ତୁ। ହେଲେ ସେ ଜାଗା କେଉଁଠି କହିଲେନି ତ? ଟିଟିଆଇ ଉତ୍ତର ଦେଲେ– ଜେଲ।

(ବିଜ୍ଞାନ ଶିକ୍ଷକ–ପପୁ ମଧ୍ୟରେ କଥାବାର୍ତ୍ତା)

ବିଜ୍ଞାନ ଶିକ୍ଷକ– ପିଲାମାନେ, ବଞ୍ଚିବା ପାଇଁ ଅମ୍ଳଜାନ ଆମର ନିହାତି ଆବଶ୍ୟକ । ଏହା ୧୭୭୩ ମସିହାରେ ଆବିଷ୍କାର ହୋଇଥିଲା । ପପୁ– ଥ୍ୟାଙ୍କ୍ ୟୁ ଭଗବାନ୍! ଯାହା ହେଉ, ମୁଁ ୧୭୭୩ ପରେ ଜନ୍ମ ହେଇଛି। ନହେଲେ ମୁଁ ତ ମରି ଯାଇଥା'ନ୍ତି ।

ଦିପ୍ତିରାଣୀ ବାରିକ
କ୍ଲାସ– ୯, ବିଦ୍ୟାଭାରତୀ ଆବାସିକ ବିଦ୍ୟାଳୟ, ବଲାଙ୍ଗୀର

ବାଦଲ କୁମାର ନାୟକ
କ୍ଲାସ– ୬, ଓଏଭି, ଦେଉଳିପାଳ, ଧର୍ମଶାଳା, ଯାଜପୁର

ଶୁଭ୍ରଦୀପ ମାଣିକ
କ୍ଲାସ–୩, ଜଳେଶ୍ୱର ପବ୍ଲିକ ସ୍କୁଲ, ଜଳେଶ୍ୱର, ବାଲେଶ୍ୱର

ସିଧ୍ ସାତ୍ୱିକ ବିଶ୍ୱାଳ
କ୍ଲାସ– ୪, ସେଣ୍ଟ ମ୍ୟାରିସ୍ ସ୍କୁଲ, ନୂଆପଡା

ଧରିତ୍ରୀ
DHARITRI
www.orissakhabar.com/ www.dharitri.com ପୃଷ୍ଠା ୧୬ Press Regd. No. R.N. ORIORI/2011/36305 Postal Regd. No. BN/42/21-23. ରାୟଗଡ଼ା, ଶନିବାର, ସେପ୍ଟେମ୍ବର ୧୮/୨୦୨୧ Rayagada, Saturday, September 18/ 2021

ଭାଗ୍ୟ ପରିବର୍ତ୍ତନ ଆଶାରେ ୪ ଦଳ

ଇଣ୍ଡିଆନ ପ୍ରିମିୟର ଲିଗ୍‌ର ଦ୍ୱିତୀୟ ପର୍ଯ୍ୟାୟ ଚଳିତ ମାସ ୧୯ ତାରିଖରୁ ୟୁନାଇଟେଡ ଆରବ ଏମିରେଟ୍ସ (ୟୁଏଇ)ରେ ଆରମ୍ଭ ହେବାକୁ ଯାଉଛି। ଆଇପିଏଲର ପ୍ରଥମ ପର୍ଯ୍ୟାୟ ଭାରତରେ ହୋଇଥିଲା। ମାତ୍ର ବାୟୋ-ବବ୍‌ଲ ମଧ୍ୟରେ କରୋନା ସଂକ୍ରମଣ ହେବାରୁ ୨୯ଟି ମ୍ୟାଚ ପରେ ଏହାକୁ ସ୍ଥଗିତ ରଖିବାକୁ ପଡ଼ିଥିଲା। ୨୯ ମ୍ୟାଚ ଶେଷରେ ଦିଲ୍ଲୀ କ୍ୟାପିଟାଲ୍ସ, ଚେନ୍ନାଇ ସୁପରକିଙ୍ଗ୍ସ, ରୟାଲ ଚ୍ୟାଲେଞ୍ଜର୍ସ ବାଙ୍ଗାଲୋର ଓ ମୁମ୍ବାଇ ଇଣ୍ଡିଆନ୍ସ ପଏଣ୍ଟ ଟେବୁଲର ପ୍ରଥମ ୪ ସ୍ଥାନ ଅଧିକାର କରିଛନ୍ତି। ଶେଷ ୪ରେ ରହିଛନ୍ତି ରାଜସ୍ଥାନ ରୟାଲ୍ସ, ପଞ୍ଜାବ କିଙ୍ଗ୍ସ, କୋଲକାତା ନାଇଟ ରାଇଡର୍ସ ଓ ସନ୍‌ରାଇଜର୍ସ ହାଇଦ୍ରାବାଦ। ରାଜସ୍ଥାନ ୭ ମ୍ୟାଚରୁ ୬, ପଞ୍ଜାବ ୮ ମ୍ୟାଚରୁ ୬, କୋଲକାତା ୭ ମ୍ୟାଚରୁ ୪ ଓ ସନ୍‌ରାଇଜର୍ସ ୭ ମ୍ୟାଚରୁ ମାତ୍ର ୨ ପଏଣ୍ଟ ପାଇଛି। ତେଣୁ ଟେବୁଲର ନିମ୍ନ ୪ ସ୍ଥାନରେ ଥିବା ଦଳ ଗୁଡ଼ିକୁ ନେଇ ଏହି ଉପସ୍ଥାପନା।

ପଞ୍ଜାବ କିଙ୍ଗ୍ସ

ପଞ୍ଜାବ କିଙ୍ଗ୍ସ ଏପର୍ଯ୍ୟନ୍ତ ୮ ମ୍ୟାଚ ଖେଳି ୩ ବିଜୟ ଓ ୫ ପରାଜୟ ସହ ପଏଣ୍ଟ ଟେବୁଲର ୬ଷ୍ଠ ସ୍ଥାନରେ ରହିଛି। ୟୁଏଇ ପର୍ଯ୍ୟାୟ ପାଇଁ ଦଳକୁ ଆଡେନ ମାରକ୍ରାମ, ନାଥାନ ଇଲିସ ଓ ଆଡିଲ ରଶିଦ ଆସିଥିବାବେଳେ ଦାଉଦ ମଲନ, ରିଲେ ମେରେଡିଥ୍ ଓ ଝେ ରିଚାର୍ଡଶନ ଓହରି ଯାଇଛନ୍ତି। ଓପନର ହେଲେ ପଞ୍ଜାବର ମୁଖ୍ୟ ଶକ୍ତି। ୨୦୧୮ ଓ ୨୦୧୯ରେ ଲୋକେଶ ରାହୁଲ ଓ କ୍ରିସ୍ ଗେଲ୍ ଏବଂ ୨୦୨୦ରେ ରାହୁଲ-ମୟଙ୍କ ଅଗ୍ରୱାଲ ଦଳକୁ ଭଲ ଆରମ୍ଭ ଦେଇଥିଲେ। ୨୦୨୧ର ପ୍ରଥମ ପର୍ଯ୍ୟାୟରେ ମଧ୍ୟ ରାହୁଲ-ଅଗ୍ରୱାଲ ଯୋଡ଼ି ଭଲ କରିଥିଲେ। ବୋଲର ହରପ୍ରୀତ୍ ବ୍ରାର ମଧ୍ୟ ଚମକ ଦେଖାଇବାରେ ସକ୍ଷମ ହୋଇଥିଲେ। ରାହୁଲଙ୍କୁ ଛାଡ଼ିଦେଲେ ଦଳ ଅଗ୍ରୱାଲ, ନିକୋଲସ ପୁରନ, ଗେଲ୍ ଏବଂ ମହମ୍ମଦ ଶାମିଙ୍କ ଉପରେ ଅନେକ ପରିମାଣରେ ନିର୍ଭର କରିବ। ଯୁବ ପ୍ରତିଭା ରବି ବିଷ୍ଣୋଇ ଓ ଅର୍ଶଦୀପ ସିଂ ମଧ୍ୟ ନଜରରେ ରହିବେ। ଗତ ସିଜନରେ ଗ୍ଲେନ ମ୍ୟାକ୍ସୱେଲ, ଶେଲଡନ କଟ୍ରେଲଙ୍କ ଦୁର୍ବଳ ଫର୍ମ ଏବଂ ୬୭୦ ରନ କରିଥିବା ରାହୁଲଙ୍କ ଷ୍ଟ୍ରାଇକ୍ ରେଟ୍ ୧୩୦ ତଳକୁ ରହିବା ଦଳପାଇଁ ମହଙ୍ଗା ପଡ଼ିଥିଲା। ୬ ମ୍ୟାଚରୁ ପୁରନ ୪ଟି ମ୍ୟାଚରେ ଡକ୍(୦)ରେ ଆଉଟ ହେବା ଦଳର ମିଡଲ ଅର୍ଡର ଉପରେ ପ୍ରଭାବ ପକାଇଛି। ଅଷ୍ଟ୍ରେଲୀୟ ଯୋଡ଼ି ରିଚାର୍ଡଶନ ଓ ମେରେଡିଥ ଓହରି ଯାଇଥିବାରୁ ଫାଷ୍ଟ ପିଚ୍‌ରେ ଦଳ ଅସୁବିଧାର ସମ୍ମୁଖୀନ ହୋଇପାରେ। **ସମ୍ଭାବ୍ୟ ଏକାଦଶ:** ଲୋକେଶ ରାହୁଲ (ଅଧିନାୟକ/ଉଇକେଟ କିପର), ମୟଙ୍କ ଅଗ୍ରୱାଲ, କ୍ରିସ୍ ଗେଲ୍, ଦୀପକ ହୁଡା, ନିକୋଲସ ପୁରନ, ଶାହରୁଖ ଖାନ, ଫାବିଆନ ଆଲେନ/ଆଡିଲ ରଶିଦ, ରବି ବିଷ୍ଣୋଇ, ଅର୍ଶଦୀପ ସିଂ, ନାଥାନ ଏଲିସ, ମହମ୍ମଦ ଶାମି।



କୋଲକାତା ନାଇଟ ରାଇଡର୍ସ

ପଏଣ୍ଟ ଟେବୁଲର ୭ମ ସ୍ଥାନରେ ଥିବା କୋଲକାତା ନାଇଟ ରାଇଡର୍ସ ୭ ମ୍ୟାଚରୁ ମାତ୍ର ୨ଟିରେ ବିଜୟୀ ହୋଇଛି ଏବଂ ୫ଟି ହାରିଛି। ପ୍ରଥମ ପର୍ଯ୍ୟାୟରେ ଖେଳିଥିବା ପ୍ୟାଟ୍ କୁମିନ୍ସ ଓହରି ଯାଇଥିବାବେଳେ ଟିମ୍ ସୌଦୀ ଦଳରେ ସାମିଲ ହୋଇଛନ୍ତି। ଚଳିତ ସିଜନର ପ୍ରଥମ ଭାଗରେ ଆନ୍ଦ୍ରେ ରସେଲ, ନୀତୀଶ ରାଣା ଓ ପ୍ୟାଟ୍ କୁମିନ୍ସ ନିଜ ଦକ୍ଷତା ଦେଖାଇଥିଲେ। ୨୦୨୧ କାରିବିୟନ ପ୍ରିମିୟର ଲିଗ୍ (ସିପିଏଲ) ଫର୍ମ ରସେଲ ୟୁଏଇରେ ଦେଖାଇବା ଆଶା ରହିଛି। ସ୍ପିନର ବରୁଣ ଚକ୍ରବର୍ତ୍ତୀ ଓ ସୁନୀଲ ନାରିନ ଦଳର ଦୁଇ ମୁଖ୍ୟ ଅସ୍ତ୍ର। ସିପିଏଲରେ ନାରିନ ଚମତ୍କାର ଫର୍ମରେ ଥିବାର ପ୍ରମାଣ ଦେଇଥିଲେ। ୟୁଏଇରେ ହେବାକୁଥିବା ଟି୨୦ ବିଶ୍ୱକପ ପାଇଁ ବରୁଣ ଭାରତୀୟ ଦଳରେ ସାମିଲ ହୋଇଛନ୍ତି। ବରୁଣ ୧୭ଟି ଉଇକେଟ ନେଇ ଦଳର ଅଗ୍ରଣୀ ଉଇକେଟ ହାସଲକାରୀ ଅଛନ୍ତି। ଶୁବମନ ଗିଲ ୧୪ଟି ଉଇକେଟ ନେଇ ଦ୍ୱିତୀୟ ସର୍ବାଧିକ ଉଇକେଟ ହାସଲକାରୀ ଅଛନ୍ତି। ତାଙ୍କୁ ସୌରାଷ୍ଟ୍ର ଯୋଡ଼ି ଜୟଦେବ ଉନାଡକଟ ଓ ଚେତନ ସାକାରିୟା ଉପଯୁକ୍ତ ସହଯୋଗ କରିଥିଲେ। ରାହୁଲ ଟେୱାଟିଆ ଓ ସାମସନ ମଧ୍ୟ ମ୍ୟାଚ ଜିତିବାରେ ସହାୟକ ହୋଇଥିଲେ। ଦ୍ୱିତୀୟ ପର୍ଯ୍ୟାୟ ପାଇଁ ରାଜସ୍ଥାନ ଯଦିଓ ପ୍ରଥମ ପସନ୍ଦର ୩ ଜଣ ଖେଳାଳିଙ୍କୁ ହରାଇଛି ତେବେ ବଦଳ ଖେଳାଳିମାନେ ଚମତ୍କାର ଫର୍ମରେ ଅଛନ୍ତି। ତେବେ ସ୍ପିନରଙ୍କ ଫର୍ମ ଦଳପାଇଁ ଚିନ୍ତାର କାରଣ ହୋଇପାରେ। **ସମ୍ଭାବ୍ୟ ଏକାଦଶ:** ଇଭିନ ଲିଉିସ, ଯଶସ୍ୱି ଜୟସ୍ୱାଲ, ସଞ୍ଜୁ ସାମସନ (ଅଧିନାୟକ/ଉଇକେଟ କିପର), ଲିଆମ ଲିଭିଂଷ୍ଟୋନ, ରିୟାନ ପରାଗ, ଶିବମ୍ ଦୁବେ, କ୍ରିସ୍ ମୋରିସ, ରାହୁଲ ଟେୱାଟିଆ, କାର୍ତ୍ତିକ ତ୍ୟାଗୀ, ମୁସ୍ତାଫିଜୁର ରହମନ, ଚେତନ ସାକାରିଆ/ଜୟଦେବ ଉନାଡକଟ।

ଆଇପିଏଲ୍-୧୪

ସ୍ଥିରତା ନ ରହିବା ଦଳପାଇଁ ମହଙ୍ଗା ପଡ଼ିଛି। ରସେଲଙ୍କ ଫିଟ୍‌ନେସକୁ ନେଇ ମଧ୍ୟ ସମସ୍ୟା ରହିଛି। ତେଣୁ ଦଳର ପ୍ଲେ-ଅଫ୍ ଆଶା ଅତ୍ୟନ୍ତ କଷ୍ଟସାଧ୍ୟ ହେବ। ଟପ୍ ଅର୍ଡରଙ୍କର ଧିମା ଏବଂ ସଂଘର୍ଷମୟ ଆରମ୍ଭ ପ୍ରଥମ ପର୍ଯ୍ୟାୟରେ ଦଳକୁ କ୍ଷତି ପହଞ୍ଚାଇଥିଲା। ପାୱାର ପ୍ଲେରେ ଏହି ଦଳ ୧୨ଟି ଉଇକେଟ ହରାଇଥିଲା। ଗିଲ୍ ଓ ମୋର୍ଗାନଙ୍କର ଷ୍ଟ୍ରାଇକ୍‌ହାର ଯଥାକ୍ରମେ ୧୧୭ ଓ ୧୧୨ ଏବଂ ଆଭରେଜ ୧୫.୩୩ ଓ ୧୮.୮୫ ରହିଥିଲା। ପରାଜୟର ଭୟ ସବୁବେଳେ ଦଳ ମଧ୍ୟରେ ରହୁଥିଲା ବୋଲି ମୁଖ୍ୟ କୋଚ୍ ବ୍ରେଣ୍ଡନ ମ୍ୟାକକୁଲମ ସ୍ୱିକାର କରିଥିଲେ। **ସମ୍ଭାବ୍ୟ ଏକାଦଶ:** ଶୁବମନ ଗିଲ, ନୀତୀଶ ରାଣା, ରାହୁଲ ତ୍ରିପାଠୀ, ଇଅନ ମୋର୍ଗାନ (ଅଧିନାୟକ), ଦୀନେଶ କାର୍ତ୍ତିକ, ଆନ୍ଦ୍ରେ ରସେଲ, ସୁନୀଲ ନାରିନ, ପ୍ରସିଦ୍ଧ କ୍ରିଷ୍ଣା, ଶିବମ୍ ମାଭି, ଲୋକି ଫର୍ଗୁସନ, ବରୁଣ ଚକ୍ରବର୍ତ୍ତୀ।

ରାଜସ୍ଥାନ ରୟାଲ୍ସ

ରୟାଲ୍ସ ପଏଣ୍ଟ ଟେବୁଲର ୫ମ ସ୍ଥାନରେ ରହିଛି। ଦଳ ୭ ମ୍ୟାଚ ଖେଳି ୩ଟିରେ ବିଜୟୀ ହୋଇଥିବାବେଳେ ୪ଟି ହାରିଛି। ପ୍ରଥମ ପର୍ଯ୍ୟାୟରେ ଖେଳିଥିବା ଦଳରେ କିଛିଟା ପରିବର୍ତ୍ତନ ହୋଇଛି। ଗ୍ଲେନ ଫିଲିପ୍ସ, ଇଭିନ ଲିଉିସ, ଓଶାନେ ଥୋମାସ ଓ ଟାବ୍ରାଇଜ ଶାମ୍‌ସି ଦଳରେ ସାମିଲ ହୋଇଥିବାବେଳେ ଜୋସ ବଟଲର, ବେନ୍ ଷ୍ଟୋକ୍ସ, ଜୋଫ୍ରା ଆର୍ଚର ଓ ଆଣ୍ଡ୍ରୁ ଟାଏ ବାଦ୍ ପଡ଼ିଛନ୍ତି। ପ୍ରଥମ ପର୍ଯ୍ୟାୟରେ ବଟଲର, କ୍ରିସ୍ ମୋରିସ ଓ ଅଧିନାୟକ ସଞ୍ଜୁ ସାମସନଙ୍କ ପ୍ରଭାବୀ ପ୍ରଦର୍ଶନ ବଳରେ ଦଳ ପଏଣ୍ଟ ଟେବୁଲର ମଝିରେ ରହିବାରେ ସକ୍ଷମ ହୋଇଛି। ଆହତ ସମସ୍ୟା ଯୋଗୁ ଆର୍ଚର ଏବଂ ବ୍ୟକ୍ତିଗତ କାରଣ ଯୋଗୁ ଷ୍ଟୋକ୍ସ ପ୍ରଥମ ପର୍ଯ୍ୟାୟରେ ଖେଳି ନ ଥିଲେ ହେଁ ଦଳର ବୋଲିଂ ବିଭାଗ ଉପରେ ଏହାର ବିଶେଷ ପ୍ରଭାବ ପଡ଼ି ନ ଥିଲା। କ୍ରିସ୍ ମୋରିସ

ସନ୍‌ରାଇଜର୍ସ ହାଇଦ୍ରାବାଦ

ସନ୍‌ରାଇଜର୍ସ ହାଇଦ୍ରାବାଦ ୭ ମ୍ୟାଚ ଖେଳିଥିବାବେଳେ ମାତ୍ର ୧ ବିଜୟ ହାସଲ କରିଛି

ଏବଂ ୬ଟିରେ ପରାଜିତ ହୋଇଛି। ପ୍ରଥମ ପର୍ଯ୍ୟାୟରେ ଖେଳିଥିବା ଜନି ବେୟାରଷ୍ଟୋ ଓହରି ଯାଇଥିବାବେଳେ ଶେର୍ଫାନେ ରୁଥରଫୋର୍ଡ ସାମିଲ ହୋଇଛନ୍ତି। ପ୍ରଥମ ପର୍ଯ୍ୟାୟରେ ଦଳ ୨୧ ଖେଳାଳିଙ୍କୁ ବିଭିନ୍ନ ମ୍ୟାଚରେ ଖେଳାଇଥିଲେ ହେଁ ସଫଳ ହୋଇ ନ ଥିଲା। ଶେଷରେ ଅଧିନାୟକ ପଦରୁ ଡେଭିଡ ୱାର୍ନର ବାଦ୍ ପଡ଼ିଥିଲେ। ରଶିଦ ଖାଁ, କେନ୍ ଉିଲିୟମସନ ଓ ବେୟାରଷ୍ଟୋଙ୍କୁ ଛାଡ଼ିଦେଲେ ଅନ୍ୟ ସମସ୍ତେ ସଂଘର୍ଷ କରିଥିଲେ। ୟୁଏଇ ଚରଣରେ ଦଳକୁ ଅନେକ ଚ୍ୟାଲେଞ୍ଜର ସାମ୍ନା କରିବାକୁ ପଡ଼ିବ। ବେୟାରଷ୍ଟୋଙ୍କ ଅନୁପସ୍ଥିତି ଦଳ ଅନୁଭବ କରିବ। **ସମ୍ଭାବ୍ୟ ଏକାଦଶ:** ଡେଭିଡ ୱାର୍ନର, ରିଦ୍ଧିମାନ ଶାହା, କେନ୍ ଉିଲିୟମସନ, ମନୀଷ ପାଣ୍ଡେ, କେଦାର ଯାଦବ, ବିଜୟ ଶଙ୍କର, ଶେର୍ଫାନେ ରୁଥରଫୋର୍ଡ, ରଶିଦ ଖାଁ, ଭୁବନେଶ୍ୱର କୁମାର, ସନ୍ଦିପ ଶର୍ମା, ଟି. ନଟରାଜନ।

ନ୍ୟୁଜିଲାଣ୍ଡ ନିଷ୍ପତ୍ତିରେ ପାକିସ୍ତାନରେ ନୈରାଶ୍ୟ

ରାଓ୍ୱଲପିଣ୍ଡି, ୧୭।୯

ସୁରକ୍ଷା କାରଣରୁ ନ୍ୟୁଜିଲାଣ୍ଡ ଗସ୍ତ ବାତିଲ କରିବା ପରେ ପାକିସ୍ତାନ କ୍ରିକେଟ ଜଗତରେ ନୈରାଶ୍ୟ ଛାଇଯାଇଛି। ପାକିସ୍ତାନ ଅଧିନାୟକ ବାବର ଆଜମ ଏନେଇ ଅସନ୍ତୋଷ ଜାହିର କରିଛନ୍ତି। ସ୍ଥାନୀୟ ରାଓ୍ୱଲପିଣ୍ଡି ଷ୍ଟାଡିୟମରେ ଶୁକ୍ରବାର ପ୍ରଥମ ଦିନିକିଆ ମ୍ୟାଚ୍ ଆରମ୍ଭ ହେବାର ୩୦ ମିନିଟ ପୂର୍ବରୁ ନ୍ୟୁଜିଲାଣ୍ଡ ଗସ୍ତରୁ ଓହରିଯାଇଥିଲା। କୋଭିଡ୍-୧୯କୁ ଦୃଷ୍ଟିରେ ରଖି ଷ୍ଟାଡିୟମ ଭିତରକୁ ପ୍ରବେଶ କରିବା ପାଇଁ ୨୫ ପ୍ରତିଶତ ଦର୍ଶକଙ୍କୁ ଅନୁମତି ଦିଆଯାଇଥିଲା। ସିରିଜ ବାତିଲ ହୋଇଥିବାରୁ ବ୍ୟକ୍ତିଗତ ଭାବେ ବହୁତ ନିରାଶ ହୋଇଛି ବୋଲି ବାବର କହିଛନ୍ତି। ସିରିଜ ଖେଳାଯାଇଥିଲେ ଲକ୍ଷ ଲକ୍ଷ ପାକିସ୍ତାନ କ୍ରିକେଟ ପ୍ରଶଂସକଙ୍କୁ ମୁହଁରେ ହସି ଫୁଟିଥାନ୍ତା। ଆମର ସୁରକ୍ଷା ବ୍ୟବସ୍ଥା ବିଶ୍ୱସ୍ତରୀୟ ଓ ସିକ୍ୟୁରିଟି ଏଜେନ୍ସିଗୁଡିକ ଉପରେ ଆମର ଯଥେଷ୍ଟ ଭରସା ରହିଛି। ଏଜେନ୍ସିଗୁଡିକୁ ନେଇ ଆମେ ଗର୍ବକରୁ ଓ ଆଗକୁ ମଧ୍ୟ କରିବୁ ବୋଲି ବାବର ଟୁଇଟ୍ କରି ଉଲ୍ଲେଖ କରିଛନ୍ତି।

ସେହିପରି ପୂର୍ବତନ ପାକିସ୍ତାନ ଦ୍ରୁତ ବୋଲର ସୋଏବ ଅଖତାର ମଧ୍ୟ ନ୍ୟୁଜିଲାଣ୍ଡର ଏହି ନିଷ୍ପତ୍ତିକୁ ସମାଲୋଚନା କରିଛନ୍ତି। ନ୍ୟୁଜିଲାଣ୍ଡ ପାକିସ୍ତାନ କ୍ରିକେଟକୁ ହତ୍ୟା କରିଛି ବୋଲି ଅଖତାର ଟୁଇଟ୍ କରି ଉଲ୍ଲେଖ କରିଛନ୍ତି। ଖ୍ରୀଷ୍ଟଚର୍ଚ୍ଚରେ ମଧ୍ୟ ଆତଙ୍କବାଦୀମାନେ ଆକ୍ରମଣ କରିଥିଲେ ଓ ଏଥିରେ ୯ଜଣ ପାକିସ୍ତାନ ନାଗରିକ ମୃତ୍ୟୁ ବରଣ କରିଥିଲେ। ଏହାକୁ ନ୍ୟୁଜିଲାଣ୍ଡ ଭୁଲିବା ଉଚିତ ନୁହେ। କରୋନା ମହାମାରୀ ଉଗ୍ରରୂପ ଧାରଣ କରିଥିବା ବେଳେ ପାକିସ୍ତାନ ନ୍ୟୁଜିଲାଣ୍ଡ ଗସ୍ତ କରିଥିଲା। ଏହାପୂର୍ବରୁ ପାକିସ୍ତାନ ଦକ୍ଷିଣ ଆଫ୍ରିକା, ବାଂଲାଦେଶ, ୱେଷ୍ଟଇଣ୍ଡିଜ, ଶ୍ରୀଲଙ୍କା, ଜିମ୍ବାୱେ ବିପକ୍ଷ ଘରୋଇ ସିରିଜ ଓ ପାକିସ୍ତାନ ସୁପର ଲିଗ (ପିଏସ୍‌ଏଲ)କୁ ସୁରକ୍ଷିତ ତଥା ସଫଳତାର ସହ ଆୟୋଜନ କରିଥିଲା ବୋଲି ଅଖତର କହିଛନ୍ତି। ସେହିପରି ବରିଷ୍ଠ ଖେଳାଳି ମହମ୍ମଦ ହାଫିଜ ସାରା ଦେଶ ପାଇଁ ଏକ ଦୁଃଖଦ ଖବର ବୋଲି ଅଭିହିତ କରିଛନ୍ତି।

ଆଇସିସିର ଦୃଷ୍ଟି ଆକର୍ଷଣ କରିବୁ: ରମିଜ

ନ୍ୟୁଜିଲାଣ୍ଡ ଗସ୍ତ ବାତିଲ କରିଥିବାରୁ ପାକିସ୍ତାନ କ୍ରିକେଟ ବୋର୍ଡ (ପିସିବି) ମୁଖ୍ୟ ରମିଜ ରାଜା ଅସନ୍ତୋଷ ଜାହିର କରିଛନ୍ତି। ଏଥିପାଇଁ ଅନ୍ତର୍ଜାତୀୟ କ୍ରିକେଟ କାଉନସିଲ (ଆଇସିସି)ର ଦୃଷ୍ଟି ଆକର୍ଷଣ କରିବୁ ବୋଲି ରମିଜ ଧମକ ଦେଇଛନ୍ତି। ଆମ ଖେଳାଳି ଓ ପ୍ରଶଂସକମାନେ ଏଥିରେ ନିରାଶ ହୋଇଛନ୍ତି। ନ୍ୟୁଜିଲାଣ୍ଡର ଏହି ନିଷ୍ପତ୍ତି ସମ୍ପୂର୍ଣ୍ଣ ରୂପେ ଏକତରଫା। ତେଣୁ ଆମେ ଏହି ମାମଲାକୁ ଆଇସିସିରେ ପହଞ୍ଚାଇବୁ ବୋଲି ସେ ଟୁଇଟ କରି ଉଲ୍ଲେଖ କରିଛନ୍ତି। ନ୍ୟୁଜିଲାଣ୍ଡର ଗ୍ରେଗ ବାର୍କଲେ ଏବେ ଆଇସିସିର ଅଧ୍ୟକ୍ଷ ରହିଛନ୍ତି। ତେଣୁ ଆଇସିସି ପାକିସ୍ତାନର ଏହି ଅସନ୍ତୋଷକୁ କିଭଳି ଭାବେ ଗ୍ରହଣ କରୁଛି ଓ ଗୁରୁତ୍ୱ ଦେଉଛି ତାହା ଦେଖିବାକୁ ବାକି ରହିଲା। ଏହି ସିରିଜ ବାତିଲ ହେବା ଫଳରେ ପାକିସ୍ତାନ ପାଖାପାଖି ୨୦୦ କୋଟି ଟଙ୍କା କ୍ଷତି ସହିବ ବୋଲି ଅନୁମାନ କରାଯାଉଛି।

ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍

ଓଡ଼ିଶା ଆଥଲେଟ୍ ନିରାଶ

ଭୁବନେଶ୍ୱର, ୧୭।୯ (କ୍ରୀଡ଼ା ପ୍ରତିନିଧି)

ତେଲେଙ୍ଗାନାର ୱାରାଙ୍ଗଲଠାରେ ଚାଲିଥିବା ୬୦ତମ ଜାତୀୟ ଓପନ ଆଥଲେଟିକ୍ସ ଚାମ୍ପିୟନଶିପ୍‌ର ତୃତୀୟ ଦିବସରେ ଓଡ଼ିଶା ଆଥଲେଟ୍‌ମାନେ ନିରାଶ କରିଛନ୍ତି। ଗୁରୁବାର ୧୧୦ ମିଟର ହର୍ଡଲ୍ସ ଫାଇନାଲରେ ପ୍ରବେଶ କରିଥିବା ଗ୍ରାସେସନ ଜୀଭା ଶୁକ୍ରବାର ଫାଇନାଲରେ ୧୪.୮୨ ସେକେଣ୍ଡ ସମୟ ନେଇ ୬ଷ୍ଠ ସ୍ଥାନରେ ସନ୍ତୁଷ୍ଟ ହୋଇଛନ୍ତି। ଏହି ଇଭେଣ୍ଟରେ ମହାରାଷ୍ଟ୍ରର ତେଜାସ ଅଶୋକ (୧୪.୦୯ ସେକେଣ୍ଡ) ସ୍ୱର୍ଣ୍ଣ ଜିତିଥିବାବେଳେ ସର୍ଭିସେସ୍‌ର ସଚିନ ବିନୁ ଓ ତରୁଣଦୀପ ସିଂ ୧୪.୨୨ ସେକେଣ୍ଡ ସମୟ ନେଇ ଯଥାକ୍ରମେ ରୌପ୍ୟ ଓ ବ୍ରୋଞ୍ଜ ପଦକ ପାଇଛନ୍ତି। ହାଇଜମ୍ପ ଇଭେଣ୍ଟରେ ସ୍ୱାଧୀନ କୁମାର ମାତ୍ର ୨.୦୮ ମିଟର ଡେଇଁ ୯ମ ସ୍ଥାନ ପାଇଛନ୍ତି। ଏହାଥିଲା ତାଙ୍କର ବ୍ୟକ୍ତିଗତ ଶ୍ରେଷ୍ଠ ପ୍ରଦର୍ଶନ। ନିକଟରେ କଳିଙ୍ଗ ଷ୍ଟାଡିୟମରେ ଅନୁଷ୍ଠିତ ୬୮ତମ ରାଜ୍ୟ ସିନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍‌ରେ ସେ ୨.୦୭ ମିଟର କ୍ଲିୟର କରିଥିଲେ।

ଶରଥ ବିସିସିଆଇ ଜୁନିୟର ଚୟନ କମିଟି ମୁଖ୍ୟ

ନୂଆଦିଲ୍ଲୀ, ୧୭।୯ (ପି.ଟି.)

ତାମିଲନାଡୁ ପୂର୍ବତନ ବାମହାତୀ ବ୍ୟାଟ୍ସମ୍ୟାନ ଶ୍ରୀଧରନ ଶରଥ ଜାତୀୟ ଜୁନିୟର ଚୟନ କମିଟିର ମୁଖ୍ୟ ଭାବେ ନିଯୁକ୍ତି ପାଇଛନ୍ତି। ଶୁକ୍ରବାର ଏ ନେଇ ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ତରଫରୁ ଘୋଷଣା କରାଯାଇଛି। ଆଉ ଗୋଟିଏ ସପ୍ତାହ ପରେ ୧୯ ବର୍ଷରୁ କମ୍ ଘରୋଇ କ୍ରିକେଟ ଟୁର୍ନାମେଣ୍ଟ ଆରମ୍ଭ ହେବାକୁ ଯାଉଛି।

ଚୟନ କମିଟିରେ ସ୍ଥାନ ପାଇଥିବା ଅନ୍ୟ ୪ ସଦସ୍ୟମାନେ ହେଲେ ପୂର୍ବତନ ପଞ୍ଜାବ ଅଲରାଉଣ୍ଡର କିଷନ ମୋହନ (ନର୍ଥ ଜୋନ), ବେଙ୍ଗଲ ଦ୍ରୁତ ବୋଲର ରଣଦୀପ ବୋଷ (ଇଷ୍ଟ ଜୋନ), ଗୁଜରାଟ ବ୍ୟାଟ୍ସମ୍ୟାନ ପଥିକ ପଟେଲ (ୱେଷ୍ଟ ଜୋନ) ଓ ମଧ୍ୟପ୍ରଦେଶ ଦ୍ରୁତ ବୋଲର ହରବିନ୍ଦର ସିଂ ସୋଧି (ସେଣ୍ଟ୍ରାଲ ଜୋନ)। ଶରତ ଶ୍ରୀଧରନ ଏହି ଚୟନ କମିଟି ନେତୃତ୍ୱ ନେବେ ବୋଲି ବିସିସିଆଇ ସମ୍ପାଦକ ଜୟ ଶାହା କହିଛନ୍ତି। ଶରଥ କମିଟିର ମୁଖ୍ୟ ହେବେ ବୋଲି ଅଗଷ୍ଟ ୯ ତାରିଖରେ ରିପୋର୍ଟ ପ୍ରକାଶ ପାଇଥିଲା।

ଶରଥ ତାମିଲନାଡୁର ପ୍ରଥମ କ୍ରିକେଟର ଭାବେ ୧୦୦ ରଣଜୀ ଟ୍ରଫି ମ୍ୟାଚ୍ ଖେଳିବାର ଗୌରବ ଅର୍ଜନ କରିଥିଲେ। ୧୫ ବର୍ଷର ଦୀର୍ଘ କ୍ୟାରିୟରରେ ୧୩୯ଟି ପ୍ରଥମ ଶ୍ରେଣୀ ମ୍ୟାଚ୍ ଖେଳି ସେ ୮୭୦୦ ରନ ସଂଗ୍ରହ କରିବା ସହ ୨୭ଟି ଶତକ ଓ ୪୨ଟି ଅର୍ଦ୍ଧଶତକ ଅର୍ଜନ କରିଛନ୍ତି। ସେ ମଧ୍ୟ ୧୦୦ରୁ ଅଧିକ ଲିଷ୍ଟ ଏ ମ୍ୟାଚ୍ ଖେଳି ୩,୦୦୦ ରନ ସଂଗ୍ରହ କରିଛନ୍ତି। ସେ ମଧ୍ୟ ବିସିସିଆଇ ମ୍ୟାଚ୍ ରେଫରି ଭାବେ ସଫଳତାର ସହ କାର୍ଯ୍ୟ କରିଛନ୍ତି। ରାହୁଲ ଦ୍ରାଭିଡ୍, ସଚିନ ତେନ୍ଦୁଲକର, ଭିଭିଏସ୍ ଲକ୍ଷ୍ମଣ ଓ ସୌରଭ ଗାଙ୍গୁଲିଙ୍କ ସମୟରେ ଶରଥ ଶ୍ରେଷ୍ଠ ଫର୍ମରେ ଥିଲେ ମଧ୍ୟ ଜାତୀୟ ଦଳରେ ସ୍ଥାନ ପାଇପାରି ନ ଥିଲେ। ଏହି ୫ ଜଣିଆ କମିଟି ଓ୍ୱେଷ୍ଟଇଣ୍ଡିଜରେ ଆସନ୍ତାବର୍ଷ ଆୟୋଜନ ହେବାକୁ ଥିବା ୧୯ ବର୍ଷରୁ କମ୍ ବିଶ୍ୱକପ ପାଇଁ ଦଳ ଚୟନ କରି ପ୍ରଥମ ଦାୟିତ୍ୱ ସମ୍ପାଦନ କରିବେ।

ଡୁରାଣ୍ଡ କପ୍: ଆର୍ମି ଗ୍ରୀନ୍ କ୍ୱାର୍ଟର ଫାଇନାଲରେ

କୋଲକାତା, ୧୭।୯

ପୂର୍ବତନ ଚାମ୍ପିୟନ ଆର୍ମି ଗ୍ରୀନ୍ ଚଳିତ ଡୁରାଣ୍ଡ କପ୍ ଫୁଟବଲ ଟୁର୍ନାମେଣ୍ଟର କ୍ୱାର୍ଟର ଫାଇନାଲରେ ପ୍ରବେଶ କରିଛି। ଏହି ଦଳ ଶୁକ୍ରବାର ଅନୁଷ୍ଠିତ ମ୍ୟାଚରେ ୧-୦ ଗୋଲରେ ସୁଦେଭା ଦିଲ୍ଲୀ ଏଫ୍‌ସିକୁ ପରାସ୍ତ କରିଛି। ମ୍ୟାଚର ୫୧ତମ ମିନିଟରେ ଦୀପକ ସିଂ ବିଜୟୀ ଦଳ ପକ୍ଷରୁ ଏକମାତ୍ର ଗୋଲଟି ସ୍କୋର କରିଥିଲେ। ମୋହନ ବାଗାନ ଗ୍ରାଉଣ୍ଡରେ ଅନୁଷ୍ଠିତ ଏହି ମ୍ୟାଚ ଗ୍ରୁପ୍ 'ବି'ର ଅନ୍ତିମ ଗେମ୍‌ଥିଲା। ଦୀପକ ସିଂ ମ୍ୟାନ୍‌ଅଫ୍‌ଦି ମ୍ୟାଚ ପୁରସ୍କାର ପାଇଥିଲେ। ବିବେକାନନ୍ଦ ଯୁବ ଭାରତୀ କ୍ରୀଡ଼ାଙ୍ଗନ୍‌ରେ ଅନ୍ୟ ଏକ ମ୍ୟାଚରେ ଏଫ୍‌ସି ଗୋଆ ୫-୦ ଗୋଲରେ ଜାମସେଦପୁର ଏଫ୍‌ସିକୁ ପରାସ୍ତ କରିଛି। ବିଜୟୀ ଦଳ ପକ୍ଷରୁ ଦେବେନ